# ଧରିତ୍ରୀ
DHARITRI

ରାୟଗଡ଼ା, ଶୁକ୍ରବାର, ସେପ୍ଟେମ୍ବର ୧୭/୨୦୨୧ (୧୨ ପୃଷ୍ଠା) Rayagada, Friday, September 17/2021 ★

୧୧ଶ ଭାଗ ୨୨୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-




## ରାଗିଗଲେ ମଲ୍ଲିକା ଶେରାୱତ୍

'ରୋଜି ଦ ସାଫର୍ନ ଚାପ୍ଟର'ରେ ବଲିଉଡ୍ ଅଭିନେତ୍ରୀ ମଲ୍ଲିକା ଶେରାୱତ୍ ନଜର ଆସିବା ଖବର ପ୍ରକାଶକୁ ନେଇ ସେ ରାଗିଯାଇଛନ୍ତି।

୧୦


୧୨

## ଅନୁପମାଙ୍କୁ ରୌପ୍ୟ

ଆବୁଧାବିରେ ଚାଲିଥିବା ଏସୀୟ ଜୁ-ଜିତ୍ସୁ ପ୍ରତିଯୋଗିତାର ମହିଳା ୫୨ କେଜି ବିଭାଗରେ ରୌପ୍ୟ ପଦକ ହାସଲ କରିଛନ୍ତି ଓଡ଼ିଶାର ଅନୁପମା ସ୍ୱାଇଁ ।



## ଟି୨୦ ଅଧିନାୟକ ପଦ ଛାଡ଼ିବେ କୋହଲି



ଦୁବାଇ, ୧୬।୯: ଭାରତର ଅନ୍ୟତମ ସଫଳ କ୍ରିକେଟର ବିରାଟ କୋହଲି ଟି୨୦ ଅଧିନାୟକ ପଦ ଛାଡ଼ିବେ। ୟୁନାଇଟେଡ ଆରବ ଏମିରେଟ୍ସରେ ଅକ୍ଟୋବରରେ ହେବାକୁଥିବା ଟି୨୦ ବିଶ୍ୱକପ ପରେ ସେ ଏହି ଫର୍ମାଟରେ ଆଉ ଦଳର ନେତୃତ୍ୱ ନେବେନାହିଁ। ସମ୍ପ୍ରତି ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ ଖେଳିବାକୁ ପ୍ରସ୍ତୁତ ହେଉଥିବା କୋହଲି ନିଜେ ଗୁରୁବାର ଏହି ଘୋଷଣା କରିଛନ୍ତି। ତେବେ ସେ ଟେଷ୍ଟ ଓ ଏକଦିବସୀୟ କ୍ରିକେଟରେ ଦଳର ନେତୃତ୍ୱ ନେବା ବଜାୟ ରଖିବେ। କାର୍ଯ୍ୟଭାର ବୃଦ୍ଧି ଏବଂ ଅନ୍ୟ କେତେକ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ସେ ଏପରି ନିଷ୍ପତ୍ତି ନେଇଥିବା କୋହଲି ତାଙ୍କ ଟୁଇଟର ପେଜ୍‌ରେ ଉଲ୍ଲେଖ କରିଛନ୍ତି।


USHA TRAVELS
www.flyusha.in
For Cheapest Flight Tickets
CALL US! 1800 890 3566
OFFICE:
102, BHARATI TOWER
FOREST PARK,
BHUBANESWAR - 751-009
Tel.: 0674-2595523, Mob.: 9937438896
T&C Apply
NEAR BHUBANESWAR AIRPORT


## ବର୍ଷା ବିପ୍ୟାତ: ୯ ମୃତ

- ହୀରାକୁଦର ୨୮ ଗେଟ୍ ଖୋଲା
- ଶନିବାର ମୁଣ୍ଡଳୀରେ ୮ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ
- ମହାନଦୀରେ ଛୋଟ ଧରଣର ବନ୍ୟା ଆଶଙ୍କା: ଏସ୍‌ଆର୍‌ସି

ଭୁବନେଶ୍ୱର,୧୬।୯(ବ୍ୟୁରୋ): ଲଗାଣ ବର୍ଷା ଯୋଗୁ ହୀରାକୁଦ ଜଳ ଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଡ୍ୟାମ୍‌ର ୨୮ଟି ଗେଟ୍ ଖୋଲାଯାଇଥିବାରୁ ଜଳ ନିଷ୍କାସନ ପ୍ରବାହ ଅଧିକ ରହିଛି। ତେଣୁ ମହାନଦୀ ସଂଲଗ୍ନ ତଳିଆ ଅଞ୍ଚଳଗୁଡ଼ିକରେ ଛୋଟ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ପ୍ରଦୀପ ଜେନା କହିଛନ୍ତି। ସମ୍ଭାବ୍ୟ ବନ୍ୟା ସମ୍ପର୍କରେ ସୂଚନା ଦେଇ ଏସ୍‌ଆରସି କହିଛନ୍ତି ଯେ,ଛତିଶଗଡ଼ରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦ ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧି ପାଉଛି। ଜଳ ଭଣ୍ଡାରକୁ ପ୍ରତି ସେକେଣ୍ଡରେ ୫ ଲକ୍ଷ ୨୦ ହଜାର କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୪ ଲକ୍ଷ ୮୦ ହଜାର କ୍ୟୁସେକ୍ ଜଳ ନିଷ୍କାସନ ହେଉଛି। ହୀରାକୁଦରୁ ଆସୁଥିବା ଜଳ ଶନିବାର ସକାଳ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଗୃହଯୁଦ୍ଧରେ ଶିକ୍ଷାର ଭବିଷ୍ୟତ**



'ଇନ୍‌ସ୍ପିରେଶନ-୪'ର କ୍ରିଉ ମେମ୍ବର ବାମରୁ କ୍ରିସ୍ ସେମ୍ବ୍ରୋସ୍କି, ସିଆନ ପ୍ରୋକ୍ଟର, ଜାରେଡ୍ ଆଇଜାକ୍‌ମ୍ୟାନ ଏବଂ ହାଲେ ଆର୍କେନ୍ୟୁଅକ୍ସ ମହାକାଶରେ ଶୂନ ମାଧ୍ୟାକର୍ଷଣ ଶକ୍ତିର ଅନୁଭୂତି ନେଉଛନ୍ତି।

# ମହାକାଶ ଗଲେ ୪ ସାଧାରଣ ନାଗରିକ

## ଇତିହାସ ରଚିଲା ସ୍ପେସ୍‌ଏକ୍ସ

**ସ୍ପେସ୍ ଟୁରିଜମ୍**

- ମିଶନ ଇନ୍‌ସ୍ପିରେଶନ-୪
- ୫୭୫ କି.ମି. ଉପରେ ଘୂରିବେ
- ୩ ଦିନ ରହି ପୃଥିବୀକୁ ଫେରିବେ

ୱାଶିଂଟନ୍, ୧୬।୯

ସ୍ପେସ୍ ଟୁରିଜମ୍ ବା ମହାକାଶ ପର୍ଯ୍ୟଟନ ଇତିହାସରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି ଆମେରିକାର ବିଶିଷ୍ଟ ବ୍ୟବସାୟୀ ଏଲନ୍ ମସ୍କଙ୍କ କମ୍ପାନୀ ସ୍ପେସ୍‌ଏକ୍ସ। ବୁଧବାର ପ୍ରଥମ ଥର ପାଇଁ କୌଣସି ବୃତ୍ତିଗତ ମହାକାଶଚାରୀଙ୍କ ବଦଳରେ ୪ ସାଧାରଣ ନାଗରିକ ବା ଅଲ୍-ସିଭିଲିଆନ୍ କ୍ରିଉଙ୍କୁ ସ୍ପେସ୍‌ଏକ୍ସ ମହାକାଶ ଯାତ୍ରା ନିମନ୍ତେ ପୃଥିବୀ କକ୍ଷକୁ ପଠାଇଛି। ଇନସ୍ପିରେଶନ-୪ ନାମରେ ନାମିତ ହୋଇଥିବା ଏହି ମିଶନରେ ସ୍ପେସ୍ ପର୍ଯ୍ୟଟକଙ୍କ ମଧ୍ୟରେ ଜଣେ ଇ-କମର୍ସ ଏକ୍‌ଜିକ୍ୟୁଟିଭ୍ ବିଲିଅନେୟର ରହିଥିବାବେଳେ ଅନ୍ୟ ୩ ଜଣ ହେଉଛନ୍ତି ସାଧାରଣ ନାଗରିକ।

ସ୍ଥାନୀୟ ସମୟ ବୁଧବାର ରାତି ୮ଟା ୦୨ରେ ସ୍ପେସ୍‌ଏକ୍ସର ଫାଲ୍‌କନ୍-୯ ରକେଟ୍ ୪ ମହାକାଶ ଯାତ୍ରୀଙ୍କୁ ନେଇ ଫ୍ଲୋରିଡା ସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ପ୍ରଥମ ମିଶନରେ ବାହାରିଥିଲା। ଆମେରିକୀୟ ବିଲିଅନେୟର ଜାରେଡ୍ ଆଇଜାକ୍‌ମ୍ୟାନ(୩୮)ଙ୍କ ସହ ଏହି ଯାତ୍ରାରେ ସାମିଲ ହୋଇଥିବା ଅନ୍ୟମାନେ ହେଲେ ସିଆନ୍ ପ୍ରୋକ୍ଟର (୫୧), ହାଲେ ଆର୍କେନ୍ୟୁଅକ୍ସ (୨୯) ଏବଂ କ୍ରିସ୍ ସେମ୍ବ୍ରୋସ୍କି (୪୨)। ୪ ସିଟ୍‌ର ମୂଲ୍ୟ ୨୦୦ ମିଲିୟନ ଡଲାର ଥିବା ନେଇ ଟାଇମ୍ ମାଗାଜିନ୍‌ରେ ପ୍ରକାଶ ପାଇଥିଲା। ଏହି ଯାତ୍ରାକୁ ଶିଫ୍ଟ-୪ ପେମେଣ୍ଟ ଇଙ୍କ୍ କମ୍ପାନୀ ଚିଫ୍ ଏକଜିକ୍ୟୁଟିଭ ଆଇଜାକ୍‌ମ୍ୟାନ ଫଣ୍ଡିଂ କରିଛନ୍ତି। ତେବେ ଆଇଜାକ୍‌ମ୍ୟାନ୍ ମୋଟ କେତେ ଅର୍ଥ ଦେଇଛନ୍ତି ☞ପୃଷ୍ଠା-୪

# ଚାଇନାକୁ ଘେରିବା ପାଇଁ 'ଅକସ୍'

## ଆମେରିକା, ବ୍ରିଟେନ୍ ଓ ଅଷ୍ଟ୍ରେଲିଆର ମିଳିତ ରଣନୀତି

ସେପ୍ଟେମ୍ବର ୧୦ରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ତାଙ୍କ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍‌ଙ୍କ ସହ ଫୋନ୍‌ରେ ଆଫଗାନିସ୍ତାନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଦୁଇ ନେତାଙ୍କ ମଧ୍ୟରେ ଏହା ଥିଲା ୭ ମାସ ପରେ କଥାବାର୍ତ୍ତା। ଦୁଇ ଦେଶ ପରସ୍ପର ସହ ଆଲୋଚନା ଜାରି ରଖିବା ଉଚିତ ବୋଲି ବାଇଡେନ୍ ସେତେବେଳେ କହିଥିଲେ। ଆମେରିକା ରାଷ୍ଟ୍ରପତିଙ୍କ ଏହି ପଦକ୍ଷେପକୁ ଦୁଇ ଶକ୍ତିଶାଳୀ ରାଷ୍ଟ୍ର ମଧ୍ୟରେ ବିଗୁଡ଼ୁଥିବା ସମ୍ପର୍କକୁ ଟ୍ରାକ୍‌କୁ ଆଣିବା ପାଇଁ ଉଦ୍ୟମ ବୋଲି ବିବେଚନା କରାଯାଇଥିଲା। ଏହି ଆଲୋଚନାର ସପ୍ତାହେ ନ ପୂରୁଣୁ ଆମେରିକା, ବ୍ରିଟେନ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏକ ତ୍ରିପାକ୍ଷିକ ପ୍ରତିରକ୍ଷା ଚୁକ୍ତି ହୋଇଛି। ଉକ୍ତ ରାଜିନାମା ଅନୁସାରେ ରୟାଲ ଅଷ୍ଟ୍ରେଲିଆ ନୌସେନା ପାଇଁ ଆଣବିକ ଶକ୍ତି ଚାଳିତ ବୁଡ଼ାଜାହାଜ ନିର୍ମାଣ କରାଯିବ। ତେବେ ଭାରତ-ପ୍ରଶାନ୍ତ ମହାସାଗରରେ ଚାଇନାର ବଢ଼ୁଥିବା ବଳ ଓ ସାମରିକ ଉପସ୍ଥିତିକୁ ନେଇ ଆମେରିକା ଚିନ୍ତିତ ଥିବାରୁ ବ୍ରିଟେନ ଓ ଅଷ୍ଟ୍ରେଲିଆ ସହ ହାତ ମିଳାଇଛି ବୋଲି ବିଶେଷଜ୍ଞମାନେ କହିଛନ୍ତି।



ୱାଶିଂଟନ/ଲଣ୍ଡନ,୧୬।୯

ଆମେରିକା, ବ୍ରିଟେନ୍ ଓ ଅଷ୍ଟ୍ରେଲିଆ ମିଳିତ ଭାବେ ଏକ ତ୍ରିପାକ୍ଷିକ ସୁରକ୍ଷା ମେଣ୍ଟ ଗଠନ କରିଛନ୍ତି। ଏକବିଂଶ ଶତାବ୍ଦୀରେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଦେଖାଦେଉଥିବା ଆହ୍ୱାନର ମୁକାବିଲା କରିବା, ପ୍ରତିରକ୍ଷା ସାମର୍ଥ୍ୟ ସହଯୋଗିତା ବୃଦ୍ଧି ଏବଂ ଅଷ୍ଟ୍ରେଲିଆକୁ ଆଣବିକ ଶକ୍ତିସମ୍ପନ୍ନ ବୁଡ଼ାଜାହାଜ ଦେବା ପାଇଁ ଏହା ବିଶେଷ ସହାୟକ ହେବ ବୋଲି କୁହାଯାଉଛି। ତେବେ ଏହି ସାମରିକ ମେଣ୍ଟ ଗଠନ ପଛର ଅସଲ ଉଦ୍ଦେଶ୍ୟ ହେଉଛି ସମ୍ପୃକ୍ତ ଅଞ୍ଚଳରେ ଶକ୍ତିଶାଳୀ ଚାଇନାର କ୍ରମବର୍ଦ୍ଧିଷ୍ଣୁ ବଳକୁ ଚେକ୍ ଦେବା। ଏହା ଉପରେ ଚାଇନାର ପ୍ରତିକ୍ରିୟା ମଧ୍ୟ ଆସିଛି। ୱାଶିଂଟନରେ ଚାଇନା ଦୂତାବାସର ମୁଖପାତ୍ର କହିଛନ୍ତି, ତୃତୀୟ ପକ୍ଷଙ୍କ ହିତକୁ ☞ପୃଷ୍ଠା-୪

### ଚାଇନା କହିଲା 'ଦାୟିତ୍ୱହୀନ'

ଆମେରିକା, ବ୍ରିଟେନ ଓ ଅଷ୍ଟ୍ରେଲିଆ ଦ୍ୱାରା ନବଗଠିତ 'ଅକସ୍' ମେଣ୍ଟକୁ ନେଇ ଚାଇନା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବେଜିଂରେ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍ ଏହି ମେଣ୍ଟକୁ ଅତ୍ୟନ୍ତ ଦାୟିତ୍ୱହୀନ ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି, ଏହି ମେଣ୍ଟ କ୍ଷେତ୍ରୀୟ ନିରାପତ୍ତା ପାଇଁ ବିପଜ୍ଜନକ। ଏହି ୩ ଦେଶ ଆଞ୍ଚଳିକ ସୁରକ୍ଷା ଓ ଶାନ୍ତିକୁ ନଷ୍ଟ କରୁଛନ୍ତି। ଏମାନେ ଅସ୍ତ୍ରଶସ୍ତ୍ର ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କରି ଅନ୍ତର୍ଜାତୀୟ ଅଣୁଅପ୍ରସାର ଉଦ୍ୟମକୁ ଭଣ୍ଡୁର କରୁଛନ୍ତି ବୋଲି ଲିଜିଆନ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

### ପଛପଟୁ ଛୁରାମାଡ଼: ଫ୍ରାନ୍ସ

**୫୦ ବିଲିୟନ୍ ଡଲାର ଚୁକ୍ତି ବାତିଲ କଲା ଅଷ୍ଟ୍ରେଲିଆ**

ଆମେରିକା ସହ ଅଷ୍ଟ୍ରେଲିଆର ଏହି ଚୁକ୍ତି ଯୋଗୁ କେବଳ ଚାଇନା ନୁହେଁ, ଫ୍ରାନ୍ସ ମଧ୍ୟ ପ୍ରଭାବିତ ହୋଇଛି। ୨୦୧୬ରେ ଅଷ୍ଟ୍ରେଲିଆ ଓ ଫ୍ରାନ୍ସ ମଧ୍ୟରେ ଏକ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଉକ୍ତ ଚୁକ୍ତି ଅନୁସାରେ ଅଷ୍ଟ୍ରେଲିଆ ନୌସେନା ପାଇଁ ୧୨ଟି ବୁଡ଼ାଜାହାଜ ନିର୍ମାଣ ଲାଗି ଫ୍ରାନ୍ସକୁ କଣ୍ଟ୍ରାକ୍ଟ ମିଳିଥିଲା। ଏହା ପ୍ରାୟ ୫୦ ବିଲିୟନ ଅଷ୍ଟ୍ରେଲୀୟ ଡଲାରର ଡିଲ୍ ଥିଲା। ଅଷ୍ଟ୍ରେଲିଆ ଇତିହାସରେ ଏହା ଅଦ୍ୟାବଧି ସବୁଠୁ ବଡ଼ ପ୍ରତିରକ୍ଷା ଚୁକ୍ତି ଥିଲା। ସଦ୍ୟ ରାଜିନାମା ପରେ ଫ୍ରାନ୍ସ ସହ ହୋଇଥିବା ଡିଲ୍‌କୁ ଅଷ୍ଟ୍ରେଲିଆ ବାତିଲ କରିଦେଇଛି। ଅଷ୍ଟ୍ରେଲିଆର ଏହି ନିଷ୍ପତ୍ତି ଫ୍ରାନ୍ସକୁ ଚକିତ କରିଦେଇଛି। ଏନେଇ ଫ୍ରାନ୍ସ ବହିର୍ବ୍ୟାପାର ମନ୍ତ୍ରୀ ଜିନ୍-ୟଭେସ୍ ଲେ ଡ୍ରିଆନ୍ ଗୁରୁବାର କହିଛନ୍ତି, ଆମେ ଅଷ୍ଟ୍ରେଲିଆକୁ ବିଶ୍ୱାସକୁ ନେଇ ଏହି ଡିଲ୍ କରିଥିଲୁ। ଅଷ୍ଟ୍ରେଲିଆ ଏକତରଫା ଭାବେ ଆମ ସହ ସମ୍ପର୍କ ଛିନ୍ନ କରି ବିଶ୍ୱାସଘାତ କରିଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପୂର୍ବରୁ ଆମ ସହ କରିଥିବା ବ୍ୟବହାରକୁ ଏହା ମନେପକାଇଦେଇଛି।

# ବାଲେଶ୍ୱରରେ ଏନ୍‌ଆଇଏ ଟିମ୍

*ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ(ଡିଆର୍‌ଡିଓ)ର ଗୁପ୍ତ ତଥ୍ୟ ଲିକ୍ ଘଟଣାରେ ପୋଲିସ ଆଉ ଜଣଙ୍କୁ ଗିରଫ କରିଛି। ପୂର୍ବରୁ ଗିରଫ ହୋଇଥିବା ୪ଅଭିଯୁକ୍ତ ଡିଆର୍‌ଡିଓରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବାବେଳେ ଗୁରୁବାର ଗିରଫ ହୋଇଥିବା ୫ମ ଅଭିଯୁକ୍ତ ସଚିନ କୁମାର ଛଡ଼ା ପେସାରେ ଡ୍ରାଇଭର। ସେ ଡିଆର୍‌ଡିଓର ଜଣେ ସ୍ଥାୟୀ କର୍ମଚାରୀ। କ୍ରାଇମ୍‌ବ୍ରାଞ୍ଚର ଏକ ୪ଜଣିଆ ଟିମ୍ ବାଲେଶ୍ୱରରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଏହି ଘଟଣା ଜାତୀୟ ସୁରକ୍ଷା ସମ୍ବନ୍ଧିତ ହୋଇଥିବାରୁ ଏହାର ତଦନ୍ତ ନିମନ୍ତେ ଅପରାହ୍ନରେ କୋଲକାତାରୁ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ)ର ୨ଜଣ ଅଧିକାରୀ ପହଞ୍ଚି ଏସ୍‌ପିଙ୍କ କାର୍ଯ୍ୟାଳୟରେ ରୁଦ୍ଧଦ୍ୱାର ଆଲୋଚନା କରିଛନ୍ତି।*

**ଡ୍ରାଇଭର ଗିରଫ**

**ଡିଆର୍‌ଡିଓ ଗୁପ୍ତ ତଥ୍ୟ ଲିକ୍ ଘଟଣା**

- କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ଆରମ୍ଭ
- ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଆସୁଥିଲା ବିଦେଶୀ ଟଙ୍କା

ବାଲେଶ୍ୱର ଅଫିସ୍, ୧୬।୯

ଡିଆର୍‌ଡିଓ ତଥ୍ୟ ଲିକ୍ ଘଟଣାରେ ଦିନକୁ ଦିନ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆସିବାରେ ଲାଗିଛି। ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ୪ ଅଭିଯୁକ୍ତ ଜଣେ ପାକିସ୍ତାନୀ ଯୁବତୀଙ୍କ ସହ ସମ୍ପର୍କ ରଖିବା ସହ ତାଙ୍କୁ ଗୁପ୍ତ ତଥ୍ୟ ପ୍ରଦାନ କରୁଥିଲେ। ଏପରି କି ଏଥିପାଇଁ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ବହୁ ଟଙ୍କା ଆସିଥିବା ଜଣାପଡ଼ିଛି। ଏହି ଘଟଣା ଜାତୀୟ ସୁରକ୍ଷା ସମ୍ବନ୍ଧିତ ହୋଇଥିବାରୁ ଗୁରୁବାର ଅପରାହ୍ନରେ କୋଲ୍‌କାତାସ୍ଥିତ ଏନ୍‌ଆଇଏର ୨ଜଣିଆ ଟିମ୍ ବାଲେଶ୍ୱରରେ ପହଞ୍ଚିଛନ୍ତି। ଏନ୍‌ଆଇଏର ୨ ଅଧିକାରୀ ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କ ସହ ଆଲୋଚନା କରିଛନ୍ତି। ଏହି ଘଟଣାରେ ଡିଆର୍‌ଡିଓରେ ଠିକା କର୍ମଚାରୀଭାବେ କାର୍ଯ୍ୟକରୁଥିବା ୪ଜଣଙ୍କୁ ମଙ୍ଗଳବାର ଗିରଫ କରାଯାଇ ଜେଲ ପଠାଯାଇଥିବାବେଳେ ଗୁରୁବାର ଡ୍ରାଇଭର ସଚିନ୍‌ଙ୍କୁ ଗିରଫ କରାଯାଇଛି। ସଚିନ୍‌ଙ୍କ ଘର ଉତ୍ତରପ୍ରଦେଶରେ ହୋଇଥିବାବେଳେ ସେ ଗତ ବର୍ଷ ଡିଆର୍‌ଡିଓରେ ଭେହିକିଲ୍ ଅପରେଟର ଭାବେ ସ୍ଥାୟୀ ନିଯୁକ୍ତି ପାଇଥିଲେ। ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ବିରୋଧରେ ଯେଉଁ ସବୁ ଦଫା ଲାଗିଥିଲା ସମାନ ଅଭିଯୋଗରେ ସଚିନ୍‌ଙ୍କୁ ଗିରଫ କରାଯିବା ପରେ ☞ପୃଷ୍ଠା-୪

# ଭିତରକନିକା ଲୋଗୋରୁ 'ଓଲି' ବାଦ୍

କେନ୍ଦ୍ରାପଡ଼ା ଅଫିସ, ୧୬।୯



ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ପ୍ରଜନନସ୍ଥଳ ପାଇଁ ଜାତୀୟ ଉଦ୍ୟାନ ଭିତରକନିକାର ଗହୀରମଥା ବିଶ୍ୱ ପ୍ରସିଦ୍ଧ। ଅଜଣା ସ୍ଥାନରୁ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଗହୀରମଥା ସାମୁଦ୍ରିକ ଅଞ୍ଚଳକୁ ଲକ୍ଷାଧିକ ଅଲିଭ ରିଡଲେ ଆସନ୍ତି। ଏହି କଇଁଛଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ବିଭିନ୍ନ କ୍ରୀଡ଼ାର ମାସ୍କଟ ଭାବେ 'ଓଲି'କୁ ବ୍ୟବହାର କରି ଜନସଚେତନତା ସୃଷ୍ଟି କରୁଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଇଁଛର ସୁରକ୍ଷା ପାଇଁ ଜନସାଧାରଣଙ୍କୁ ନିବେଦନ କରିବା ସହ ଖେଳରେ ଓଲିର ବ୍ୟବହାରକୁ ଗୁରୁତ୍ୱ ଦେଇଆସିଛନ୍ତି। ହେଲେ ଭିତରକନିକା ଜାତୀୟ ଉଦ୍ୟାନ ନୂଆ ଲୋଗୋରେ ଓଲିକୁ ବାଦ୍ ଦିଆଯାଇଛି। ଡିଏଫ୍‌ଓଙ୍କ ଟୁଇଟ୍‌ରେ ଆସିଥିବା ଏହି ଲୋଗୋକୁ ନେଇ ପରିବେଶବିତ୍‌ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଭିତରକନିକା ଇକୋ ସେନ୍‌ସିଟିଭ ଜୋନ୍ ମନିଟରିଂ କମିଟିର ସଦସ୍ୟ ଶ୍ରୀକାନ୍ତ ନାୟକ କହିଛନ୍ତି, ଭିତରକନିକା ବନାଞ୍ଚଳକୁ ୧୯୯୮ ସେପ୍ଟେମ୍ବର ୧୬ରେ ଜାତୀୟ ଉଦ୍ୟାନ ମାନ୍ୟତା ମିଳିଥିଲା। ଗୁରୁବାର ଏହି ମାନ୍ୟତାକୁ ୨୩ ବର୍ଷ ☞ପୃଷ୍ଠା-୪

BHITARKANIKA ODISHA

- ଡିଏଫ୍‌ଓଙ୍କ ନୂଆ ଲୋଗୋକୁ ନେଇ ବିବାଦ
- ଅସନ୍ତୋଷ ପ୍ରକାଶ କଲେ ପରିବେଶବିତ୍
- ସରକାରଙ୍କ ସଚେତନତା କାର୍ଯ୍ୟକ୍ରମ ଉପରେ ପ୍ରଶ୍ନବାଚୀ



## ଚାଇନାରେ ଭୂକମ୍ପ: ୩ ମୃତ

ଚାଇନାର ସିଚୁଆନ୍ ପ୍ରଦେଶରେ ଗୁରୁବାର ଭୋର ସମୟରେ ମଧ୍ୟମ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ହେବା ସହ ଅନେକେ ଆହତ ହୋଇଛନ୍ତି। ଚୋଙ୍ଗକିଙ୍ଗ ସହରଠାରୁ ଦକ୍ଷିଣ-ପଶ୍ଚିମ ଦିଗରେ ୧୨୦ କିଲୋମିଟର ଦୂର ଓ ୧୦ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ। ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଅନୁଯାୟୀ ଭୂକମ୍ପର ତୀବ୍ରତା ୫.୪ ଥିବାବେଳେ ଚାଇନା ଆର୍ଥକ୍ୱେକ୍ ନେଟ୍‌ୱର୍କସ ସେଣ୍ଟର ଆକଳନରେ ଏହା ୬.୦ ବୋଲି କୁହାଯାଉଛି।

## ସଂକ୍ଷେପରେ

### ତୈଳ ବିଶୋଧନାଗାରରେ ବିସ୍ଫୋରଣ: ୧୯ ଆହତ

**ପାଟନା, ୧୬।୯(ଆଇଏଏନ୍‌ଏସ୍):** ବିହାର ବେଗୁସରାଇ ଜିଲା ଅନ୍ତର୍ଗତ ବାରାଉଣୀ ତୈଳ ବିଶୋଧନାଗାରରେ ଗୁରୁବାର ବିସ୍ଫୋରଣ ଘଟି ୧୯ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ଜଣେ ଅଧିକାରୀ କହିଛନ୍ତି। ଆହତମାନଙ୍କୁ ବାରାଉଣୀ ବିଶୋଧନାଗାର ହସ୍ପିଟାଲ ଏବଂ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରିଫାଇନେରିର ଗୋଟିଏ ସେକ୍ସନ ମାସେ ହେଲା ବନ୍ଦ ଥିଲା। ମଙ୍ଗଳବାର ତାହା କାର୍ଯ୍ୟକ୍ଷମ ହୋଇ ଦୁଇଦିନ ଠିକ୍‌ଠାକ୍ ଚାଲିବା ପରେ ଗୁରୁବାର ବିସ୍ଫୋରଣ ଘଟିଥିଲା।

### ହର୍ଷ ମନ୍ଦରଙ୍କ ଘରେ ଇଡି ଚଢ଼ାଉ

**ବିଭିନ୍ନ ମହଲରେ ନିନ୍ଦା**



**ନୂଆଦିଲ୍ଲୀ, ୧୬।୯:** ଏକ ମନି ଲଣ୍ଡରିଂ ତଦନ୍ତ ସହ ସମ୍ପୃକ୍ତି ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ମାନବାଧିକାର କର୍ମୀ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ହର୍ଷ ମନ୍ଦରଙ୍କ ଘରେ ଚଢ଼ାଉ କରିଛି। ମନ୍ଦରଙ୍କ ବାସଭବନ, ଦକ୍ଷିଣ ଦିଲ୍ଲୀରେ ଥିବା ୩ଟି ଏନ୍‌ଜିଓ କାର୍ଯ୍ୟାଳୟ ଉପରେ ଏକସଙ୍ଗେ ଚଢ଼ାଉ କରାଯାଇଛି। ସେ ସମ୍ପୃକ୍ତ ଥିବା ଦୁଇଟି ଏନ୍‌ଜିଓର ଅର୍ଥ କାରବାର ଓ ବ୍ୟାଙ୍କ କାଗଜପତ୍ର ନେଇ ଇଡି ଟିମ୍ ଖୋଳତାଡ଼ କରିଥିଲା। ଚଢ଼ାଉର କିଛି ସମୟ ପୂର୍ବରୁ ଗୁରୁବାର ସକାଳେ ମନ୍ଦର ଓ ତାଙ୍କ ସ୍ତ୍ରୀ ଜର୍ମାନୀ ପଳାଇଛନ୍ତି। ଦିଲ୍ଲୀ ପୋଲିସର ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ର ଫେବୃୟାରୀ ମାସର ଏତଲା ଆଧାରରେ ଦୁଇଟି ଏନ୍‌ଜିଓ ଚଳାଉଥିବା ସେଣ୍ଟର ଫର୍ ଇକ୍ୱିଟି ଷ୍ଟଡିଜ୍ (ସିଏସ୍‌ଇ) ବିରୋଧରେ ଇଡି ମାମଲା ରୁଜୁ କରିଥିଲା। ମନ୍ଦର ଉକ୍ତ ସଂସ୍ଥାର ନିର୍ଦ୍ଦେଶକ ଅଛନ୍ତି। ତେବେ ଇଡି ଚଢ଼ାଉକୁ ଅନେକ କର୍ମୀ ଓ ବୁଦ୍ଧିଜୀବୀ ନିନ୍ଦା କରିଛନ୍ତି। ସମାଲୋଚକମାନଙ୍କ ମୁହଁ ବନ୍ଦ କରିବା ଲାଗି ଏହା ଏକ ଚକ୍ରାନ୍ତ ବୋଲି ସେମାନେ କହିଛନ୍ତି। ସାମାଜିକ କର୍ମୀ ଅରୁଣା ରାୟ, ପୂର୍ବତନ ଯୋଜନା କମିଶନ ସଦସ୍ୟ ସୟେଦ ହମିଦ୍ ପ୍ରମୁଖ ୨୯ ଜଣଙ୍କ ସ୍ୱାକ୍ଷରରେ ମିଳିତ ବିବୃତି ପ୍ରକାଶ ପାଇଛି।

### ୨୦ ଯାଏ ଏନ୍‌ସିଏଲ୍‌ଏଟି ଅଧ୍ୟକ୍ଷ ରହିବେ ଜଷ୍ଟିସ୍ ଚିମା

**ନୂଆଦିଲ୍ଲୀ, ୧୬।୯(ପି.ଟି.):** ନ୍ୟାଶନାଲ କମ୍ପାନୀ ଲ' ଆପିଲେଟ୍ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଏଟି)ର ଅଧ୍ୟକ୍ଷ ଥିବା ଜଷ୍ଟିସ୍ ଅଶୋକ ଇକ୍‌ବାଲ ସିଂ ଚିମାଙ୍କୁ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଅବସର ଦିଆଯିବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ମାମଲା ସୁପ୍ରିମକୋର୍ଟରେ ପହଞ୍ଚିବା ପରେ



ଗୁରୁବାର କେନ୍ଦ୍ର ସରକାର ଭୁଲ୍ ସ୍ୱୀକାର କରିବା ସହ ଜଷ୍ଟିସ୍ ଚିମାଙ୍କୁ ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ଏନ୍‌ସିଏଲ୍‌ଏଟି ଅଧ୍ୟକ୍ଷ ପଦବୀରେ ରହିବା ଲାଗି ଅନୁମତି ଦେଇଛନ୍ତି। ନୂଆ ଟ୍ରିବ୍ୟୁନାଲ ଆଇନକୁ ସ୍ଥଗିତ ରଖାଯିବ ବୋଲି ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଚେତାବନୀ ଦେବା ପରେ ସରକାର ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ ଜଷ୍ଟିସ୍ ଚିମାଙ୍କ ଅବସର ଗ୍ରହଣ ସମୟସୀମା ସେପ୍ଟେମ୍ବର ୨୦ ଥିବାବେଳେ ୧୧ ତାରିଖରେ ତାଙ୍କୁ ଅବସର ଦିଆଯାଇ ଜଷ୍ଟିସ୍ ଏମ୍. ବେଣୁଗୋପାଳଙ୍କୁ ଟ୍ରିବ୍ୟୁନାଲ ମୁଖ୍ୟ ନିଯୁକ୍ତ କରାଯାଇଥିଲା। ଏହା ବିରୋଧରେ ଜଷ୍ଟିସ୍ ଚିମା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ଦିଲ୍ଲୀ ଦଙ୍ଗା: ୫ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ୍

**ନୂଆଦିଲ୍ଲୀ, ୧୬।୯(ପି.ଟି.):** ଗତବର୍ଷ ଦିଲ୍ଲୀ ଦଙ୍ଗା ବେଳେ ରାମଲୀଳା ମଇଦାନରେ ଜଣେ ଲୋକଙ୍କୁ ଜାଳିଦେବା ଘଟଣାରେ ୫ ଅଭିଯୁକ୍ତଙ୍କ ବିରୋଧରେ ଦିଲ୍ଲୀର ଏକ ଅଦାଲତ ଗୁରୁବାର ଚାର୍ଜଫ୍ରେମ୍ କରିଛି। ମହମ୍ମଦ ଅନୱାର ଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ଅଭିଯୁକ୍ତମାନେ ତାଙ୍କୁ ଗୁଳି କରିବା ପରେ ଜାଳିଦେଇଥିଲେ। ପ୍ରାରମ୍ଭିକ ତଦନ୍ତରୁ ଅଭିଯୁକ୍ତ ଲଖପତ୍ ରାଜୋରା, ଯୋଗେଶ, ଲଳିତ ଓ କୁଳଦୀପ ନାମଧାରୀ ଦୁଇଜଣଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିବା ଲାଗି ଯଥେଷ୍ଟ ପ୍ରମାଣ ରହିଥିବା ଅତିରିକ୍ତ ସେସନ୍ସ ଜଜ୍ କହିଛନ୍ତି।



ଆମେରିକାର ଫ୍ଲୋରିଡା ସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ମିଶନରେ ବାହାରିଛି ସ୍ପେସ୍‌ଏକ୍ସ ମହାକାଶ ଯାନ।

# ଇନ୍‌ସ୍ପିରେଶନ-୪ର ଯାତ୍ରୀ

**ୱାଶିଂଟନ୍, ୧୬।୯**

ସ୍ପେସ୍‌ଏକ୍ସ ଇନ୍‌ସ୍ପିରେଶନ-୪ ମିଶନରେ ମହାକାଶକୁ ଯାତ୍ରା କରିଥିବା ୪ ଜଣଙ୍କ ମଧ୍ୟରୁ ଜାରେଡ୍ ଆଇଜାକ୍‌ମ୍ୟାନ କମାଣ୍ଡର ଦାୟିତ୍ୱରେ ଅଛନ୍ତି। ଆମେରିକାର ଏହି ଅରବପତି ବିଜ୍‌ନେସ୍‌ମ୍ୟାନ ମାତ୍ର ୨୦ ବର୍ଷ ବୟସରେ ବ୍ଲାକ୍ ଡାଇମଣ୍ଡ ଜେଟ୍ ଟିମ୍ ସହ ଏୟାରଶୋ'ରେ ଭାଗ ନେଇଥିଲେ। ୨୦୦୮ରେ ଏକ ଲାଇଟ୍ ଜେଟ୍ ଦ୍ୱାରା ମାତ୍ର ୮୩ ଘଣ୍ଟାରେ ବିଶ୍ୱ ଭ୍ରମଣ କରିଥିଲେ। ୨୦୨୧ ଫେବୃୟାରୀରେ ସେ ସ୍ପେସ୍‌ଏକ୍ସର ଇନ୍‌ସ୍ପିରେଶନ-୪ ଫ୍ଲାଇଟ୍‌ର କମାଣ୍ଡର ରହିବା ନେଇ ଘୋଷଣା କରିଥିଲେ। ଏପରି କି ଏହି ମିଶନ ପାଇଁ ଆଇଜାକମ୍ୟାନ ଫଣ୍ଡିଂ କରିଛନ୍ତି।

ମିଶନ ପାଇଲଟ ସିଆନ୍ ପ୍ରୋକ୍ଟର ଜଣେ ଭୂବିଜ୍ଞାନୀ ପ୍ରଫେସର। ବିଜ୍ଞାନ ପାଠ୍ୟକ୍ରମରେ ସେ ଡକ୍ଟରେଟ ଡିଗ୍ରୀ ହାସଲ କରିଛନ୍ତି। ଆରିଜୋନା ସିଭିଲ ଏୟାର ପାଟ୍ରୋଲ ମେଜର ରହିଥିବା ପ୍ରୋକ୍ଟର ୨୦୦୯ରେ ନାସା ପକ୍ଷରୁ ଆୟୋଜିତ 'ଆଷ୍ଟ୍ରୋନଟ୍ କ୍ୟାଣ୍ଡିଡେଟ୍ ପ୍ରୋଗ୍ରାମ୍'ର ଶ୍ରେଷ୍ଠ ପାଇଲଟ୍ ହୋଇଥିଲେ। ଏବେ ମହାକାଶକୁ ଯିବାରେ ପ୍ରୋକ୍ଟର ହେଉଛନ୍ତି ଚତୁର୍ଥ ଆଫ୍ରିକୀୟ-ଆମେରିକୀୟ ମହିଳା।

ପିଲାବେଳୁ ବୋନ୍ କ୍ୟାନ୍‌ସରରେ ପୀଡ଼ିତ ହୋଇ ସୁସ୍ଥ ହୋଇଥିବା ହାଲେ ଆର୍ସେନ୍ୟୁଅକ୍ସ ମହାକାଶକୁ ଯିବାରେ ସର୍ବକନିଷ୍ଠ ଆମେରିକୀୟ। କ୍ୟାନ୍‌ସର ଯୋଗୁ ସେ ମାତ୍ର ୧୦ ବର୍ଷ ବୟସରେ ତାଙ୍କ ବାମ ଜଙ୍ଘ ଏବଂ ଆଣ୍ଠୁ ହରାଇଛନ୍ତି। କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସହାୟତାରେ ସ୍ପେସ୍ ଯିବାରେ ସେ ହେଉଛନ୍ତି ପ୍ରଥମ।

ୱାଶିଂଟନ୍‌ସ୍ଥିତ ଏରୋସ୍ପେସ୍ ଜିଆଣ୍ଟ ଲକ୍‌ହିଡ୍ ମାର୍ଟିନ କର୍ପରେ ଡାଟା ଇଞ୍ଜିନିୟର ଥିବା କ୍ରିସ୍ ସେମ୍ବ୍ରୋସ୍କି କଲେଜରେ ପଢୁଥିବାବେଳେ ଶକ୍ତିଶାଳୀ ରକେଟ ମଡେଲ ଲଞ୍ଚ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଆମେରିକା ବାୟୁସେନାରେ ଜଣେ ଇଲେକ୍ଟ୍ରୋ-ମେକାନିକାଲ ଟେକ୍ନିସିଆନ ଭାବେ କାମ କରିଛନ୍ତି। ଇରାକ୍ ସହ ଯୁଦ୍ଧବେଳେ ମଧ୍ୟ ସେ ସେନାରେ ନିୟୋଜିତ ହୋଇଥିଲେ। ସମସ୍ତ ମହାକାଶଚାରୀ ସ୍ପେସ୍‌କୁ ଯିବା ପୂର୍ବରୁ ୫ ମାସ ଟ୍ରେନିଂ ନେଇଥିଲେ।

# ଆଇଟି ଧାରା ଉପରେ ସ୍ଥଗିତାଦେଶ

## କେନ୍ଦ୍ରକୁ ହାଇକୋର୍ଟ ଝଟ୍‌କା

**ଚେନ୍ନାଇ, ୧୬।୯**

କେନ୍ଦ୍ର ସରକାରଙ୍କ ନୂଆ ସୂଚନା ପ୍ରଯୁକ୍ତି (ଆଇଟି) ନିୟମାବଳୀର କେତେକ ଉପଧାରାର କାର୍ଯ୍ୟକାରିତା ଉପରେ ମାଡ୍ରାସ ହାଇକୋର୍ଟ ଗୁରୁବାର ସ୍ଥଗିତାଦେଶ ଜାରି କରିଛନ୍ତି। ଗତ ମାସରେ ବମ୍ବେ ହାଇକୋର୍ଟ ଅନୁରୂପ ରାୟ ଦେଇଥିଲେ। ନିୟମ ୯ର ଉପଧାରା ୧ ଏବଂ ୩ ଉପରେ ମାଡ୍ରାସ ହାଇକୋର୍ଟ ସ୍ଥଗିତାଦେଶ ଲଗାଇଛନ୍ତି। କୋଡ୍ ଅଫ୍ ଏଥିକ୍ସ ଅନୁପାଳନ ଲାଗି ଗତ ଫେବୃୟାରୀରେ ମୂଳ ଆଇଟି ନିୟମାବଳୀରେ ଉକ୍ତ ଉପଧାରା ଯୋଡ଼ାଯାଇଥିଲା। ନୂଆ ନିୟମାବଳୀର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସଙ୍ଗୀତକାର ଟି.ଏମ୍. କ୍ରିଷ୍ଣନ ଏବଂ ଡିଜିଟାଲ ନ୍ୟୁଜ୍ ପବ୍ଲିସର ଆସୋସିଏଶନ ପକ୍ଷରୁ ହାଇକୋର୍ଟରେ ଏକାଧିକ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ଏହାର ଶୁଣାଣି କରି ମୁଖ୍ୟ ବିଚାରପତି ସଞ୍ଜୀବ ବାନାର୍ଜୀ ଏବଂ ଜଷ୍ଟିସ୍ ପି.ଡି.ଅଡିକେସାଭଲୁଙ୍କ ଖଣ୍ଡପୀଠ



ଉପରୋକ୍ତ ଅନ୍ତରୀଣ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଗଣମାଧ୍ୟମକୁ ନିୟନ୍ତ୍ରଣ କରିବା ଲାଗି ସରକାର କରୁଥିବା ବ୍ୟବସ୍ଥା ଉଭୟ ଛାପା ଏବଂ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମର ସ୍ୱାଧୀନତା ଓ ଗଣତାନ୍ତ୍ରିକ ସିଦ୍ଧାନ୍ତକୁ ନଷ୍ଟ କରିବ ବୋଲି ଖଣ୍ଡପୀଠ କହିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ଶେଷ ସପ୍ତାହକୁ ଧାର୍ଯ୍ୟ କରାଯାଇଛି।

ସୂଚନାଯୋଗ୍ୟ, ଡିଜିଟାଲ ମିଡିଆ ପାଇଁ ଉଦ୍ଦିଷ୍ଟ ନୂଆ ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) ନିୟମ, ୨୦୨୧ର ଧାରା ୯ (୧) ଏବଂ ୯ (୩) ଉପରେ ବମ୍ବେ ହାଇକୋର୍ଟ ଅଗଷ୍ଟ ୧୪ରେ ରୋକ ଲଗାଇଥିଲେ। ଆଚରଣ ସଂହିତା ସମ୍ବନ୍ଧିତ ଖବର ପ୍ରକାଶ ନିମନ୍ତେ ପ୍ରକାଶକଙ୍କ ପାଇଁ ଉଦ୍ଦିଷ୍ଟ ଉକ୍ତ ଧାରାକୁ ସ୍ଥଗିତ ରଖାଯାଇଛି। ଦେଶରେ ୨୦୦୯ରୁ ପ୍ରଚଳିତ ଆଇଟି ନିୟମ ଥାଇ ନୂଆ ଆଇନ ଆଣିବାର କ'ଣ ଆବଶ୍ୟକତା ଥିଲା ବୋଲି କେନ୍ଦ୍ର ସରକାରଙ୍କୁ ବମ୍ବେ ହାଇକୋର୍ଟ ପ୍ରଶ୍ନ କରିଥିଲେ। ସମ୍ବିଧାନର ଅନୁଚ୍ଛେଦ ୧୯(୨) ନାଗରିକଙ୍କୁ ପ୍ରଦତ୍ତ ଅଭିବ୍ୟକ୍ତି ସ୍ୱାଧୀନତା ଉପରେ ଏହି ନୂଆ ନିୟମ ବହୁଳ ଭାବେ ପ୍ରଭାବ ପକାଇବ। ଏପରି କି ଏହା ମୂଳ ଆଇନର ପରିସର ବାହାରେ ଥିବା ନେଇ ଡିଜିଟାଲ ନ୍ୟୁଜ୍ ପୋର୍ଟାଲ ଲିଫ୍‌ଲେଟ୍ ଏବଂ ଖବରଦାତା ନିଖିଲ ୱାଗ୍‌ଲେ ପିଟିଶନ ଦାଖଲ କରି ଆପତ୍ତି ଉଠାଇଥିଲେ। ଏହି ଉପଧାରାଗୁଡ଼ିକ ଆବେଦନକାରୀଙ୍କ ଅଭିବ୍ୟକ୍ତି ସ୍ୱାଧୀନତା ପାଇଁ ସାମ୍ବିଧାନିକ ଅଧିକାରକୁ ଉଲ୍ଲଂଘନ କରୁଛି। ଧାରା ୯ର ବ୍ୟବସ୍ଥା ମଧ୍ୟ ମୁଖ୍ୟ ନିୟମ (ସୂଚନା ପ୍ରଯୁକ୍ତିବିଦ୍ୟା ଅଧିନିୟମ ୨୦୦୦) ପରିସର ବାହାରେ ଥିବା ମୁଖ୍ୟ ବିଚାରପତି ଦୀପଙ୍କର ଦତ୍ତା ଏବଂ ଜଷ୍ଟିସ୍ ଜି. ଏସ୍ କୁଲକର୍ଣ୍ଣିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ।

# ଗୁଜରାଟରେ ଶପଥ ନେଲେ ୨୪ ମନ୍ତ୍ରୀ

**ରୂପାନୀ କ୍ୟାବିନେଟ୍‌ର ସମସ୍ତେ ବାଦ୍**

**ଗାନ୍ଧୀନଗର, ୧୬।୯**

ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ନବଗଠିତ କ୍ୟାବିନେଟର ୨୪ ମନ୍ତ୍ରୀ ଗୁରୁବାର ଅପରାହ୍ନରେ ରାଜଭବନରେ ଶପଥ ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ନୂଆ ମୁହଁ। ତେବେ ବିଜୟ ରୂପାନୀ କ୍ୟାବିନେଟର ଜଣେ ହେଲେ ମନ୍ତ୍ରୀଙ୍କୁ ନୂଆ କ୍ୟାବିନେଟରେ ନିଆଯାଇନାହିଁ। ମନ୍ତ୍ରିମଣ୍ଡଳରେ କାହାକୁ ପୁନର୍ବାର ନ ନେବାକୁ ଭାଜପା ହାଇକମାଣ୍ଡ ନିଷ୍ପତ୍ତି ନେଇଥିଲେ। ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ନୂଆ ମନ୍ତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ, ଉପମୁଖ୍ୟମନ୍ତ୍ରୀ ନୀତିନ ପଟେଲ, ଭାଜପା ରାଜ୍ୟ ସଭାପତି ସି.ଆର୍. ପାଟିଲ, ରାଜ୍ୟ ପ୍ରଭାରୀ ଭୂପେନ୍ଦ୍ର ଯାଦବ ଏବଂ ପର୍ଯ୍ୟବେକ୍ଷକ ବି.ଏଲ୍. ସନ୍ତୋଷ ଉପସ୍ଥିତ ଥିଲେ। କ୍ୟାବିନେଟ ପାହ୍ୟା ପାଇଥିବା ୧୦ ମନ୍ତ୍ରୀ ହେଲେ ରାଜେନ୍ଦ୍ର ତ୍ରିବେଦୀ, ଜିତୁ ଭଗାନି, ଋଷିକେଶ ପଟେଲ, ରାଘବଜୀ ପଟେଲ, ପୂର୍ଣ୍ଣେଶ ମୋଦି, ମନୁଭାଇ ଦେଶାଇ, କିରିଟ୍‌ସିଂ ରାଣା, ନରେଶ ପଟେଲ, ପ୍ରଦୀପସିଂ ପାର୍‌ମାର, ଅର୍ଜୁନସିଂ ଚୌହାନ। ସନ୍ଧ୍ୟାରେ ବୈଠକ ବସି ନୂଆ ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରାଯାଇଛି। ମୁଖ୍ୟମନ୍ତ୍ରୀ ନିଜ ପାଖରେ ସାଧାରଣ ପ୍ରଶାସନ ସହ ଗୃହ ବିଭାଗ ରଖିଥିବାବେଳେ କନୁଭାଇଙ୍କୁ ଅର୍ଥ, ଶକ୍ତି ଓ ପେଟ୍ରୋକେମିକାଲ୍ସ ବିଭାଗ ମିଳିଛି। ଏଥର କାହାକୁ ଉପମୁଖ୍ୟମନ୍ତ୍ରୀ କରାଯାଇନାହିଁ। ରାଜେନ୍ଦ୍ର ତ୍ରିବେଦୀଙ୍କ ଇସ୍ତଫା ଯୋଗୁ ନିମାବେନ୍ ଆଚାର୍ଯ୍ୟଙ୍କୁ ଅସ୍ଥାୟୀ ବାଚସ୍ପତି କରାଯାଇଛି।

# ଡ୍ୟାନ୍ସିଂ ଗର୍ଲଙ୍କ ନାଁରେ ମାମଲା

**ରେଡ୍ ସିଗ୍‌ନାଲରେ ନାଚିଲେ**

**ଇନ୍ଦୋର, ୧୬।୯**

ମଧ୍ୟପ୍ରଦେଶର ଇନ୍ଦୋରଠାରେ ଥିବା ଏକ ଜେବ୍ରା କ୍ରସିଂଠାରେ ଟ୍ରାଫିକ୍ ସିଗ୍‌ନାଲ ରେଡ୍ ହେବାପରେ ଜଣେ ଯୁବତୀ ନାଚୁଥିବାର ଏକ ଭିଡିଓ ଭାଇରାଲ ହୋଇଛି। ଜନସାଧାରଣଙ୍କ ପାଇଁ ସମସ୍ୟା ଉପୁଜାଇଥିବା ଅଭିଯୋଗରେ ଇନ୍ଦୋର ପୋଲିସ ତାଙ୍କ ନାଁରେ ଗୁରୁବାର ମାମଲା ରୁଜୁ କରିଛି। ୩୦ ସେକେଣ୍ଡର ଏହି ଭିଡିଓରେ ଦେଖିବାକୁ ମିଳିଛି, ଯାନବାହନ ଅଟକିବା ପାଇଁ ଟ୍ରାଫିକ୍ ସିଗ୍‌ନାଲ ରେଡ୍ ହେବା ପରେ କଳା ରଙ୍ଗର ପୋଷାକ, ମାସ୍କ ଏବଂ ଏକ ଟୋପି ପିନ୍ଧି ଶ୍ରେୟା କାଲ୍‌ରା ଇନ୍ଦୋରର ରାସୋମା ଛକକୁ ଚାଲିଆସିଥିଲେ। ଇଂଲିଶ ଗୀତ 'ଲେଟ୍ ମି ବି ୟୋର ଓମ୍ୟାନ'ରେ ସେ ସେଠାରେ ନାଚିବାରେ ଲାଗିଥିଲେ। ଭିଡିଓ ଭାଇରାଲ ହେବା ପରେ ବୁଧବାର ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ର ଶ୍ରେୟାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିଲେ। ବିବାଦକୁ ଆସିବା ପରେ ଶ୍ରେୟା ଆଉ



ଶ୍ରେୟା କାଲ୍‌ରା

ଏକ ଭିଡିଓ କରି ସେଥିରେ ସଫେଇ ଦେଇଛନ୍ତି। ସେ କହିଛନ୍ତି, ଟ୍ରାଫିକ୍ ନିୟମ ବିଷୟରେ ଲୋକଙ୍କୁ ସଚେତନ କରାଇବା ତାଙ୍କ ଉଦ୍ଦେଶ୍ୟ ଥିଲା। ରେଡ୍ ସିଗ୍‌ନାଲରେ ଗାଡ଼ି ଅଟକାଇବା ଜରୁରୀ। ଏହା ଦ୍ୱାରା ଜେବ୍ରା କ୍ରସିଂରେ ଲୋକେ ସହଜରେ ଯାତାୟାତ କରିପାରିବେ। ତାଙ୍କର ଏପରି ଆକ୍ଟକୁ ଅନେକ ଲୋକ ପସନ୍ଦ ମଧ୍ୟ କରିଥିବା ସେ କହିଛନ୍ତି। କିନ୍ତୁ କିଛି ଲୋକ ଏହାକୁ ନକାରାତ୍ମକ ଢଙ୍ଗରେ ନେଇଥିବା ଶ୍ରେୟା ଭିଡିଓରେ କହିଛନ୍ତି।

# ରେଳଲାଇନରୁ ମିଳିଲା ଅଭିଯୁକ୍ତଙ୍କ ମୃତଦେହ

**ହାଇଦ୍ରାବାଦ ନାବାଳିକା ବଳାତ୍କାର ହତ୍ୟା ମାମଲା**

**ହାଇଦ୍ରାବାଦ, ୧୬।୯**

ହାଇଦ୍ରାବାଦରେ ୬ ବର୍ଷର ବାଳିକାଙ୍କୁ ବଳାତ୍କାର ଓ ହତ୍ୟା ମାମଲାର ଅଭିଯୁକ୍ତଙ୍କ ମୃତଦେହ ଗୁରୁବାର ସକାଳେ ରେଳଲାଇନରୁ ମିଳିଛି। ଗତ ରବିବାର ଶିଶୁଟିର ମୃତଦେହ ତାଙ୍କ ଘର ଭିତରୁ ମିଳିବା ପରେ ଅଭିଯୁକ୍ତ ପାଲାକୋଣ୍ଡା ରାଜୁ(୩୦) ନିଖୋଜ ହୋଇଯାଇଥିଲେ। ହାଇଦ୍ରାବାଦଠାରୁ ୧୩୦ କିଲୋମିଟର ଦୂରରେ ତାଙ୍କ ମୃତଦେହ ମିଳିଛି।



ମୃତକ ପାଲାକୋଣ୍ଡା ରାଜୁ


ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ହାଇଦ୍ରାବାଦ ପୋଲିସ କମିଶନର ଅଞ୍ଜନି କୁମାର କହିଛନ୍ତି। ମୃତଦେହ ହାତରେ ଟାଟୁ ଥିବାରୁ ଏହା ବଳାତ୍କାର ହତ୍ୟା ଅଭିଯୁକ୍ତଙ୍କର ବୋଲି ବିଶ୍ୱାସ କରାଯାଉଛି। ତେବେ ଅଙ୍ଗୁଳି ଛାପ ବିଶ୍ଳେଷଣ ପରେ ତାହା ସ୍ପଷ୍ଟ ହେବ ବୋଲି ପୋଲିସ କମିଶନର କହିଛନ୍ତି। ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟରରେ ମାରିଦିଆଯିବ ବୋଲି ଦୁଇଦିନ ପୂର୍ବରୁ ତେଲଙ୍ଗାନା ମନ୍ତ୍ରୀ ମାଲ୍ଲା ରେଡ୍ଡି ଗଣମାଧ୍ୟମକୁ କହିଥିଲେ। ଅଭିଯୁକ୍ତ କୁହାଯାଉଥିବା ରାଜୁ ମୃତା ନାବାଳିକାଙ୍କ ପଡୋଶୀ। ସେ ଅପରାଧରେ ସମ୍ପୃକ୍ତ କି ନୁହେଁ, ଏପର୍ଯ୍ୟନ୍ତ କୌଣସି ପ୍ରମାଣ ମିଳିନାହିଁ। ତାଙ୍କର ଅପରାଧର ପୂର୍ବ ରେକର୍ଡ ନାହିଁ।

# ନୂଆ ପ୍ରତିରକ୍ଷା କାର୍ଯ୍ୟାଳୟ ଉଦ୍‌ଘାଟିତ

**ନୂଆଦିଲ୍ଲୀ, ୧୬।୯(ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଦିଲ୍ଲୀରେ ପ୍ରତିରକ୍ଷା ମନ୍ତ୍ରଣାଳୟର ନୂଆ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ସେଣ୍ଟ୍ରାଲ ଭିଷ୍ଟାକୁ ବିରୋଧ କରୁଥିବା ନେତାମାନଙ୍କୁ ସମାଲୋଚନା କରିଥିଲେ। ଏହି ପ୍ରକଳ୍ପରେ ନୂଆ ପାର୍ଲାମେଣ୍ଟ ସହ କେନ୍ଦ୍ର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିବ। ଏଭଳି ଏକ ପ୍ରକଳ୍ପକୁ ଅଟକାଇବାକୁ ଉଦ୍ୟମ ଚଳାଇଥିବା ଲୋକେ ବିଭ୍ରାନ୍ତ କରୁଛନ୍ତି। ତେବେ ସଂସଦ ଭବନ ଓ ଅନ୍ୟାନ୍ୟ କାର୍ଯ୍ୟାଳୟଗୁଡ଼ିକର ସ୍ଥିତି ସମ୍ପର୍କରେ ସେମାନେ ଲୋକଙ୍କୁ ଜଣାଉନାହାନ୍ତି ବୋଲି ମୋଦି କହିଥିଲେ।

# ବାଇଡେନ୍ ବ୍ୟସ୍ତ ମଣିଷ





**କଟାକ୍ଷ କଲେ ଇମ୍ରାନ୍ ଖାନ୍**

**ଇସ୍‌ଲାମାବାଦ, ୧୬।୯**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଜଣେ ବିଜି ମ୍ୟାନ୍ (ବ୍ୟସ୍ତ ମଣିଷ) ବୋଲି କଟାକ୍ଷ କରିଛନ୍ତି। ବାଇଡେନ୍ ଗତ ଜାନୁୟାରୀରେ ରାଷ୍ଟ୍ରପତି ନିର୍ବାଚିତ ହେବା ପରଠାରୁ ଇମ୍ରାନ୍‌ଙ୍କୁ ଥରୁଟିଏ ହେଲେ ଫୋନ୍ କରିନାହାନ୍ତି। ଏନେଇ ଇସ୍‌ଲାମାବାଦସ୍ଥିତ ନିଜ ଗାଲା ବାସଭବନରେ ସିଏନ୍‌ଏନ୍‌କୁ ସାକ୍ଷାତ୍‌କାର ଦେଇ ଇମ୍ରାନ୍ କହିଛନ୍ତି, ବାଇଡେନ୍ ଜଣେ ବିଜି ମ୍ୟାନ୍। ସେ ଏତେ ବ୍ୟସ୍ତ ଯେ ତାଙ୍କୁ ଫୋନ୍ ବି କରିପାରୁ ନାହାନ୍ତି। ସେ କାହିଁକି ଏତେ ବ୍ୟସ୍ତ ତାହା ବାଇଡେନ୍‌ଙ୍କୁ ପଚରାଯାଉ। ସେହିପରି ଆଫଗାନିସ୍ତାନରେ ଅଶ୍ରଫ୍ ଗନି ସରକାରଙ୍କ ପତନ ପରେ ଇମ୍ରାନ୍ ବାଇଡେନ୍‌ଙ୍କ ସହ ଆଲୋଚନା କରି ନ ଥିବା ଇମ୍ରନ୍ ପ୍ରକାଶ କରିଛନ୍ତି। ଦୁର୍ଦ୍ଧର୍ଷ ହକ୍କାନି ନେଟ୍‌ୱର୍କ ସମେତ ତାଲିବାନ ଭଳି ଆତଙ୍କବାଦୀ ସଙ୍ଗଠନଗୁଡ଼ିକୁ ପାକିସ୍ତାନ ପ୍ରଶ୍ରୟ ଦେଉଛି ବୋଲି ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ମନ୍ତବ୍ୟ ଦେବା ପରେ ଇମ୍ରାନ୍ ଏପରି କହିଛନ୍ତି।

# ବିସ୍ଥାପିତ ହେଲେଣି ୬.୩୪ ଲକ୍ଷ ଆଫଗାନ୍

**କାବୁଲ, ୧୬।୯(ଆଇଏଏନ୍‌ଏସ୍)**

ଆଫଗାନିସ୍ତାନରେ ସଂଘର୍ଷ ଯୋଗୁ ଚଳିତ ବର୍ଷ ସେପ୍ଟେମ୍ବର ୧୨ ସୁଦ୍ଧା ୬,୩୪,୦୦୦ରୁ ଊର୍ଦ୍ଧ୍ୱ ନାଗରିକ ବିସ୍ଥାପିତ ହେଲେଣି। ଜାତିସଂଘର ମାନବୀୟ ସହଯୋଗ ବ୍ୟାପାର କାର୍ଯ୍ୟାଳୟ (ଓସିଏଲଏଚ୍‌ଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ମୋଟ ବିସ୍ଥାପିତଙ୍କ ମଧ୍ୟରୁ ୨,୮୨,୨୪୬ ଜଣଙ୍କୁ ସହାୟତା ମିଳିଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ଅଗଷ୍ଟ ମଧ୍ୟଭାଗରେ ତାଲିବାନ ଆଫଗାନିସ୍ତାନକୁ ଦଖଲ କରିବା ପରେ ସେଠାର ସୁରକ୍ଷା ସ୍ଥିତି ସ୍ଥିର ରହିଛି। ତେବେ ଘରଦ୍ୱାର ଛାଡ଼ି ପଳାଇଯାଇଥିବା ପରିବାରଗୁଡ଼ିକର ଦୁରବସ୍ଥାକୁ ନେଇ ଆଫଗାନ୍ ଅଧିକାରୀ ଏବଂ ମାନବୀୟ ସଂସ୍ଥାଗୁଡ଼ିକ ଚିନ୍ତା ପ୍ରକଟ କରିଛନ୍ତି। ସ୍ୱାସ୍ଥ୍ୟସେବା ଓ ଶିକ୍ଷା ସୁବିଧା ନ ପାଇଁ ମହିଳା ଓ ଶିଶୁମାନେ ସବୁଠୁ ଅଧିକ ପ୍ରଭାବିତ ହୋଇଛନ୍ତି। ଏହା ବ୍ୟତୀତ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଦେଶର ୨୮,୦୦୦ରୁ ଅଧିକ ଲୋକ ପ୍ରଭାବିତ ହୋଇଥିବା ଓସିଏଚ୍‌ଏ ରିପୋର୍ଟରେ କୁହାଯାଇଛି। ଆଫଗାନିସ୍ତାନ ଅର୍ଥବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ିପାରେ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସୋମବାର ଆଶଙ୍କା ବ୍ୟକ୍ତ କରିଥିଲେ। ତୁରନ୍ତ ଆର୍ଥିକ ସହାୟତା ଯୋଗାଇଦେବା ଲାଗି ସେ ଜେନେଭାରେ ଉଚ୍ଚସ୍ତରୀୟ ଜରୁରୀ ବୈଠକ ଡାକିଥିଲେ। ତୁରନ୍ତ ସହାୟତା ସ୍ୱରୂପ ଆଫଗାନିସ୍ତାନକୁ ୧.୨ ବିଲିୟନ ଡଲାର ଯୋଗାଇଦେବା ଲାଗି ବିଭିନ୍ନ ଦେଶକୁ ଜାତିସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା।





ଆଫଗାନିସ୍ତାନରେ ପାକିସ୍ତାନର ହସ୍ତକ୍ଷେପ ବୃଦ୍ଧି ପ୍ରତିବାଦରେ ନୂଆଦିଲ୍ଲୀରେ ଆଫଗାନ୍ ଶରଣାର୍ଥୀମାନେ ଗୁରୁବାର ବିକ୍ଷୋଭ କରୁଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୨,୭୪,୭୮,୨୪୦ | ୪୬,୭୭,୧୨୯ | ୨୦,୪୧,୭୧,୩୧୭ |
| ଭାରତ | ୩,୩୩,୪୯,୭୧୦ | ୪,୪୩,୯୯୩ | ୩,୨୫,୬୦,୪୭୪ |
| ଓଡ଼ିଶା | ୧୦,୧୮,୨୯୮ | ୮୧୧୮(+୫୩) | ୧୦,୦୪,୮୪୫ |


ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ‘ବିପଦ ଯାଇନି, ସତର୍କ ରୁହ’

## ରାଜ୍ୟରୁ ଆଉ ୫୮୦ ପଜିଟିଭ୍ ଚିହ୍ନଟ, ୪ ମୃତ

ଭୁବନେଶ୍ୱର, ୧୬।୯ (ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ଏବେ ନିୟନ୍ତ୍ରଣାଧୀନ ରହିଥିଲେ ବି ଆମକୁ ସତର୍କ ରହିବାକୁ ପଡିବ। ବିପଦ ଯାଇନାହିଁ। ରାଜ୍ୟରେ କେବେ ବି ସଂକ୍ରମଣ ବଢିପାରେ। ତେଣୁ ଆମକୁ ନିଜ ଦାୟିତ୍ୱ ନିଜେ ନେବାକୁ ପଡିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିବା ସହ ସତର୍କ କରାଇଛନ୍ତି। ସେ କହିଛନ୍ତି, ଭାରତରେ ମହାମାରୀ ଏଣ୍ଡେମିକ୍ ଆଡକୁ ଯାଉଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ୧୦ ଦିନ ପୂର୍ବରୁ ରିପୋର୍ଟ ଦେଇଛି। ଉକ୍ତ ରିପୋର୍ଟକୁ ଆମକୁ ଗ୍ରହଣ କରିବାକୁ ହେବ। ମାତ୍ର ଆମେ ଶତ ପ୍ରତିଶତ ନିଶ୍ଚିତ ନୁହେଁ। ପ୍ରତି ମଡେଲର ଅପ୍ ଡାଉନ୍ ଅଛି। ଏହି କ୍ଷେତ୍ରରେ ବି ହୋଇପାରେ। ଆମେ ଆଶ୍ୱସ୍ତ ହେବା ନାହିଁ। ଲକ୍ଷଣ ଜଣାପଡିଲେ ତୁରନ୍ତ ଡାକ୍ତରଖାନା ଆସିବା। କେରଳରେ ସଂକ୍ରମଣ ବଢି ଚାଲିଥିଲା, ଏବେ କମୁଛି। ସେହିପରି ବର୍ତ୍ତମାନ ମହାରାଷ୍ଟ୍ରରେ ବଢୁଛି, ପରେ କମିବ। ସେହି କ୍ରମକୁ ଦେଖିଲେ ଆମର ମଧ୍ୟ ସଂକ୍ରମଣ ବଢିବା ଆଶଙ୍କା ରହିଛି। ଏବେ ଆମେ ଭଲ ସ୍ଥିତିରେ ଅଛୁ। ଆମର ପଜିଟିଭ୍ ହାର କମିବା ସହ ହସ୍ପିଟାଲାଇଜେଶନ ହାର ମଧ୍ୟ କମ୍ ଅଛି। କିନ୍ତୁ ବିପଦ ଏବେ ବି ରହିଛି। ରାଜ୍ୟରେ କଟକଣା ମଧ୍ୟ ଜାରି ରହିବ। ତେଣୁ ଆମେ ଢିଲା ହେବା ଉଚିତ୍ ହେବ ନାହିଁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।



ଅପରପକ୍ଷେ ଗତ ୨୪ ଘଣ୍ଟାରେ ରାଜ୍ୟରୁ ଆଉ ୫୮୦ଜଣ ନୂତନ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୭୭ଜଣ ଶିଶୁ ଓ କିଶୋର ରହିଛନ୍ତି। ଏହି ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୬୧ଜଣ ଥିବାବେଳେ କଟକରୁ ୮୭, ଯାଜପୁର ୨୯, ପୁରୀ ୧୮, ବାଲେଶ୍ୱର ୧୭, ଜଗତ୍‌ସିଂହପୁର ୧୩, ଝାରସୁଗୁଡା ୧୧, କେନ୍ଦ୍ରାପଡା ଓ ସୁନ୍ଦରଗଡରୁ ୧୦ଜଣ ଲେଖାଏ, ଢେଙ୍କାନାଳ ୯, ବରଗଡ ୮, ଭଦ୍ରକ, ମୟୂରଭଞ୍ଜ ଓ ନୟାଗଡରୁ ୭ଜଣ ଲେଖାଏ, ଅନୁଗୋଳ, ରାୟଗଡା ଓ ସମ୍ବଲପୁରରୁ ୬ଜଣ ଲେଖାଏ, କୋରାପୁଟ ୪, ଦେବଗଡ ୨, କେଉଁଝର, ମାଲକାନଗିରି ଓ ସୁବର୍ଣ୍ଣପୁରରୁ ଜଣେ ଲେଖାଏ ଓ ଷ୍ଟେଟ୍ ପୁଲରୁ ୫୯ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ରାଜ୍ୟରୁ ଆଉ ୪ଜଣଙ୍କ ଜୀବନ ନେଇଛି କରୋନା। ମୃତକଙ୍କ ମଧ୍ୟରେ କଟକ ଜିଲାରୁ ୨ଜଣ ଓ ଜଗତ୍‌ସିଂହପୁର ଓ ଯାଜପୁରରୁ ଜଣେ ଲେଖାଏ ଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




# ଶୁଣାଣି ଶେଷ, ଆଜି ରାୟ ପ୍ରକାଶ ପାଇବ

## ହାଇକୋର୍ଟରେ ମୂର୍ତ୍ତି ଉଚ୍ଚତା ବିବାଦ ମାମଲା

କଟକ ଅଫିସ,୧୬।୯

ହାଇକୋର୍ଟରେ ମୂର୍ତ୍ତି ଉଚ୍ଚତା ବିବାଦ ସମ୍ପର୍କିତ ଆଗତ ମାମଲାର ଶୁଣାଣି ଗୁରୁବାର ହୋଇଛି। ଶୁକ୍ରବାର ଏହି ମାମଲାର ରାୟ ପ୍ରକାଶ ପାଇବ। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିଥିଲେ। ମାମଲାର ବିବରଣୀରୁ ପ୍ରକାଶ, ଚଳିତବର୍ଷ ୪ ଫୁଟ ଭିତରେ ମା’ ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ କରିବା ପାଇଁ ସରକାର ଗାଇଡ୍‌ଲାଇନ ଜାରି କରିଛନ୍ତି। ଏହାକୁ ଚ୍ୟାଲେଞ୍ଜ କରି ୮ ଫୁଟ ଉଚ୍ଚତାର ମୂର୍ତ୍ତି ନିର୍ମାଣ କରିବାକୁ କଟକ ବାଲୁବଜାର ପୂଜା କମିଟି ସମ୍ପାଦକ ରମେଶ ଚନ୍ଦ୍ର ବେହେରା ଗତ ମଙ୍ଗଳବାର ହାଇକୋର୍ଟରେ ମାମଲା ଦାଏର କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ତଥା ପୂଜା କମିଟି ସଭାପତି ସୂର୍ଯ୍ୟକାନ୍ତ ସାଙ୍ଗନାରିଆ ଓ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

# ରେଙ୍ଗାଲି ଡ୍ୟାମ୍‌ର ୨ ଗେଟ୍ ଖୋଲିଲା



ରେଙ୍ଗାଲିରୁ ବନ୍ୟା ଜଳ ନିଷ୍କାସନ କରାଯାଉଛି।

କଣିହାଁ,୧୬।୯(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକସ୍ଥିତ ରେଙ୍ଗାଲି ଡ୍ୟାମ୍‌ର ୨ଟି ଗେଟ୍ ଗୁରୁବାର ଖୋଲାଯାଇ ବନ୍ୟା ଜଳ ନିଷ୍କାସନ କରାଯାଉଛି। ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଅଧୀକ୍ଷଣ ଯନ୍ତ୍ରୀ ଅଜିତ ଜେନା କହିଛନ୍ତି, ଡ୍ୟାମ୍‌ର ସର୍ବୋଚ୍ଚ ଜଳଧାରଣ କ୍ଷମତା ୧୨୩.୫୦ ମିଟର ଥିବାବେଳେ ପୂର୍ବାହ୍ଣ ୧୧ଟା ସୁଦ୍ଧା ଜଳସ୍ତର ୧୨୩.୨୪ ମିଟରରେ ପହଞ୍ଚିଥିଲା। ଫଳରେ ପୂର୍ବାହ୍ଣ ୧୧ଟା ୧୮ରେ ଗେଟ୍ ନଂ. ୭ ଓ ସନ୍ଧ୍ୟା ୬ଟା ବେଳେ ୮ ନମ୍ବର ଗେଟ୍ ଖୋଲାଯାଇ ଚଳିତ ବର୍ଷର ଦ୍ୱିତୀୟ ବନ୍ୟା ଜଳ ନିଷ୍କାସନ ଆରମ୍ଭ କରାଯାଇଥିଲା। ଅପରାହ୍ଣ ୬ଟା ସୁଦ୍ଧା ଡ୍ୟାମ୍‌ର ଜଳସ୍ତର ୧୨୩.୬୦ ମିଟର ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୭୨୧୬.୨୫ ଘନମିଟର ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ ଓ ଖୋଲାଯାଇଥିବା ୨ଟି ଗେଟ୍ ଦେଇ ୨୨୧୫. ୮୫ ଘନମିଟର ଜଳ ନିଷ୍କାସିତ ହେଉଛି। ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସନ୍ତୋଷ କୁମାର ମହାପାତ୍ର, ଅଧୀକ୍ଷଣ ଯନ୍ତ୍ରୀ ଅଜିତ କୁମାର ଜେନା, ଉପଖଣ୍ଡ ଅଧିକାରୀ ଶଙ୍କରାନନ୍ଦ ରଣା, କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମଣ ମୁର୍ମୁ ପ୍ରମୁଖ ଗେଟ୍ ଖୋଲାଯିବା ବେଳେ ଉପସ୍ଥିତ ଥିଲେ। ବୃଦ୍ଧି ପାଉଥିବା ଜଳସ୍ତରକୁ ଲକ୍ଷ୍ୟରେ ରଖି ଅଧିକ ଗେଟ୍ ଖୋଲାଯିବା ପାଇଁ ଉପରିସ୍ଥ ଅଧିକାରୀଙ୍କ ସହ ବିଚାରବିମର୍ଶ ଜାରି ରହିଥିବା ଅଧୀକ୍ଷଣ ଯନ୍ତ୍ରୀ ଜେନା ସୂଚନା ଦେଇଛନ୍ତି। ସେହିପରି ତଳମୁଣ୍ଡରେ ଥିବା ସମଲ ବ୍ୟାରେଜର ୩ଟି ଗେଟ୍ ଖୋଲାଯାଇ ବନ୍ୟା ଜଳ ନିଷ୍କାସନ କରାଯାଉଛି।

# ଆଜି ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ

ପୁରୀ ଅଫିସ, ୧୬।୯

ପବିତ୍ର ସୁନିଆ ଏବଂ ବିଶ୍ୱକର୍ମା ପୂଜା ଅବସରରେ ଶୁକ୍ରବାର ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଜାରି ହୋଇଥିବା ନୂତନ ଏସ୍‌ଓପି ଅନୁଯାୟୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଭକ୍ତମାନେ ଶ୍ରୀମନ୍ଦିର ବାହାରୁ ପତିତପାବନଙ୍କୁ ଦର୍ଶନ କରିବେ। ତେବେ ନୂତନ ଏସ୍‌ଓପି ଅନୁଯାୟୀ ଶନିବାର ଭକ୍ତମାନେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ସୂଚନାଯୋଗ୍ୟ, ସୁନିଆ ଅବସରରେ ଶ୍ରୀନଅରରେ ଗଜପତି ମହାରାଜାଙ୍କ ନୂତନ ଅଙ୍କ ପ୍ରଚଳନ ହେବ।

# ପୋଲିଓ ଟିକା ନେଇ ଶିଶୁ ମୃତ ଅଭିଯୋଗ

ଭଣ୍ଡାରିପୋଖରୀ, ୧୬।୯ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ନଗୁଁଆ ଗ୍ରାମରେ ପୋଲିଓ ଟିକା ନେଇ ଜଣେ ୬ ମାସର ଶିଶୁର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଗ୍ରାମର ବିକାଶ ଜେନା ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଶିଶୁପୁତ୍ର ଶଶିକାନ୍ତଙ୍କୁ ବୁଧବାର ପୋଲିଓ ଟିକା ଦିଆଯାଇଥିଲା। ଟିକା ନେବା ପରେ ତାକୁ ଜ୍ୱର ହୋଇଥିଲା। ଔଷଧ ଖୁଆଇବା ପରେ ମଧ୍ୟ ଜ୍ୱର ନ ଛାଡ଼ିବାରୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନା ନିଆଯାଉଥିବା ବେଳେ ବାଟରେ ଶିଶୁର ମୃତ୍ୟୁ ହୋଇଥିଲା। ଶିଶୁକୁ ଥଣ୍ଡା ହୋଇଥିବା ସମୟରେ ଟିକା ଦିଆଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

# ନିଖୋଜ ବାପ,ପୁଅଙ୍କ ମୃତଦେହ ଠାବ

ବରୀ,୧୬।୯(ଡି.ଏନ.ଏ.)

ବନ୍ୟା ସ୍ରୋତରେ ଭାସି ଯାଇଥିବା ବାପ,ପୁଅଙ୍କ ମୃତଦେହ ଠାବ କରାଯାଇଛି। ମୃତକ ବରୀ ବ୍ଲକ ଅଧୀନ ବାଲିଆ ପଞ୍ଚାୟତ ଗଙ୍ଗାଧରପୁର ଗ୍ରାମର କିଶୋର ସିଂ(୫୫) ଓ ତାଙ୍କ ପୁଅ କୈଳାସ ସିଂ (୨୭) ବୁଧବାର ଘର ନିକଟ ଗୁହାଳରୁ ତାଙ୍କର ଏକ ବାଛୁରି ଛୁଆକୁ ଆଣିବାକୁ ଯାଉଥିବାବେଳେ ଭାସି ଯାଇଥିଲେ। ବରୀ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ପାଇ ନ ଥିଲେ। ଗୁରୁବାର ସକାଳେ ଉଭୟଙ୍କ ମୃତଦେହ ଗଙ୍ଗାଧରପୁର ବିଦ୍ୟାଳୟ ନିକଟରେ ଭାସୁଥିବା ଲୋକେ ଦେଖିଥିଲେ। ସରପଞ୍ଚ ପ୍ରବୋଧ ଜେନା, ସାମାଜିକ କର୍ମୀ ବିଜୟ ଜେନା ଓ ସ୍ଥାନୀୟ ଯୁବକମାନେ ମୃତଦେହ ୨ଟିକୁ ଉଦ୍ଧାର କରି ବରୀ ରାମଚନ୍ଦ୍ରପୁର ପୋଲିସକୁ ଖବର ଦେଇଥିଲେ। ଏହାପରେ ବରୀ ତହସିଲଦାର ମାନସ ରଞ୍ଜନ ଭୋଇ, ଥାନା କର୍ମଚାରୀମାନେ ପହଞ୍ଚିଥିଲେ। ତହସିଲଦାରଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ୨ଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଅନ୍ୟପକ୍ଷରେ ବାପ,ପୁଅଙ୍କ ଅକାଳ ବିୟୋଗକୁ ଗ୍ରାମବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଉଭୟଙ୍କ ମୃତ୍ୟୁ ଖବର ପାଇ ବିଧାୟିକା ସୁନନ୍ଦା ଦାସ, ବ୍ଲକ ବିଜେଡି ସଭାପତି କେଦାର ସାମଲ, ବ୍ଲକ୍ ଯୁବ ବିଜେଡି ସଭାପତି ରଞ୍ଜନ ପଣ୍ଡା, ୨୧ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ବାଲିଆ ସମିତିସଭ୍ୟ ପ୍ରଦୀପ ଘଡ଼ାଇ, ଅଭିନ୍ନ ଜେନା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ତହସିଲଦାର ମୃତକଙ୍କ ପରିବାରକୁ ଭେଟି ଉକ୍ତ ସହାୟତା ରାଶି ପ୍ରଦାନ କରିଛନ୍ତି।

# ବନ୍ୟା ପାଣିରେ ଭାସି ଜଣେ ମୃତ

ତିର୍ତ୍ତୋଲ,୧୬।୯(ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ନିକଟ ତାଳଦଣ୍ଡା କେନାଲ ଆରପଟେ ଥିବା ପାଳନ୍ଦାରେ ବନ୍ୟାପାଣିରେ ଭାସିଯିବାରୁ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉମେଶ ମାହୋତ (୪୮)। ତାଙ୍କ ଘର ବିହାର ରାଜ୍ୟରେ ହୋଇବେଳେ ତିର୍ତ୍ତୋଲର ଜଡତିରା ଗ୍ରାମରେ ଦୀର୍ଘ ବର୍ଷ ହେବ ପରିବାର ସହ ରହୁଥିଲେ। ଓଡ୍ରାଫ ଟିମ୍ ଦ୍ୱାରା ଗୁରୁବାର ତାଙ୍କ ମୃତଦେହ ଠାବ କରାଯାଇ ବ୍ୟବଚ୍ଛେଦ ନିମନ୍ତେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଯାଇଛି। ଉମେଶ ଟ୍ରକ ଚାଳକ ଭାବେ କାର୍ଯ୍ୟ କରନ୍ତି। ସେ ବୁଧବାର ଶୌଚ ହେବା ନିମନ୍ତେ କେନାଲର ଅପରପାର୍ଶ୍ୱରେ ଥିବା ମହାନଦୀପଠାର ପାଳନ୍ଦାକୁ ଯାଉଥିବାବେଳେ ପାଣିର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଏନେଇ ଥାନାରେ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ଅପମୃତ୍ୟୁ ମାମଲା (ନଂ.୩୪/୨୧) ରୁଜୁ ହୋଇଛି।

# ହାଇକୋର୍ଟରେ ମାମଲା ଦାଏର

## ଦୁଷ୍ମନ୍ତ ଦାସ ଆତ୍ମହତ୍ୟା ଘଟଣା

କଟକ ଅଫିସ,୧୬।୯

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଧୀନ ପଙ୍କପାଳ ଗ୍ରାମର ଦୁଷ୍ମନ୍ତ ଦାସ ଆତ୍ମହତ୍ୟା ଘଟଣାକୁ ନେଇ ଗୁରୁବାର ହାଇକୋର୍ଟରେ ମାମଲା ଦାଏର ହୋଇଛି। ଏହି ଘଟଣାରେ ହାଇକୋର୍ଟ ହସ୍ତକ୍ଷେପ କରି ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ(ଏସ୍‌ଆଇଟି) କିମ୍ବା କୌଣସି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଦ୍ୱାରା ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଆଇନଜୀବୀ ପଦ୍ମାଳୟା ମହାପାତ୍ର ନିବେଦନ କରିଛନ୍ତି। ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଶାସନ ସଚିବ, ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ଅଧୀକ୍ଷକ, କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ, ପୋଲିସ କମିଶନର, କ୍ୟାପିଟାଲ ଓ ମଙ୍ଗଳାବାଗ ଥାନା ପୋଲିସକୁ ପକ୍ଷଭୁକ୍ତ କରାଯାଇଛି।

ମାମଲା ବିବରଣୀରୁ ପ୍ରକାଶ, ଦୁଷ୍ମନ୍ତ ୨୦୨୦ ମାର୍ଚ୍ଚ ୨୨ରେ ସଡ଼କ ଦୁର୍ଘଟଣାର ଶିକାର ହେବାରୁ ଗୋଡରେ ଗଭୀର ଆଘାତ ଲାଗିଥିଲା। ଚିକିତ୍ସାଲାଗି ତାଙ୍କୁ ୨୩ ତାରିଖରେ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପ୍ଲାଷ୍ଟିକ ସର୍ଜରି ବିଭାଗରେ ଭର୍ତ୍ତି କରାଯାଇଥିଲା। ସେ ଜୁଲାଇ ୧୫ରେ ମେଡିକାଲରୁ ଡିସ୍‌ଚାର୍ଜ ହୋଇଥିବାବେଳେ ତାଙ୍କର ୨ଥର ଅସ୍ତ୍ରୋପଚାର କରାଯାଇଥିଲା। ବାରମ୍ବାର ସେ ଏସ୍‌ସିବି ମେଡିକାଲ ଯାଇଥିବାବେଳେ ତାଙ୍କୁ ମେଡିକାଲ କର୍ତ୍ତୃପକ୍ଷ ଫିଜିଓଥେରାପି ସହ ଔଷଧ ଖାଇବାକୁ ପରାମର୍ଶ ଦେଇଥିଲେ। ହେଲେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ଉଚ୍ଚସ୍ତରୀୟ ହସ୍ପିଟାଲକୁ ରେଫର କରାଯାଇ ନ ଥିଲା। ସେ ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବାକୁ ଯାଇ ନିରାଶ ହୋଇଥିଲେ। ତାଙ୍କ ବାମ ଗୋଡର ଚିକିତ୍ସା ଭୁଲ୍‌ବଶତଃ କରାଯାଇଥିବାନେଇ ସେ ଗତ ଜୁଲାଇ ୨୦ରେ ସ୍ୱାସ୍ଥ୍ୟ ବିଭାଗକୁ ପତ୍ର ଲେଖିଥିଲେ। ଏହି ପତ୍ର ଜଗତ୍‌ସିଂହପୁର ଜିଲାପାଳ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ନିକଟକୁ ପଠାଇଥିଲେ। ଅନ୍ୟପକ୍ଷରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୨ଟି ହସ୍ପିଟାଲ ମାଗଣା ଚିକିତ୍ସା ଯୋଗାଇଦେବାକୁ ମନା କରିଥିଲେ। ସେ ପୁଣି ଗତ ଅଗଷ୍ଟ ୧୬ରେ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସା ଯୋଗାଇ ଦିଆଯାଇ ନ ଥିବା ସେ ଅଭିଯୋଗ କରିଥିଲେ। ଅଗଷ୍ଟ ୩୧ରେ ସେ ଟୁଇଟ୍ ଯୋଗେ ଅଭିଯୋଗ କରିଥିଲେ। ଗତ ୬ ତାରିଖରେ ଦୁଷ୍ମନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେଉ ନ ଥିବାରୁ ତାଙ୍କୁ ଏସ୍‌ସିବି ମେଡିକାଲ ପକ୍ଷରୁ ଏମ୍‌ସକୁ ରେଫର କରାଯାଇଥିଲା। ଗତ ୮ ତାରିଖରେ ସେ ବିଧାନସଭା ନିକଟରେ ବିଷ ପିଇବା ସହ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଚିକିତ୍ସାଲାଗି ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପରେ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଭିଜିଲାନ୍ସ ଜାଲରେ ଉଠାଜଳସେଚନ କନିଷ୍ଠ ଯନ୍ତ୍ରୀ

ଆସିକା,୧୬।୯(ଡି.ଏନ.ଏ.)

ଆସିକା ଉଠା ଜଳସେଚନ ସବ୍‌ଡିଭିଜନରେ କର୍ତ୍ତବ୍ୟରତ କନିଷ୍ଠ ଯନ୍ତ୍ରୀ ଈଶ୍ୱର ଦାସ ଗୁରୁବାର ଭିଜିଲାନ୍ସ ଜାଲରେ ପଡିଛନ୍ତି। ଜଣେ ଠିକାଦାରଙ୍କଠାରୁ ୫୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ବ୍ରହ୍ମପୁରସ୍ଥିତ ଭିଜିଲାନ୍ସ ବିଭାଗ ତାଙ୍କୁ କାବୁ କରିଥିଲା। ବୁଗୁଡା ଅଞ୍ଚଳରେ ଉଠା ଜଳସେଚନ ବିଭାଗର ନିର୍ମାଣ ଓ ବିଦ୍ୟୁତୀକରଣ କାର୍ଯ୍ୟ କରିଥିବା ଆଖଣ୍ଡଳମଣି ଇଲେକ୍ଟ୍ରିକାଲ ଏଣ୍ଡ କନଷ୍ଟ୍ରକଶନ ସଂସ୍ଥାର ବକେୟା ଥିବା ୪୦ ଲକ୍ଷ ଟଙ୍କାର ବିଲ୍ କରିବା ଲାଗି ଏହି ଲାଞ୍ଚ ନେଉଥିଲେ। ଗୁରୁବାର ଭିଜିଲାନ୍ସର ୬ଜଣିଆ ଟିମ୍ ତାଙ୍କ ଆସିକା କାର୍ଯ୍ୟାଳୟକୁ ଆସି କାଗଜପତ୍ର ଯାଞ୍ଚ କରିଥିଲେ। ଭିଜିଲାନ୍ସ ବିଭାଗ ପକ୍ଷରୁ ଆସିକା ସମେତ ଗଞ୍ଜାମ ଜିଲାର ୩ ସ୍ଥାନରେ ମଧ୍ୟ ଯାଞ୍ଚ କରାଯାଇଥିବା ଖବର ମିଳିଛି।

# ଗଣେଶପୂଜା ଭୋଜି ଖାଇ ୧୪୬ ଅସୁସ୍ଥ



ଆକ୍ରାନ୍ତ ବ୍ୟକ୍ତି ଚିକିତ୍ସିତ ହେଉଛନ୍ତି।

କାଶୀନଗର,୧୬।୯(ଡି.ଏନ.ଏ.)

ଗଜପତି ଜିଲା କାଶୀନଗର ବ୍ଲକ କିଡିଗାଁ ଗ୍ରାମରେ ବୁଧବାର ଗଣେଶ ପୂଜା ଉପଲକ୍ଷେ ଅନ୍ନ ଭୋଜି ଆୟୋଜିତ ହୋଇଥିଲା। ଉକ୍ତ ଗ୍ରାମର ପ୍ରାୟ ୪୦୦ ଲୋକ ପ୍ରସାଦ ସେବନ କରିଥିଲେ। ଗତ ରାତିରୁ ସମସ୍ତ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କାଶୀନଗର ଡାକ୍ତରଖାନାରେ ୪୬ ଜଣ ଚିକିତ୍ସିତ ହେଉଛନ୍ତି। ଖବର ପାଇ କାଶୀନଗର ମେଡିକାଲ ଅଫିସର ଜିଲା ମେଡିକାଲ ଟିମ୍ ସହ ଉକ୍ତ ଗ୍ରାମରେ ପହଞ୍ଚି ୧୪୬ ଜଣଙ୍କୁ ଚିକିତ୍ସା କରିଛନ୍ତି। ଅନ୍ୟ ଗ୍ରାମର କେତେକ ଆକ୍ରାନ୍ତ ବ୍ୟକ୍ତି ଗୁଣୁପୁରଠାରେ ଚିକିତ୍ସାଧୀନ ଅଛନ୍ତି। ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଖଟା ଅନ୍ନ ଯୋଗୁ ଖାଦ୍ୟରେ ବିଷକ୍ରିୟା ହେବାରୁ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି।

# ମାଓବାଦୀ-ପୋଲିସ ଗୁଳି ବିନିମୟ



ଜବତ ମାଓବାଦୀ ସାମଗ୍ରୀ।

ମାଲକାନଗିରି,୧୬।୯(ଡି.ଏନ୍.ଏ.)

କୋମ୍ବିଂ ଅପରେଶନ ବେଳେ ଗୁରୁବାର ମାଲକାନଗିରି ପୋଲିସର ମାଓବାଦୀଙ୍କ ସହ ଗୁଳି ବିନିମୟ ହୋଇଛି। ଏହି ସମୟରେ ପୋଲିସ ବହୁ ମାଓବାଦୀଙ୍କ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଜବତ କରିଛି। ଘଟଣାସ୍ଥଳରୁ ଗୋଟିଏ ଥ୍ରି ନଟ୍ ଥ୍ରି ବନ୍ଧୁକ, ଗୋଟିଏ ମାଗାଜିନ, ୪ ଡେଟୋନେଟର, ୬ ରାଉଣ୍ଡ ଗୁଳି, ୨ ୱାକିଟକି, ୨ ରିମୋଟ, ୪ ମାଓବାଦୀ ପୋଷାକ, ଗୋଟିଏ ୱେଲ୍‌ଡିଂ ମେଶିନ, ୧୧ କିଟ୍ ବ୍ୟାଗ୍ ସହ ନିତ୍ୟବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ହିଂସା ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଆତ୍ମସମର୍ପଣ କରିବାକୁ ମାଲକାନଗିରି ଏସ୍‌ପି ପ୍ରହଲ୍ଲାଦ ସହାଇ ମୀନା ମାଓବାଦୀଙ୍କୁ ଆହ୍ୱାନ ଦେଇଛନ୍ତି। ଆତ୍ମସମର୍ପଣକାରୀଙ୍କୁ ରାଜ୍ୟ ସରକାରଙ୍କ ଥଇଥାନ ନୀତି ଅନୁସାରେ ସମସ୍ତ ସୁବିଧା ମିଳିବ ବୋଲି ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି କହିଛନ୍ତି। ମଙ୍ଗଳବାର କୋରାପୁଟ ଜିଲା ପୋଲିସ ଦୁଇ ହାର୍ଡକୋର ମାଓବାଦୀ ଦୁବାସୀ ଶଙ୍କର ଓ ମହେନ୍ଦ୍ରଙ୍କୁ ଗିରଫ କରିଥିଲା। ଏମାନଙ୍କୁ ଜେରା ସମୟରେ କୁମାଖାରୀ ଓ ବଦଲି ପାହାଡ଼ରେ ଆନ୍ଧ୍ର-ଓଡ଼ିଶା ଜୋନାଲ କମିଟି ଇନ୍‌ଚାର୍ଜ ମାଓବାଦୀ ସୁରେଶ ସୁରାନାଙ୍କ ନେତୃତ୍ୱରେ ମାଓବାଦୀଙ୍କ ଏକ କ୍ୟାମ୍ପ ଚାଲିଥିବା ସୂଚନା ମିଳିଥିଲା। ଏହାକୁ ଭିତ୍ତିକରି ବିଏସ୍‌ଏଫ୍, ଏସ୍‌ଓଜି, ଡିଭିଏଫ୍ ସହ ମାଲକାନଗିରି ପୋଲିସ ବୈପାରିଗୁଡ଼ା ଥାନା ଅଞ୍ଚଳରେ ମିଳିତ କୋମ୍ବିଂ ଅପରେଶନ କରିଥିଲା। ଏହି ସମୟରେ କୁମିଖାରୀ ଓ ବଦଲି ଜଙ୍ଗଲରେ ମାଓବାଦୀଙ୍କ ସହ ପୋଲିସର ଗୁଳି ବିନିମୟ ହୋଇଥିଲା।

# ବ୍ୟାଡ୍ ବ୍ୟାଙ୍କ ପାଇଁ ୩୦ ହଜାର କୋଟିର ଗ୍ୟାରେଣ୍ଟି

ନୂଆଦିଲ୍ଲୀ,୧୬।୯

ଦେଶ ମଧ୍ୟରେ ଅନାଦାୟ ସମ୍ପତ୍ତି (ଏନ୍‌ପିଏ) ସମାଧାନ ଲାଗି ବ୍ୟାଡ୍ ବ୍ୟାଙ୍କ ସ୍ଥାପନା ପ୍ରକ୍ରିୟା ଆଉ ପାଦେ ଆଗେଇଛି। ଏଭଳି ଏକ ବ୍ୟାଙ୍କ ପାଇଁ ସରକାର ୩୦,୬୦୦ କୋଟି ଟଙ୍କାର ସୋଭରେନ ଗ୍ୟାରେଣ୍ଟି ଯୋଗାଇଦେବେ। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଗୁରୁବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏକ ଖବରଦାତା କାର୍ଯ୍ୟକ୍ରମରେ ଏ ନେଇ ସ୍ପଷ୍ଟ କରିଛନ୍ତି।

ସୀତାରାମନ କହିଛନ୍ତି, ପ୍ରସ୍ତାବିତ ବ୍ୟାଡ୍ ବ୍ୟାଙ୍କ ବିଭିନ୍ନ ବ୍ୟାଙ୍କର ଏନ୍‌ପିଏ ଅଧିଗ୍ରହଣ କ୍ଷେତ୍ରରେ ସିକ୍ୟୁରିଟି ରିସିପ୍ଟ ପ୍ରଦାନ କରିବ। ସେ କ୍ଷେତ୍ରରେ ଏଭଳି ଗ୍ୟାରେଣ୍ଟି ଅର୍ଥ ବ୍ୟବହାର କରାଯିବ। ଏନ୍‌ପିଏ ରିଜୋଲ୍ୟୁଶନ ପାଇଁ ସରକାର ନ୍ୟାଶନାଲ ଆସେଟ ରିକନଷ୍ଟ୍ରକଶନ କମ୍ପାନୀ(ଏନ୍‌ଏଆର୍‌ସିଏଲ୍) ସ୍ଥାପନ କରିବାକୁ ଯୋଜନା ରଖିଛନ୍ତି। ରିଜର୍ଭ ବ୍ୟାଙ୍କ ଏଥିଲାଗି ନିୟମାବଳୀ ଧାର୍ଯ୍ୟ କରିଛି। ପର୍ଯ୍ୟାୟ ଭିତ୍ତିରେ ଏହା ବ୍ୟାଙ୍କଗୁଡିକର ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ଅଧିଗ୍ରହଣ କରିବା ସହ ଏହାର ସମାଧାନ ଏବଂ ଲିକ୍ୟୁଡେଶନ କରିବ। ଏନ୍‌ଏଆର୍‌ସିଏଲ୍ ବ୍ୟାଙ୍କଗୁଡ଼ିକୁ ଋଣ ଭାଲ୍ୟୁର ୧୫% କ୍ୟାଶ ଏବଂ ବଳକା ୮୫% ସରକାରଙ୍କ ଦ୍ୱାରା ଗ୍ୟାରେଣ୍ଟି ସିକ୍ୟୁରିଟି ରିସିପ୍ଟରୁ ପ୍ରଦାନ କରିବ। ସରକାର ଦେଉଥିବା ଗ୍ୟାରେଣ୍ଟି ୫ ବର୍ଷ ଯାଏ ବୈଧ ରହିବ। ଏନ୍‌ଏଆର୍‌ସିଏଲ୍ ଅଧୀନକୁ ଆସୁଥିବା ଏନ୍‌ପିଏ ସମ୍ପତ୍ତି ୫ ବର୍ଷ ମଧ୍ୟରେ ସମାଧାନ କରାଯିବ। ବ୍ୟାଡ୍ ଲୋନ୍‌ର ରିଜୋଲ୍ୟୁଶନ କିମ୍ବା ଲିକ୍ୟୁଡେଶନ ହେଲା ପରେ ବ୍ୟାଡ୍ ବ୍ୟାଙ୍କ କିମ୍ବା ଏଏଆର୍‌ସି ଗ୍ୟାରେଣ୍ଟି ଅର୍ଥ ପାଇପାରିବେ ବୋଲି ନିୟମ ରହିଛି। ଏନ୍‌ଏଆର୍‌ସିଏଲ୍‌ରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ନିକଟରେ ୫୧% ମାଲିକାନା ରହିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ୯୦ ହଜାର କୋଟି ଟଙ୍କାର ଚାପଗ୍ରସ୍ତ ସମ୍ପତ୍ତି ଏନ୍‌ଏଆର୍‌ସିଏଲ୍ ପରିସରକୁ ଆସିବା ନେଇ ଆକଳନ କରାଯାଇଛି। ବଳକା ଏନ୍‌ପିଏ ଦ୍ୱିତୀୟ ପର୍ଯ୍ୟାୟରେ ଏହି କମ୍ପାନୀ ପରିସରକୁ ଆସିବ। ସେହିଭଳି ଆସିବାକୁ ଥିବା ଇଣ୍ଡିଆ ଡେଟ୍ ରିଜୋଲ୍ୟୁଶନ କମ୍ପାନୀ ଲିମିଟେଡ୍ (ଆଇଡିଆର୍‌ସିଏଲ୍) ସର୍ଭିସ କମ୍ପାନୀ ଏବଂ ପରିଚାଳନା ସଂସ୍ଥା ଭାବେ ସମ୍ପତ୍ତି ପରିଚାଳନା ଏବଂ ମାର୍କେଟ ପ୍ରଫେସନାଲଙ୍କୁ ନିୟୋଜିତ କରି ଏନ୍‌ପିଏ ସମାଧାନ ଦିଗରେ କାମ କରିବ। ଏଥିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ଆର୍ଥିକ ସଂସ୍ଥାଙ୍କର ସର୍ବାଧିକ ୪୯% ଅଂଶଧନ ରହିବ। ବର୍ତ୍ତମାନ ଘରୋଇ କ୍ଷେତ୍ରରେ ଅନେକ ଆସେଟ୍ କନ୍‌ଷ୍ଟ୍ରକଶନ କମ୍ପାନୀ ରହିଛନ୍ତି। ମାତ୍ର ବଡ ଧରଣର ଏନ୍‌ପିଏ ଲାଗି ସେମାନେ ରିସ୍କ ନେବାକୁ ଚାହୁଁନାହାନ୍ତି। ବର୍ତ୍ତମାନ ଘୋଷଣା ହୋଇଥିବା ସରକାରଙ୍କ ସିକ୍ୟୁରିଟି ରିସିପ୍ଟ ବ୍ୟାଡ୍ ବ୍ୟାଙ୍କକୁ ଏଭଳି ଚ୍ୟାଲେଞ୍ଜ ନେବାକୁ ଉତ୍ସାହିତ କରିବ। ସମାଧାନ ପ୍ରକ୍ରିୟା ୫ ବର୍ଷରୁ ଅଧିକ ହେଲେ ଗ୍ୟାରେଣ୍ଟି ବ୍ୟବହାର କରାଯାଇପାରିବ ନାହିଁ। ଦେଶର ବ୍ୟାଙ୍କିଙ୍ଗ୍ ସିଷ୍ଟମକୁ ଉଠାଇବାରେ ଏହା ସହାୟକ ହେବ ବୋଲି ସୀତାରାମନ ସ୍ପଷ୍ଟ କରିଛନ୍ତି।

### ବ୍ୟାଡ୍ ବ୍ୟାଙ୍କ କ’ଣ

ବ୍ୟାଡ୍ ବ୍ୟାଙ୍କ ଏଭଳି ଏକ ସଂସ୍ଥା ଯାହା ବ୍ୟାଙ୍କଗୁଡ଼ିକ ନିକଟରୁ ଏନ୍‌ପିଏ କ୍ରୟ କରିଥାଏ। ଏହାର ସମାଧାନ ଦ୍ୱାରା ଅଧିକ ଅର୍ଥ ଅସୁଲ କରିବାକୁ ଏହା ପ୍ରୟାସ କରିଥାଏ। ଏଭଳି ପ୍ରୟାସ ଆଧାରରେ ୨୦୨୧-୨୨ ସାଧାରଣ ବଜେଟରେ ଅର୍ଥମନ୍ତ୍ରୀ ସୀତାରାମନ ଆସେଟ ରିକନ୍‌ଷ୍ଟ୍ରକଶନ (ଏଆର୍‌ସି) ଏବଂ ଆସେଟ ମ୍ୟାନେଜମେଣ୍ଟ କମ୍ପାନୀ(ଏଏମ୍‌ସି) ସ୍ଥାପନା ସମ୍ପର୍କରେ ଘୋଷଣା କରିଥିଲେ। ଇଣ୍ଡିଆନ ବ୍ୟାଙ୍କ ଆସୋସିଏଶନ(ଆଇବିଏ)ର ପ୍ରସ୍ତାବ ଆଧାରରେ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକର ଏନ୍‌ପିଏ ଖାତା ସ୍ୱଚ୍ଛ କରିବାକୁ ଲକ୍ଷ୍ୟ ରଖାଯାଇଛି। ଚାପଗ୍ରସ୍ତ ସମ୍ପତ୍ତିର ପରିଚାଳନା, ସମାଧାନ, ବିକ୍ରି ଏବଂ ସମ୍ପତ୍ତି କ୍ରୟ ଲାଗି ଠିକ୍ ବ୍ୟକ୍ତି ବିଶେଷଙ୍କୁ ବାଛିବା ଭଳି କାମ ଏହି କମ୍ପାନୀ କରିବ।

**ଆଜିର ମନ୍ତବ୍ୟ**

“ନନ୍ଦିଗ୍ରାମକୁ ଆସି ଭାଜପା ପାକିସ୍ତାନ କଥା କହୁଛି। ଆମେ ଭାରତକୁ ପାକିସ୍ତାନ କିମ୍ବା ତାଲିବାନ୍ ହେବାକୁ ଦେବୁ ନାହିଁ।

–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସୁଟୁନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ପ୍ରଥମ ପୃଷ୍ଠାରୁ...

## ଚାଇନାକୁ ଘେରିବା...

ଟାର୍ଗେଟ କରି ଭିନ୍ନ ବ୍ଲକ୍ ଗଠନ କରିବା ଅନୁଚିତ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଓ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍ ବୁଧବାର ଏହି ମହତ୍ତ୍ୱାକାଂକ୍ଷୀ ନିରାପତ୍ତା ପଦକ୍ଷେପ ନେଇ ଏକ ମିଳିତ ବିବୃତିରେ ଘୋଷଣା କରିଛନ୍ତି। ଏହି ଅବସରରେ ବାଇଡେନ୍ ହ୍ୱାଇଟ୍ ହାଉସ୍‌ର ଇଷ୍ଟ୍ ରୁମ୍‌ରେ ଭିଡିଓ କନ୍‌ଫରେନ୍ସ ଜରିଆରେ ନୂଆ ତ୍ରିପାକ୍ଷିକ ମେଣ୍ଟ ‘ଅକସ୍’ ଗଠନର ଶୁଭାରମ୍ଭ କରିଛନ୍ତି। ଏହି ଐତିହାସିକ ପଦକ୍ଷେପ ଇଣ୍ଡୋ-ପାସିଫିକ୍ କ୍ଷେତ୍ରରେ ସ୍ଥିରତାକୁ ଦୀର୍ଘକାଳୀନ ପ୍ରୋତ୍ସାହନ ଦେବା ସହ ୩ ରାଷ୍ଟ୍ରର ସ୍ୱାର୍ଥରକ୍ଷାରେ ସହାୟକ ହେବ। ଆମେରିକା, ଅଷ୍ଟ୍ରେଲିଆ ଓ ବ୍ରିଟେନ ଦୀର୍ଘ ସମୟ ଧରି ବିଶ୍ୱସ୍ତ ଓ ସମର୍ଥ ସହଯୋଗୀ ରହିଆସିଥିବାବେଳେ ପାରସ୍ପରିକ ସହଯୋଗିତାକୁ ଆହୁରି ମଜଭୁତ କରିବା ପାଇଁ ଆମେ ଆଗେଇ ଆସିଛୁ ବୋଲି ବାଇଡେନ୍ କହିଛନ୍ତି। ସେପ୍ଟେମ୍ବର ୨୪ରେ ୱାଶିଂଟନରେ ବାଇଡେନ୍ କ୍ୱାଡ୍ ନେତାମାନଙ୍କ ସହ ବୈଠକ କରିବାର ସପ୍ତାହେ ପୂର୍ବରୁ ଅକସ୍ ଗଠନ କରାଯାଇଛି। କ୍ୱାଡ୍ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍ ଓ ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଦେ ସୁଗା ଯୋଗଦେବେ।

ଅକସ୍ ମେଣ୍ଟ ଅଧୀନରେ ୩ ରାଷ୍ଟ୍ର ମିଳିତ ସାମର୍ଥ୍ୟ ଓ ଟେକ୍ନୋଲୋଜି ଆଦାନପ୍ରଦାନକୁ ତ୍ୱରାନ୍ୱିତ କରିବେ। ଏଠାରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉକ୍ତ ଚୁକ୍ତି ଅନୁସାରେ ଅଷ୍ଟ୍ରେଲିଆ ପାଖରେ ପ୍ରଥମ ଥର ପାଇଁ ଆଣବିକ ଶକ୍ତିଚାଳିତ ବୁଡ଼ାଜାହାଜ ରହିବ। ଅଷ୍ଟ୍ରେଲିଆ ପରମାଣୁ ଅପ୍ରସାର ଚୁକ୍ତି ସପକ୍ଷବାଦୀ। ଉକ୍ତ ରାଜିନାମା ପରେ ମଧ୍ୟ ଅଷ୍ଟ୍ରେଲିଆ ଏକ ଅଣଆଣବିକ ରାଷ୍ଟ୍ର ଭାବେ ନିଜ ଦାୟିତ୍ୱ ତୁଲାଇବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏପରି ବୁଡ଼ାଜାହାଜ ପାଇବା ପରେ ଅଷ୍ଟ୍ରେଲିଆ ବିଶ୍ୱର ସେହି ୭ ଦେଶର ତାଲିକାରେ ସାମିଲ ହୋଇଯିବ, ଯାହାଙ୍କ ପାଖରେ ଆଣବିକ ଶକ୍ତିଚାଳିତ ବୁଡ଼ାଜାହାଜ ରହିବ। ଏହା ପୂର୍ବରୁ ଆମେରିକା, ବ୍ରିଟେନ୍, ଫ୍ରାନ୍ସ, ଚାଇନା, ଭାରତ ଓ ରୁଷିଆ ପାଖରେ ଏହି ଟେକ୍ନିକ ରହିଛି। ଏହି ବୁଡ଼ାଜାହାଜର ତୀବ୍ରତା ପାରମ୍ପରିକ ଭାବେ ଚାଳିତ ସବ୍-ମରିନ୍ ତୁଳନାରେ ଅଧିକ। ସମୁଦ୍ର ଭିତରେ ଏହାକୁ ଠାବ କରିବା କଠିନ। ଅତଳ ଗଭୀର ପାଣିରେ ଏହା ମାସ ମାସ ଧରି ରହିପାରିବ। ବହୁ ଦୂରରୁ ମିଶାଇଲକୁ ଲକ୍ଷ୍ୟଭେଦ କରିପାରିବ। ବିଗତ ୫୦ ବର୍ଷ ମଧ୍ୟରେ ଆମେରିକା ନିଜ ସବ୍-ମରିନ୍ ଟେକ୍ନୋଲୋଜି ବ୍ରିଟେନ ବ୍ୟତୀତ ଅନ୍ୟ କୌଣସି ରାଷ୍ଟ୍ରକୁ ଦେଇ ନାହିଁ। ତେଣୁ ଏହାକୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।

## ମହାକାଶ ଗଲେ ୪...

ତାହା ସ୍ପେସ୍‌ଏକ୍ସ ପକ୍ଷରୁ ସାର୍ବଜନୀନ କରାଯାଇନାହିଁ। ରକେଟ୍ ଲଞ୍ଚ ହେବା ପରେ ପ୍ରଥମ ପର୍ଯ୍ୟାୟରେ ପୁନଃବ୍ୟବହାରଯୋଗ୍ୟ ବୁଷ୍ଟର ସ୍ପେସ୍‌କ୍ରାଫ୍ଟରୁ ଅଲଗା ହୋଇ ପୃଥିବୀ ପୃଷ୍ଠକୁ ଫେରିଆସିଥିଲା। ପରେ ସ୍ପେସ୍‌କ୍ରାଫ୍ଟ ପୃଥିବୀ ପୃଷ୍ଠରୁ ୧୨୫ ମାଇଲ (୨୦୦ କି.ମି.) ଦୂରକୁ ଯାତ୍ରା କରିଥିଲା। ପ୍ରାୟ ୩ ଘଣ୍ଟା ମଧ୍ୟରେ କ୍ୟାପ୍‌ସୁଲ୍‌ଟି ୫୭୫ କିଲୋମିଟର ଉପରେ ପୃଥିବୀର କକ୍ଷପଥରେ ପହଞ୍ଚିଯାଇଥିଲା। ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନ(ଆଇଏସ୍‌ଏସ୍) ଠାରୁ ମଧ୍ୟ ଅଧିକ ଉଚ୍ଚକୁ ଏହି ସ୍ପେସ୍‌କ୍ରାଫ୍ଟ ଛୁଇଁଛି। ଏପରି କି ହବଲ ଟେଲିସ୍କୋପ୍ ଏବଂ ୧୯୭୨ରେ ନାସାର ଆପୋଲୋ ଚନ୍ଦ୍ର ମିଶନ ପରଠାରୁ ଏତେ ଉଚ୍ଚତାକୁ ଯାତ୍ରା କରିବାରେ ଏହା ପ୍ରଥମ ବୋଲି ସ୍ପେସ୍‌ଏକ୍ସ ପକ୍ଷରୁ ଦାବି କରାଯାଇଛି। ୩ ଦିନ ଧରି ପୃଥିବୀ ଚାରିପଟେ ବୁଲିବା ପରେ ୪ ମହାକାଶଯାତ୍ରୀ ଫ୍ଲୋରିଡାରେ ଅବତରଣ କରିବେ। ପୂର୍ବରୁ ଅଳ୍ପ କେତେଜଣ ଯାଇଛନ୍ତି ଏବଂ ଆଗକୁ ଅନେକେ ମହାକାଶ ଯାତ୍ରାର ଅନୁଭୂତି ପାଇଁ ଏହାକୁ ଅନୁସରଣ କରିବେ ବୋଲି ଆଇଜାକ୍‌ମ୍ୟାନ କହିଛନ୍ତି।

ପ୍ରକାଶ ଯେ, ପାଶ୍ଚାତ୍ୟର ଅରବପତିଙ୍କ ମଧ୍ୟରେ ମହାକାଶ ପର୍ଯ୍ୟଟନକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହେବାରେ ଲାଗିଛି। ଏହା ପୂର୍ବରୁ ଜୁଲାଇ ୧୧ରେ ଏଲନ ମସ୍କଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ବ୍ରିଟିଶ ବିଲିଅନେୟର ରିଚାର୍ଡସନ୍‌ଙ୍କ ଭର୍ଜିନ ଗାଲାକ୍ଟିକ୍ ସ୍ପେସ୍‌କ୍ରାଫ୍ଟ ମହାକାଶକୁ ଯାଇଥିଲା। ଜୁଲାଇ ୨୦ରେ ଆମାଜନ୍ ପ୍ରତିଷ୍ଠାତା ଜେଫ୍ ବେଜୋସ୍‌ଙ୍କ ବ୍ଲୁ ଅରିଜିନ୍ କମ୍ପାନୀର ପ୍ରାଇଭେଟ୍ ସ୍ପେସ୍‌କ୍ରାଫ୍ଟ ମହାକାଶ ପର୍ଯ୍ୟଟନ ଆରମ୍ଭ କରିସାରିଛି। ତେବେ ସାଧାରଣ ନାଗରିକଙ୍କୁ ସ୍ପେସ୍ ବୁଲାଇ ନେବାରେ ସ୍ପେସ୍‌ଏକ୍ସ ପ୍ରଥମ। ଏହା ବ୍ୟତୀତ ଭର୍ଜିନ ଗାଲାକ୍ଟିକ୍ ଏବଂ ବ୍ଲୁ ଅରିଜନ୍ ସ୍ପେସ୍‌କ୍ରାଫ୍ଟ ମାତ୍ର କିଛି ମିନିଟ୍ ମହାକାଶରେ ରହିଥିବାବେଳେ ସ୍ପେସ୍‌ଏକ୍ସ ପ୍ରଥମ ଥର ପାଇଁ ୩ ଦିନିଆ ମିଶନ ପୂରଣ କରିବାକୁ ଯାଉଛି।

## ବାଲେଶ୍ୱରରେ ଏନ୍‌ଆଇଏ...

କୋର୍ଟଚାଲାଣ କରାଯାଇଥିଲା। ସେଠାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଏଭଳି ଏକ ସମ୍ବେଦନଶୀଳ ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମ୍‌ବ୍ରାଞ୍ଚକୁ ଦିଆଯାଇଛି। କ୍ରାଇମ୍‌ବ୍ରାଞ୍ଚ ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ବିଶୋୟୀଙ୍କ ନେତୃତ୍ୱରେ ଏକ ୪ ଜଣିଆ ଏସ୍‌ଆଇଟି ଟିମ୍ ବାଲେଶ୍ୱରରେ ପହଞ୍ଚିଛନ୍ତି। ତାଙ୍କୁ ତଦନ୍ତରେ ସହଯୋଗ କରିବା ପାଇଁ କ୍ରାଇମବ୍ରାଞ୍ଚ ସାଇବର ସେଲ୍‌ର ଜଣେ ଇନ୍ସପେକ୍ଟର ଓ ଜଣେ ସବଇନ୍ସପେକ୍ଟର ଥିବା ବେଳେ ଅନ୍ୟଜଣେ ଅଫିସର ମଧ୍ୟ ସାମିଲ ଅଛନ୍ତି। ଚାନ୍ଦିପୁର ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା(ନଂ.୭୬/୨୦୨୧)କୁ ଏସ୍‌ପି ମିଶ୍ର କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରିଛନ୍ତି। ଘଟଣାର ବିଧିବଦ୍ଧ ତଦନ୍ତ ଭାର ନେବା ପରେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ କି ନାହିଁ ତାହା ପରେ ନିଷ୍ପତ୍ତି ନିଆଯିବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରେ କାମ କରୁଥିବା ୪ଜଣ ଠିକା କର୍ମଚାରୀ ଓ ଡ୍ରାଇଭର ସଚିନ୍ ପାକିସ୍ତାନର ଜଣେ ଯୁବତୀଙ୍କ ସହ ନିୟମିତ ଯୋଗାଯୋଗରେ ରହିବା ସହ ଟଙ୍କା କାରବାର କରୁଥିଲେ। ଆନ୍ତର୍ଜାତିକ କଲ୍ ମାଧ୍ୟମରେ ତଥ୍ୟ ଆଦାନ ପ୍ରଦାନ ହେଉଥିଲା। ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେବା ପରେ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ବହୁ ଟଙ୍କା ଆସୁଥିଲା। ବର୍ଷେ ହେବ ଏହି ଟଙ୍କା କାରବାର ଚାଲିଥିଲା। ଅନ୍‌ଲାଇନ ମାଧ୍ୟମରେ ଟଙ୍କା କାରବାର ହେଉଥିବାରୁ କେତେ ଟଙ୍କା ଆକାଉଣ୍ଟକୁ ଆସିଛି ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ଗିରଫ ଅଭିଯୁକ୍ତମାନେ କ୍ଷେପଣାସ୍ତ୍ର ଘାଟିର କ୍ୟାମ୍ପସ ଭିତରେ ଥିବା ବ୍ୟାଙ୍କରୁ ବିଦେଶୀ ମୁଦ୍ରା କାରବାର କରିଛନ୍ତି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ପାକିସ୍ତାନୀ ଯୁବତୀଙ୍କ ସହ ବସନ୍ତ ବେହେରାଙ୍କ ଅଧିକ ସମ୍ପର୍କ ଥିଲା। ଯୁବତୀଙ୍କ ସହ ହ୍ୱାଟ୍ସଆପ ଭିଡିଓରେ ଭିଡିଓ କଲିଂ ଓ ଚାଟିଂ କରିବା ସହ ଅଶ୍ଳୀଳ ଭିଡିଓ ଚାଟ୍ ହୋଇଥିବା ମଧ୍ୟ ବିଶେଷ ସୂତ୍ରରୁ ଜାଣିବାକୁ ମିଳିଛି।

## ଭିତରକନିକା ଲୋଗୋରୁ...

ପୂରିଛି। ଏହାର ଅବ୍ୟବହିତ ପୂର୍ବରୁ ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି ବୁଧବାର ଏକ ଟ୍ୱିଟ୍ ଯୋଗେ ନୂଆ ଲୋଗୋ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ଲୋଗୋରେ ଭିତରକନିକା ଓ ଓଡ଼ିଶା ଲେଖା ଥିବାବେଳେ ଏଥିରେ ହେନ୍ତାଳ ବଣ, ଡଲ୍‌ଫିନ, ହରିଣ, ମାଛରଙ୍କା, ଅହିରାଜ, କୁମ୍ଭୀର ଆଦିଙ୍କୁ ସ୍ଥାନ ଦିଆଯାଇଛି। ଏପରିକି ଭିତରକନିକାରେ ବାଘ ନ ଥିଲେ ମଧ୍ୟ ବାଘ ପାଦ ଚିହ୍ନ ରହିଛି। ତେବେ ବିଶ୍ୱସ୍ତରରେ ବିରଳ ଅଲିଭ ରିଡ୍‌ଲେଙ୍କୁ ସ୍ଥାନିତ କରାଯାଇ ନାହିଁ। ରାଜ୍ୟ ସରକାର ବିରଳ ପ୍ରଜାତିର ଏହି କଇଁଛଙ୍କ ସୁରକ୍ଷା ପାଇଁ ଉଦ୍ୟମ କରୁଥିବା ବେଳେ ଲୋଗୋରେ ସ୍ଥାନ ନ ପାଇବା ଆଗାମୀଦିନରେ ଏହାର ସଂରକ୍ଷଣ ପ୍ରତି ଆଶଙ୍କା ସୃଷ୍ଟି କରିଛି।

ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ଜନ ଅଧିକାର ମଞ୍ଚ ସଭାପତି ଭୁବନମୋହନ ଜେନା, ପରିବେଶବିତ୍ ଅଧ୍ୟାପକ କ୍ଷୀତିଶ କୁମାର ସିଂହ, ସାମାଜିକ କର୍ମୀ ରାଧାକାନ୍ତ ମହାନ୍ତି ପ୍ରମୁଖ କହିଛନ୍ତି, ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ଜୀବନଚକ୍ର ରହସ୍ୟମୟ। ବିଶ୍ୱରେ ଏହାର ସଂଖ୍ୟା କମ୍। ଇଣ୍ଟରନ୍ୟାଶନାଲ ୟୁନିୟନ ଫର୍ କଞ୍ଜରଭେଟର ଅଫ୍ ନେଚର(ଆଇୟୁସିଏନ୍)ପକ୍ଷରୁ ଏହାର ସଂରକ୍ଷଣକୁ ଗୁରୁତ୍ୱ ଦିଆଯାଇଛି। ସୁଖର କଥା କେନ୍ଦ୍ରାପଡ଼ା ଜିଲା ଭିତରକନିକାସ୍ଥିତ ଗହୀରମଥା ଏହି ପ୍ରଜାତିର କଇଁଛଙ୍କ ଅନ୍ତୁଡ଼ିଶାଳ ହୋଇଥିବାରୁ ଗବେଷକ ଓ ପ୍ରକୃତିପ୍ରେମୀଙ୍କ ଆକର୍ଷଣ ସାଜିଛି। ଗହୀରମଥାରେ ଏମାନଙ୍କ ସମ୍ମେଳନକୁ ଲକ୍ଷ୍ୟ କରାଯାଇ ରାଜ୍ୟ ସରକାର ୧୯୯୭ରେ ଗହୀରମଥା ସାମୁଦ୍ରିକ ଅଭୟାଞ୍ଚଳ ଭାବେ ସଂରକ୍ଷିତ କରିଛନ୍ତି। ସେହିପରି ଏହି କଇଁଛଙ୍କ ସୁରକ୍ଷା ପାଇଁ ୨୦୧୭ ଓ ୨୦୧୮ରେ ମାସ୍କଟ ଭାବେ ବ୍ୟବହାର କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ସୁରକ୍ଷା ପାଇଁ ଜନସାଧାରଣଙ୍କୁ ନିବେଦନ କରିବା ସହ ଖେଳରେ ଓଲିର ବ୍ୟବହାରକୁ ଗୁରୁତ୍ୱ ଦେଇଛନ୍ତି। ଭିତରକନିକାର ଧଳା କୁମ୍ଭୀର ଗୋରୀକୁ ୨୦୧୦ରେ ଜାତୀୟ ଯୁବ ଉତ୍ସବରେ ଓଡ଼ିଶା ସରକାର ମାସ୍କଟ ଭାବେ ବ୍ୟବହାର କରିଥିଲେ। ୨୨ତମ ଏସିଆନ ଆଥେଲେଟିକ୍ସ ଓ ୨୦୧୮ରେ ହକି ଅଲିମ୍ପିକରେ ଓଲିକୁ ମାସ୍କଟ୍ ଭାବେ ବ୍ୟବହାର କରାଯାଇଛି। ସମୁଦ୍ର ତଟକ୍ଷୟ, ଚିଙ୍ଗୁଡ଼ି ଘେରି, ଶିଳ୍ପ ପ୍ରଦୂଷଣ, ଶିକାରୀଙ୍କ ନଜର, ସାମୁଦ୍ରିକ ବୋଟ୍ ଆଦି ସମସ୍ୟାକୁ ଝୁଣ୍ଟୁଥିବା ଏହି ବିରଳ ପ୍ରଜାତିକୁ ଲୋଗୋରେ ନ ରଖିବା କ୍ଷୋଭର ବିଷୟ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ଡ. ପତିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମୋବାଇଲ ନଂ.୯୪୩୭୦୩୭୩୭୦ ଉଠାଇ ନ ଥିଲେ। ଏ ସମ୍ପର୍କରେ ରିଜିଓନାଲ ଚିଫ୍ କଞ୍ଜରଭେଟର ଅଫ୍ ଫରେଷ୍ଟସ୍ (ଆରସିସିଏଫ୍) ମନୋଜ ମହାପାତ୍ର କହିଛନ୍ତି, ଯେକୌଣସି ଲୋଗୋ ସରକାରୀ ସ୍ୱୀକୃତି ପାଇବା ପାଇଁ ପଞ୍ଜୀକରଣ କରାଯାଇଥାଏ। ଏପରି ଲୋଗୋ କେଉଁ ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଛି ଜଣା ନ ଥିବା ସେ କହିଛନ୍ତି।

## ବର୍ଷା ବିଘ୍ନିତ...

ସୁଦ୍ଧା ମୁଣ୍ଡଳୀରେ ପହଞ୍ଚିବ। ଶନିବାର ସକାଳୁ ମଧ୍ୟାହ୍ନ ଭିତରେ ୮ ଲକ୍ଷ କ୍ୟୁସେକ୍ ଜଳ ମୁଣ୍ଡଳୀ ଦେଇ ପ୍ରବାହିତ ହେବ। ମୁଣ୍ଡଳୀରେ ମଧ୍ୟାହ୍ନରେ ପହଞ୍ଚିଲେ ରାତି ସୁଦ୍ଧା ତଳିଆ ଅଞ୍ଚଳରେ ପହଞ୍ଚିବ। କେନ୍ଦ୍ରାପଡ଼ା, ପୁରୀ ଆଦି ଜିଲାରେ ଶନିବାର ରାତିରେ ବନ୍ୟାଜଳ ପ୍ରବାହିତ ହେବ। ଶନିବାର ରାତିରେ ଏକ ଛୋଟ କିମ୍ବା ମଧ୍ୟମ ଧରଣର ବନ୍ୟା ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି। ତେବେ ଏଯାଏ ସେମିତି ଉଦ୍‌ବେଗଜନକ ସ୍ଥିତି ନାହିଁ ବୋଲି କହିଛନ୍ତି ଏସ୍‌ଆରସି। ବୁଧବାର ସୁଦ୍ଧା ହୀରାକୁଦ ଡ୍ୟାମ୍‌ର ୨୪ଟି ଗେଟ୍ ଖୋଲା ଯାଇଥିବା ବେଳେ ଗୁରୁବାର ଆଉ ୪ଟି ଗେଟ୍ ଖୋଲାଯାଇଛି। ଏଥିସହ ଏ ପର୍ଯ୍ୟନ୍ତ ହୀରାକୁଦ ଡ୍ୟାମ୍‌ର ୨୮ଟି ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି। ହୀରାକୁଦରେ ୨୮ଟି ଗେଟ୍ ଖୋଲା ଯାଇଥିଲେ ବି ମୁଣ୍ଡଳୀରେ ସ୍ଥିତି ନିରାପଦ ରହିଛି। ମୁଣ୍ଡଳୀ ବ୍ୟାରେଜର ସମସ୍ତ ଗେଟ୍ ଖୋଲାଯାଇଛି। ଫଳରେ ମୁଣ୍ଡଳୀ ଦେଇ ଏବେ ସାଢ଼େ ୫ ଲକ୍ଷରୁ ୬ ଲକ୍ଷ କ୍ୟୁସେକ୍ ପାଣି ପ୍ରବାହିତ ହେଉଛି।

ଅନ୍ୟପକ୍ଷରେ କଟକ ଜିଲା ମୁଣ୍ଡଳୀଠାରେ ଗୁରୁବାର ସକାଳେ ଜଳସମ୍ପଦ ବିଭାଗ ସଚିବ ଅନୁ ଗର୍ଗ ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି। ହୀରାକୁଦରେ ଅଧିକ ଗେଟ୍ ଖୋଲାଯାଇଥିଲେ ବି ସେ ପାଣି ଆସି ଏଠାରେ ପହଞ୍ଚୁ ପହଞ୍ଚୁ ୧୮ ତାରିଖ ସକାଳ ହୋଇଯିବ। ସେତେବେଳକୁ ଏଠାରୁ ଜଳ ନିଷ୍କାସନ ହୋଇ ସାରିଥିବ। ଏଣୁ ୧୮ ତାରିଖ ସକାଳ ବେଳକୁ ମୁଣ୍ଡଳୀ ବ୍ୟାରେଜ ଦେଇ ୭ ଲକ୍ଷରୁ ସାଢ଼େ ୭ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଧୀରେନ ସାମଲ କହିଛନ୍ତି।

ସମ୍ଭାବ୍ୟ ବନ୍ୟା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି। ୬ ଜିଲାରେ ୩୦ ଓଡ୍ରାଫ୍ ଟିମ୍, ୧୨ ଏନ୍‌ଡିଆରଏଫ୍ ଟିମ୍ ମୁତୟନ କରାଯାଇଛି। ଯବାନମାନେ ରିଲିଫ୍, ଉଦ୍ଧାର ଓ ଥଇଥାନ କାମରେ ନିୟୋଜିତ ହେବେ। ଗତ ୧୪ ତାରିଖରେ ଗୋଟିଏ ଏନ୍‌ଡିଆରଏଫ୍ ଟିମ୍ ଭଦ୍ରକ ଯାଇଥିବା ବେଳେ ଗୁରୁବାର ସକାଳୁ ୩ଟି ଟିମ୍ କେନ୍ଦ୍ରାପଡ଼ା, କଟକ ଓ ପୁରୀ ଯାଇଛନ୍ତି। ପ୍ରତି ଟିମ୍‌ରେ ୨୫ ଜଣ ଲେଖାଏ ଯବାନ ଅଛନ୍ତି। ଏଥିସହିତ ବାଲେଶ୍ୱର ଜିଲାରେ ଥିବା ଏନ୍‌ଡିଆରଏଫ୍ ରାପିଡ୍ ରେସ୍ପନ୍ସ ସେଣ୍ଟରରେ ଥିବା ଗୋଟିଏ ଟିମ୍ ବାଲେଶ୍ୱରରେ ମୁତୟନ କରାଯାଇଛି। ମୁଣ୍ଡଳୀରେ ଆହୁରି ଅଧିକ ଟିମ୍ ମଧ୍ୟ ପ୍ରସ୍ତୁତ ହୋଇ ଅଛନ୍ତି। ଦରକାର ହେଲେ ସେମାନଙ୍କୁ ମଧ୍ୟ ମୁତୟନ କରାଯିବ ବୋଲି ଏନ୍‌ଡିଆରଏଫ୍ ପକ୍ଷରୁ କୁହାଯାଇଛି।

କେନ୍ଦୁଝରରେ ହୋଇଥିବା ବର୍ଷା ଫଳରେ ବୈତରଣୀର ଜଳ ସ୍ତର ବୃଦ୍ଧି ପାଇଛି। ବ୍ରାହ୍ମଣୀ ନଦୀର ଉପରମୁଣ୍ଡରେ ବର୍ଷା ହେବା ଯୋଗୁ ଜଳସ୍ତର ବଢ଼ିଛି। ଫଳରେ ରେଙ୍ଗାଲି ଡ୍ୟାମ୍‌ର ୨ ଗେଟ୍ ଖୋଲାଯାଇଥିବା ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଦ୍ଧାର କାର୍ଯ୍ୟ ପାଇଁ ଉପକୂଳ ଜିଲାରେ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ୩୦ଟି ଓଡ୍ରାଫ୍ ଟିମ୍, ୧୨ଟି ଏନ୍‌ଡିଆରଏଫ୍ ଟିମ୍ ସହ ଅଗ୍ନିଶମ ବାହିନୀ ମୁତୟନ ହୋଇଛନ୍ତି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ ଓ ପୁରୀ ଜିଲାରେ ଏହି ସବୁ ଟିମ୍ ମୁତୟନ ହୋଇଛି।

ଲଗାଣ ବର୍ଷା ଯୋଗୁ ରାଜ୍ୟରେ ମୋଟ ୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ନିଖୋଜ ଅଛନ୍ତି। କେନ୍ଦ୍ରାପଡ଼ା ଜିଲାରେ ୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଯାଜପୁରରେ ୨ ଏବଂ ଗଞ୍ଜାମ, ଖୋର୍ଦ୍ଧା, କେନ୍ଦୁଝର ଓ ସୁବର୍ଣ୍ଣପୁର ଜିଲାରେ ଜଣେ ଲେଖାଏଁ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ଏସ୍‌ଆର୍‌ସି ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଧର୍ମଭାବରେ ଚନ୍ଦ୍ର ନୂତନ କର୍ମାରମ୍ଭ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ସଭାସମିତି, ଧର୍ମକାର୍ଯ୍ୟ, ବନ୍ଧୁ ମିଳନ ପାଇଁ ଶୁଭ ହେବ। କିନ୍ତୁ ମତାନ୍ତର କିମ୍ବା ମନାନ୍ତରଜନିତ ମାନସିକ ଅଶାନ୍ତିର ଆଶଙ୍କା ରହିଛି। ତୃତୀୟାଧିପ ଶତ୍ରୁ ସ୍ଥାନସ୍ଥ ହେତୁ ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି, କିନ୍ତୁ ପାରିବେ ନାହିଁ।

**ବୃଷ** – ରାହୁଙ୍କ ପ୍ରଭାବରେ ପର କଥାକୁ ସତ ମନେକରି ଘରୋଇ କଳହ ଲାଗିରହିବ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରେ ପ୍ରତିବନ୍ଧକ ରହିବ ନାହିଁ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ନୂତନ ଯାନବାହନ, ଜମିଜମା, କ୍ରୟ, ବିକ୍ରୟ ନେଇ ଆଲୋଚନାରେ ଅଗ୍ରଗତି ଘଟିବ।

**ମିଥୁନ** – ଆଜି କେନ୍ଦ୍ରସ୍ଥ ବୁଧ ଓ ମଙ୍ଗଳ ପାରିବାରିକ ସ୍ଥିତିକୁ ସନ୍ତୁଳିତ ରଖିବ। କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ କିନ୍ତୁ ହୁଏତ ତାହାକୁ ଅସ୍ୱୀକାର କରି ଦେଇପାରନ୍ତି। ସଭାସମିତି, ଜମିଜମା, ଆନୁଷ୍ଠାନିକ କାମ, ପୂଜାପାର୍ବଣ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**କର୍କଟ** – ବ୍ୟୟାଧିପ ତୃତୀୟସ୍ଥ ହେତୁ ସାମାଜିକ କଲ୍ୟାଣ ଦିଗରେ ଅର୍ଥ ବିନିଯୋଗ କରିବେ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗ ଲାଭପୂର୍ବକ ଖୁସୀ ରହିପାରନ୍ତି। ଶିଳ୍ପ, ବାଣିଜ୍ୟ, ପ୍ରଶାସନ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ।

**ସିଂହ** – ରବି ଓ ଶନି ପରସ୍ପର ଷଡାଷ୍ଟକ ସ୍ଥିତିରେ ରହିଥିବାରୁ ପରୋକ୍ଷ ଶତ୍ରୁତାର ସମ୍ମୁଖୀନ ହେବାକୁ ପଡିବ। ପଡୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ ଯୋଡିବାରେ ଆପଣଙ୍କ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିପାରେ। କର୍ମ କ୍ଷେତ୍ରରେ ବାଧା ଉପୁଜିପାରେ, ଏଣୁ ସାବଧାନ ରହିବା ଭଲ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା** – କର୍ମାଧିପ ଅଷ୍ଟମାଧିପ ସଂଯୁକ୍ତ ଯୋଗୁ ସବୁ ସୁବିଧା ଥିଲେ ମଧ୍ୟ କୌଣସି କାମ ସହଜରେ ସମ୍ପନ୍ନ ହୋଇ ପାରିବ ନାହିଁ। ଗଠନମୂଳକ କାମରେ ଅଥବା ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। କଠିନଶ୍ରମ ଓ ଭ୍ରମଣଜନିତ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ।

**ତୁଳା** – ରାଶ୍ୟାଧିପତି ପ୍ରତି ଶନିଙ୍କ ଦୃଷ୍ଟି ହେତୁ ନିଜ ଲୋକ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ଆବଶ୍ୟକତା ପୂରଣ ସକାଶେ ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ। ସତର୍କତା ଅଭାବରୁ ଜିନିଷପତ୍ର ହଜିବା ସମ୍ଭାବନା ରହୁଛି। ବାଣିଜ୍ୟ, ପ୍ରକାଶନ, ପ୍ରଶାସନ, ନିର୍ମାଣ ଓ ପରିବହନ ପାଇଁ ଦିନଟି ଭଲ।

**ବିଛା** – ଷଷ୍ଠାଧିପ ଯୁକ୍ତ ରାଶ୍ୟାଧିପ ହେତୁ ସାଧାରଣ କଥାକୁ ନେଇ ପ୍ରିୟଜନଙ୍କ ସହ ଉଚ୍ଚବାଚ ଘଟିପାରେ। ପରିବାରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ସାହାଯ୍ୟ ମଧ୍ୟ କରିପାରନ୍ତି।

**ଧନୁ** – ରାଶିରେ ଅଷ୍ଟମାଧିପତି ଥିବାରୁ ସମସ୍ୟା ଯଦିଓ ଆସିବ ତଥାପି ବେଶି ସମୟ ତିଷ୍ଠି ରହିବ ନାହିଁ। କର୍ମକ୍ଷେତ୍ରରେ ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ଅଫିସରେ କୌଣସି ସମସ୍ୟା ମନକୁ ବାରମ୍ବାର ଆନ୍ଦୋଳିତ କରିବ। ମୂଳା ନକ୍ଷତ୍ର କିଛିଟା ଅସୁବିଧାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି।

**ମକର** – କର୍ମାଧିପ ରାହୁ ନକ୍ଷତ୍ରସ୍ଥ ଯୋଗୁ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବେ। ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ହୋଇପାରେ। ଶିଳ୍ପ, ବାଣିଜ୍ୟ, ଯୋଗାଯୋଗ, ବନ୍ଧୁସମ୍ପର୍କ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇ ଯିବ। ତଥାପି ଶ୍ରବଣା ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** – ଧନାଧିପତିଙ୍କ ଦୁର୍ବଳତାରୁ ଅଭାବବୋଧ ଲାଗି ରହିବା କାରଣରୁ ବ୍ୟସ୍ତତା ବଢି ବଢି ଯିବ। ପୂଜାପାର୍ବଣ ତଥା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ପ୍ରକାଶନ, ପ୍ରଶାସନ ଓ ପରିବହନରେ ସମସ୍ୟା ସମାଧାନର ରାସ୍ତା ଖୋଲିଯିବ। ପ୍ରଥମେ କାମଟି କରିସାରିବା ପରେ ମନସ୍ତାପ କରିବାକୁ ପଡିପାରେ ।

**ମୀନ** – ବଳବାନ୍ ବୁଧଙ୍କ ସୁପ୍ରଭାବରୁ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହେବେ। ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇ ପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ।


# classifieds

**Everyday**
**0674-2580101, 2549302**




### SALE

Maruti Swift Petrol Car, 2006, 70000 kms, Excellet Condition. 9861112208. D-70735

Vehicle for sale where as it is basis Deal No-Registration No-Model OCA01019D-OD35C2971-EICHER PRO 6037S, OCA01307D-OD19M2288-TATA LPT3118 TC52, OCL00153E-OD01W6665-JCB 3DX ECO-EX BHL, OCL01276D-OD01AG3211-TATA SIGNA5523 BS4, OCR00313D-UNR-TATA LPK1618/36 CAB, OLR00250D-OD09B8394-TATA LPK3118TC/56, OSS00994D-OD16D6751-TATA LPT3118 COWL, OSS01193D-OD16E5101-AL U3718IL, OST01007D-OD35C0697-TATA LPT3118/56, OCA00234L-OD19N7259-FORCE KARGO KING, OCA00286L-OD19P9947-TATA ULTRA 1014/33, OCB01109L-OD02BM0107-BOLERO BIG PICKUP, OCL00376L-OD01AA9967-FORCE KARGO KING, OCL00409L-OD01AD4322-AL DOST LX BS-IV, OSS00546L-OD03R5251-BOLERO PICK UP1.7, OSS00464C-OD17N4111-BOLERO+ 2WD9STR AC, OSJ00282T-UNR-SWARAJ 735FE LX, OSJ00140T-UNR-NEW H 4010 39HP TRAC. Contact - IndusInd Bank CFD Tel: 0674-2548977, Mob: 7752000194. D-21658




### SALE

**Bhubaneswar infocity-2 ପାଖରୁ 200mtrs distance ଘରବାରି ପଟ୍ଟା (4plots) 30ft. road, electricity available. Rate-21,00,000/-, 7978444805.** D-70900

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21590

**ଭୁବନେଶ୍ୱର ଚନ୍ଦକାରେ Nalanda ଓ BCCST College ପାଖରେ road, electricity, water ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ possession ଥାଇ ମିଳୁଛି। 9348870771, 9090543542.** D-70889

ପାରାଦୀପଠାରେ ବିଶ୍ୱର Business Hub ହେବାକୁ ଯାଉଥିବା ବଡ଼ବନ୍ଧ Railway Station ପାଖରେ litigation free, ପ୍ରଦୂଷଣମୁକ୍ତ ଏକ ଏକର ଘରବାରି commercial ଜାଗା ବିକ୍ରିହେବ। (Single Owner). ଷ୍ଟାର ହୋଟେଲ୍, ମାର୍କେଟ କମ୍ପ୍ଲେକ୍ସ, ହସ୍ପିଟାଲ, ଆପାର୍ଟମେଣ୍ଟ ଇତ୍ୟାଦି ପାଇଁ ଉପଯୁକ୍ତ। ଯୋଗାଯୋଗ- 8917413036. D-71160

**30' road gharabari plot at Ghangapatna 4kms from Sum Hospital and commercial/residential plot Pitapalli NH side. 7978601422.** D-70879

1500sqft. plot for sale, before CV Raman College, near NH, Bhubaneswar ready for construction. Price 28,00,000/-, 7205645385. D-71161

**ଭୁବନେଶ୍ୱର, ପଟିଆ, ରଘୁନାଥପୁର, ନଖରା ପାଖରେ 1,2,3BHK, Simplex, Duplex ଅଛି। 8327785834, 9658122456.** D-71701

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାରି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call: 9827119799. D-71154

**ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ 14,40,000/-ରେ ମିଳୁଛି। 9437033320.** D-71705

**2/3 BHK flats sale at Mancheswar Railway Station, Bhubaneswar discount upto-5,00,000/-. 8114982646, 9040744989.** D-70890




**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888




Swarna SPA newly open positively health benefits with expert therapist. 9556978408. D-71156

Life is great, massage makes it better. Book appointment. 7852986810. D-71416

Newly Open Saikrupa Panchakarma Spa positively health benefits with Expert. 8984068077. D-21568

Monalisa massage Club: All types Body massage with hiprofile smart lady rooms service available. 9708545108. D-21660

**Refreshing your mind, your body with tha best therapy at Lotus Spa. 8018891951.** D-70484

### LOST

ମୁଁ ଶ୍ରୀ ଗୋପୀନାଥ ଦାଶ, ପିତା- ସ୍ୱର୍ଗତ ମହାଦେବ ଦାଶ, ଗ୍ରାମ- ବିକ୍ରମପୁର, ଥାନା/ଜିଲ୍ଲା- ନବରଙ୍ଗପୁର, ତହସିଲ କାର୍ଯ୍ୟରେ ନବରଙ୍ଗପୁର ଆସୁଥିବା ବେଳେ ଜମି ପଟ୍ଟା ହଜି ଯାଇଛି। ଖାତା ନଂ.- ୫୬, ପ୍ଲଟ୍ ନଂ.-୬୧୧, ୬୧୫, ୮୦୩, ୮୨୫ ଓ ୮୪୯ ଓ ଜମିର ପରିମାପ ଏରିଆ ୧୦ ଏକର ୨୦ ଡିସିମିଲ ହେବ। କୌଣସି ସହୃଦୟ ବ୍ୟକ୍ତି ଏହି ଜମିପଟ୍ଟା ପାଇଛନ୍ତି ତେବେ ଗୋପୀନାଥ ଦାଶଙ୍କ 9777791725କୁ ଯୋଗାଯୋଗ କରିବେ। ଧ- ୨୧୬୬୧

ମୁଁ ଅଗସ୍ତି ପାଣ୍ଡେ, ପିତା- ଦିନବନ୍ଧୁ ପାଣ୍ଡେ, ନିବାସି- ଗଏନ୍ଦିମାଲ, ପୋଷ୍ଟ- ମହୁଲପାଟି, ଥାନା- ତୁରେକେଲା, ଜିଲ୍ଲା- ବଲାଙ୍ଗିର, ଓଡ଼ିଶା ଘୋଷଣା କରୁଛି ଯେ ମୌଜା- ଗଏନ୍ଦିମାଲ ଖାତା ନଂ.- ୬୫/୧୦ ଥାନା- ତୁରେକେଲାର କିଛି ଜମି ଖିରସାଗର ପାଣ୍ଡେଙ୍କଠାରୁ କ୍ରୟ କରିଅଛି ଯାହାର ଅସଲ ଜମି କବଲା ଆମ୍ଭ ଘରେ ଥିବା ବେଳେ କେଉଁଆଡେ ହଜିଯାଇଥିବାରୁ ମିଳି ପାରିନାହିଁ। ଏ ବାବଦରେ ତୁରେକେଲା ଥାନା କେସ ନଂ.- ୦୧୦/୭.୯.୨୦୨୧ରେ ଦର୍ଜ କରିଅଛି। ଉକ୍ତ ଖାତାର ଜମି କବଲା ଆମ୍ଭେ କୌଣସି ଠାରେ ବିକ୍ରି କିମ୍ବା ବନ୍ଧକ କରି ନାହୁଁ। ଧ-୨୧୬୬୨

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

# ବେଦାନ୍ତ ଖଣିରୁ ଜଳ ନମୁନା ସଂଗ୍ରହ କଲା ସିପିସିବି

**ଯାଜପୁର ଅଫିସ,୧୬।୯**

ବେଦାନ୍ତ ଫାକର ଓସ୍ତପାଳ କ୍ରୋମାଇଟ ଖଣିରୁ ପ୍ରାୟ ୧୫ ଲକ୍ଷ ଘନମିଟର ବର୍ଜ୍ୟଜଳ ଡମଶାଳା ନାଳାକୁ ବିନା ଟ୍ରିଟମେଣ୍ଟରେ ଛାଡ଼ିବା ମାମଲାରେ ସିପିସିବି(ସେଣ୍ଟ୍ରାଲ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ) ତଦନ୍ତ ଆରମ୍ଭ କରିଛି। ଗୁରୁବାର ଅପରାହ୍ନ ପ୍ରାୟ ୧୧ଟାରେ ସିପିସିବିର ବୈଜ୍ଞାନିକ(ବି) ଜ୍ଞାନପ୍ରସାଦ ସିଂଙ୍କ ନେତୃତ୍ୱରେ ଏକ ତଦନ୍ତକାରୀ ଦଳ ଓସ୍ତପାଳ ଖଣି ପରିସରରୁ ପାଣି ଓ ମାଟି ନମୁନା ସଂଗ୍ରହ କରିଛନ୍ତି। ଏହାସହ ବେଦାନ୍ତର ବିବାଦୀୟ ଅସୁରକ୍ଷିତ ଡମ୍ପିଂୟାର୍ଡ ପରିସରକୁ ଯାଇ ସ୍ଥିତି ନିରୀକ୍ଷଣ କରିଥିବା ସୂଚନା ମିଳିଛି। ଏହି ଅବସରରେ ସୁକିନ୍ଦାସ୍ଥିତ ରାମ୍‌କି ଏନ୍‌ଭାଏରୋ ଇଞ୍ଜିନିୟର୍ସ ଲିମିଟେଡର ଓଡ଼ିଶା ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପରେ ବାୟୁ ଓ ଜଳ ପ୍ରଦୂଷଣ ଅଭିଯୋଗ ଉପରେ ମଧ୍ୟ ସେମାନେ ତଦନ୍ତ କରିଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା ଏଥିରେ ସାମିଲ ହୋଇଥିଲେ। ତେବେ ଏସ୍‌ପିସିବି ପକ୍ଷରୁ ବିଭିନ୍ନ ଛୋଟବଡ଼ ଶିଳ୍ପ, କାରଖାନା, ଖାଦାନ ଇତ୍ୟାଦିକୁ କନ୍‌ସେଣ୍ଟ ଟୁ ଅପରେଟ ସଂକ୍ରାନ୍ତରେ ଇ-ଡେସ୍‌ପାଚରେ ଜିଲାପାଳଙ୍କୁ ନିୟମିତ ଭାବେ ସୂଚିତ କରୁଥିବାବେଳେ ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଲୁଚାଇ ରଖାଯାଇଥିବା ଚର୍ଚ୍ଚା ହେଉଛି।

ଓସ୍ତପାଳ କ୍ରୋମାଇଟ ଖଣିକୁ ବେଦାନ୍ତ ଲିଃ କମ୍ପାନୀ ଲିଜ୍ ନେଇ ଗତ ଅକ୍ଟୋବର ୨୦୨୦ରୁ ଖଣିଜ ପଦାର୍ଥ ଉତ୍ତୋଳନ କାମ ଆରମ୍ଭ କରିଥିଲା। ତେବେ ଦୀର୍ଘଦିନ ଧରି ଉତ୍ତୋଳନ କାମ ବନ୍ଦ ରହିଥିବାରୁ ଖଣି ଭିତରେ ବିପୁଳ ପରିମାଣର ବିଷାକ୍ତ ବର୍ଜ୍ୟଜଳ ଜମି ରହିଥିଲା। ଏହି କ୍ରମରେ ପ୍ରାୟ ୧୫ ଲକ୍ଷ ଘନମିଟର ବିଷାକ୍ତ ପାଣିକୁ ଇଟିପି(ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ) ଜରିଆରେ ବିଶୋଧନ ନ କରି ଡମଶାଳା ନାଳାରେ ଛଡାଯାଇଥିଲା। ସେଣ୍ଟ୍ରାଲାଇଜଡ ପବ୍ଲିକ ଗ୍ରିଭାନ୍ସ ରିଡ୍ରେସ ଆଣ୍ଡ ମନିଟରିଂ ସିଷ୍ଟମ୍‌ରେ ଆର୍‌.କେ. ସିଂ ଏନେଇ ଅଭିଯୋଗ କରିଥିଲେ। ଏହାପରେ ଏସ୍‌ପିସିବି ଜରିଆରେ ଏହି ଅଭିଯୋଗର ତଦନ୍ତ ହୋଇଥିଲେ ହେଁ ବେଦାନ୍ତକୁ ସୁହାଇଲା ଭଳି ରିପୋର୍ଟ ସିପିସିବିଠାରେ ଦାଖଲ ହୋଇଥିଲା। ସେତେବେଳେ ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ମଧ୍ୟରେ ହ୍ୱାଟ୍ସଆପ୍‌ରେ ଇଟିପି ବାହାରେ ବର୍ଜ୍ୟଜଳ ଛଡାଯିବାକୁ ନେଇ ଆଲୋଚନା ହୋଇଥିଲା। ଏହାପରେ ଅଭିଯୋଗକାରୀ ସିଂ ପୁଣି ଥରେ ୬।୭।୨୦୨୧ରେ ଅନୁରୂପ ଭାବେ ସିପିସିବିରେ ଅଭିଯୋଗ କରିଥିଲେ। ସେ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ, ବେଦାନ୍ତ ଖଣିର ବର୍ଜ୍ୟଜଳ ସିଧାସଳଖ ଡମଶାଳା ନାଳାରେ ଛଡାଯାଇଥିବା ପ୍ରମାଣିତ ହୋଇ ସାରିଛି। ଏହି ବେଦାନ୍ତ ଖଣିର କର୍ମଚାରୀ ଓ ଅଧିକାରୀଙ୍କ ହ୍ୱାଟ୍ସଆପ୍ ଗ୍ରୁପରୁ ଜଳଜଳ ହୋଇ ଦିଶୁଛି। ସ୍ପଷ୍ଟ ପ୍ରମାଣ ରହିଥିଲେ ହେଁ ତଦନ୍ତ ଅଧିକାରୀ ଜାଣିଶୁଣି ସେଥିରୁ ଦୂରେଇ ରହିଥିଲେ। ତେଣୁ ଏହାର ଉପଯୁକ୍ତ ଭାବେ ନିରପେକ୍ଷ ତଦନ୍ତ କରିବାକୁ ସେ ସିପିସିବିକୁ ଅନୁରୋଧ କରିଥିଲେ। ଏହି ଅଭିଯୋଗକୁ ରେଜିଷ୍ଟ୍ରିଭୁକ୍ତ କରାଯାଇ ସିପିସିବିର ଡିଏଚ୍‌-ପିଆର୍‌-ଡିଭିଜନ ପକ୍ଷରୁ ଏମ୍‌.କେ. ଚୌଧୁରୀ ତାଙ୍କ ପତ୍ରସଂଖ୍ୟା ସିବି/ପିଆର/ପିଜି/୨୦୨୧-୨୨/୧୩।୭।୨୦୨୧ରେ ଏସ୍‌ପିସିବିର ସଦସ୍ୟ ସଚିବଙ୍କୁ ଉକ୍ତ ମାମଲା ସଂକ୍ରାନ୍ତରେ ଜବାବ ତଲବ କରିଥିଲେ। ତେବେ ସିପିସିବିର ଏହି ଜବାବ ତଲବ ଏସ୍‌ପିସିବି କର୍ତ୍ତୃପକ୍ଷଙ୍କୁ କୌଣସି ପ୍ରଭାବ ପକାଇ ନ ଥିଲା। ଦୀର୍ଘ ୨ମାସ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ସିପିସିବିର ପତ୍ର ଅନୁସାରେ କୌଣସି ଉତ୍ତର ଏଯାଏ ମିଳିନାହିଁ ବୋଲି ଅଭିଯୋଗକାରୀ ସିଂ ଅଭିଯୋଗ କରିଥିଲେ। ଏଥିରୁ କେବଳ ରାଜ୍ୟ ନୁହେଁ, କେନ୍ଦ୍ରସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କୁ ମଧ୍ୟ ବେଦାନ୍ତ ଖଣି କମ୍ପାନୀ ମାସିକିଆ ଚାନ୍ଦା ଦେଇ ମୁହଁ ବନ୍ଦ କରୁଛନ୍ତି ଏବଂ ଏହା ଗଣତନ୍ତ୍ର ପ୍ରତି ସାଂଘାତିକ ବିପଦ; ଯାହାକି ବେଦାନ୍ତର ତତ୍କାଳୀନ ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର(ସିଇଓ) ପି.ଜି. ସୁରେଶ କୁମାରଙ୍କୁ ଓସ୍ତପାଳ ଖଣିର ସିନିୟର ମ୍ୟାନେଜର ଦେଇଥିବା ଇ-ମେଲରୁ ସ୍ପଷ୍ଟ ହୋଇସାରିଛି ବୋଲି ଅଭିଯୋଗକାରୀ ସିଂ ପ୍ରକାଶ କରିଛନ୍ତି। ଏବେ ମଧ୍ୟ ଅଭିଯୋଗକାରୀଙ୍କୁ କୌଣସି ସୂଚନା ନ ଦେଇ ସିପିସିବିର ତଦନ୍ତ ମୂଲ୍ୟହୀନ ହୋଇପାରେ ବୋଲି ସିଂ ସନ୍ଦେହ ପ୍ରକଟ କରିଛନ୍ତି। ପ୍ରଦୂଷିତ ଡମଶାଳା ଜଳର ପ୍ରଭାବରେ ଜୀବଜନ୍ତୁ ଓ ମାଛ ମରୁଥିବାର ଗୁରୁତର ଅଭିଯୋଗ ରହିଥିବାରୁ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱର ସହ ପଦକ୍ଷେପ ନ ନେଲେ ଭବିଷ୍ୟତରେ ଅଞ୍ଚଳବାସୀ ଏକ ବଡ଼ ବିପଦର ସମ୍ମୁଖୀନ ହେବେ ଏଥିରେ ସନ୍ଦେହ ନାହିଁ। ଏ ସଂକ୍ରାନ୍ତରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।




**ଡମଶାଳା ନାଳାରେ ବର୍ଜ୍ୟଜଳ ଛାଡ଼ିବା ମାମଲା**

■ ଲୁଚାଛପା ତଦନ୍ତକୁ ନେଇ ସନ୍ଦେହ

## ସଂକ୍ଷେପରେ

### ଯୁକ୍ତ ୩ ନାମଲେଖା ୧୮ ଯାଏ ବଢ଼ିଲା

■ ୨୩ରେ ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ

ଭୁବନେଶ୍ୱର, ୧୬।୯ (ବ୍ୟୁରୋ): ଯୁକ୍ତ ୩ ପ୍ରଥମ ପର୍ଯ୍ୟାୟ ନାମଲେଖା ଅବଧି ଦୁଇଦିନ ବୃଦ୍ଧି କରାଯାଇଛି। ଗତ ୧୩ ତାରିଖରୁ ୧୬ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ନାମଲେଖା ହେବାନେଇ ପୂର୍ବରୁ ଘୋଷଣା ହୋଇଥିଲା। ମାତ୍ର ଏହି ସମୟ ଭିତରେ ଲଘୁଚାପଜନିତ ଲଗାଣ ବର୍ଷା ହେବାରୁ ନାମଲେଖା ବାଧାପ୍ରାପ୍ତ ହୋଇଥିଲା। ତେଣୁ ନାମଲେଖା ଅବଧିକୁ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଦ୍ୱିତୀୟ ମେଧା ତାଲିକା ୨୧ ବଦଳରେ ୨୩ ତାରିଖରେ ପ୍ରକାଶ ପାଇବ ଓ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ୨୨ ତାରିଖ ପରିବର୍ତ୍ତେ ଆସନ୍ତା ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଭାଗ କହିଛି। କୋଭିଡ୍ କଟକଣା ମଧ୍ୟରେ ଆଡମିଶନ କରାଯିବ। ଛାତ୍ରଛାତ୍ରୀ ମାସ୍କ, ସାନିଟାଇଜର ଏବଂ ସାମାଜିକ ଦୂରତା ରକ୍ଷା କରିବେ। ଚଳିତବର୍ଷ ନାମଲେଖା ପାଇଁ ୨ ଲକ୍ଷ ୪୪ ହଜାର ୨୫୨ଜଣ ଛାତ୍ରୀଛାତ୍ର ଆବେଦନ କରିଥିଲେ। ଏମାନଙ୍କ ମଧ୍ୟରୁ ୧ ଲକ୍ଷ ୬୮ ହଜାର ୫୩୭ଜଣ ଛାତ୍ରଛାତ୍ରୀ ନାମଲେଖା ଲାଗି ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ କଳାରେ ୧ ଲକ୍ଷ ୨ ହଜାର ୨୯୨ ଜଣ, ଫିଜିକାଲ ସାଇନ୍ସରେ ୨୫ ହଜାର ୩୫୦ ଜଣ, ବାୟୋଲୋଜିକାଲ ସାଇନ୍ସରେ ୧୮ ହଜାର ୩୩୮ ଏବଂ ବାଣିଜ୍ୟରେ ୧୭ ହଜାର ୬୩୪ଜଣ ରହିଛନ୍ତି।

### ପୁଣି ଓଏଚ୍‌ଆର୍‌ସିରେ ଅଭିଯୋଗ କଲେ ମା'

■ ଇଞ୍ଜିନିୟର ଅମୃତ ଦାଶ ହତ୍ୟା ମାମଲା

ଭୁବନେଶ୍ୱର,୧୬।୯(ବ୍ୟୁରୋ): ଜଗତ୍‌ସିଂପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳର ଇଞ୍ଜିନିୟର ଅମୃତ ଦାଶ ହତ୍ୟା ମାମଲାରେ ମା' ସୁଲୋଚନା ଗୁରୁବାର ପୁଣି ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହତ୍ୟା ଘଟଣାକୁ ୨ ବର୍ଷ ବିତିଥିଲେ ବି ଜିଲା ପୋଲିସ ହତ୍ୟାକାରୀଙ୍କୁ ଧରିବାରେ ବିଫଳ ହୋଇଛି। ଏହି ମାମଲାରେ ଓଚ୍‌ଆର୍‌ସିଙ୍କ ଟିମ୍ ଠିକ୍ ଭାବେ ତଦନ୍ତ କରି ନାହିଁ। ତେଣୁ ଉକ୍ତ ଟିମ୍ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏଥିସହ ତଦନ୍ତ ପାଇଁ ନୂତନ ଟିମ୍ ପଠାଯାଉ ନଚେତ୍ ସେ ଦାଖଲ କରିଥିବା ମାମଲାକୁ ପ୍ରତ୍ୟାହାର କରିବା ପାଇଁ ଅନୁମତି ଦିଆଯାଉ ବୋଲି ସୁଲୋଚନା ତାଙ୍କ ଅଭିଯୋଗପତ୍ରରେ କମିଶନଙ୍କୁ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୯ ଜୁଲାଇ ୨୦ରେ ଅମୃତଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରି ଫୋପାଡି ଦେଇଥିଲେ। ଅଭିଯୋଗକ୍ରମେ କୁଜଙ୍ଗ ଥାନା ପୋଲିସ ମାମଲା (ନଂ.୫୦/୨୦)ରୁଜୁ କରି ତଦନ୍ତ କରିଥିଲେ ବି ହତ୍ୟାକାରୀଙ୍କୁ ଗିରଫ କରିପାରି ନ ଥିଲେ। ଶେଷରେ ନ୍ୟାୟ ପାଇଁ ଅମୃତଙ୍କ ମା' ସୁଲୋଚନା ୨୦୨୦ ମାର୍ଚ୍ଚ ୧୭ରେ ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ଓଏଚ୍‌ଆର୍‌ସି ତତ୍କାଳୀନ ଏସ୍‌ପିଙ୍କୁ ରିପୋର୍ଟ ତଲବ କରିଥିଲେ। ସେହିବର୍ଷ ଡିସେମ୍ବର ୪ରେ ଏସ୍‌ପି ତଦନ୍ତ ରିପୋର୍ଟ ଦାଖଲ କରିଥିଲେ। ଏହାପରେ ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ନିମନ୍ତେ ଓଚ୍‌ଆର୍‌ସି ଏକ ଟିମ୍‌କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଉକ୍ତ ତଦନ୍ତକାରୀ ଟିମ୍ ମୃତକଙ୍କ ପରିବାର ଲୋକଙ୍କଠାରୁ ବୟାନ ରେକର୍ଡ କରିଥିଲେ ବି ପ୍ରତ୍ୟକ୍ଷଦର୍ଶୀଙ୍କୁ ପଚରାଉଚରା କରି ନ ଥିବା ମୃତକଙ୍କ ମା' ଅଭିଯୋଗ ଆଣିବା ସହ ଉକ୍ତ ତଦନ୍ତକାରୀ ଟିମ୍ ବିରୋଧରେ କମିଶନଙ୍କ ଦ୍ୱାରସ୍ତ ହୋଇଛନ୍ତି।



ଅଭିଯୋଗ କରିବାକୁ ଆସିଥିବା ସୁଲୋଚନା ଦାଶ।

### 'ଆଶୀର୍ବାଦ' ଯୋଜନା ବନ୍ଦ ହେବା ନେଇ ବର୍ଷିଲେ ବିରୋଧୀ

**ଭୁବନେଶ୍ୱର,୧୬।୯(ବ୍ୟୁରୋ)**

କରୋନା ସଂକ୍ରମଣ କାରଣରୁ ମା, ବାପା ହରାଇଥିବା ଶିଶୁଙ୍କ ଲାଳନପାଳନ ପାଇଁ ମୁଖ୍ୟମନ୍ତ୍ରୀ 'ଆଶୀର୍ବାଦ' ନାମରେ ଏକ ଆର୍ଥିକ ସହାୟତା ଯୋଜନା ୨୦୨୧ ଜୁନ ୨୦ ରେ ଘୋଷଣା କରଥିଲେ। ୨୦୨୦ ଏପ୍ରିଲ ୧ ପରଠାରୁ ଯେଉଁ ଶିଶୁମାନେ ନିଜର ପରିବାରର ମୁଖ୍ୟ ରୋଜଗାର ବ୍ୟକ୍ତିଙ୍କୁ ହରାଇଛନ୍ତି ସେମାନଙ୍କୁ ଆଶୀର୍ବାଦ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ କୁହାଯାଇଥିଲା। ହେଲେ ମାତ୍ର ୩ ମାସ ଭିତରେ ମୁଖ୍ୟମନ୍ତ୍ରୀ ଏହି ଯୋଜନା ବନ୍ଦ କରିବା ଲାଗି ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାକୁ ନେଇ ବିରୋଧୀ କଂଗ୍ରେସ ଓ ଭାଜପା ସରକାରଙ୍କୁ ପଲଟା ଟାର୍ଗେଟ କରିଛନ୍ତି। କଂଗ୍ରେସ ନେତା ଦେବାଶିଷ ପଟ୍ଟନାୟକ କହିଛନ୍ତି, ମୁଖମନ୍ତ୍ରୀଙ୍କ ପ୍ରତିଶ୍ରୁତି କେବଳ ଭୂଆଁ ବୁଲାଇବା ପାଇଁ ଉଦ୍ଦିଷ୍ଟ। କରୋନାର ତୃତୀୟ ଲହର ଆସୁଥିବାବେଳେ କାହିଁକି ଯୋଜନା ବନ୍ଦ ହୋଇଗଲା। ସେହିପରି ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ରାଜ୍ୟ ସରକାର ପ୍ରତ୍ୟେକ ଦିନ ନୂଆ ମିଛ କହୁଛନ୍ତି। ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଭିଡ୍‌ରେ ଅନାଥ ହୋଇଥିବା ଶିଶୁଙ୍କ ପାଇଁ ସହାୟତା ଘୋଷଣା କଲେ। କେନ୍ଦ୍ରର ଏହି ଯୋଜନା ପରେ ରାଜ୍ୟ ସରକାର ଏହାକୁ କପି କରିବା ଆରମ୍ଭ କରିଦେଲେ। ଏବେ ହଠାତ୍ ରାଜ୍ୟ କାହିଁକି ବନ୍ଦ କଲା ତା'ର ଉତ୍ତର ପାଇଁ ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି।



ଗଞ୍ଜାମ ଜିଲା ପୋଲସରାଠାରୁ ପ୍ରାୟ ୧୨ କି.ମି.ଦୂର ଧନେଇ ଜଳଭଣ୍ଡାର ସ୍ପିଲ ୱେ ନିକଟରେ ବିପଜ୍ଜନକ ଅବସ୍ଥାରେ ଶତାଧିକ ଲୋକ ଗୁରୁବାର ମାଛ ଧରୁଛନ୍ତି।

TPWODL

ବିଶେଷ ସୂଚନା

ଏତଦ୍ୱାରା TPWODL (ପୂର୍ବରୁ WESCO UTILITY)ର ସମସ୍ତ ବିଦ୍ୟୁତ୍ ଗ୍ରାହକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଆମ୍ଭ ବିଦ୍ୟୁତ୍ ଖଣ୍ଡର ଅବ୍ୟବହୃତ Money Receipt କ୍ରମିକ ନମ୍ବର B4/7982017ଠାରୁ B4/7982200 ପର୍ଯ୍ୟନ୍ତ ଦୁର୍ଭାଗ୍ୟ ବଶତଃ ହଜିଯାଇଛି। ଯଦି ଉକ୍ତ ରସିଦଗୁଡ଼ିକ କାହାର ହସ୍ତଗତ ହୋଇଥାଏ ତେବେ ନିମ୍ନଲିଖିତ ଠିକଣାରେ ଫେରାଇବା ପାଇଁ ଅନୁରୋଧ। ଏହି ରସିଦ୍‌ର ଅପବ୍ୟବହାର ହୋଇପାରେ। ଏଣୁ ବିନମ୍ର ଅନୁରୋଧ ଯେ ଉପରୋକ୍ତ କ୍ରମିକ ନମ୍ବରର ରସିଦ୍‌ର ବ୍ୟବହାର କରି ଯଦି କେହି ବିଦ୍ୟୁତ୍ ବିଲ୍ ନେଇଯାଇଥାନ୍ତି ବା ଅନ୍ୟ କୌଣସି ଅଭିଯୋଗ ଥାଏ ତେବେ, ଆମ କାର୍ଯ୍ୟାଳୟରେ ଏହି ବିଜ୍ଞାପନ ବାହାରିବାର ୬୦ଦିନ ମଧ୍ୟରେ ଦାଖଲ କରନ୍ତୁ। ୬୦ଦିନ ପରେ ଆଉ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ଉପରୋକ୍ତ Money Receipt ଗୁଡ଼ିକ ରଦ୍ଦ କରାଯାଇଛି ଏବଂ ଏହାର ବ୍ୟବହାର ବେଆଇନ ଅଟେ। କ୍ରମାଗତ କୋଭିଡ୍ ସ୍ଥିତି ବାଧ୍ୟତାରୁ ଘଟଣା ଘଟିବାର ବିଳମ୍ବରେ ଏହି ବିଜ୍ଞାପନ ପ୍ରକାଶ କରାଗଲା।

ସ୍ୱା./- ନିର୍ବାହୀ ଯନ୍ତ୍ରୀ
ବରଗଡ଼ ପଶ୍ଚିମ ବିଦ୍ୟୁତ୍ ଖଣ୍ଡ
TPWODL, ବରଗଡ଼

## ୩ ଶିକ୍ଷକଙ୍କ ବିରୋଧରେ ଏତଲା

**ଜାଲ ଓଟିଇଟି ସାର୍ଟିଫିକେଟରେ ଇନ୍‌କ୍ରିମେଣ୍ଟ୍**

ଚଣ୍ଡିଖୋଲ,୧୬।୯(ଡି.ଏନ.ଏ.): ଯାଜପୁର ଜିଲା ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନରେ ଚାକିରି କରୁଥିବା ତିନିଜଣ ଶିକ୍ଷକ ଓଟିଇଟି (ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ) ଜାଲ ସାର୍ଟିଫିକେଟ ଦେଇ ଇନ୍‌କ୍ରିମେଣ୍ଟ ପାଇଥିଲେ। ଏକଥା ଜଣାପଡ଼ିବା ପରେ ସେମାନଙ୍କ ଦରମା ଓ ଇନ୍‌କ୍ରିମେଣ୍ଟ ବନ୍ଦ କରାଯାଇଥିଲା। ହେଲେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହ ନିକଟ ଥାନାରେ ଅଭିଯୋଗ କରିବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ ବ୍ଲକ ଶିକ୍ଷାଧିକାରୀ (ବିଇଓ) ତାହା କରି ନ ଥିଲେ। ଏନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ବିଇଓ ହରିହର ଦଳେଇ ଗୁରୁବାର ରାତିରେ ବାଧହୋଇ ସେମାନଙ୍କ ନାମରେ ବଡ଼ଚଣା ଥାନାରେ ଏତଲା ଦେଇଛନ୍ତି। ଏତଲାରେ ଶିକ୍ଷକ ଅମୀୟ କୁମାର ବରାଳ, ରେଜିଆ ସୁଲତାନା ଓ ଜୟନ୍ତୀ ସାହୁଙ୍କ ନାମ ଦର୍ଶାଇଛନ୍ତି।

୩ ଶିକ୍ଷକଙ୍କ ଦରମା ବନ୍ଦ କରି ବିଇଓ ଚୁପ ବସିଯିବାରୁ ଗତ ୪ ତାରିଖରେ ପ୍ରାଥମିକ ଶିକ୍ଷାନିର୍ଦ୍ଦେଶାଳୟ ତରଫରୁ ଚିଠି ନଂ.୧୪୩୫୫ରେ ତାଙ୍କ ଦରମା ବନ୍ଦ ପାଇଁ ଟ୍ରେଜେରିକୁ ନିର୍ଦ୍ଦେଶ ଆସିଥିଲା। ଏହାପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ନେବାରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଯାଜପୁର ଜିଲା ସମଗ୍ର ଶିକ୍ଷା ଅଭିଯାନର ସଂଯୋଜକଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲା ସମଗ୍ର ଶିକ୍ଷା ସଂଯୋଜକ ତାଙ୍କ ପତ୍ର ସଂଖ୍ୟା ୧୭୧୯ରେ ଗତ ୯ ତାରିଖରେ ସମ୍ପୃକ୍ତ ତିନି ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହ ନିକଟସ୍ଥ ଥାନାରେ ଏତଲା ଦେବାକୁ ବଡ଼ଚଣା ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ବ୍ଲକ ଶିକ୍ଷାଧିକାରୀ ଏଥିରେ ବିଳମ୍ବ କରିଥିଲେ। ସୂଚନା ଥାଉକି, ଭଦ୍ରକ ଜିଲାର ଜଣେ ସାମାଜିକକର୍ମୀ ଏହି ଜାଲ୍ ସାର୍ଟିଫିକେଟ୍ ସମ୍ପର୍କରେ ଗଣଶିକ୍ଷା ବିଭାଗ ସଚିବଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗରେ ସତ୍ୟତା ଥିବା ଜଣାପଡ଼ିବା ପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଜାରି ରହିଛି।

ROURKELA DEVELOPMENT AUTHORITY
UDITNAGAR, ROURKELA - 769012
Mail: secretaryrda@gmail.com, GSTIN: 21AAALR0294B1ZK
No. 1793/RDA Dated: 15.09.2021

PROCLAMATION

It is hereby informed to the General Public that **Neera Rani Logani and Visal Logani, W/o. and S/o. Late Vijay Kumar Logani** has applied for mutation of **House No. HD/41, under Chhend Housing Project, Phase-II**, in her favour consequent upon death of her **Late Vijay Kumar Logani**. If anybody has got objection to the proposed mutation, He/She may file objection petition before the undersigned within 30 (Thirty) days from the date of publication of this proclamation. Objection petition shall not be entertained after expiry of the stipulated period.

Sd./- Secretary
Rourkela Development Authority

## ଏମାର ମଠରେ ପୁଣି ଗୁପ୍ତଧନ ସନ୍ଧାନ

**ପୁରୀ ଅଫିସ,୧୬।୯**

ବହୁଚର୍ଚ୍ଚିତ ଏମାର ମଠରେ ଗୁପ୍ତଧନ (ବିଭିନ୍ନ ମୂଲ୍ୟବାନ ସମ୍ପତ୍ତି) ଓ ଲୁଚାଇଥା ଥିବା ସନ୍ଧାନରେ ପୁଣି ଯାଞ୍ଚ ଆରମ୍ଭ ହୋଇଛି। ଗୁରୁବାର ଏମାର ମଠର ପାଠଶାଳା, ବାଟ ଅଗଣା, ସିନ୍ଦୁକ, ଗାଦିଘର ସମେତ ଅନେକ ଗୁପ୍ତ କୋଠରିକୁ ମେଟାଲ ଡିଟେକ୍ଟର ଦ୍ୱାରା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ୪ଜଣିଆ ଟିମ୍ ଯାଞ୍ଚ କରିଛନ୍ତି। ମଠ ମହନ୍ତ, ଦେବୋତ୍ତର କମିଶନଙ୍କ ପ୍ରତିନିଧି, ଟ୍ରଷ୍ଟ ବୋର୍ଡ ସଦସ୍ୟ, ପୋଲିସ, ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନର ଅଧିକାରୀଙ୍କ ଉପସ୍ଥିତିରେ ଏହି ଯାଞ୍ଚ କରାଯାଇଛି। ତନ୍ନତନ୍ନ ଭାବେ ଯାଞ୍ଚ ପରେ ପାଠଶାଳା ଓ ବାଟ ଅଗଣାର ୪ଟି ସ୍ଥାନ ସ୍କାନରରେ ଆସିଥିବାରୁ ଗୋଲାକାର ଚିହ୍ନ ଦିଆଯାଇଛି। ସମ୍ପୃକ୍ତ ସ୍ଥାନଗୁଡ଼ିକରେ କୌଣସି ଧାତବ ପଦାର୍ଥ ଥିବା ଅନୁମାନ କରାଯାଉଛି। ପରବର୍ତ୍ତୀ ସମୟରେ ଦେବୋତ୍ତର କମିଶନରଙ୍କ ଅଧ୍ୟକ୍ଷତାରେ ଟ୍ରଷ୍ଟ ବୋର୍ଡ ବୈଠକ ବସି ଖନନ ଲାଗି ନିଷ୍ପତ୍ତି ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାସ କହିଛନ୍ତି, ୨୦୧୧ରେ ଏମାର ମଠର ଗୁପ୍ତ ସୁଡ଼ଙ୍ଗରୁ ୫୨୨ ଖଣ୍ଡ ରୁପାଇଟା ମିଳିଥିଲା। ଏହାପରେ ଗତ ଏପ୍ରିଲ ୧୦ ତାରିଖରେ ଆଉ ୪୫ ଖଣ୍ଡ ରୁପାଇଟା ବାହାରିଥିଲା। ଏସବୁକୁ ଏବେ ପୁରୀ ଟ୍ରେଜେରିରେ ରଖାଯାଇଛି। ତେଣୁ ଏହି ମଠରେ ଆହୁରି ମୂଲ୍ୟବାନ ଧନସମ୍ପତ୍ତି ଓ ରୁପାଇଟା ଥିବା ସନ୍ଦେହ କରି ନୂଆ ଟ୍ରଷ୍ଟ ବୋର୍ଡ ଯାଞ୍ଚ ଲାଗି ଅନୁରୋଧ କରିଥିଲେ। ଏହି କ୍ରମରେ ଗୁରୁବାର ଏମାର ମଠର ପାଠଶାଳା, ବାଟ ଅଗଣା ଓ ଅନେକ ଗୁପ୍ତ କୋଠରିକୁ ଏକ ଟିମ୍ ଯାଞ୍ଚ କରିଛନ୍ତି। ଏଥିରେ ବ୍ୟବହୃତ ହୋଇଥିବା ମେଟାଲ ଡିଟେକ୍ଟର ଚଟାଣରୁ ମାତ୍ର ୨ଫୁଟ୍ ତଳେ ଥିବା ଧାତବ ପଦାର୍ଥକୁ ଚିହ୍ନଟ କରିବାରେ ସମର୍ଥ ହୋଇଥାଏ। ତେଣୁ ଆହୁରି ଗଭୀରରେ ଧାତବ ପଦାର୍ଥ ରହିଥିବା ଅନୁମାନ କରାଯାଉଛି। ଏଥିଲାଗି ଆବଶ୍ୟକ ପଡ଼ିଲେ ଅଧିକ କ୍ଷମତାସମ୍ପନ୍ନ ମେଟାଲ ଡିଟେକ୍ଟର ଆଣି ପୁନଶ୍ଚ ଯାଞ୍ଚ କରାଯିବ। ଆଗାମୀ ଦିନରେ ମଧ୍ୟ ଟ୍ରଷ୍ଟ ବୋର୍ଡ ଓ ଦେବୋତ୍ତର ବିଭାଗକୁ ସମସ୍ତ କାର୍ଯ୍ୟରେ ପ୍ରଶାସନ ଏଭଳି ଭାବେ ସହଯୋଗ କରିବ।

ସେହିପରି ଟ୍ରଷ୍ଟର ଅଧ୍ୟକ୍ଷ ମହନ୍ତ ରାମାନୁଜ ନାରାୟଣ ଦାସ କହିଛନ୍ତି, ଟ୍ରଷ୍ଟ ପକ୍ଷରୁ ଚିଠି ଲେଖାଯିବା ପରେ ଏହି ଯାଞ୍ଚ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇଛି। ଆଗାମୀ ଦିନରେ ଦେବୋତ୍ତର କମିଶନରଙ୍କ ଅଧ୍ୟକ୍ଷତାରେ ଟ୍ରଷ୍ଟ ବୋର୍ଡର ବୈଠକ ପରେ କିଭଳି ସମ୍ପୃକ୍ତ ସ୍ଥାନ ଖନନ କରାଯିବ ଓ ଆଗକୁ କି ପଦକ୍ଷେପ ନିଆଯିବ ସେନେଇ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ। ଟ୍ରଷ୍ଟ ସଦସ୍ୟ ଗବେଷକ ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଏମାର ମଠ ହେଉଛି ଏକ ପୁରାତନ ତଥା ବିତ୍ତଶାଳୀ ମଠ। ନଅଙ୍କ ଦୁର୍ଭିକ୍ଷ ସମୟରେ ଏଠାରୁ ହଜାର ହଜାର ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଥିବାର ଇତିହାସ ରହିଛି। ସେହିପରି ଏହି ମଠକୁ ଦାନ ସୂତ୍ରରେ ଅନେକ ଧନସମ୍ପତ୍ତି ମିଳିଥିଲା। ତେଣୁ ଏଠାକାର ମାଟିତଳେ ଅନେକ ମୂଲ୍ୟବାନ ସାମଗ୍ରୀ ପୋତା ରହିଥାଇପାରେ। ଯାଞ୍ଚ ଟିମ୍ ଦ୍ୱାରା ଚିହ୍ନଟ ଗୋଲାକାର ସ୍ଥାନର ଖନନ ପାଇଁ ଦେବୋତ୍ତର ବିଭାଗ କମିଶନରଙ୍କୁ ଟ୍ରଷ୍ଟ ବୋର୍ଡ ଚିଠି ଲେଖିବ। କମିଶନରଙ୍କଠାରୁ ଯାହା ନିର୍ଦ୍ଦେଶ ଆସିବ, ସେହି ଅନୁଯାୟୀ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ।



ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉଛି।

**୪ ଜଣିଆ ଟିମ୍ ଦ୍ୱାରା ଯାଞ୍ଚ ଆରମ୍ଭ**

■ ସ୍କାନରରେ ଆସିଥିବା ୪ ସ୍ଥାନ ବୃତ୍ତ ଚିହ୍ନଟ

■ ଖନନ ପାଇଁ ଦେବୋତ୍ତର କମିଶନରଙ୍କୁ ଚିଠି ଲେଖାଯିବ

GOVERNMENT OF ODISHA
OFFICE OF THE EXECUTIVE ENGINEER,
RURAL WORKS DIVISION, DEOGARH
E-mail Id – eerw_deogarh@yahoo.co.in

No.O-686:- **E-Procurement Notice**

BID IDENTIFICATION NO. EEDGH-online- 07/2021-22

1. Name of work Road work :- ( 01 No )
2. Estimated cost:- Rs. 28.94 lakh
3. Mode of submission of tender:- Tender shall be submitted online in www.tendersodisha.gov.in
4. Availability of tender for online bidding:– 21.09.2021, 11.00 A.M. to 30.09.2021 up to 5.00 P.M.
5. Date and time of opening of tender: – 01.10.2021, 11.00 A.M
6. Other details can be seen from the website www.tendersodisha.gov.in
7. Corrigendum / Addendum if any shall only be published in the above website.

Sd./- Executive Engineer, R.W. Division, Deogarh
OIPR-25087/11/0005/2122

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KALAHANDI
No.4498/ BMWM/ Bhawanipatna Dt.15.9.2021

TENDER CALL NOTICE

No.E-447:- The Chief District Medical & Public Health Officer, Kalahandi invites sealed proposal along with quotation from registered private organization / Company / NGOs/ Farms for managing the Bio-medical waste of all Govt. HCFs of Kalahandi district and to handle the COVID 19 waste from different Gvot. COVID 19 facilities of this district. The details of the terms and conditions can be downloaded from the website www.kalahandi.nic.in. Interested Parties / Organization / Agencies / NGOs / Farms should submit their technical bids and financial bid in separate envelopes along with the tender documents and application form enclosing all supporting documents in sealed envelope with superscribing **"QUOTATION FOR OUTSOURCING OF BIOMEDICAL WASTE MANAGEMENT, KALAHANDI"** to the Office of the Chief District Medical & Public Health Officer, Kalahandi on or before **Dt.29.09.2021 by 4 P.M.** positively through Speed Post/ Regd. Post / Courier only. The tender paper will be opened on **Dt.30.09.2021 at 11 A.M.** in the office chamber of the undersigned in the presence of committee members & all the bidders. The undersigned has reserves all the right to reject any or all the tenders without assigning any reason thereof.

Sd./- Chief District Medical & Public Health Officer, Kalahandi
OIPR-10076/11/0009/2122

ସବୁ ଅଭ୍ୟାସ ଭିତରେ– ମୃତ୍ୟୁ ହେଉଛି ସବୁଠାରୁ ଅବାଧ ଅଭ୍ୟାସ । .. କିନ୍ତୁ ଭୟ କରନା । ଭଗବାନ ମୃତ୍ୟୁଠାରୁ ଅଧିକ ଶକ୍ତିଶାଳୀ ଏବଂ ସେ ତୁମ ପାଖେ ପାଖେ ଅଛନ୍ତି । ... ମୃତ୍ୟୁକୁ ଇଚ୍ଛା କରନା କି ମୃତ୍ୟୁକୁ ସମ୍ମତି ଦିଅନା ଏବଂ ମୃତ୍ୟୁକୁ ଭୟ ମଧ କରନା । –ଶ୍ରୀମା



# ଗୃହଯୁଦ୍ଧରେ ଶିକ୍ଷାର ଭବିଷ୍ୟତ



ବିନିୟାମ ବେଡାସୋ

୧୦ ମାସ ଧରି ଉତ୍ତର ଇଥିଓପିଆରେ ଗୃହଯୁଦ୍ଧ ଲାଗି ରହିଛି । ଏହା ଟିଗ୍ରେ ଅଞ୍ଚଳରୁ ଆରମ୍ଭ ହୋଇ ଏହାର ପାଖାପାଖି ଅଞ୍ଚଳ ଅମ୍‌ହାରା ଏବଂ ଅଫାର୍‌କୁ ବ୍ୟାପିଛି । ଏହାଯୋଗୁ ୨୦ ଲକ୍ଷରୁ ଅଧିକ ଲୋକ ସ୍ଥାନାନ୍ତର ହୋଇଛନ୍ତି ଓ ବ୍ୟାପକ ଧନ ଜୀବନ ହାନି ହୋଇଛି । ଲକ୍ଷ ଲକ୍ଷ ଲୋକ ଅନାହାର ଭିତରକୁ ଠେଲି ହୋଇଯାଇପାରନ୍ତି ବୋଲି ମାନବୀୟ ସଂସ୍ଥାଗୁଡ଼ିକ ସତର୍କ କରିଦେଇଛନ୍ତି । ବ୍ୟାପକ ଗଣ ଅତ୍ୟାଚାର ଅଭିଯୋଗ ମଧ ଆସୁଛି । ଅଧିକାଂଶ ଗୃହଯୁଦ୍ଧ ଭଳି ଏଥିରେ ବି ମହିଳା ଓ ପିଲାମାନେ ସବୁଠୁ ଅଧିକ ପ୍ରଭାବିତ ହେଉଛନ୍ତି । ନିର୍ଦ୍ଦିଷ୍ଟ ଭାବେ ସଂଘର୍ଷର ସୂତ୍ରପାତ ହେଉଥିବା ସ୍ଥାନ ଓ ଏହାର ଚାରିପାଖ ଅଞ୍ଚଳରେ ଶିକ୍ଷା କ୍ଷେତ୍ରରେ ସ୍କୁଲପିଲାମାନଙ୍କର ଅତ୍ୟଧିକ କ୍ଷତି ହେଉଛି । କୋଭିଡ୍–୧୯ କଟକଣା ଯୋଗୁ ଶିକ୍ଷା ପ୍ରଭାବିତ ହୋଇଥିବାବେଳେ ସଂଘର୍ଷରେ ତାହା ଆହୁରି ସଙ୍କଟ ଭିତରକୁ ଚାଲିଯାଇଛି । ସରକାରୀ ସୂତ୍ରରୁ ପ୍ରକାଶ ଯେ, ଗୃହ ଯୁଦ୍ଧ ଯୋଗୁ ୭,୦୦୦ରୁ ଅଧିକ ସ୍କୁଲ ନଷ୍ଟ କିମ୍ବା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି । ଏହାଦ୍ୱାରା ଆଗାମୀ ଶିକ୍ଷା ବର୍ଷରେ ୧୪ ଲକ୍ଷରୁ ଅଧିକ ପିଲା ସ୍କୁଲ ବାହାରେ ରହିବାର ଆଶଙ୍କା ଦେଖାଦେଇଛି । ଜାତିସଂଘ ରିପୋର୍ଟ ଅନୁଯାୟୀ, ଶିକ୍ଷା କ୍ଷେତ୍ରରେ ଥିବା ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସହାୟତା ଯୋଗାଇ ଦେଉଥିବା ଏଜେନ୍ସିଗୁଡ଼ିକ କେବଳ ୪% ବାଳିକା ବାଳକଙ୍କୁ ସାହାଯ୍ୟ କରିପାରିଛନ୍ତି । ବହୁ ସମୟରେ ଦେଶ ବିଭିନ୍ନ ସରକାରୀ କାର୍ଯ୍ୟରେ ଶିକ୍ଷକମାନଙ୍କ ଉପରେ ନିର୍ଭର କରିଥାଏ । ଏଣୁ ଯୁଦ୍ଧ ପରିସ୍ଥିତିରେ ବିଭିନ୍ନ କାର୍ଯ୍ୟ ସଞ୍ଚାଳନ ପାଇଁ ଶିକ୍ଷକଙ୍କ ଆବଶ୍ୟକତା ରହିବା ସ୍ୱାଭାବିକ । ଫଳରେ ଯୁଦ୍ଧ ସଂଘଟିତ ହେଉଥିବା ଅଞ୍ଚଳ ବ୍ୟତୀତ ଅନ୍ୟ ସ୍ଥାନଗୁଡ଼ିକରେ ଶିକ୍ଷା ପ୍ରଭାବିତ ହେବା ସୁନିଶ୍ଚିତ, ଯାହା ଘଟିଛି ସମଗ୍ର ଇଥିଓପିଆରେ ।

ଯୁଦ୍ଧ ବା ସଂଘର୍ଷ ଯୋଗୁ ପ୍ରତିରକ୍ଷା ବାବଦ ଖର୍ଚ୍ଚ ବୃଦ୍ଧିର ଆବଶ୍ୟକତା ପଡେ । ଏଥିପାଇଁ ବାର୍ଷିକ ବଜେଟରେ ବିଭିନ୍ନ କ୍ଷେତ୍ରର ବ୍ୟୟ ହ୍ରାସ କରାଯାଇ ପ୍ରତିରକ୍ଷା କ୍ଷେତ୍ରକୁ ଅଣାଯାଏ । ଇଥିଓପିଆରେ ଏଭଳି ମଧ ଘଟିଛି । ଶିକ୍ଷା ଭଳି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ବ୍ୟୟ ବରାଦକୁ କାଟଛାଣ୍ଟ କରି ତାହାକୁ ପ୍ରତିରକ୍ଷାରେ ସାମିଲ କରାଯାଇଛି । ୨୦୨୧–୨୨ ବିତ୍ତୀୟ ବର୍ଷର ବଜେଟରେ ପ୍ରତିରକ୍ଷା ବ୍ୟୟକୁ ୦.୫% ପଏଣ୍ଟ ବୃଦ୍ଧି କରାଯାଇଛି । ବଜେଟରେ ଶିକ୍ଷା ବ୍ୟୟର ଶେୟାର ୦.୨% ହ୍ରାସ କରାଯାଇଥିବାବେଳେ ପ୍ରତିରକ୍ଷା ବ୍ୟୟର ଶେୟାରରେ ବୃଦ୍ଧି ହୋଇଛି । ଯଦି ସରକାର ଶିକ୍ଷା ବ୍ୟୟକୁ ସୀମିତ ରଖିବାକୁ ଚେଷ୍ଟା କରିବେ, ତେବେ କମ୍ ଦରମା ପାଉଥିବା ଶିକ୍ଷକମାନେ ବର୍ଦ୍ଧିତ ମୁଦ୍ରାସ୍ଫୀତି ବା ମହଙ୍ଗା ମାଡ ସହିବେ । ନିଅଣ୍ଟିଆ ଆର୍ଥିକ ଅବସ୍ଥା ଏବଂ ଉତ୍ପାଦନ ଓ ଯୋଗାଣ ସମସ୍ୟା ଯୋଗୁ ସେଠାରେ ମୁଦ୍ରାସ୍ଫୀତି ଏବେ ୩୦%ରେ ପହଞ୍ଚିଛି । ସରକାରଙ୍କ ଏଭଳି ପଦକ୍ଷେପ ଓ ଆର୍ଥିକ ସମସ୍ୟା ଦେଶର ଶିକ୍ଷକମାନଙ୍କ ମନୋବଳ ଭାଙ୍ଗିଦେବା ସହ ସେମାନଙ୍କୁ ହତୋତ୍ସାହିତ କରିବ ।

ପୂର୍ବରୁ ବିଶ୍ୱର ବହୁ ଦେଶରେ ସଂଘର୍ଷ ବା ଗୃହଯୁଦ୍ଧ ସଂଘଟିତ ହୋଇଛି । ଏଥିରେ ଲିପ୍ତହେବା ବା ଯୁଦ୍ଧଖୋର ମନୋଭାବ ପ୍ରଦର୍ଶନ କରିବା ଯୋଗୁ ସେଠାରେ ଶିକ୍ଷା ଓ ସାକ୍ଷରତା ଉପରେ ଅତ୍ୟଧିକ ନକାରାତ୍ମକ ପ୍ରଭାବ ପଡ଼ିଥିବାର ପ୍ରମାଣ ରହିଛି । ଏଭଳି ସଂଘର୍ଷ ଦ୍ୱାରା ଏବେ ସାମାଜିକ ପକ୍ଷପାତ, ଯଥା ଶୈକ୍ଷିକ ଅସମାନତାରେ ରହିଥିବା ଲିଙ୍ଗଗତ ପ୍ରଭେଦ ଗମ୍ଭୀର ହେବାର ଆଶଙ୍କା ରହିଛି । ମୋଟ ଉପରେ ସଂଘର୍ଷ କାରଣରୁ ଏକ ଅତ୍ୟନ୍ତ ଖରାପ ବଳୟ ସୃଷ୍ଟି ହେବ, ଯେଉଁଠି ଶିକ୍ଷା ଓ ଆର୍ଥିକ ସୁଯୋଗର ଅଭାବ ଦେଖାଦେବ । ପିଢ଼ି ପିଢ଼ି ଧରି ଶତ୍ରୁତା, ଯୁଦ୍ଧ ଲାଗି ରହିବ । ଏବେ ଇଥିଓପିଆର ଯେଉଁ ସବୁ ଅଞ୍ଚଳ ସଂଘର୍ଷରେ ଲିପ୍ତ ସେଗୁଡ଼ିକ ଦଶନ୍ଧି ଦଶନ୍ଧି ଧରି ଗୃହଯୁଦ୍ଧ ଓ ଅନ୍ତର୍ଦେଶୀୟ ଯୁଦ୍ଧର ପ୍ରଭାବ ମଧ ଭୋଗିଛନ୍ତି । ଶୈଶବ ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ଇଥିଓପିଆନ– ଇରିଟ୍ରିଆନ ଯୁଦ୍ଧର ପ୍ରଭାବକୁ ନେଇ କରାଯାଇଥିବା ଅନୁଧାନରୁ ଜଣାପଡ଼ିଛି ଯେ,ସ୍କୁଲ ଶିକ୍ଷାରେ ବାଧା ଏବଂ ପୋଷଣ ଅଭାବ ଉଭୟେ ଯୁଦ୍ଧ ପ୍ରଭାବିତ ଅଞ୍ଚଳରେ ପିଲାଙ୍କ ଶୈକ୍ଷିକ ପରିଣାମକୁ ଭୀଷଣ କ୍ଷତି ପହଞ୍ଚାଇଛି । ଦୁଃଖର କଥା, ୧୯୮୦ ଦଶକରେ ଯେଉଁମାନଙ୍କ ଶୈଶବ ଓ ଶିକ୍ଷା ଗୃହଯୁଦ୍ଧ ଦ୍ୱାରା ଧୂଳିସାତ ଯାଇଯାଇଥିଲା, ସେମାନେ ଏବେ ବୟସ୍କ । ସେମାନଙ୍କ ପିଲାମାନେ ତିନି ଦଶନ୍ଧି ପରେ ସେହି ରାସ୍ତାରେ ଯାଉଥିବା ସେମାନେ ଦେଖୁଛନ୍ତି ।

ବିକାଶରେ ବାଧା ବା ସମସ୍ୟାକୁ ସାମ୍ନା କରିବା ସହ ଇଥିଓପିଆ ପ୍ରାଥମିକ ଶିକ୍ଷାର ଉପଲବ୍ଧତା ବୃଦ୍ଧି କରିପାରିବା ପାଇଁ ଚଳାଇଥିବା ଉଦ୍ୟମକୁ ପ୍ରଶଂସା କରାଯାଇପାରେ । ଅତୀତର ଗୃହଯୁଦ୍ଧ ହେତୁ ଶିକ୍ଷାରେ ଘଟିଥିବା ଅନେକ କ୍ଷତିକୁ ଭରଣା କରି ଆଗକୁ ବଢ଼ିଛି । ଦୁର୍ଭାଗ୍ୟବଶତଃ, କୋଭିଡ୍ ମହାମାରୀ ସଙ୍କଟରେ କ୍ଷତିଗ୍ରସ୍ତ ପିଲାମାନଙ୍କ ଶିକ୍ଷାର ସାମଗ୍ରିକ ମାନ ବୃଦ୍ଧି ସକାଶେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ରହିଥିବା ଆହ୍ୱାନଗୁଡ଼ିକୁ ସାମ୍ନା କରି ପୂର୍ବାବସ୍ଥାକୁ ଫେରାଇ ଆଣିବା ଲାଗି ଇଥିଓପିଆ ପ୍ରୟାସ କରୁଥିବା ସମୟରେ ଗୃହଯୁଦ୍ଧ ପୁଣି ସ୍କୁଲ୍‌ଗୁଡ଼ିକ ପାଇଁ ଖରାପ ସମୟ ଆଣିଛି । ଶିକ୍ଷା ଉପରେ ସଂଘର୍ଷର ଦୀର୍ଘମିଆଦୀ ପରିଣାମକୁ ସୀମିତ ରଖିବା ପାଇଁ ଶିକ୍ଷା ବ୍ୟବସ୍ଥାର ସୁରକ୍ଷା ଲୋଡ଼ା । ଏଥିପାଇଁ ଯୁଦ୍ଧରେ ପ୍ରଭାବିତ ହୋଇଥିବା ଏବଂ ସଙ୍କଟକୁ ସାମ୍ନା କରିବାକୁ ଥିବା ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ଶିକ୍ଷା ବ୍ୟବସ୍ଥାରେ ନିବେଶ କରିବାକୁ ପଡ଼ିବ । ଏହି କାର୍ଯ୍ୟ ସଂଘର୍ଷ ପରବର୍ତ୍ତୀ ସମୟରେ ଏବଂ ପୁନଃ ନିର୍ମାଣ ସମୟରେ ଜାରି ରଖିବା ଆବଶ୍ୟକ । ଇଥିଓପିଆରେ ଗୃହଯୁଦ୍ଧରେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଅନ୍ତର୍ଜାତୀୟ ସମୁଦାୟ ଜୀବନରକ୍ଷାକାରୀ ଖାଦ୍ୟ ସହାୟତା ଯୋଗାଇ ଦେବା ନିମନ୍ତେ ଏକାଠି କାର୍ଯ୍ୟ କରିବା ଉଚିତ । ଏହା ସହ ସଂଘର୍ଷ ଲାଗିଥିବା ଅଞ୍ଚଳରେ ପିଲାମାନଙ୍କ ଶିକ୍ଷା ସୁଯୋଗ ସୁରକ୍ଷିତ ରଖିବା ଲାଗି ସବୁ ବାଧା ଦୂର କରିବାକୁ ବିଶ୍ୱ ସମୁଦାୟ ପଦକ୍ଷେପ ନେବା ଆବଶ୍ୟକ ।

ବିକାଶଭିତ୍ତିକ ସଂଗଠନଗୁଡ଼ିକ ପ୍ରୋତ୍ସାହନ ସ୍ୱରୂପ ବିଦେଶୀ ସହାୟତା ଯୋଗାଇ ଦେଇ ସଂଘର୍ଷ ଶେଷ କରିବାକୁ ବୁଝାମଣା କରିବା ଦରକାର । ଶିକ୍ଷାରେ ସୃଷ୍ଟି ହୋଇଥିବା ବାଧା ଦୂର କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି । ତେବେ ଏହି କାର୍ଯ୍ୟରେ ସେମାନେ ଅନେକ ଆହ୍ୱାନର ସମ୍ମୁଖୀନ ହେବାର ସମ୍ଭାବନା ଥିଲେ ବି ସାମ୍ପ୍ରତିକ ସମୟରେ ଏହାକୁ ପ୍ରାଥମିକତା ଦେବା ଜରୁରୀ । ଏଭଳି କାର୍ଯ୍ୟ କରି ସେମାନେ ସଂଘର୍ଷରେ ପୂର୍ଣ୍ଣଚ୍ଛେଦ ପକାଇବା ସକାଶେ ଦୁଇପକ୍ଷ ମଧ୍ୟରେ ବୁଝାମଣା କରିପାରିବେ । ୨୦୦୫ରେ ବିବାଦୀୟ ନିର୍ବାଚନ ପରେ ହିଂସକ କାର୍ଯ୍ୟାନୁଷ୍ଠାନ ଯୋଗୁ ସୃଷ୍ଟି ହୋଇଥିବା ଅସ୍ୱାଭାବିକ ପରିସ୍ଥିତିରେ ଡୋନୋର ଅନୁଷ୍ଠାନଗୁଡ଼ିକ ବିଭିନ୍ନ ମାଧ୍ୟମରେ ଅତ୍ୟାବଶ୍ୟକ ସେବା ପାଇଁ ପାଣ୍ଠି ଯୋଗାଇ ଦେଇଥିଲେ । ଏବେ ବି ଏହା କରିପାରିବେ । ଏହି ଗୃହଯୁଦ୍ଧକୁ ଶେଷ କରାଯିବାର ସମସ୍ତ ଉଦ୍ୟମ ଇଥିଓପିଆକୁ ଅନେକ ଲାଭ ପହଞ୍ଚାଇବ । ଏହାଦ୍ୱାରା ବହୁ ଜୀବନ ରକ୍ଷା ହେବ ଏବଂ ପିଲାମାନଙ୍କ ପାଇଁ ଶିକ୍ଷା ସୁଯୋଗ ପୁଣି ଫେରାଇ ଅଣାଯାଇପାରିବ । ଏଭଳି ପଦକ୍ଷେପ ଗ୍ରହଣ କରାଯିବାବେଳେ ଯଦି ସ୍କୁଲ ସଂସାଧନଗୁଡ଼ିକର ପରିବର୍ତ୍ତନ ଆଣିବାକୁ ଗୁରୁତ୍ୱ ଦିଆ ନଯାଏ କିମ୍ବା ମୁଦ୍ରାସ୍ଫୀତି ବଢ଼ିବା ସମୟରେ ଶିକ୍ଷକଙ୍କ ବାସ୍ତବ ଆୟ ହ୍ରାସ ହୁଏ, ତେବେ ଆର୍ଥିକ ଅନୁଦାନଗୁଡ଼ିକ ଲାଭଦାୟକ ହେବା ପରିବର୍ତ୍ତେ କ୍ଷତି ଘଟାଇବ । ଏଣୁ ଆର୍ଥିକ ଅନୁଦାନର ଠିକ୍ ଉପଯୋଗ ଉପରେ ଅନୁଷ୍ଠାନଗୁଡ଼ିକ ଗୁରୁତ୍ୱ ଦେବା ଦରକାର ।

ମୂଳତଃ, ଏହି ଯୁଦ୍ଧରେ ସବୁ ପକ୍ଷ ମନେରଖିବା ଉଚିତ ଯେ, ସଂଘର୍ଷରେ ମାନବ ଜୀବନର କେତେ କ୍ଷତି ଘଟୁଛି ତାହା ବାସ୍ତବ ମୃତଦେହ ଗଣନା କିମ୍ବା ଅନାହାର ଭିତରକୁ ଠେଲି ହୋଇଯାଉଥିବା ଲୋକଙ୍କ ସଂଖ୍ୟାରେ ସୀମିତ ନୁହେଁ । ଇଥିଓପିଆରେ ଲାଗି ରହିଥିବା ସଂଘର୍ଷର ସାମଗ୍ରିକ ପ୍ରଭାବ ପରପିଢ଼ିକୁ ସମ୍ପ୍ରସାରିତ ହୋଇପାରେ । ଲକ୍ଷ ଲକ୍ଷ ପିଲାଙ୍କୁ ସେମାନଙ୍କ ଶିକ୍ଷା ଅଧିକାରୁ ବଞ୍ଚିତ କରିବା ଏଭଳି ଆଶଙ୍କା ଦେଖାଦେଇଛି । ରାଜନୈତିକ ନେତାଗଣ ମଧ ଏଥିପାଇଁ ଉତ୍ତରଦାୟୀ ରହିବା ଉଚିତ ।

**ସିନିୟର ରିସର୍ଚ୍ଚ ଆସୋସିଏଟ୍, ସେଣ୍ଟର ଫର୍ ଗ୍ଲୋବାଲ ଡେଭଲପମେଣ୍ଟ, ଲଣ୍ଡନ**

## ଏଇ ଭାରତରେ

ବାନାନା ଶାଢ଼ି, ଲୋଟସ୍ ଶାଲ୍ ଏବଂ ବାମ୍ବୋ ଜିନ୍ସ କହୁଛି ଆମ ଦେଶୀ ଫ୍ୟାଶନ ଏବେ କେଉଁଠି ପହଞ୍ଚିଲାଣି । ବାନାନା ଶାଢ଼ି ପାଇଁ ସମ୍ପୂର୍ଣ୍ଣ କଦଳୀ ଗଛକୁ ଉପଯୋଗ କରାଯାଉଛି । ସେହିଭଳି ବାମ୍ବୋ ଜିନ୍ସରେ ବାଉଁଶ ସହ ଅନ୍ୟ ଗଛର ଫାଇବର ବା ତନ୍ତୁ ଉପଯୋଗ ହେଉଛି । ଲୋଟସ୍ ଶାଲ୍ ପ୍ରସ୍ତୁତିରେ ପଦ୍ମନାଡ଼ର ତନ୍ତୁ ଲାଗୁଛି । ଏଭଳି ଡିଜାଇନର କପଡ଼ା ତିଆରି କରୁଛନ୍ତି ତାମିଲନାଡୁର ସି. ଶେକର । ସେ ଅନାକାପୁଥୁର ୱିଭର୍ସ ଆସୋସିଏଶନର ସଭାପତି ରହିଛନ୍ତି । ପ୍ରାକୃତିକ ଫାଇବରରୁ କପଡ଼ା ପ୍ରସ୍ତୁତ କରିବାରେ ଏଭଳି ସଫଳତା ପାଇଁ ତାଙ୍କୁ ପୁରସ୍କୃତ କରାଯାଇଛି । ସବୁଠୁ ବଡ଼ କଥା ହେଉଛି, ବର୍ଜ୍ୟ ଭାବେ ଫିଙ୍ଗି ଦିଆଯାଉଥିବା କଦଳୀ ଗଛକୁ ଉପଯୋଗ କରି କପଡ଼ା ତିଆରିରେ ଲଗାଉଛି ଅନାକାପୁଥୁର ୱିଭର୍ସ ଆସୋସିଏଶନ । ତାମିଲନାଡୁ, ଆନ୍ଧ୍ର ପ୍ରଦେଶ ଓ କେରଳର ମନ୍ଦିରଗୁଡ଼ିକରେ କଦଳୀ ଗଛକୁ ଶୋଭା ବଢ଼ାଇବା ଲାଗି ବ୍ୟବହାର କରାଯାଇଥାଏ । ଶେକର ସେଗୁଡ଼ିକୁ ସେଠାରୁ ସଂଗ୍ରହ କରୁଛନ୍ତି । ଅନାକାପୁଥୁର ୱିଭର୍ସ ଆସୋସିଏଶନର ବୁଣାକାରମାନଙ୍କର ଆହୁରି ଅନେକ ଗଛରୁ କପଡ଼ା ତିଆରି କରିବାର କ୍ଷମତା ରହିଛି , କିନ୍ତୁ ସେମାନଙ୍କୁ ବୈଷୟିକ ସହାୟତା ମିଳିପାରୁନାହିଁ ବୋଲି କହନ୍ତି ଶେକର । ସେହିଭଳି ମୁମ୍ବାଇର ହେମ୍ପ୍ କମ୍ପାନୀ ଦ୍ୱାରା ସପୁରି ପତ୍ରର ଫାଇବରରୁ କପଡ଼ା ତିଆରି ହେଉଛି । କମ୍ପାନୀର ମୁଖ୍ୟ ତଥା ଡିଜାଇନର ନେହା ରାଓଙ୍କ ଦ୍ୱାରା ଏହା ସମ୍ଭବ ହୋଇଛି । ଏହି କପଡ଼ା ନରମ ଓ ଆରାମଦାୟକ ହେଉଛି । ଭାରତରେ ୧୬ ଲକ୍ଷ ଟନ୍ ସପୁରି ଉତ୍ପାଦନ ହେଉଥିବାବେଳେ ଏହି ଗଛର ପତ୍ରକୁ ଉପଯୋଗ କରି ଅଧିକ କପଡ଼ା ପ୍ରସ୍ତୁତ ପାଇଁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି କହନ୍ତି ନେହା ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | | 1 | | | |
| 3 | 8 | | | 9 | 2 | | | |
| 5 | | | | | | 8 | 3 | |
| | | | | | 9 | | 5 | |
| | | | | | | | | 6 |
| | | 4 | 1 | | | | 9 | |
| 6 | 2 | | | 4 | | 5 | | |
| | | | | | | | | |
| 9 | 5 | | 7 | | 8 | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 7 | 2 | 8 | 9 | 3 | 1 | 5 |
| 2 | 8 | 9 | 5 | 1 | 3 | 4 | 6 | 7 |
| 1 | 3 | 5 | 6 | 7 | 4 | 8 | 9 | 2 |
| 9 | 7 | 4 | 3 | 5 | 8 | 6 | 2 | 1 |
| 3 | 2 | 6 | 1 | 9 | 7 | 5 | 8 | 4 |
| 8 | 5 | 1 | 4 | 6 | 2 | 7 | 3 | 9 |
| 5 | 9 | 8 | 7 | 3 | 1 | 2 | 4 | 6 |
| 6 | 1 | 2 | 8 | 4 | 5 | 9 | 7 | 3 |
| 7 | 4 | 3 | 9 | 2 | 6 | 1 | 5 | 8 |

ଗତକାଲିର ଉତ୍ତର

# ବିକଶିତ ପର୍ଯ୍ୟଟନ ଆବଶ୍ୟକ



ଇପ୍ସିତା ମହାନ୍ତି

ପର୍ଯ୍ୟଟନ ଶିଳ୍ପ ସାରାଦୁନିଆ ପାଇଁ କେବଳ ଅର୍ଥନୈତିକ ପ୍ରଗତି ଆଣେ ନାହିଁ ବରଂ ରୋଜଗାରର ଅଜସ୍ର ସୁଯୋଗ ସୃଷ୍ଟି କରେ । କେତେକ ରାଷ୍ଟ୍ରର ଅର୍ଥନୀତି ଓ ଘରୋଇ ଉତ୍ପାଦରେ ଏହାର ଯୋଗଦାନ ସର୍ବାଧିକ । ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ୩୨ଲକ୍ଷ ବର୍ଗ କିଲୋମିଟର କ୍ଷେତ୍ରଫଳ ବିଶିଷ୍ଟ ଭାରତର ସ୍ଥିତି କିନ୍ତୁ ଅତିବ ନୈରାଶ୍ୟଜନକ । ସୁବିସ୍ତୀର୍ଣ୍ଣ ବେଳାଭୂମି, ହିମାଳୟ ପାର୍ବତ୍ୟାଞ୍ଚଳ ସହ ଅସଂଖ୍ୟ ପାର୍ବତ୍ୟ ଉପତ୍ୟକା, ଏକାଧିକ ବାଲୁକାମୟ ସହର, ନଦୀନାଳ, ଜଳପ୍ରପାତ, ବଣପାହାଡ଼, ଐତିହାସିକ କୀର୍ତ୍ତିରାଜି, କ'ଣ ନାହିଁ ଆମ ଦେଶରେ ? ସାରାଦୁନିଆରେ ଜନସଂଖ୍ୟା ଦୃଷ୍ଟିରୁ ୨ୟ, କ୍ଷେତ୍ରଫଳରେ ୭ମ ଏବଂ ଜିଡିପିରେ ୩ୟ ସ୍ଥାନରେ ଥିବା ଭାରତର ସ୍ଥାନ ବିଶ୍ୱ ପର୍ଯ୍ୟଟନ ତାଲିକାରେ ୩୪ତମ । ଆତ୍ମନିର୍ଭରଶୀଳ ଦୃଷ୍ଟିରୁ ଏହା ଆମକୁ ବହୁ ପଛକୁ ଠେଲି ଦେଇଛି ।

ପର୍ଯ୍ୟଟନ କ୍ଷେତ୍ରରେ ଯଦି ବିଶ୍ୱବ୍ୟାପୀ ତୁଳନା କରିବା, ତେବେ ସମୁଦାୟ ୨ଲକ୍ଷ ବର୍ଗ ମାଇଲର କ୍ଷେତ୍ରଫଳ ଓ ସାଢେ ୪କୋଟି ଜନସଂଖ୍ୟା ବିଶିଷ୍ଟ ସ୍ପେନ ହେଉଛି ଏକମାତ୍ର ଦେଶ ଯେଉଁଠିକୁ ଦୁନିଆର ବିଭିନ୍ନ ପ୍ରାନ୍ତରୁ ପ୍ରତିବର୍ଷ ୮କୋଟି ଲୋକ ଭ୍ରମଣରେ ଯାଇଥାନ୍ତି । ଏହି ତଥ୍ୟ ଅନୁସାରେ ସ୍ପେନ୍ ହେଉଛି ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ । ସମଗ୍ର ବିଶ୍ୱରେ ଯଦି ବାର୍ଷିକ ୫୦କୋଟି ଲୋକ ଭ୍ରମଣ କରୁଥାନ୍ତି, ତେବେ ସେଥିମଧ୍ୟରୁ ୧୬% ଲୋକଙ୍କୁ ଏକାକୀ ସ୍ପେନ୍ ଟାଣି ନିଏ । ସେହିଭଳି ପାଖାପାଖି ୯% ଲୋକଙ୍କ ପ୍ରଥମ ପସନ୍ଦ ହେଉଛି ଫ୍ରାନ୍ସ, ଯାହାର ମୋଟ କ୍ଷେତ୍ରଫଳ ଅଢ଼େଇ ଲକ୍ଷ ବର୍ଗ ମାଇଲ୍ । ବିଶ୍ୱ ପର୍ଯ୍ୟଟନର ଅନୁକୂଳ ଦେଶଙ୍କ ତାଲିକାରେ ଫ୍ରାନ୍ସ ଏବଂ ସ୍ପେନ୍ ପ୍ରଥମ ୨ସ୍ଥାନ ଅଧିକାର କରି ନେଇଛନ୍ତି । ତା' ପଛକୁ ୩ୟ ସ୍ଥାନରେ ରହିଛି ଯୁକ୍ତରାଷ୍ଟ୍ର ଆମେରିକା । ବିଶ୍ୱର ବୃହତ୍ତମ ବଜାର ହେତୁ ଏହା ୩ୟରେ ରହିବା ଆଶ୍ଚର୍ଯ୍ୟଜନକ ନୁହେଁ । କିନ୍ତୁ ଜନସଂଖ୍ୟା ଦୃଷ୍ଟିରୁ ୧ମ ସ୍ଥାନରେ ଥିବା ଚାଇନା ତାଲିକାର ୪ର୍ଥ ସ୍ଥାନରେ ରହିବା ଅନେକଙ୍କୁ ଚକିତ କରୁଛି । ପ୍ରତିବର୍ଷ ଦୁନିଆର ୬କୋଟିରୁ ଊର୍ଦ୍ଧ୍ୱ ଲୋକ ଚାଇନା ଭ୍ରମଣରେ ଯାଇଥାନ୍ତି । ପର୍ଯ୍ୟଟନ ଶିଳ୍ପରୁ ଫ୍ରାନ୍ସ, ସ୍ପେନ୍, ଯୁକ୍ତରାଷ୍ଟ୍ର ଆମେରିକା, ସୁଇଜରଲାଣ୍ଡ ଏବଂ ନେଦରଲାଣ୍ଡ ଭଳି ଦେଶ ବାର୍ଷିକ ବହୁ କୋଟି ଆୟ କରୁଛନ୍ତି ।

କେତେକଙ୍କ ମତରେ, ଆମ ଦେଶରେ ପ୍ରତିଦିନ ସଂଖ୍ୟାଧିକ ଆପରାଧିକ ମାମଲା ଘଟୁଥିବାରୁ ଏଠାକୁ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆସନ୍ତି ନାହିଁ । କାରଣ ପର୍ଯ୍ୟଟକଗଣ ନିଜ ସୁରକ୍ଷାକୁ ପ୍ରାଥମିକତା ଦେଇଥାନ୍ତି । ଏଭଳି ଯୁକ୍ତି ଅମୂଳକ ନୁହେଁ । କିନ୍ତୁ ଆପରାଧିକ ମାମଲାରେ ସାରାଦୁନିଆରେ ମେକ୍ସିକୋ ଓ ଯୁକ୍ତରାଷ୍ଟ୍ର ଆମେରିକା ସର୍ବାଗ୍ରେ ରହିବେ । ହେଲେ ମେକ୍ସିକୋ ହେଉଛି ପର୍ଯ୍ୟଟକଙ୍କ ୭ମ ପସନ୍ଦଯୋଗ୍ୟ ରାଷ୍ଟ୍ର । ବାର୍ଷିକ ୪କୋଟିରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଏଠାକୁ ଯାଇଥାନ୍ତି । ଏ ଦୃଷ୍ଟିରୁ ଭାରତକୁ କମ୍ ପର୍ଯ୍ୟଟକ ଆସିବା ଚିନ୍ତାର ବିଷୟ ।

ସେହିପରି କୋଳାହଳ ମଧ ଏକ କାରଣ । ଶାନ୍ତ ପରିବେଶକୁ ଖୋଜିଖୋଜି ଭାରତ ଆସୁଥିବା ବିଦେଶୀ ପର୍ଯ୍ୟଟକ ଆଜି ଏଠାରେ ଶାନ୍ତିରେ ସମୟ କାଟିପାରୁ ନାହାନ୍ତି । ୨୦୦୮ର ଏକ ଘଟଣା– କିଛି ବିଦେଶୀ ପର୍ଯ୍ୟଟକ ସପରିବାର ଆନ୍ଧ୍ରପ୍ରଦେଶର ଆର୍କୁ ଉପତ୍ୟକାର ଶାନ୍ତ ପରିବେଶରେ ସମୟ କାଟୁଥାନ୍ତି, ଉପଭୋଗ କରୁଥାନ୍ତି ଠୋକାର ପ୍ରକୃତିକୁ । ଠିକ୍ ଏହି ସମୟରେ ବାଇକ୍ ଯୋଗେ ୧୦ରୁ ୧୨ଜଣ ସଂଘବଦ୍ଧ ଯୁବକ ସେମାନେ ରହୁଥିବା ସ୍ଥାନ ନିକଟରେ ପହଞ୍ଚିଗଲେ । କିଛି କ୍ଷଣରେ ଉକ୍ତ ସ୍ଥାନଟି ଅପରିଷ୍କାର ହୋଇଗଲା । ଏମାନଙ୍କ କୋଳାହଳରୁ ବର୍ତ୍ତିବା ପାଇଁ ସେହି ବିଦେଶୀ ପର୍ଯ୍ୟଟକ ସ୍ୱତଃ ସେଠାରୁ ଚାଲିଯିବା ପାଇଁ ବାଧ୍ୟ ହୋଇଥିଲେ । ଶବ୍ଦ ପ୍ରଦୂଷଣ ହେଉଛି ଏକ ଦିଗ, ଯାହାକୁ ଆମ୍ଭମାନଙ୍କ ମଧ୍ୟରୁ କେହିକେହି ପୌରାଣିକ ଦୃଷ୍ଟିରେ ବିବେଚନା କରିଥାନ୍ତି । ନଚେତ ଏଠାକାର ବିଭିନ୍ନ ପର୍ବପର୍ବାଣି, ସାମାଜିକ, ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟକ୍ରମରେ ଅନାବଶ୍ୟକ ଭାବେ ଖୁବ୍ ଉଚ୍ଚ ଶବ୍ଦରେ ବାଦ୍ୟଯନ୍ତ୍ର ବାଜନ୍ତା ନାହିଁ କିମ୍ବା ଡାକବାଜି ଯନ୍ତ୍ରରୁ ବିକଟାଳ ଶବ୍ଦ ଶୁଭନ୍ତା ନାହିଁ । ଆପରାଧିକ ଶ୍ରେଣୀଭୁକ୍ତ ହୋଇ ନ ଥିବାରୁ କୋଳାହଳକୁ କେହି ମାନନ୍ତି ନାହିଁ । କେତେକଙ୍କ ମତରେ ଆମ ଜନସଂଖ୍ୟାର ଘନତ୍ୱ ପର୍ଯ୍ୟଟକଙ୍କ ଆଗମନ ପଥରେ କଣ୍ଟକ ସାଜିଛି । ମାତ୍ରାଧିକ ଭିଡ଼ ଓ କୋଳାହଳ ଯୋଗୁ ଏଠାରେ ବିଦେଶୀ ପର୍ଯ୍ୟଟକ ଅସହଜ ମନେ କରୁଛନ୍ତି । ତେବେ ଜନସଂଖ୍ୟା ଦୃଷ୍ଟିରୁ ଚାଇନା ହେଉଛି ବିଶ୍ୱର ବୃହତ୍ତମ ଦେଶ, ଯିଏ ଦେଢ଼ଶହ କୋଟି ଲୋକଙ୍କୁ ପାଳୁଛି । ଅଥଚ ପର୍ଯ୍ୟଟନ ଶିଳ୍ପ ତାଲିକାରେ ଚାଇନା ଭାରତ ଉପରେ ରହିଛି । । ଆମ ଦେଶକୁ ବାର୍ଷିକ ୨କୋଟି ଲୋକ ବି ଆସନ୍ତି ନାହିଁ । ଏଭଳି ସ୍ଥିତିରେ ମାତ୍ରାଧିକ କୋଳାହଳ ଏକ କାରଣ ହୋଇ ନ ପାରେ । ଆମ ପର୍ଯ୍ୟଟନ ମନ୍ତ୍ରଣାଳୟ ସୁପ୍ତ ଅବସ୍ଥାରେ ରହିବା ଏବଂ ବିଭାଗୀୟ କର୍ମଚାରୀ କଚ୍ଛପ ଗତିରେ କାର୍ଯ୍ୟ କରିବା ହେତୁ ଏହି କ୍ଷେତ୍ରରେ ଆମେ ଆଜି ବହୁ ପଛରେ ପଡ଼ିଯାଇଛେ ।

ପର୍ଯ୍ୟଟନକୁ ପ୍ରାଥମିକତା ଦେଉଥିବା ସରକାର ଗୋଟିଏ ପରେ ଗୋଟିଏ ଅଭିନବ ବିକଳ୍ପ ଓ ସୁଯୋଗ ସୃଷ୍ଟି ପାଇଁ ପରିଯୋଜନା ତିଆରି କରନ୍ତି । ଏଥିପାଇଁ ସରକାର ଲୋକଙ୍କୁ ଆକୃଷ୍ଟ କଲାଭଳି ବିଜ୍ଞାପନ ତିଆରି କରନ୍ତି, ପର୍ଯ୍ୟଟକଙ୍କୁ ଲୋଭନୀୟ ସୁବିଧା ପ୍ରଦାନର ସର୍ତ୍ତ ରଖନ୍ତି, ରିହାତି ବିଷୟ ଘୋଷଣା କରନ୍ତି, ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଚଳଚ୍ଚିତ୍ର ନିର୍ମାଣ ପାଇଁ ଆଗେଇ ଆସନ୍ତି । ସାଥେସାଥେ ବିଦେଶୀ ଚଳଚ୍ଚିତ୍ରର ସୁଟିଂ ପାଇଁ ସ୍ୱତନ୍ତ୍ର ରିହାତିର ବ୍ୟବସ୍ଥା ମଧ କରନ୍ତି । ସମ୍ପ୍ରତି ଅଧିକାଂଶ ହଲିଉଡ୍ ଚଳଚ୍ଚିତ୍ରରେ ପର୍ଯ୍ୟଟନର ପ୍ରଚାର–ପ୍ରସାର ପାଇଁ ଦର୍ଶକଙ୍କୁ ମରକ୍କୋର ବିଭିନ୍ନ ଦୃଶ୍ୟ ଦେଖାଯାଉଛି । ନିକଟରେ ସେଠାରେ ଏକ ଚଳଚ୍ଚିତ୍ରର କ୍ଲାଇମାକ୍ସରେ ସାମୋଆକୁ ଦେଖାଯାଇଥିଲା । କାହିଁକି ଜାଣନ୍ତି ? ମାନଚିତ୍ରରେ ସାମୋଆ କେଉଁଠି ଅଛି ? ତାହା କେହି ଜାଣନ୍ତିନି । କିନ୍ତୁ ଏହାକୁ ଦେଖିବା ପରେ ଏ ବିଷୟରେ ଦର୍ଶକଙ୍କ ମନରେ ନିଶ୍ଚିତ ଭାବରେ ପ୍ରଶ୍ନ ଉଠିବ ଯେ, କେତେ ସୁନ୍ଦର ହେଉଛି ସ୍ଥାନଟି ! ସେମାନେ ଖୋଜିବାକୁ ଲାଗିବେ, ଏହା କେଉଁଠି ଅବସ୍ଥିତ ?

ଦୁନିଆ କଥା ଛାଡ଼ନ୍ତୁ । ଟିକିଏ ଚିନ୍ତା କଲେ ଜାଣିଯିବା ଜୋୟାରେ କାହିଁକି ସ୍ପେନର ଛବି ଦେଖାଯାଇଥିଲା ? ଏହି ଚଳଚ୍ଚିତ୍ର ପରେ ଏକ ମିଲିୟନରୁ ଊର୍ଦ୍ଧ୍ୱ ଭାରତୀୟ ସ୍ପେନ ଯାତ୍ରାର ଯୋଜନା କରିଥିଲେ । ଥରେ ଭାବି ଦେଖନ୍ତୁ ତ ୧ଲକ୍ଷ ଲୋକ ଯଦି ସ୍ପେନ ଭ୍ରମଣରେ ଯିବେ ଓ ସେଠାରେ ଜଣକା ଅତିକମ୍‌ରେ ୧ହଜାର ୟୁରୋ ଲେଖାଏଁ ଖର୍ଚ୍ଚ କରବେ, ତା'ହେଲେ କେତେ ଟଙ୍କା ହେବ ? ୧ବିଲିୟନ ୟୁରୋ ଅର୍ଥାତ ଭାରତୀୟ ମୁଦ୍ରାରେ ପ୍ରାୟ ୮ହଜାର କୋଟି ଟଙ୍କା । ତା'ମାନେ କେବଳ ଗୋଟିଏ ଚଳଚ୍ଚିତ୍ରରୁ ଏତେ ପରିମାଣର ଅର୍ଥ ଆୟ ହୋଇପାରୁଛି । ଆମ ଜୈସାଲମେର୍ କୌଣସି ଗୁଣରେ ମରକ୍କୋଠାରୁ କମ୍ ନୁହେଁ । ହିମାଚଳ ପ୍ରଦେଶ ତୁଳନାରେ ସୁଇଜରଲାଣ୍ଡ କିଛି ନୁହେଁ । ବର୍ଷର ଅଧିକାଂଶ ସମୟ ଏଠାରେ ଜୀବନ ବିତାଇବା କଷ୍ଟକର କିନ୍ତୁ ଯେକୌଣସି ସମୟରେ ହିମାଚଳ ପ୍ରଦେଶକୁ ଭ୍ରମଣରେ ଯାଇପାରିବା । ଆମ ଉତ୍ତରାଖଣ୍ଡ ସହ କେହି ସମକକ୍ଷ ନୁହନ୍ତି । ସାରାଦୁନିଆ ବୁଲିଆସିଲେ ଶ୍ରୀନଗର ଭଳି ସହର ପାଇବା ନାହିଁ । ଦୁନିଆରେ ଲଦାଖର କେହି ବିକଳ୍ପ ନାହାନ୍ତି । ତଥାପି ଆମ ଦେଶକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ଦେଢ଼କୋଟିରେ ସୀମିତ! ଆମକୁ ଏହାର କାରଣ ଖୋଜି ବାହାର କରିବାକୁ ପଡ଼ିବ ।

ପର୍ଯ୍ୟଟନ କ୍ଷେତ୍ରରେ ପଛୁଆ ପାଇଁ କେବଳ ଆମ ସରକାର କିମ୍ବା ପ୍ରଶାସନ ଦାୟୀ ନୁହନ୍ତି, ଆମ ଜନପ୍ରତିନିଧି, ପ୍ରତିଷ୍ଠିତ ବ୍ୟକ୍ତିବିଶେଷ, ଚଳଚ୍ଚିତ୍ର ଓ ସାହିତ୍ୟ ଜଗତ ମଧ ସମପରିମାଣରେ ଉତ୍ତରଦାୟୀ । ଚଳଚ୍ଚିତ୍ର ନିର୍ମାଣ ପାଇଁ ଏଠି ଟିକସ ବାବଦରେ ରିହାତି ମିଳେନାହିଁ । ଯଦିବା କାହାକୁ କିଛି ମିଳୁଛି ତାହା ଅତି କ୍ୱଚିତ । ଏଠାରେ ଚଳଚ୍ଚିତ୍ର ନିର୍ମାଣ ପାଇଁ ହେଉଥିବା ଛୋଟମୋଟ ଖର୍ଚ୍ଚକୁ ଯଦି ଅପସାରଣ କରିନେବା, ତେବେ ସେହି ଅର୍ଥରେ ଚେକ୍ ରିପବ୍ଲିକର ପ୍ରାଗ୍‌ରେ ଏକ ଚଳଚ୍ଚିତ୍ର ନିର୍ମିତ ହୋଇପାରିବ ସିନା ଆମ ଦେଶର ବିହାରରେ ଏହା ଅସମ୍ଭବ । ଭାତହାଣ୍ଡିରୁ ଭାତଟିଏ ଚିପିଲା ଭଳି ଏସବୁକୁ ଯଦିଓ ଉଦାହରଣ କହିବା କିନ୍ତୁ ଏହା ହିଁ ହେଉଛି ବାସ୍ତବତା ।

**ବୈପାରୀଗୁଡ଼ା, କୋରାପୁଟ**

**ମୋ: ୬୩୭୦୬୭୯୪୦୫**

# ପ୍ରକୃତିର ଶ୍ୱେତପତ୍ର



ଡ. ବାଇଧର ସାହୁ

ବ୍ରିଟିଶ ସରକାର ୧୭।୩।୧୯୩୩ରେ ଏକ ଶ୍ୱେତପତ୍ର ପ୍ରକାଶ କରିଥିଲେ । ସେଥିରେ ଉଲ୍ଲେଖ ଥିଲା ସମସ୍ତ ବ୍ରିଟିଶ ଶାସିତ ଭାରତ ସିନ୍ଧୁ ଓ ଓଡ଼ିଶା ସହିତ ଏଗାର ଗୋଟି ବିଭିନ୍ନ ପ୍ରଦେଶରେ ବିଭକ୍ତ ହେବ । ଏହା ସେ ସମୟର ଭବିଷ୍ୟତ କାର୍ଯ୍ୟପନ୍ଥା ; ଯାହାକୁ କହନ୍ତି ଶ୍ୱେତପତ୍ର । ଠିକ୍ ଏହି ସମୟରେ କାଠଯୋଡ଼ି ନଦୀରେ ଆରମ୍ଭ ହେଲା ଭୟଙ୍କର ବନ୍ୟା, ଯଦ୍ଦ୍ୱାରା ଲକ୍ଷ ଲକ୍ଷ ଏକର ଉର୍ବର ଚାଷଜମି ବାଲିଚର ହୋଇଗଲା । ଧୋଇଆ ଅଞ୍ଚଳର ଜନସାଧାରଣ ଅକଥନୀୟ ଯନ୍ତ୍ରଣା ଭୋଗକଲେ । ଇଂରେଜ ସରକାର କେଡ଼ାଟନ ହ୍ୟାରିସ ଓ ମିଃ. ମୋଫାଟ ମିଲସନଙ୍କ ପ୍ରଦତ୍ତ ୧୯ଶ ଶତାବ୍ଦୀର ବନ୍ୟା ବିବରଣୀରୁ ଜାଣିଲେ ୧୮୩୧, ୧୮୫୬, ୧୮୫୭, ୧୮୬୬, ୧୮୮୫, ୧୮୯୫ ଓ ୧୯୨୭ ମସିହାରେ ପ୍ରଚୁର ବୃଷ୍ଟି ସହ ସମୁଦ୍ରରୁ ଝଡ଼ତୋଫାନ ଆସିବା ଦ୍ୱାରା ପ୍ରକୃତିର ତାଣ୍ଡବ ଲୀଳା ସୃଷ୍ଟି ହୋଇଛି । ବନ୍ୟା ହୋଇଛି ଓଡ଼ିଶାର ଚିର ସହଚର । ବିଶ୍ୱ ସ୍ରଷ୍ଟାଙ୍କର ସମସ୍ତ ଜଗତର ପ୍ରାକୃତିକ ବ୍ୟବସ୍ଥା ନିୟମ ଅଚଳ ଓ ଅଟଳ । ଜଳ, ସ୍ଥଳ, ଆକାଶ, ସୂର୍ଯ୍ୟ ଓ ବାୟୁର ବିଚିତ୍ର କ୍ରିୟା ଧାରାବାହିକ ଭାବେ ଏକ ନିୟମରେ ବାନ୍ଧି ହୋଇ ଅବିରୋଧ ଭାବରେ ପରସ୍ପର ସହିତ ସାମଞ୍ଜସ୍ୟ ରଖି ତାଙ୍କ କାର୍ଯ୍ୟରେ ଲିପ୍ତ ହୋଇଥାଆନ୍ତି ; ଯାହା ପ୍ରକୃତି ଗତିର ଲୀଳା । ଏହା ହେଉଛି ପ୍ରକୃତିର ଶ୍ୱେତପତ୍ର । ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟକୁ ଗବେଷଣା କରି ଦେଖିଲେ ତାହାର ଭୌଗୋଳିକ ଅବସ୍ଥିତି ଆଲୋଚନା ପରିସରକୁ ଆସିଥାଏ । ଯେପରି କି ଓଡ଼ିଶାର ନଦୀଗୁଡ଼ିକ ପାହାଡ଼ ପର୍ବତରୁ ସୃଷ୍ଟି ହୋଇ ସମୁଦ୍ରରେ ମିଶିଯାଇଛନ୍ତି । ଭାରତବର୍ଷର ପଶ୍ଚିମ ଉପକୂଳରେ ଆରବସାଗର ଓ ପୂର୍ବ ଉପକୂଳରେ ବଙ୍ଗୋପସାଗର, ଓଡ଼ିଶାର ସମୁଦ୍ରକୂଳର ବେଳାଭୂମି ଖୁବ୍ ପ୍ରଶସ୍ତ ଓ ସେହି ବେଳାଭୂମିଠାରୁ ସମୁଦ୍ର ମଧ୍ୟକୁ ଜଳର ଗଭୀରତା ସେତେ ବେଶି ନୁହେଁ । ଭୌଗୋଳିକ କାରଣରୁ ଅଗଭୀର ସମୁଦ୍ର ଓ ତାହାର ବେଳାଭୂମି ବାତ୍ୟା ଓ ବନ୍ୟାକୁ ନିୟନ୍ତ୍ରଣ କରେ ।

ପ୍ରକୃତି ସର୍ବଦା କର୍ମଶୀଳ । ସେହି ପ୍ରକୃତିର ପ୍ରବୃତ୍ତି ଓ କାର୍ଯ୍ୟମାନ ଜଗତର କଲ୍ୟାଣକାରୀ ; ତେଣୁ ସେମାନେ ପ୍ରାଣୀ ଜଗତର ଆଦରଣୀୟ, ପୂଜନୀୟ ଓ ଆଦର୍ଶ । ସ୍ଥାନୀୟ ପ୍ରକୃତିର ପ୍ରଚଣ୍ଡ ଶକ୍ତି ନିକଟରେ ମୁଣ୍ଡ ନୁଆଇଁ ମଣିଷ ପଞ୍ଚ ମହାଭୂତ କ୍ଷିତି, ଆପ, ତେଜ, ମରୁତ ଓ ବ୍ୟୋମକୁ ଦେବତା ସହ ସଂଯୋଗ କରାଇ ସେମାନଙ୍କ ଅଧିପତି ଦେବତା ଭାବେ ନାମିତ କରିଥାନ୍ତି । ଆଗମ ଶାସ୍ତ୍ରରେ ଉଲ୍ଲେଖ କରାଯାଇଛି– କ୍ଷିତି(ପୃଥିବୀ) ତାହାର ଅଧିପତି ହେଲେ ସ୍ୱୟଂ ଶିବ । ଆପ (ଜଳ) ତାହାର ଅଧିପତି ହେଲେ ଶ୍ରୀ ଗଣେଶ । ତେଜ (ଅଗ୍ନି) ତାହାର ଅଧିପତି ହେଲେ ଦେବେଶ୍ୱରୀ ଦୁର୍ଗା । ମରୁତ (ବାୟୁ) ତାଙ୍କର ଅଧିପତି ହେଲେ ସୂର୍ଯ୍ୟ । ବ୍ୟୋମ (ଆକାଶ) ତାଙ୍କର ଅଧିପତି ହେଲେ ସ୍ୱୟଂ ଶ୍ରୀ କୃଷ୍ଣ । ଦେବତାମାନେ ମହାନ୍, ପ୍ରକାଣ୍ଡ ଓ ଅବିଚଳିତ । ସଂସାରର ରକ୍ଷା ନିମିତ୍ତ ମନୁଷ୍ୟର ଜୀବନକୁ ପ୍ରକୃତି ଓ ସ୍ୱାଭାବିକତା ନିକଟକୁ ଆଣିବା ପାଇଁ କାର୍ଯ୍ୟମାନ କରାଯାଉଛି । ଜଗତର ଯନ୍ତ୍ର ଓ ବୈଜ୍ଞାନିକ ଆବିଷ୍କାରର ପ୍ରଭାବ ହେତୁ ପ୍ରକୃତି ସ୍ୱାଭାବିକତାଠାରୁ ବହୁ ଦୂରବର୍ତ୍ତୀ ହୋଇଯାଉଛି ।

ପ୍ରକୃତି ସର୍ବଦା ତା' ନିୟମରେ ବାନ୍ଧି ହୋଇ ରହିଛି । ମଣିଷର ଶାରୀରିକ, ବୁଦ୍ଧି ବଳ, ବିଦ୍ୟା, ଧନ, ଆତ୍ମ ଓ ସଙ୍ଗଠନ ବଳ ମାନବ ଜୀବନକୁ ସୁସ୍ଥିର କରିବା ପାଇଁ ଆବଶ୍ୟକ ହେଲେ ମଧ ପ୍ରକୃତି ତା' ନିୟମରୁ ତିଳେ ମାତ୍ର ଘୁଞ୍ଚିବ ନାହିଁ । ଭାରତର ଜ୍ୟୋତିର୍ବିଦମାନେ ପ୍ରକୃତିର ନିୟମ ଉପରେ ଗବେଷଣା କରି ଆମକୁ ଯେଉଁ ପନ୍ଥା ଦେଖାଇଛନ୍ତି ତାହା ଆମ ପାଇଁ ବହୁ ଉପଯୋଗୀ । ୪୭୬ ମସିହାର ଆର୍ଯ୍ୟଭଟ୍ଟ, ୫୦୫ ମସିହାର ରାଜା ବିକ୍ରମାଦିତ୍ୟଙ୍କ ନବରତ୍ନ ପଣ୍ଡିତମାନେ ଅନ୍ୟତମ । ପୃଥିବୀର ଗ୍ରୀନଲାଣ୍ଡ ଦେଶରେ ବାୟୁମଣ୍ଡଳ ଅତି ଆର୍ଦ୍ରତା ହୀନ ଓ ଶୀତଳ ହେତୁ କୌଣସି ପ୍ରକାର ବ୍ୟାଧି ଏଠାରେ ଦେଖାଯାଏ ନାହିଁ । ଏହା ପ୍ରକୃତିର କାର୍ଯ୍ୟ । ଏଠାରେ ସହସ୍ର ସହସ୍ର ବ୍ୟକ୍ତି ତୁଷାର ଗୃହ ନିର୍ମାଣ କରି ତୁଷାର ଗ୍ରାମରେ ସ୍ତ୍ରୀ ପୁତ୍ରକୁ ନେଇ ବାସ କରନ୍ତି ।

ପ୍ରକୃତି ମଧ ବେଳକାଳକୁ ଲକ୍ଷ୍ୟ କରି ପରିବର୍ତ୍ତନର ବାଟ ଖୋଜିଥାଏ । ଆଫ୍ରିକାର ପଶ୍ଚିମରେ ଆଟଲାଣ୍ଟିକ ମହାସାଗରରେ କେତେକ ଦ୍ୱୀପ ରହିଛି । ସେଠାକାର ଫେରୋ ଦ୍ୱୀପରେ ଏକ ପ୍ରକାର ବୃକ୍ଷ ରହିଥିଲା, ଯାହା ରାତିସାରା ବିନ୍ଦୁ ବିନ୍ଦୁ ଜଳ ଯୋଗାଇ ଥାଏ । ପ୍ରତି ବୃକ୍ଷରୁ ପ୍ରାୟ ୨୦ହଜାର ଟନ ସୁସ୍ୱାଦୁ ଜଳ ବିଗଳିତ ହେଉଥିଲା । ଏହାଦ୍ୱାରା ସେଠାକାର ଲୋକଙ୍କର ଜଳର ଅଭାବ ନ ଥିଲା, ମାତ୍ର ସେଠାରେ ଜଳ ଯୋଗାଣର ଉପାୟ ଆରମ୍ଭ ହେବାରୁ ପ୍ରକୃତି ଦତ୍ତ ସେହି ନିର୍ଝର ବୃକ୍ଷରୁ ଜଳ ବର୍ଷଣ ବନ୍ଦ ହୋଇଗଲା । କବିଙ୍କ ଭାଷାରେ– 'ଜାଣିଥାଅ ଧାତା ବାମ ହୋଇଲେ, ବିପଦ ବାରଣ ନୁହଁଇ ଭଲେ ।' ଉଦ୍ୟମ ବିନା କାର୍ଯ୍ୟ ସିଦ୍ଧି ହେବ ନାହିଁ । ଦେଶ କାଳ ପାତ୍ର ଅନୁସାରେ କର୍ତ୍ତବ୍ୟ କର୍ମର ବିଭିନ୍ନତା ଦେଖାଯାଏ । ପ୍ରକୃତି ସବୁ ସମୟରେ ସବୁ ପରିସ୍ଥିତିରେ ସମାନ ଥିଲେ ମଧ ଓଡ଼ିଶାର ମାଟିପାଣିପବନର ମାଲିକ ସ୍ୱୟଂ ଶ୍ରୀ ଜଗନ୍ନାଥ ମହାପ୍ରଭୁ ।

**ମୋ: ୯୨୩୮୮୬୯୦୦୬**

## ପାଠକ ଶ୍ରେଷ୍ଠ ବିଚାରକ

### ଖରସ୍ରୋତା ପାନୀୟଜଳ ପ୍ରକଳ୍ପର ବିଚାର ହେଉ

ମହାଶୟ,

ଭଦ୍ରକ ଜିଲା ନିମନ୍ତେ ମଧୁରଜଳ ପାଇଁ ଆଖୁଆପଦା ଓ ହଦଗଡ଼ ଡ୍ୟାମରୁ ପାଇପ ଯୋଗେ ଜଳ ଯୋଗାଣରେ କିଛି ଅସୁବିଧା ନାହିଁ । ସରକାର ତାହା ନ କରି କେନ୍ଦ୍ରାପଡ଼ା ଜିଲା ଭାରିଗଦାଠାରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ତିଆରି କରି ଅଯଥାରେ ଗଣ୍ଡଗୋଳିଆ ପରିସ୍ଥିତି ଉପୁଜାଇଛନ୍ତି । ଖରସ୍ରୋତାର ଉପରମୁଣ୍ଡ ବୈତାରୀପୁର ପଦନୀପାଳଠାରୁ ସିଂହପୁର ପର୍ଯ୍ୟନ୍ତ ବ୍ୟାପକ ଖୋଳା ହେବାର ଆବଶ୍ୟକତା ରହିଛି । ଭାରିଗଦାଠାରେ ଏକ ବ୍ୟାରେଜ ନିର୍ମାଣ ହେବା ଓ କରାଯିବାର ଅପରିହାର୍ଯ୍ୟତାକୁ ଏଡ଼ାଇ ଦିଆ ନ ଯାଇପାରେ । ଯେଉଁ ପାଞ୍ଚ ପ୍ରତିଶତ ଜଳ ଖରସ୍ରୋତା ଯିବ ବୋଲି କୁହାଯାଉଛି ସେଥିରେ ମଧ ଆଳି–କନିକାର ଜୀବନରେଖା କୁହାଯାଉଥିବା ଖରସ୍ରୋତା ନଦୀର ବ୍ୟାପକ କ୍ଷତିଗ୍ରସ୍ତ ହେବ । ସମୁଦ୍ରରୁ ଲୁଣାପାଣି ଉଠି ଆସିବ । ଫସଲ ନଷ୍ଟ ହେବ । ଭିତରକନିକାର ଜୈବ ବିବିଧତା ଗଭୀର ବାଧାପ୍ରାପ୍ତ ହେବ । ଖରସ୍ରୋତା ଏକ ମୃତ ନଦୀରେ ପରିଣତ ହେବ । ଆଜିର ମଧୁର ଜଳପୂର୍ଣ୍ଣ ଖରସ୍ରୋତା ନଦୀ ଲୁଣିଆ ଜଳରେ ପରିପୂର୍ଣ୍ଣ ହେବ । ସରକାର ଏସବୁ ବିଷୟକୁ ବିଚାରକୁ ନେଇ ପର୍ଯ୍ୟାପ୍ତ ବିଚାରବିମର୍ଷ କରି ଭାରିଗଦାଠାରେ ହେବାକୁ ଥିବା ମେଗା ପାନୀୟଜଳ ପ୍ରକଳ୍ପରୁ କ୍ଷାନ୍ତ ରହନ୍ତୁ ।

**–ନୀଳମଣି ପରିଡ଼ା, ମାନପୁର, ଭୂଇଁପୁର (ଆଳି), କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସେ ବାରତା ନ ଆସୁ ଏ ବିଜନ ପ୍ରବାସେ,
ସେ ସ୍ମୃତି ନ ଭାସୁ ଆଜି ଆଲୋକ ଆକାଶେ,
ଆଣିଛି ଯେ ସ୍ମୃତି ଧରି
ଯାଉ ସବୁ ଏଥି ମରି
ନିଭୃତ ଏ ଶୂନ୍ୟ କୋଣେ ତମସ ତରାସେ
ଆଲୋକର ରଶ୍ମି ଉଠୁ ପୁଣି ନବ ହାସେ ।

–(ବନ୍ଦୀର ବିଳାପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ବିଷୋଇପୁଟ ଫୁଟ୍‌ବଲ ଟୁର୍ନାମେଣ୍ଟ: ଗଗନାପୁର ବିଜୟୀ**

ଜୟପୁର,(ନି.ପ୍ର.)-ଜୟପୁର ବ୍ଲକ ଅନ୍ତର୍ଗତ ରଣ୍ଡାପାଲି ପଞ୍ଚାୟତର ବିଷୋଇପୁଟ ଗ୍ରାମରେ ଚାଲିଥିବା ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚ୍‌ରେ ଗଗନାପୁର କଟିଆକନାଡି ଦଳକୁ ଭେଟିଥିଲା। ୦-୨ ପେନାଲ୍ଟି ସୁଟ୍‌ଆଉଟରେ ଗଗନାପୁର ଦଳ କଟିଆକନାଡି କୁ ହରାଇ ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ଉପ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ । ଜୟପୁର ବ୍ଲକ ସଭାପତି ବସନ୍ତ ନାୟକ, ଜ୍ୟୋତିରଞ୍ଜନ ମହାପାତ୍ର, ତୁଳାରାମ ହରିଜନ, ଦେବାଶିଷ ପଣ୍ଡା, ଏ. ରମେଶ ଟୁନୁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପର୍ଯ୍ୟାୟ ନାମଲେଖାରୁ ବଞ୍ଚିତ ହେଲେ ଯୁକ୍ତ୩ ଛାତ୍ରୀଛାତ୍ର

ମାଲକାନଗିରି,୧୬।୯(ଡି.ଏନ୍.ଏ.)

କରୋନା ଯୋଗୁ ଗତ ୨ବର୍ଷ ଧରି ସାରା ଦେଶରେ ଶିକ୍ଷା ଓ ବିଭିନ୍ନ କାର୍ଯ୍ୟ କ୍ଷେତ୍ରରେ ଅନେକ ସମସ୍ୟା ସୃଷ୍ଟି ହୋଇଛି। ଶିକ୍ଷା ବ୍ୟବସ୍ଥା ଏକ ପ୍ରକାର ଭୁଶୁଡ଼ିପଡ଼ିଛି। କରୋନାର ପ୍ରଭାବ କମିବାରୁ ସରକାର ମହାବିଦ୍ୟାଳୟଗୁଡ଼ିକ ଖୋଲିବା ସହ ଅନ୍‌ଲାଇନ ଆଡମିଶନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ତେବେ ଏହି ସମୟ ସରିବା ପୂର୍ବରୁ ଅନ୍‌ଲାଇନରେ ଅର୍ଥ ପଇଠରେ ସମସ୍ୟା ସୃଷ୍ଟି ହୋଇଛି। ଫଳରେ ମାଲକାନଗିରି ଜିଲାର ଅନେକ ଛାତ୍ରୀଛାତ୍ର ଯୁକ୍ତ ୩ ପ୍ରଥମବର୍ଷରେ ନାମ ଲେଖାଇବାରୁ ବଞ୍ଚିତ ହୋଇଛନ୍ତି। ଯୁକ୍ତ ୩ ଆଡମିଶନ ଶେଷ ତାରିଖ ୧୬ ସେପ୍ଟେମ୍ବର ଥିବାବେଳେ ୧୫ ତାରିଖ ପରଠାରୁ ଅନ୍‌ଲାଇନ ମାଧ୍ୟମରେ ଅର୍ଥ ପଇଠ ହେଉ ନ ଥିବା ଦେଖିବାକୁ ମିଳିଛି। ଗୋଟିଏ ଦିନ ଆଗରୁ ଆଡମିଶନ ସାଇଟ୍ ବନ୍ଦ ହୋଇଯିବାରୁ ଛାତ୍ରୀଛାତ୍ରମାନେ ନାମଲେଖାରୁ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି।



ନାମଲେଖା ନେଇ ଛାତ୍ରୀଛାତ୍ରମାନେ ଅଭିଯୋଗ କରୁଛନ୍ତି ।

- ଅନ୍‌ଲାଇନ ଆଡ୍‌ମିଶନରେ ସମସ୍ୟା
- ସ୍ପଟ୍ ଆଡ୍‌ମିଶନରେ ନାମ ଲେଖାଇପାରିବେ: ଅଧ୍ୟକ୍ଷ

ମାଲକାନଗିରି ମହାବିଦ୍ୟାଳୟ ସମେତ ଅନ୍ୟ ମହାବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ମଧ୍ୟ ଆଡମିଶନ କରି ନ ପାରି ହତାଶ ହୋଇଛନ୍ତି। ଏନେଇ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଜିଲା ପ୍ରଶାସନକୁ ଜଣାଇଛନ୍ତି। ନାମଲେଖା ତାରିଖ ବୃଦ୍ଧି କରିବାକୁ ସେମାନେ ସରକାରଙ୍କୁ ଅନୁରୋଧ କରିଛନ୍ତି । ସମସ୍ୟା ସମ୍ପର୍କରେ ମାଲକାନଗିରି ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ଷଡ଼ଙ୍ଗୀଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ସମସ୍ତ କାମ ଅନ୍‌ଲାଇନ ମାଧ୍ୟମରେ ହେଉଛି। ଉପରିସ୍ଥ ଅଧିକାରୀ ଯାହା ନିଷ୍ପତ୍ତି ନେବେ ସେ ଅନୁସାରେ କାର୍ଯ୍ୟ ହେବ। ଯେଉଁ ଛାତ୍ରୀଛାତ୍ରମାନେ ଗୁରୁବାର ନାମଲେଖାରୁ ବଞ୍ଚିତ ହୋଇଛନ୍ତି ସେମାନେ ସ୍ପଟ୍ ଆଡମିଶନରେ ନାମ ଲେଖାଇପାରିବେ ବୋଲି ଷଡ଼ଙ୍ଗୀ କହିଥିଲେ।

# ଯୁବତୀଙ୍କୁ ବଳାତ୍କାର ପରେ ଭିଡିଓ ଭାଇରାଲ

**ନ୍ୟାୟ ନ ମିଳିଲେ ଥାନା ସମ୍ମୁଖରେ ଆତ୍ମହତ୍ୟା କରିବୁ: ପରିବାର**

ପଟ୍ଟାଙ୍ଗୀ,୧୬।୯(ଡି.ଏନ୍.ଏ.)

ପଟ୍ଟାଙ୍ଗୀ ଥାନା ସେମିଳିଗୁଡ଼ା ବ୍ଲକର କାଣ୍ଟି ପଞ୍ଚାୟତ ଅଞ୍ଚଳର ଜଣେ ଯୁବତୀ ବଳାତ୍କାରର ଶିକାର ହୋଇଥିବା ଏବଂ ତାଙ୍କ ଭିଡିଓ ଭାଇରାଲ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଯୁବତୀ ଜଣକ ଆନ୍ଧ୍ରର କାକିନାଡା ଜିଲା ଜଗନପେଟା ଗ୍ରାମରେ ଏକ ଚିଙ୍ଗୁଡ଼ି କାରଖାନାରେ ଶ୍ରମିକ ଭାବେ କାମ କରୁଥିଲେ। ତାଙ୍କ ପଞ୍ଚାୟତ ଅଞ୍ଚଳର ଜୁନେସ ଖୋସ୍ଲା କାକିନାଡାର ଅନ୍ୟ ଏକ କାରଖାନାରେ କାମ କରୁଥିଲେ। ନିଜ ଅଞ୍ଚଳର ଝିଅଟିଏ ନିକଟସ୍ଥ ଗ୍ରାମରେ କାମ କରୁଥିବା ଜାଣିବା ପରେ ଜୁନେସ ତାଙ୍କ ସହ ଯୋଗାଯୋଗ କରିଥିଲେ। ତୁମର ଜଣେ ସାଙ୍ଗ ମୋ ପାଖରେ ମୋବାଇଲ ଛାଡ଼ିଯାଇଛି ତମେ ଆସି ଟିକେ ନେଇଯାଅ କହି ତାଙ୍କୁ ଡକାଇଥିଲେ। ଜୁନେସ ବାରମ୍ବାର ଡାକିବାରୁ ସେ କାକିନାଡା ଯାଇଥିଲେ। ସେଠାରେ ମୋବାଇଲ ଦେବା ବଦଳରେ ତାଙ୍କୁ ଜୋର କରି ବଳାତ୍କାର କରି ଜୁନେସ୍ ଭିଡିଓ ପ୍ରସ୍ତୁତ କରିଥିଲେ। ପରେ ଏହାକୁ ଭାଇରାଲ କରି ଦେଇଛନ୍ତି। ଏନେଇ ଯୁବତୀଙ୍କ ପରିବାର ବର୍ଗ ତାଙ୍କ ଝିଅ ପ୍ରତି ହୋଇଥିବା ଅନ୍ୟାୟର ନ୍ୟାୟ ନ ମିଳିଲେ ଥାନା ସମ୍ମୁଖରେ ଆତ୍ମହତ୍ୟା କରିବେ ବୋଲି କହିଛନ୍ତି । ଥାନା ଅଧିକାରୀ କୈବଲ୍ୟ ସେଠଙ୍କୁ ପଚାରିବାରୁ ଝିଅର ଲିଖିତ ଅଭିଯୋଗକୁ ଭିତ୍ତିକରି ୮୭/୨୧ରେ ଗୁରୁବାର ମାମଲା ରୁଜୁହୋଇ ଏହାର ତଦନ୍ତ ଚାଲିଛି। ଜୁନେସ୍ ଫେରାର ଅଛନ୍ତି ।

## ସଂକ୍ଷେପରେ

### ୪୦ ଷ୍ଟଲ୍‌ରେ ପଡିଲା ତାଲା

ଜୟପୁର, ୧୬।୯ (ନି.ପ୍ର.)- ଜୟପୁର ପୌର ପ୍ରଶାସନ ଅଧୀନରେ ଥିବା ବିଜୁ ପଟ୍ଟନାୟକ ଭେଣ୍ଡିଂ ଜୋନ୍‌ରେ ପୌର ପ୍ରଶାସନ ଗୁରୁବାର ତାଲା ପକାଇଛି । ଭେଣ୍ଡିଂ ଜୋନ୍‌ରେ କେତେଜଣ ବ୍ୟବସାୟୀ ଷ୍ଟଲ୍ ଭଡ଼ା ନେଇ ଖୋଲୁ ନ ଥିଲେ କି ଭଡ଼ା ମଧ ଦେଉ ନ ଥିଲେ। ଏନେଇ ବାରମ୍ବାର ପୌର ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ବ୍ୟବସାୟୀମାନଙ୍କୁ ନୋଟିସ କରିବା ପରେ ସେମାନେ ନ ଶୁଣିବାରୁ ପୌର ପ୍ରଶାସନ ଏହି ପଦକ୍ଷେପ ନେଇଛି। ୪୦ଟି ଷ୍ଟଲ୍‌ର ତାଲା ଭାଙ୍ଗି ନୂଆ ତାଲା ପକାଇଛି। ତାଲା ଭାଙ୍ଗିବା ସମୟରେ ମାଜିଷ୍ଟ୍ରେଟ ରୂପେ ଅତିରିକ୍ତ ତହସିଲଦାର ଅଶ୍ୱିନ ମହାପାତ୍ର ଉପସ୍ଥିତ ଥିଲେ।

### ଟାଉନ ଥାନା ଏସ୍‌ଆଇ ସମ୍ମାନିତ




କୋରାପୁଟ,୧୬।୯(ସ୍ୱ.ପ୍ର.)-କୋରାପୁଟ ଟାଉନଥାନା ଏସଆଇ ସୁଦର୍ଶନ ଅଧିକାରୀ ଉତମ କାର୍ଯ୍ୟପାଇଁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟଙ୍କଠାରୁ ଗୁରୁବାର ସମ୍ମାନିତ ହୋଇନ୍ତି। ୨୦୨୦ରେ ଅଧିକ କେସ୍‌ର ତଦ'ନ୍ତ ଓ ସମାଧାନ ଲାଗି ତାଙ୍କୁ ଡିଜିପିଙ୍କ ପ୍ରମାଣପତ୍ର ସହ ସମ୍ମାନିତ କରିଥିଲେ। ଏନେଇ ମିଳିଥିବା ପ୍ରମାଣପତ୍ରକୁ ଜିଲା ଏସ୍‌ପି ବରୁଣ ଗୁଣ୍ଟୁପାଲି ଏସ୍‌ଆଇ ସୁଦର୍ଶନଙ୍କୁ ପ୍ରଦାନ କରିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

କାଲିମେଲା,୧୬।୯(ଡି.ଏନ.ଏ) ଜଣେ ୬୦ ବର୍ଷୀୟ ବ୍ୟକ୍ତି ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରି ଗିରଫ ହୋଇଛନ୍ତି। ସେ ହେଉଛନ୍ତି ଏମପିଭି-୧୯ ଗ୍ରାମ ନିକଟରେ ଦୋକାନ କରିଥିବା ଶଙ୍କର କିର୍ତନୀୟା। ଏନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଗତ ୭ରେ ଗ୍ରାମର ସମ୍ପୃକ୍ତା ନାବାଳିକାଙ୍କୁ ତାଙ୍କ ପରିବାର ଲୋକେ ଦୋକାନକୁ ସାବୁନ କିଣିବା ପାଇଁ ପଠେଇ ଥିଲେ । ତାଙ୍କୁ ଶଙ୍କର ବିଭିନ୍ନ ବାହାନା କରି ପ୍ରାୟ ୧ଘଣ୍ଟା ଧରି ସେଠାରେ ଅଟକ ରଖି ନାବାଳିକାଙ୍କୁ ଘର ଭିତରକୁ ଡାକି ନେଇ ଅସଦାଚରଣ ସହ ବଳାତ୍କାର ଉଦ୍ୟମ କରିଥିଲେ ବୋଲି ନିଜେ ନାବାଳିକା ଜଣକକହିଛନ୍ତି । କୌଣସି ପ୍ରକାରେ ନାବାଳିକା ଜଣକ ଶଙ୍କରଙ୍କ କବଳରୁ ଖସ ଆସି ଘରେ ପହଞ୍ଚି ମାଙ୍କୁ ସବୁକଥା କହିଥିଲେ। ଏନେଇ ପରିବାର ଲୋକେ ଗୁରୁବାର ସନ୍ଧ୍ୟାରେ କାଲିମେଳା ଥାନାରେ ଅଭିଯୋଗ କରିଛନ୍ତି।

### ଦାମନଯୋଡ଼ିରେ ଇଞ୍ଜିନିୟର୍ସ ଦିବସ

ଦାମନଯୋଡ଼ି,୧୬।୯(ଡି.ଏନ୍.ଏ)- ପ୍ରତିବର୍ଷ ପରି ଚଳିତବର୍ଷ



ଦାମନଯୋଡ଼ିରେ ସାର୍ ଏମ୍. ବିଶ୍ୱେଶରାୟାଙ୍କ ୧୬୧ତମ ଜନ୍ମଦିବସ କୋଭିଡ୍ କଟକଣା ମଧ୍ୟରେ ଗୁରୁବାର ପାଳନ ହୋଇଯାଇଛି। ବିଶ୍ୱେଶରାୟାଙ୍କ ଫଟୋ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି ଉପସ୍ଥିତ ସଭ୍ୟମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ବରିଷ୍ଠ ସଦସ୍ୟ ସୁକାନ୍ତ କୁମାର ବିଶ୍ୱେଶରାୟାଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ସମାଜର ପ୍ରଗତିରେ ଯନ୍ତ୍ରୀମାନଙ୍କ ଭୂମିକା ଉପରେ ଆଲୋପାତ କରିଥିଲେ । କାର୍ଯ୍ୟକ୍ରମରେ ସଭାପତି କୈଳାସ ସେନାପତି, ସମ୍ପାଦକ ପ୍ରଭାତ ସାହୁ, ପ୍ରେମଜିତ ବୋଷ, ପ୍ରଶାନ୍ତ ଶତପଥୀ, ନିର୍ମଳ ରାଉତ, ଜିତେନ୍ଦ୍ର ନାହାକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ନୂତନ ପିଇଓଙ୍କ ବୈଠକ

ନନ୍ଦପୁର,୧୬।୯(ଡି.ଏନ.ଏ.)- କୋରାପୁଟ ଜିଲା ନନ୍ଦପୁର ବ୍ଲକ ଥିବା ପଞ୍ଚାୟତର ନୂତନ ପିଇଓ ରୂପେ ସୁଚନ୍ଦ୍ର ମୋହନ ବିଶୋୟୀ ଗୁରୁବାର କାର୍ଯ୍ୟରେ ଯୋଗଦେଇ ପ୍ରଥମ ପଞ୍ଚାୟତ ବୈଠକ କରିଥିଲେ। ସରପଞ୍ଚ କୌଶଲ୍ୟା ଖେମ୍ବର ଅଧକ୍ଷତା କରିଥିଲେ। ନାଏବ ସରପଞ୍ଚ ଗଙ୍ଗାଧର ଗୋଲରି, ଗ୍ରାମ ରୋଜଗାର ସେବକ ହୃଷୀକେଶ ସାହୁ, ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ବିଭିନ୍ନ ବିଭାଗର କ୍ଷେତ୍ର କର୍ମଚାରୀ ଉପସ୍ଥିତ ଥିଲେ।

---

**VSS INSTITUTE OF MEDICAL SCIENCES & RESEARCH (VIMSAR), BURLA, SAMBALPUR, ODISHA - 768017**

**Walk-in-Interview for Selection of Senior Residents (SRs)/Tutors**

**Advt. No. 712/Director/VIMSAR/Dt.15.09.2021**

No. E-441: Applications are invited from eligible candidates to fill up vacant posts of SRs and Tutors at VIMSAR. The details of educational qualification, selection procedure, terms and conditions etc. are published in the institute website: www.vimsar.ac.in

**Sd/- Director**
**VSS Inst. of Med. Sciences & Research, Burla**

OIPR-10026/11/0010/2122

---

**DISTRICT EDUCATION OFFICE, JAJPUR**

**Order No. 5998 Date: 14.09.2021**

**Advertisement**

No. n-51:- Applications are invited through Registered / Speed Post from the eligible candidates of Jajpur District in prescribed format for engagement of Supporting Staff in Girls' Hostel of Odisha Adarsha Vidyalaya, Madhapur under Sukinda Block. Applications will be sent to the address of the District Education Office, Jajpur, At/ Po- Jajpur, Dist- Jajpur, Pin-755001. For download of application form & other details please visit to the District Website: **www.jajpur.nic.in**. The last date for receiving of application form is 27.09.2021

**By the order of Collector, Jajpur**
**Sd./- District Education Oficer, Jajpur**

OIPR-27057/11/0001/2122

---

**MUNICIPAL OFFICE, JEYPORE**

Ph. No. 06854-321098, Fax No. 06854-230104, E-mail: jeyporem.hud@nic.in

**L. No. 4043/JM-TCN08/2021-22 Dt.15.09.2021**

No. C-973: Bid documents consisting of specification the Bill of Quantity and the Tender Call Notice can be seen in the Govt. website **https://tendersorissa.gov.in/nicgep/app**.

| | |
|---|---|
| Bid documetns including schedule of quantity available for online bidding | **https://tendersorissa.gov.in/nicgep/app**. |
| No of Works | 80 |
| Estimated Cost | As per DTCN |
| Date & Time of Bidding | From 20.09.2021 at 11.00 hours to 27.09.2021 upto 16.00 hours |
| Last date & time for receipt of bids in portal | 27.09.2021 upto 16.00 hours |
| Offline documents received through Speed Post/ Registered Post | 27.09.2021 at 16.00 hours to 30.09.2021 upto 11.00 hours (Working days only) |
| Bids received online shall be opened on | 30.09.2021 at 11.00 hours onwards |
| Offline documents shall be opened in presence of the participate bidders | 30.09.2021 at 11.00 hours onwards |

**Sd./- Executive Officer, Jeypore Municipality**

OIPR-13079/11/0035/2122

---

**GOVERNMENT OF ODISHA**
**INVITATIONS FOR BIDS (IFB)**
**'e' PROCUREMENT NOTICE**

**Bid Identification No. E.E. JSPR (R&B) - 08/2021-22**

**No. B-396**

1. Name of work : E.I. works for the year 2021-22
2. No. of works : Total:- 03 (Three) nos. Works
3. Estimated Cost : **Above Rs. 05.00 lakhs up to Rs.40.00 lakhs (Approx.)**
4. Period of completion : 30 (Thirty) days
5. Class of contractors : **HT/MV/OEM**

**Other details as follows:-**

6. **Date & time of availabilty of bid documents in Portal:- 20.09.2021 at 11.30 A.M.**
7. **Last date/time for receipt of bids in Portal:- 04.10.2021 up to 05.00 PM.**
8. **Opening of Bid documents:- 05.10.2021, at 11.30 A.M.**
9. Procurement Officer with E-mail address : Executive Engineer, Jagatsinghpur (R&B) Division, Jagatsinghpur eerbjspr@gmail.com

Further details can be seen from the Govt. website **tendersorissa.gov.in**

**Sd./- Executive Engineer, Jagatsinghpur (R&B) Division**

OIPR-34093/11/0009/2122

---

**Government of Odisha**
**Office of the Executive Engineer, Rural Works Division, Dhenkanal**
E-mail: **eerwdkl@yahoo.co.in**

**e-procurement Notice No. 08 / Road Work / 2021-22**

No.:- O-699:-

1. Name of the work : Road Work
2. Total No. of Works : 3 (Three) Nos.
3. Estimated Cost : 16.05 lakh to 26.25 lakh (approx.)
4. Class Contractor : "D" & "C" Class
5. Period of Completion : 1 (One) Calendar month.
   online for bidding : 20.09.2021 at 11.00 A.M to 30.09.2021 up to 5.00 P.M
6. Last Date & Time of seeking tender clarification : 29.09.2021 upto 4.00 PM
7. Date & Time of opening of tender : 01.10.2021 at 11.00AM

Other details can be seen from the website **http://tendersorissa.gov.in.**

**Sd./- Executive Engineer, R.W. Division, Dhenkanal**

OIPR-25101/11/0003/2122

---

**OFFICE OF THE SUPERINTENDENT**
**SCB MEDICAL COLLEGE & HOSPITAL, CUTTACK**
**E-mail: scbsuperintendent@gmail.com**

**No. 22325 Dt.16.09.2021**

**SHORT TENDER CALL NOTICE**

No. E-442: Sealed tenders are invited from the interested Manufacturer/Authorized Dealers/Suppliers **for Supply of Portable Reverse Osmosis Plant for Functionalization of Dialysis Machine at ECMO Unit in SCB Medical College Hospital, Cuttack**. The detailed of tender papers along with terms and conditions can be obtained from Central Store Section **(NTSK Sec.)**, Office of the Superintendent, SCB Medical College Hospital, Cuttack during office hours from 11 A.M. to 4 P.M. on all working days on payment of **Rs.1,000.00 (Rupees One Thousand) only** in the Accounts Section and also obtained from website i.e. **"http://www.scbmch.in"** from 17.09.2021. The tender paper should reach the Office of the undersigned through Speed Post/Regd. Post only by **24.09.2021 by 4 P.M.** The authority reserves the right to cancel or reject any or all the tenders without assigning any reason thereof.

**Sd./- Superintendent**
**SCB Medical College Hospital, Cuttack**

OIPR-10011/11/0023/2122

---

**DISTRICT OFFICE, MAYURBHANJ, BARIPADA**
**ST & SC DEV. SECTION**
**E-mail: dwomayurbhanj@rediffmail.com, Phone: 06792-260763**

**No. 4097/DWO Date: 15.09.2021**

**NOTICE**

No. V-38: In pursuance to Advertisement No. 6534/DWO dated 30.12.2019, for engagement of Contractual Teaching Staff to be engaged in SSD High Schools, Girl's High Schools and Upgraded High Schools under ST & SC Development Department, Mayurbhanj District, **(i) Select List, (ii) Accept List & (iii) Reject List** (with reasons) are hereby published in the website **www.mayurbhanj.nic.in** in **'Recruitment/ Result'** section and in the Notice Boards of District Welfare Office, Mayurbhanj, Collectorate, Mayurbhanj, Office of all PA, ITDAs, Sub-Collectors' and BDOs in the district.

The candidates of the teaching posts in the Provisional Select List i.e. 100% are hereby directed to attend Original Certificate verification scheduled to be held on 28th & 29th Sept. 2021 (from 10.00 A.M. to 01.00 P.M.) in the District Welfare Office, Mayurbhanj, At: Murgabadi, Baripada along with all Original Certificate/Documents, Original Mark Sheets and a set of self-attested photocopies of all certificate. **Non-OSSTET Candidates** are directed to submitted affidavit for qualifying OSSTET exam within 3 years from the date of appointment.

Also 100% candidates of teaching posts coming successful in the Certificate Verification will be allowed for counselling on the choice of place of posting scheduled to be held on the same day i.e. 28th & 29th September, 2021 (from 01.30 P.M. to 05.00 P.M.) District Welfare Office, Mayurbhanj, At: Murgabadi, Baripada.

Also intimation-cum-Notice for Original Certificate Verification have been despatched through Registered Post in the address of the Provisionally Selected Candidates and if they don't receive the same, then, the Duplicate of the intimation-cum-Notice can be obtained from the Office of the District Welfare Officer, Mayurbhanj before Original Certificate Verification.

Non-attending of the candidates in the Original Certificate Verification on the scheduled date and time, shall be liable for rejection/cancellation of their candiadture without further any notification.

No further extension of time for Original Certificate Verification shall be entertained.

**Sd./- Collector & District Magistrate, Mayurbhanj**

OIPR-26027/11/0001/2122

---

See Career Appointment on every Wednesday & Saturday

---

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES

**NIT No. 32/OMC/CIVIL/2021**

No. CAD-1195:- Tender for the following work are invited on-line through e-procurement portal of Govt. of Odisha.

| Sl. No. | Name of the work | Time period of the work in month | Class of Contractor | Cost of Bid document (Rs.) Online |
|---|---|---|---|---|
| 1. | Posting of 250 units of RCC pillar for CA land of different Mines of OMC at village Peturu of Potangi Tahasil and Mushupal, Chuchukona, Pipalpadar, of Laxmipur Tahasil in the district of Koraput. | 03 Months | D & C | 6000/- + 18% GST |
| 2. | Posting of 229 Units of RCC pillar for CA land of different mines of OMC at village Khamarpadar & Padepadar of Th. Rampur Tahasil in the dist of Kalahandi | 03 Months | D & C | 6000/- + 18% GST |

**1.** Available of Bid document in Govt. portal from dt. 17/09/2021 to 27/09/2021 up to 5.00 PM. **2.** Last date of on-line submission of tender in the portal is dt. 27/09/2021 up to 5.00 PM. **3.** Date of opening of Technical Bid is dt. 28/09/2021 at 11.00 AM. All other details can be seen from DTCN available at Govt. website **www.tendersorissa.gov.in**.

**Odisha Mining Corporation Ltd. reserves the right to reject any or all tenders without assigning any reason thereof.**

OIPR-30005/11/0090/2122 **CGM (Civil)**

---

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KEONJHAR**
**Tel. 06766-258301(O), e-mail: se_nerwkjr@rediffmail.com**
**eProcurement Notice for Road Works**
**Identification No. Road Online NCB No.322**
**No. 3839 // Date: 14.09.2021**

No.O-695:- 1. Name of the work : Construction of Road works under DMF. 2. Total No. of work : 08 (Eight) Nos. 3. Estimated Cost : As per Annexure. 4. Class of Contractor : As per Annexure. 5. Period of Completion : As per Annexure. 6. Other details

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender in O/o S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Road Online NCB No.322 | Dt.21.09.21 at 11.00 A.M. | Dt.05.10.21 upto 5.00 P.M. | Dt.04.10.21 upto 5.00 P.M. | Dt.07.10.21 at 11.00 A.M. | Will be intimated later |

Further details can be seen from the website: **www.tendersorissa.gov.in**

**Sd/- P.K. Misra, Chief Construction Engineer, R.W. Circle, Keonjhar**

OIPR-25177/11/0008/2122

---

ଓଡ଼ିଶା ସରକାର

**ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**

**ଘୋଷଣା**

**File No. L.A.I.-80/2020-601** **Dated: 24.07.2020**

No. XXIX-05: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ହାତିଘିଞ୍ଜା, ଥାନା: ପାଳଲହଡ଼ା, ଥାନା ନଂ. ୫୦, ତହସିଲ: ପାଳଲହଡ଼ା, ଜିଲ୍ଲା: ଅନୁଗୋଳରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଅନୁଗୋଳ ଜିଲ୍ଲାର ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିମନ୍ତେ ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳପଥ, ଅନୁଗୋଳଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୧୨୯ ତା୧୩।୧୧।୨୦୧୮ରିଖ ଏବଂ ଅବଧି ପତ୍ର ସଂଖ୍ୟା ୧୧୯୩୫, ତା୧୨।୦୩।୨୦୨୦ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ହାତିଘିଞ୍ଜା, ଥାନା: ପାଳଲହଡ଼ା, ଥାନା ନଂ. ୫୦, ଜିଲ୍ଲା: ଅନୁଗୋଳରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.angul.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **www.odisha.gov.in/revenue**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ, ତାଳଚେରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଅନୁଗୋଳ ତହସିଲ: ପାଳଲହଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ହାତିଘିଞ୍ଜା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ କରଗଲା | ଏଥିସହ ସଂଲଗ୍ନ କରଗଲା | ଏଥିସହ ସଂଲଗ୍ନ କରଗଲା | ଏଥିସହ ସଂଲଗ୍ନ କରଗଲା | ୬୭.୫୨୦ | ଏଥିସହ ସଂଲଗ୍ନ କରଗଲା |

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ଅନୁଗୋଳ ତହସିଲ: ପାଳଲହଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ:

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ଅନୁଗୋଳ

ତଫସିଲ – କ
ଭୂମି ଅଧିଗ୍ରହଣ ଅନୁସୂଚୀ
ମୌଜା: ହାତିଘିଞ୍ଜା, ତହସିଲ: ପାଳଲହଡ଼ା, ଥାନା: ପାଳଲହଡ଼ା, ଥାନା ନଂ. ୫୦, ଜିଲ୍ଲା: ଅନୁଗୋଳ
ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର

| ଜିଲ୍ଲା | ତହସିଲ | ଗ୍ରାମ | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ରକବା | ରୟତଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ଅନୁଗୋଳ | ପାଳଲହଡ଼ା | ହାତିଘିଞ୍ଜା | ୧ | ୨୮୧ | ଶାରଦ ଜଳ ଦୁଇ | ୦.୨୪୦ | ୦.୦୨୦ | ଅନାମ ନାଏକ, ଜନକ ନାଏକ, କମଳ ନାଏକ, ପି. ନିରାକାର ନାଏକ, ଖେରିତି ନାଏକ, ସ୍ୱା.- ନିରାକାର ନାଏକ, ଜା: ପାଣ, ବା: ଫପଣ୍ଡ |
| | | | ୨ | ୨୫୨/୩୨୫ | ଶାରଦ ଜଳ ତିନି | ୦.୫୪୦ | ୦.୩୨୦ | ଧୀରେନ ଚନ୍ଦ୍ର ପ୍ରଧାନ, ମାଗୁଣୀ ପ୍ରଧାନ, ମହେଶ୍ୱର ପ୍ରଧାନ, କୁଞ୍ଜବିହାରୀ ପ୍ରଧାନ, ନିଳାମ୍ବର ପ୍ରଧାନ, ପ୍ରଫୁଲ୍ଲ କୁମାରୀ ପ୍ରଧାନ, ପି.- ଅନିରୁଦ୍ଧ ପ୍ରଧାନ, ଜା: ଚଷା, ବା: ଫପଣ୍ଡ |
| | | | | ୨୫୨ | ଶାରଦ ଜଳ ତିନି | ୦.୬୦୦ | ୦.୬୦୦ | |
| | | | | ୨୫୬ | ଶାରଦ ଜଳ ଏକ | ୦.୩୧୦ | ୦.୧୫୦ | |
| | | | | ୨୬୭ | ଶାରଦ ଜଳ ଏକ | ୧.୪୮୦ | ୧.୩୧୦ | |
| | | | | ୨୫୭ | ଶାରଦ ଜଳ ଏକ | ୧.୪୬୦ | ୧.୦୦୦ | |
| | | | | ୨୬୬ | ଶାରଦ ଜଳ ତିନି | ୦.୩୯୦ | ୦.୨୩୦ | |
| | | | | ୨୫୭/୩୨୪ | ଶାରଦ ଜଳ ତିନି | ୦.୦୮୦ | ୦.୦୮୦ | |
| | | | | ୨୮୨ | ଶାରଦ ଜଳ ଦୁଇ | ୦.୧୩୦ | ୦.୧୩୦ | |
| | | | | ୨୮୪ | ଶାରଦ ଜଳ ଦୁଇ | ୧.୧୫୦ | ୦.୧୨୦ | |
| | | | ୮ | ୨୬୩ | ଶାରଦ ଜଳ ଏକ | ୦.୬୦୦ | ୦.୧୫୦ | ଟୁନ ମାହାନ୍ତ, ମନୁ ମାହାନ୍ତ, ପି.– ମତିଆ ମାହାନ୍ତ, ଜା: ମାହାନ୍ତ, ବା: ବାଲିପଶି |
| | | | ୩୪ | ୨୬୧/୩୫୮ | ଶାରଦ ଜଳ ଏକ | ୦.୩୫୦ | ୦.୩୫୦ | ଭାମା ନାୟକ, ସ୍ୱା.- କୁର୍ଦ୍ଦି ନାୟକ, ଜା: ଚଷା, ବା: ବାଲିପଶି |
| | | | ୪୦ | ୨୬୧ | ଶାରଦ ଜଳ ଏକ | ୦.୦୬୦ | ୦.୦୬୦ | ଲକ୍ଷ୍ମୀଧର ରାଉତ, ପି.- କାଳିଆ ରାଉତ, ଜା: କ୍ଷତ୍ରୀୟ, ବା: ବାଲିପଶି |
| | | | ୪୫/୧୨ | ୨୬୮ | ଶାରଦ ଏକ | ୦.୧୩୦ | ୦.୦୧୦ | ନିଧି ମହାନ୍ତ, ପି.- ଜେଠୁ ମହାନ୍ତ, ଜା: ମହାନ୍ତ, ବା: ବାଲିପଶି |
| | | | | ୨୬୦ | ଶାରଦ ଏକ | ୦.୪୯୦ | ୦.୪୯୦ | |
| | | | ୪୫/୩୯ | ୨୫୯/୪୦୧ | ଶାରଦ ଜଳ ଏକ | ୦.୨୪୦ | ୦.୦୫୦ | କୁଳମଣି ରାଉତ, ପି.- ଲକ୍ଷ୍ମୀଧର ରାଉତ, ଜା: କ୍ଷତ୍ରୀୟ, ବା: ବାଲିପଶି |
| | | | ୪୫/୬୬ | ୨୫୪/୪୨୫ | ଶାରଦ ଜଳ ତିନି | ୦.୩୨୦ | ୦.୩୨୦ | ବୈକୁଣ୍ଠ ବିହାରୀ ଗଡ଼ନାୟକ, ପି.- ନିତ୍ୟାନନ୍ଦ ଗଡ଼ନାୟକ, ଜା: ଚଷା, ବା: ଫପଣ୍ଡ |
| | | | ୪୫/୬୭ | ୨୫୪/୪୨୬ | ଶାରଦ ଜଳ ତିନି | ୦.୩୨୦ | ୦.୩୨୦ | ଯୁଧିଷ୍ଠିର ଗଡ଼ନାୟକ, ପି.- ନିତ୍ୟାନନ୍ଦ ଗଡ଼ନାୟକ, ଜା: ଚଷା, ବା: ଫପଣ୍ଡ |
| | | | ୪୫/୬୮ | ୨୫୪ | ଶାରଦ ଜଳ ତିନି | ୦.୨୩୦ | ୦.୨୩୦ | ଉମାକାନ୍ତ ଗଡ଼ନାୟକ, ପି.- ନିତ୍ୟାନନ୍ଦ ଗଡ଼ନାୟକ, ଜା: ଚଷା, ବା: ଫପଣ୍ଡ |
| | | | ୪୫/୬୯ | ୨୫୪/୪୨୭ | ଶାରଦ ଜଳ ତିନି | ୦.୩୦୦ | ୦.୩୦୦ | ଟନୋଜ କୁମାର ଗଡ଼ନାୟକ, ପି.- ନିତ୍ୟାନନ୍ଦ ଗଡ଼ନାୟକ, ଜା: ଚଷା, ବା: ଫପଣ୍ଡ |
| | | | ୪୫/୮୧ | ୨୬୨ | ଶାରଦ ଏକ | ୦.୬୨୦ | ୦.୪୧୦ | ଡମ୍ବରୁଧର ମାହାନ୍ତ, ହରିହର ମାହାନ୍ତ, ପି.– ଚନ୍ଦ୍ରମଣି ମାହାନ୍ତ, ଜା: ମାହାନ୍ତ, ବା: ଦେହୁରୀମୁଣ୍ଡା, ଥାନା: ବାରକୋଟ, ଜି.– ଦେବଗଡ଼ |
| | | | ୪୫/୯୨ | ୨୬୧/୩୫୭ | ଶାରଦ ଜଳ ଏକ | ୦.୧୮୦ | ୦.୧୮୦ | ଶାନ୍ତିଲତା ରାଉତ, ସ୍ୱା.– ପ୍ରହ୍ଲାଦ ଚନ୍ଦ୍ର ରାଉତ, ଜା: କ୍ଷେତ୍ରୀୟ, ବା: ବାଲିପଶି |
| | | | | ୨୬୧/୪୫୯ | ଶାରଦ ଜଳ ଏକ | ୦.୧୨୦ | ୦.୧୨୦ | |
| | | | ୪୫/୯୯ | ୨୫୪/୪୬୨ | ଶାରଦ ଜଳ ତିନି | ୦.୦୪୦ | ୦.୦୪୦ | ଉଦୟନାଥ ଗଡ଼ନାୟକ, ପି.- ବୈକୁଣ୍ଠ ବିହାରୀ ଗଡ଼ନାୟକ, ଜା: ଚଷା, ବା: ଫପଣ୍ଡ |
| | | | | ୨୫୪/୪୬୩ | ଶାରଦ ଜଳ ତିନି | ୦.୦୪୦ | ୦.୦୪୦ | |
| | | | ୪୫/୧୦୪ | ୨୬୦/୪୬୬ | ଶାରଦ ଏକ | ୦.୦୨୦ | ୦.୦୨୦ | ଡିଲେଶ୍ୱର ମହାନ୍ତ, ପି.- ସଭା ମହାନ୍ତ, ଜା: ମହାନ୍ତ, ବା: ବାଲିପଶି, ପୋ.: ଫପଣ୍ଡ, ଥାନା: ପାଳଲହଡ଼ା, ଜିଲ୍ଲା: ଅନୁଗୋଳ |
| | | | ୪୫/୧୦୩ | ୨୫୯ | ଶାରଦ ଜଳ ଏକ | ୦.୧୪୦ | ୦.୧୪୦ | ଲମ୍ବୋଦର ମହାକୁଳ, ପି.– କମର ମହାକୁଳ, ପଦ୍ମା ମହାକୁଳ, ସ୍ୱା.– କମର ମହାକୁଳ, ଜା: ଗଉଡ଼, ବା: ବାଲିପଶି |
| | | | ୪୫/୧୦୫ | ୨୫୪/ ୪୨୭/୪୬୭ | ଶାରଦ ଜଳ ତିନି | ୦.୦୨୦ | ୦.୦୨୦ | ଯୋଗେଶ୍ୱର ଗଡ଼ଡ଼ାୟକ, ପି.- ବୈକୁଣ୍ଠ ବିହାରୀ ଗଡ଼ନାୟକ, ଜା: ଚଷା, ବା: ସା/ପୋ.- ଫପଣ୍ଡ, ଥାନା: ପାଳଲହଡ଼ା, ଜିଲ୍ଲା: ଅନୁଗୋଳ |
| | | | ୪୬ | ୨୫୧ | ଆଡ଼ି | ୧.୫୪୦ | ୦.୨୧୦ | ଦୁଃଖବନ୍ଧୁ ପାଳ, ପି.- ଦୟାନିଧି ପାଳ, ଜା: କ୍ଷତ୍ରୀୟ, ବା: ବାଲିପଶି |
| | | | ମୋଟ | | | ୧୨.୨୪୦ | ୭.୫୨୦ | |

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ମୌଜା: ହାତିଘିଞ୍ଜା, ଥାନା: ପାଳଲହଡ଼ା, ଥାନା ନଂ. ୫୦, ତହସିଲ: ପାଳଲହଡ଼ା, ଜିଲ୍ଲା: ଅନୁଗୋଳ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏହାର ଆବଶ୍ୟକତା ନାହିଁ | | | | | | | |

OIPR-24012/14/0011/2122

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ଅନୁଗୋଳ

ଧରିତ୍ରୀ
DHARITRI
ଶୁକ୍ରବାର, ୧୭ ସେପ୍ଟେମ୍ବର, ୨୦୨୧



## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

କୁନାଗଡ,(ଡି.ଏନ୍.ଏ.): କଳାହାଣ୍ଡି ଜିଲା କୁନାଗଡ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡିତାଙ୍କ ବାପା ଜୁନାଗଡ ଥାନାରେ ଏତଲା ଦେଇଛନ୍ତି। ଏହି ଘଟଣାରେ ନୂଆପଡା ଜିଲା ସିନାପାଲିର ରଶ୍ମିରଞ୍ଜନ କଟା ଓରଫ ପପୁଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ନାବାଳିକା ଜଣକ ଗତ ୧୨ତାରିଖରେ ସ୍ଥାନୀୟ ନଦୀକୁ ଶୌଚ ପାଇଁ ଯାଇଥିବା ବେଳେ ସମ୍ପୃକ୍ତ ଯୁବକ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଜୁନାଗଡ ଡାକ୍ତରଖାନାରେ ପୀଡିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି।

### ସଂକ୍ଷେପରେ

#### ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଅଘଟଣ
## ୩ ଯୁବକ ପାଣିରେ ଭାସି ନିଖୋଜ

ନୂଆପଡ଼ା ଅଫିସ,୧୬।୯: ନୂଆପଡା ସଦର ମହକୁମାରେ ଗୁରୁବାର ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଅଘଟଣ ଘଟିଛି। ପାଣିରେ ଭାସି ୩ଜଣ ଯୁବକ ନିଖୋଜ ଥିବା ଜଣାପଡ଼ିଛି। ସେମାନେ ହେଲେ ନିଲେସ ସିଂ (୩୫), ଅମିତ କୁମାର ଗୁପ୍ତା (୨୫) ଓ ରାଜ କୁମାର ଗୁପ୍ତା (୨୪)। ଗୁରୁବାର ନୂଆପଡା ସଦର ମହକୁମାରେ ଥିବା ଏକ ବିଦେଶୀ ମଦ ଦୋକାନର ୬ଜଣ ଯୁବକ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ପତୋରା ଡ୍ୟାମସ୍ଥିତ ଜଳପ୍ରପାତ ଗୋଧିସକୁ ଯାଇଥିଲେ। ମୂର୍ତ୍ତି ବିସର୍ଜନ ବେଳେ ଗୋଧିସରେ ପଡୁଥିବା ପାଣି ସ୍ରୋତରେ ଭାସିଯାଇଛନ୍ତି। ବିସର୍ଜନ ବେଳେ ଗୋଧସରେ ପଡିଯିବାରୁ ୩ଜଣ ନିଖୋଜ ଥିବା ଧରମବନ୍ଧା ଥାନାରେ ମଦ ଦୋକାନର ଜଣେ କର୍ମଚାରୀ ପ୍ରେମ କୁମାର ଗୁପ୍ତା ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଧରମବନ୍ଧା ଆଇଆଇସି ସଞ୍ଜୁକ୍ତା ବାର୍ଲାଙ୍କୁ ପଚାରିବାରୁ ଆମ ପାଖରେ ଅଭିଯୋଗ ହୋଇଛି। ଉଦ୍ଧାର ପାଇଁ ନୂଆପଡା ଅଗ୍ନିଶମ ବିଭାଗ କର୍ମଚାରୀମାନେ ମଧ୍ୟ ପହଞ୍ଚିଛନ୍ତି। ସେଠାରେ କୌଣସି ଲାଇଟ ବ୍ୟବସ୍ଥା ନ ଥିବାରୁ ଶୁକ୍ରବାର ଉଦ୍ଧାର କରାଯିବ ବୋଲି କହିଥିଲେ।

## ନନ୍ଦନକାନନରେ ଗୟଳ ଶାବକ ଜନ୍ମ

ବାରଙ୍ଗ,୧୬।୯(ଡି.ଏନ୍.ଏ.): ପ୍ରାଣୀଉଦ୍ୟାନ ନନ୍ଦନକାନନର ୪୨ନମ୍ବର ଏନକ୍ଲୋଜରରେ ରହୁଥିବା ମାଈ ଭାରତୀୟ ଗୟଳ ଗୁରୁବାର ସକାଳେ ଏକ ଶାବକ ଜନ୍ମ ଦେଇଛି। ଏହି ଶାବକ ଜନ୍ମ ହେବା ପରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୬ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରେ ୩ଟି ଅଣ୍ଡିରା ଓ ୨ଟି ମାଈ ରହିଥିବା ବେଳେ ନବଜାତ ଗୟଳ ଶାବକର ଲିଙ୍ଗ ଚିହ୍ନଟ ହୋଇନାହିଁ। ମା’ ଓ ଛୁଆ ସୁସ୍ଥ ଥିବା ନନ୍ଦନକାନନ ଉପନିର୍ଦ୍ଦେଶକ ଡ.ସଞ୍ଜିତ କୁମାର କହିଛନ୍ତି। ତେବେ ଏହା ପୂର୍ବରୁ ନନ୍ଦନକାନନରେ ଗତବର୍ଷ ସେପ୍ଟେମ୍ବର ୯ରେ ଏକ ଅଣ୍ଡିରା ଗୟଳ ଶାବକ ଜନ୍ମ ହୋଇଥିଲା।

# ଯୁବକଙ୍କ ଉନ୍ମତ୍ତକାଣ୍ଡରୁ ଜଣେ ଗୁରୁତର

■ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

ବଲାଙ୍ଗୀର ଅଫିସ/ ଦେଓଗାଁ, ୧୬।୯ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ରାମଚନ୍ଦ୍ରପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସେହି ଗାଁର ଜଣେ ଯୁବକଙ୍କ ମଳଦ୍ୱାରରେ ତିନି ଜଣ ନିଶାସକ୍ତ ଯୁବକ ଏକ ଷ୍ଟିଲ ଗ୍ଲାସ୍ ଭର୍ତ୍ତି କରି ଦେଇଥିବା ଅଭିଯୋଗ ହୋଇଛି। ଯୁବକ ଜଣକ ଗୁରୁତର ହୋଇପଡିବାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇଥିଲା। ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

ମିଳିଥିବା ସୂଚନା ଅନୁସାରେ ରାମଚନ୍ଦ୍ରପୁରର କରୁଣା ଭୋଇ (୧୮) ବୁଧବାର ସନ୍ଧ୍ୟାରେ ଶୌଚ ପାଇଁ ଗାଁ ବନ୍ଧକୁ ଯାଇଥିଲେ। ସେଠାରେ ତିନିଜଣ ଅଚିହ୍ନା ବ୍ୟକ୍ତି ମଦ ପିଉଥିଲେ। କରୁଣାଙ୍କୁ ଦେଖିବା ପରେ ସେମାନଙ୍କ ମଧ୍ୟରୁ ଜଣେ ଏକ ବନ୍ଧୁକ ବାହାର କରି ତାଙ୍କୁ


ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ କରୁଣା ଭୋଇ।

ନେବାକୁ କହିଥିଲେ। ତେବେ ବନ୍ଧୁକ ନେବାକୁ ମନା କରିବାରୁ ଅନ୍ୟ ଦୁଇ ଜଣ ବ୍ୟକ୍ତି ତାଙ୍କୁ ଜୋର ଜବରଦସ୍ତ ଧରି ପକାଇଥିଲେ। କରୁଣାଙ୍କ ପ୍ୟାଣ୍ଟ ଖୋଲି ଦେଇ ସେମାନେ ଧରିଥିବା ଏକ ଷ୍ଟିଲ ଗ୍ଲାସ୍‌କୁ ତାଙ୍କ ମଳଦ୍ୱାର ଭିତରକୁ ପଶାଇ ଦେଇଥିବା କରୁଣା ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ସେଠାରୁ କରୁଣା କୌଣସିମତେ ଘରକୁ ଚାଲି ଆସିଥିଲେ। ଲଜ୍ଜାରେ ଘରେ କାହାକୁ କିଛି କହି ନ ଥିଲେ। ରାତିରେ ଭୀଷଣ କଷ୍ଟ ହେବାରୁ ସେ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଷ୍ଟିଲ ଗ୍ଲାସ୍‌ଟି ତାଙ୍କ ମଳଦ୍ୱାରରେ ଲାଗିଯାଇଥିବା ଏବଂ ଯେତେ ଚେଷ୍ଟା କଲେ ମଧ୍ୟ ବାହାରକୁ ନ ବାହାରିବାରୁ ତାଙ୍କୁ ରାତିରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇ ସର୍ଜରୀ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ସକାଳେ ମେଡିକାଲ କଲେଜ ହସ୍ପିଟାଲର ସର୍ଜରୀ ବିଶେଷଜ୍ଞମାନେ ମଳଦ୍ୱାରରୁ ଉକ୍ତ ଗ୍ଲାସ୍‌କୁ ବାହାର କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଏଥିପାଇଁ ଅସ୍ତ୍ରୋପଚାରର ଆବଶ୍ୟକତା ଥିବାରୁ କରୁଣାଙ୍କୁ ବୁର୍ଲା ଭିମସାର ମେଡିକାଲ କଲେଜ ହସ୍ପିଟାଲକୁ ନେଇଯିବା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ଏକ ଆମ୍ବୁଲାନ୍ସରେ କରୁଣାଙ୍କୁ ବୁର୍ଲା ପଠାଯାଇଛି। ଅଭିଯୋଗ ଅନୁଯାୟୀ ନିଶାସକ୍ତମାନେ ଯେଉଁ ଜଘନ୍ୟ କାଣ୍ଡ ଭିଆଇଛନ୍ତି ତାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଥିବାବେଳେ ଆଉ କେତେକ ବ୍ୟକ୍ତି ଏହି ଘଟଣାକୁ ନେଇ ଭିନ୍ନ ଆଲୋଚନା କରୁଥିବା ଜଣାପଡିଛି। ପ୍ରକୃତରେ କେଉଁ ଅଚିହ୍ନା ବ୍ୟକ୍ତିମାନେ ରାମଚନ୍ଦ୍ରପୁର ଗାଁ ବନ୍ଧ ରାସ୍ତାରେ ମଦ ପିଉଥିଲେ ତାକୁ ନେଇ କୌଣସି ସୂଚନା ମିଳିନାହିଁ। ତେବେ ଏହି ଘଟଣା ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାରୁ ଏନେଇ କିଛି ବି ସତ୍ୟାସତ୍ୟ ଜଣାପଡିନାହିଁ।

# ବନ୍ଧାହେଲେ ଜେକେଏସ୍ କଲେଜ ଅଧ୍ୟାପକ

## ଯୁଗ୍ମ ସଚିବଙ୍କ ନାମରେ ମିଥ୍ୟା ମେଲ୍

ସମ୍ବଲପୁର,୧୬।୯(ବ୍ୟୁରୋ)

ସମ୍ବଲପୁର ଜିଲା ପରମାଣପୁରସ୍ଥିତ ଡାକ୍ତର ଝସକେତନ ସାହୁ (ଜେକେଏସ୍) କଲେଜର ଅର୍ଥନୀତି ବିଭାଗ ଅଧ୍ୟାପକ ପରେଶ କୁମାର ଭୋଇ (୩୬)ଙ୍କୁ ସାଇବର ଥାନା ପୋଲିସ ଗୁରୁବାର ଗିରଫ କରିଛି। କୋର୍ଟ ଚାଲାଣ ପରେ ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପରେଶ ଯୁଗ୍ମ ସଚିବଙ୍କ ନାମରେ ମିଥ୍ୟା ମେଲ ଆଇଡି ଖୋଲି କଲେଜ ଅଧ୍ୟକ୍ଷ ସନ୍ଧ୍ୟାରାଣୀ ମିଶ୍ରଙ୍କୁ ଚିଠି କରିଥିଲେ। ଏହି ମେଲରେ କିରାଣି ନିଯୁକ୍ତିରେ ଅନିୟମିତତା ହୋଇଛି। ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ରହିଥିଲା।

ସୂଚନାଯୋଗ୍ୟ, ସେପ୍ଟେମ୍ବର ୬ କଲେଜକୁ ଏକ ମେଲ୍ ଆସିଥିଲା। କଲେଜ ଅଧ୍ୟକ୍ଷ ସନ୍ଧ୍ୟାରାଣୀ ଏହାକୁ ଦେଖି ସନ୍ଦେହ କରିଥିଲେ। ପରେ ସେ କଲେଜର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ପଚରାଉଚୁରା କରିଥିଲେ। ଘଟଣା ସମ୍ପର୍କରେ କେହି ଜାଣି ନ ଥିବା କହିଥିଲେ। ପରେ ୯ ତାରିଖରେ ସାଇବର ଥାନାରେ ଅଧ୍ୟକ୍ଷା ମିଶ୍ର ଅଭିଯୋଗ କରିଥିଲେ। ସାଇବର ଥାନା ଅଧିକାରିଣୀ ପଦ୍ମାବତୀ


ଗିରଫ ଅଧ୍ୟାପକ ପରେଶ ଭୋଇ।

ମେହେରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ତଦନ୍ତ କରିବା ପରେ ଉକ୍ତ ମେଲ ଆଇଡି ପରେଶ ଭୋଇଙ୍କ ନାମରେ ଥିବା ଜଣାପଡିଥିଲା। ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ବରଗଡ ଜିଲା ପଦ୍ମପୁର ଜଗଦଲପୁର ଗ୍ରାମର ଅଧ୍ୟାପକ ଭୋଇ ୬ ବର୍ଷ ହେବ କଲେଜରେ ଶିକ୍ଷାଦାନ କରୁଥିଲେ। କଲେଜରେ କିଛିଦିନ ପୂର୍ବରୁ କିରାଣି ନିଯୁକ୍ତି ହୋଇଥିଲା। ଏଥିରେ ଅନିୟମିତତା ହୋଇଛି। ତେଣୁ ସତ୍ୟ ସାମନାକୁ ଆସୁ ବୋଲି ସେ ଏହି ଚିଠି କରିଥିବା କହିଥିବା ପୋଲିସ ସୂଚନା ଦେଇଛି।

# ୧୦୧୬ ଏଏସ୍‌ଆଇଙ୍କୁ ମିଳିଲା ନିଯୁକ୍ତି

କଟକ ଅଫିସ,୧୬।୯

୧୦୧୬ଜଣ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର (ଏଏସ୍‌ଆଇ)ଙ୍କୁ ବିଭିନ୍ନ ଜିଲାର ଥାନା ସମେତ ପୋଲିସ କାର୍ଯ୍ୟାଳୟରେ ନିଯୁକ୍ତି ମିଳିଛି। ଆପରାଧିକ ମାମଲାର ତଦନ୍ତ ଓ ଆଇନ୍‌ଶୃଙ୍ଖଳା ପରିସ୍ଥିତି ସମୟରେ ଠିକ୍ ଭାବେ କାର୍ଯ୍ୟ କରିବାକୁ ସେମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରଶିକ୍ଷଣ ସମୟରେ ଅନୁଷ୍ଠିତ ହୋଇଥିବା ଲିଖିତ ପରୀକ୍ଷା ଏବଂ ପରେ ଥାନା ସହିତ ସଂଲଗ୍ନ ଭଳି ପ୍ରଶିକ୍ଷଣ ସମାପ୍ତ ହେବା ପରେ ୧୦୯୨ଜଣଙ୍କ ମଧ୍ୟରୁ ୧୦୧୬ଜଣ କୃତକାର୍ଯ୍ୟ ହୋଇଥିଲେ। ପରେ ସେମାନଙ୍କୁ ବୁଧବାର ନିଯୁକ୍ତି ପ୍ରଦାନ କରାଯାଇଥିବା କଟକ ସ୍ଥିତ ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୨୦୨୦ ଡିସେମ୍ବରରେ ୧୦୯୨ଜଣ କନଷ୍ଟେବଲ, ହାବିଲଦାର, ଲାନ୍ସନାଏକ ପଦବୀରୁ ଏଏସ୍‌ଆଇ ପଦବୀକୁ ପଦୋନ୍ନତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଲିଖିତ ପରୀକ୍ଷା ଏବଂ ସର୍ଭିସ୍ ରେକର୍ଡ ଯାଞ୍ଚ ପରେ ସେମାନଙ୍କୁ ପଦୋନ୍ନତି ଦିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ସେହି କ୍ରମରେ ପଦୋନ୍ନତି ପାଇଥିବା ଏଏସ୍‌ଆଇଙ୍କୁ ୪ ମାସ ଇନ୍‌ଷ୍ଟିଚ୍ୟୁଶନାଲ୍ ଟ୍ରେନିଂ ଏବଂ ୨ ମାସ ବିଭିନ୍ନ ଥାନା ସହିତ ସଂଲଗ୍ନ କରାଯାଇଥିଲା। ପଦୋନ୍ନତି ପାଇଥିବା ଏଏସ୍‌ଆଇମାନେ କୋରାପୁଟ, ନୟାଗଡ଼, ବୁର୍ଲା, ଭୁବନେଶ୍ୱର, ଅନୁଗୋଳ ଏବଂ ବୈରୀଠାରେ ତାଲିମ ଗ୍ରହଣ କରିଥିଲେ। ତାଲିମ ଶେଷ ହେବା ପରେ ସେମାନଙ୍କୁ ଏକ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହେବାର ଆବଶ୍ୟକତା ରହିଥିଲା। ଆଗାମୀ ଦିନରେ ସାଧାରଣ ଲୋକଙ୍କୁ ଉତ୍ତମ ସେବା ଯୋଗାଇବାରେ ଏତେ ସଂଖ୍ୟକ ତଦନ୍ତକାରୀ ଅଧିକାରୀ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ଓଡ଼ିଶା ପୋଲିସ ପକ୍ଷରୁ କୁହାଯାଇଛି।

# ଜୟପୁରରେ କ୍ରାଇମବ୍ରାଞ୍ଚ ଟିମ୍

■ ମାଲକାନଗିରି ପୂର୍ବତନ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ହତ୍ୟା ମାମଲା

■ ସିବିଆଇ ତଦନ୍ତ ଦାବି କଲେ ପରିବାର ଲୋକେ

ଜୟପୁର,୧୬।୯(ନି.ପ୍ର.)

ମାଲକାନଗିରି ଜିଲାର ପୂର୍ବତନ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡା ହତ୍ୟା ମାମଲାର ତଦନ୍ତ ପାଇଁ ଗୁରୁବାର ଜୟପୁରରେ ପହଞ୍ଚିଛି କ୍ରାଇମବ୍ରାଞ୍ଚ ଟିମ୍। ପ୍ରାୟ ଅଧଘଣ୍ଟା ଧରି ସ୍ଥାନୀୟ ଆଦର୍ଶନଗରରେ ରହୁଥିବା ପଣ୍ଡାଙ୍କ ପରିବାର ସହ ଆଲୋଚନା କରି ଫେରିଛି କ୍ରାଇମବ୍ରାଞ୍ଚର ଏହି ୪ ଜଣିଆ ଟିମ୍। ତେବେ ପରିବାର ଲୋକେ କ୍ରାଇମବ୍ରାଞ୍ଚର ତଦନ୍ତରେ ସନ୍ତୁଷ୍ଟ ନ ଥିବା କହିଛନ୍ତି ତାଙ୍କ ସ୍ତ୍ରୀ ବନଜା ପଣ୍ଡା। ଜଣେ ଆଇଏଏସ୍ ଅଫିସରଙ୍କୁ ବଞ୍ଚାଇବା ପାଇଁ ଆଇପିଏସ୍ ଅଫିସରମାନେ ଲାଗି ପଡ଼ିଛନ୍ତି। ଫଳରେ ଦୀର୍ଘ ମାସ ଧରି ହେଉଥିବା ଏହି ତଦନ୍ତ ମନ୍ଥର ଗତିରେ ହେଉଛି ବୋଲି ସେ କହିଛନ୍ତି। ରାଜ୍ୟ ସରକାର ଏଥିପ୍ରତି


ପରିବାର ଲୋକଙ୍କ ସହ କ୍ରାଇମବ୍ରାଞ୍ଚ ଟିମ୍ ଆଲୋଚନା କରୁଛି।

ଦୃଷ୍ଟିଦେଇ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଘଟଣାର ଉଚ୍ଚସ୍ତରୀୟ ତଦନ୍ତକରି ତାଙ୍କ ପରିବାରକୁ ନ୍ୟାୟ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। କିଛି ତଥ୍ୟ ପାଇଁ ପରିବାର ଲୋକଙ୍କ ନିକଟକୁ ଆସିଥିଲୁ। ତାଙ୍କ ସହ ଆଲୋଚନା ହୋଇଛି ବୋଲି କହିଛନ୍ତି କ୍ରାଇମବ୍ରାଞ୍ଚ ଡିଏସ୍‌ପି ଦେବବ୍ରତ ଚକ୍ର। ତଦନ୍ତ ପ୍ରକ୍ରିୟା ଚାଲିଛି, ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପ୍ରକାଶ କରିଛନ୍ତି କ୍ରାଇମବ୍ରାଞ୍ଚ ଡିଏସ୍‌ପି। ଜିଲାପାଳଙ୍କ ନାମରେ ମାମଲା ହୋଇଥିବା ବେଳେ ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀ ଏହାର ତଦନ୍ତକଲେ ତଦନ୍ତ ପ୍ରକ୍ରିୟା ଠିକ୍ ହେବ କି ନାହିଁ ସେନେଇ ସନ୍ଦେହ ପ୍ରକାଶ କରିଛନ୍ତି ପରିବାର ଲୋକେ। ସେମାନେ ଏହାର ସିବିଆଇ ତଦନ୍ତ ଦାବି କରିଛନ୍ତି। ସୂଚନାଯୋଗ୍ୟ, ମାଲକାନଗିରି ପୋଲିସର ତଦନ୍ତରେ ଅସନ୍ତୁଷ୍ଟ ହୋଇ ପରିବାର ଲୋକେ ମାଲକାନଗିରି ଏସ୍‌ପି ଓ ଅନ୍ୟ ୬ ଜଣଙ୍କ ନାମରେ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ସେତେବେଳେ ୱାନ୍ ସିସି ମାମଲା ଦାୟର କରିଥିଲେ। ପରେ ପୋଲିସ ମହାନିର୍ଦ୍ଦେଶକ ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବ୍ୟକ୍ତିଗତ ସହାୟକ ପଣ୍ଡା ଗତ ୨୬।୧୨।୨୦୧୯ରୁ ନିଖୋଜ ଥିଲେ। ୨୮ରେ ସତୀଗୁଡା ଡ୍ୟାମ ନିକଟରୁ ତାଙ୍କ ମୃତଦେହ ଜବତ ହୋଇଥିଲା।

## ଖେଳ ଖବର

## ଭାରତର ନ୍ୟୁଜିଲାଣ୍ଡ ଗସ୍ତ ଘୁଞ୍ଚିଲା

ୱେଲିଂଟନ, ୧୬।୯: ଚଳିତ ବର୍ଷ ଶେଷ ଆଡକୁ ଭାରତୀୟ କ୍ରିକେଟ ଦଳ ନ୍ୟୁଜିଲାଣ୍ଡ ଗସ୍ତ କରିବ ନାହିଁ। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଓ କୋଭିଡ୍-୧୯ କଟକଣା କାରଣରୁ ଏପରି ନିଷ୍ପତ୍ତି ନିଆଯାଇଛି। ନ୍ୟୁଜିଲାଣ୍ଡ ଗସ୍ତରେ ଯାଇଥିଲେ ଭାରତୀୟ ଖେଳାଳିମାନଙ୍କୁ ୩ଟି ଦିନିକିଆ ମ୍ୟାଚ୍ ଖେଳିବା ପୂର୍ବରୁ ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡିଥାନ୍ତା। ଏହି ୩ ଦିନିକିଆ ବିଶ୍ୱକପ୍ ସୁପର ସିରିଜର ଅଂଶ ବିଶେଷ। ଫଳରେ ଭାରତର ନ୍ୟୁଜିଲାଣ୍ଡ ଗସ୍ତ ଆସନ୍ତାବର୍ଷ ଅର୍ଥାତ୍ ୨୦୨୨କୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତାବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଭାରତ ବିପକ୍ଷ ଦିନିକିଆ ସିରିଜ ଖେଳାଯିବ ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ ମୁଖପାତ୍ର ସ୍ପଷ୍ଟ କରିଛନ୍ତି। ତେବେ ଆସନ୍ତା ନଭେମ୍ବରରେ ନ୍ୟୁଜିଲାଣ୍ଡ ଭାରତ ଗସ୍ତରେ ଆସି ଦୁଇଟି ଟେଷ୍ଟ ଓ ୩ଟି ଟି୨୦ ମ୍ୟାଚ୍ ଖେଳିବ ବୋଲି କୁହାଯାଇଛି। ନ୍ୟୁଜିଲାଣ୍ଡ ବାଂଲାଦେଶ, ନେଦରଲାଣ୍ଡ୍ସ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଘରୋଇ ସିରିଜରେ ଆୟୋଜନ କରିବ। ଏହାକୁ ବାଦ୍ ଦେଲେ ମାର୍ଚ୍ଚ-ଏପ୍ରିଲରେ ୭ଟି ଦଳକୁ ନେଇ ମହିଳା ବିଶ୍ୱକପ୍ ମଧ୍ୟ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି। ବାଂଲାଦେଶ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶବିଶେଷ। ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ନ୍ୟୁଜିଲାଣ୍ଡ କ୍ରିକେଟ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଡେଭିଡ ହ୍ୱାଇଟ୍।

# ପନ୍ତ ଦିଲ୍ଲୀ ଅଧିନାୟକ ରହିଲେ




ଦୁବାଇ, ୧୬।୯ (ପି.ଟି.)

ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାକୁଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଅବଶିଷ୍ଟ ମ୍ୟାଚଗୁଡ଼ିକ ପାଇଁ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଅଧିନାୟକ ପଦ ବଜାୟ ରଖିଛନ୍ତି। ଗତବର୍ଷ ଶ୍ରେୟାସ ଆୟାରଙ୍କ ନେତୃତ୍ୱରେ ଦିଲ୍ଲୀ କ୍ୟାପିଟାଲ୍ସ ଭଲ ପ୍ରଦର୍ଶନ କରି ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଥିଲା। ଚଳିତବର୍ଷ ଆଘାତପ୍ରାପ୍ତ ଆୟାରଙ୍କ କାନ୍ଧରେ ଅସ୍ତ୍ରୋପଚାର ଯୋଗୁ ତାଙ୍କ ଅନୁପସ୍ଥିତିରେ ପନ୍ତ ଦଳର ଅଧିନାୟକ ପଦ ସମ୍ଭାଳିଥିଲେ। ଟୁର୍ନାମେଣ୍ଟର ପ୍ରଥମ ଭାଗରେ ପନ୍ତଙ୍କ ଅଧିନାୟକତ୍ୱରେ ଦଳ ଭଲ ପ୍ରଦର୍ଶନ କରିଛି। ଦିଲ୍ଲୀ କ୍ୟାପିଟାଲ୍ସ ୬ଟି ଗେମ୍‌ରେ ବିଜୟ ଲାଭ କରି ୧୨ ପଏଣ୍ଟ ସହ ଟେବୁଲ ଶୀର୍ଷରେ ରହିଛି। ଆଇପିଏଲ୍ ୨୦୨୧ ସିଜନର ଅବଶିଷ୍ଟାଂଶ ପାଇଁ ରିଷଭ ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ପଦ ବଜାୟ ରଖିଥିବା ଦଳର ସହମାଲିକ ଜେଏସ୍‌ଡବ୍ଲ୍ୟୁ-ଜିଏମ୍‌ଆର ଗୁରୁବାର ଘୋଷଣା କରିଛି। ଫ୍ରାଞ୍ଚାଇଜ୍‌ର ଅଫିସିଆଲ ଟୁଇଟର ହ୍ୟାଣ୍ଡେଲରେ ଏ ବିଷୟରେ ସୂଚନା ଦିଆଯାଇଛି।

# ‘ଫିଟ୍ ଟୁ ଫ୍ଲାଏ’ ସାର୍ଟିଫିକେଟ ଅପେକ୍ଷାରେ ଶାସ୍ତ୍ରୀ

ନୂଆଦିଲ୍ଲୀ, ୧୬।୯(ପି.ଟି.)

ୟୁନାଇଟେଡ କିଙ୍ଗଡମ୍(ୟୁକେ)ରେ ଅଟକ ରହିଥିବା ଭାରତର ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ, ଫିଲ୍ଡିଂ କୋଚ୍ ଭରତ ଅରୁଣ ଓ ଆର. ଶ୍ରୀଧର ପ୍ରମୁଖ କୋଭିଡ୍‌ରୁ ଆରୋଗ୍ୟ ଲାଭ କରିବା ପରେ ‘ଫିଟ୍ ଟୁ ଫ୍ଲାଏ’ ଟେଷ୍ଟ ଦେବାକୁ ପଡ଼ିବ। ଏଥିରେ ଉତ୍ତୀର୍ଣ୍ଣ ହେବା ପରେ ଯାଇ ସେମାନେ ସ୍ୱଦେଶ ଫେରିପାରିବେ। ସୂଚନାଯୋଗ୍ୟ, ଏହି ୩ଜଣ କରୋନା ସଂକ୍ରମିତ ଥିବା ଜଣାପଡ଼ିବା ପରେ ଗତ ସପ୍ତାହରେ ମାଞ୍ଚେଷ୍ଟରରେ ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟ ମ୍ୟାଚକୁ ବାତିଲ କରିବାକୁ ପଡ଼ିଥିଲା। ୟୁକେ ସ୍ୱାସ୍ଥ୍ୟ ପ୍ରୋଟୋକଲ ଅନୁସାରେ ସେମାନେ ୧୦ ଦିନ ଆଇସୋଲେଶନ ଶେଷ କରିଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଛି। ହେଲେ ନେଗେଟିଭ ଆରଟି-ପିସିଆର୍ ରିପୋର୍ଟ ବ୍ୟତୀତ ସ୍ୱାସ୍ଥ୍ୟ ପ୍ରୋଟୋକଲ ଅନୁସାରେ ସିଟି ସ୍କାନରେ ୩୮ରୁ ଅଧିକ ସ୍କୋର କରିପାରିଲେ ଯାଇ ସେମାନଙ୍କୁ ‘ଫିଟ୍ ଟୁ ଫ୍ଲାଏ ’ସାର୍ଟିଫିକେଟ ମିଳିବ। ସବୁ ଠିକ୍‌ଠାକ୍ ରହିଲେ ଆସନ୍ତା ଦୁଇ ଦିନ ଭିତରେ ସେମାନେ ସ୍ୱଦେଶ



ଆର୍. ଶ୍ରୀଧର, ଭରତ ଅରୁଣ ଓ ରବି ଶାସ୍ତ୍ରୀ।

ଫେରିପାରନ୍ତ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଫିସିଆଲ ନାମ ଗୋପନ ରଖିବା ସର୍ତ୍ତରେ ସୂଚନା ଦେଇଛନ୍ତି। ସିଟି ସ୍କାନ ଦ୍ୱାରା କରୋନା ଯୋଗୁ ଫୁସ୍‌ଫୁସ୍ କେତେ ପରିମାଣରେ ପ୍ରଭାବିତ ହୋଇଛି ତାହା ଜଣାପଡ଼ିବ। ଏହି ୩ଜଣ ଭାରତୀୟ କୋଚ୍‌ଙ୍କ ନିକଟରେ ବର୍ତ୍ତମାନ କରୋନା ରୋଗର କୌଣସି ଲକ୍ଷଣ ନାହିଁ। ସେମାନେ ଫିଟ୍ ଥିବା ମଧ୍ୟ ଜଣାପଡୁଛି। ସୂଚନାଯୋଗ୍ୟ, ଓଭାଲଠାରେ ଚତୁର୍ଥ ଟେଷ୍ଟର ତୃତୀୟ ଦିବସରେ ଶାସ୍ତ୍ରୀ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ଅରୁଣ ଓ ଶ୍ରୀଧର ତାଙ୍କ ସଂସ୍ପର୍ଶରେ ଆସିଥିବାରୁ ସେମାନଙ୍କୁ ପ୍ରଥମେ ଆଇସୋଲେଶନରେ ରଖାଯାଇଥିଲା। କୋଭିଡ୍ ଟେଷ୍ଟରେ ସେମାନଙ୍କ ଫଳାଫଳ ପଜିଟିଭ ଆସିଥିଲା। ସମସ୍ତଙ୍କ ୧୦ ଦିନିଆ ଆଇସୋଲେଶନ ମିଆଦ ବୁଧବାର ଶେଷ ହୋଇଛି। ପରେ ଜୁନିୟର ଫିଜିଓ ଯୋଗେଶ ପାରମର କୋଭିଡ୍ ପଜିଟିଭ ଜଣାପଡ଼ିବା ପରେ ଅଧିନାୟକ ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତୀୟ ଖେଳାଳିମାନେ ଓଲ୍ଡ ଟ୍ରାଫୋର୍ଡଠାରେ ୫ମ ଟେଷ୍ଟ ମ୍ୟାଚ ଖେଳିବା ଲାଗି ରାଜି ହୋଇ ନ ଥିଲେ। ଫଳରେ ଏହି ମ୍ୟାଚକୁ ବାତିଲ କରିବାକୁ ପଡ଼ିଥିଲା। କୋଚିଂ ଷ୍ଟାଫ୍‌ଙ୍କ ସଂସ୍ପର୍ଶରେ ରହିଥିବାରୁ ମୁଖ୍ୟ ଫିଜିଓ ନୀତୀନ ପଟେଲ୍ ଆଇସୋଲେଶନରେ ରହିଥିଲେ। ତା’ପରଠାରୁ ପାରମର ଏକମାତ୍ର ଫିଜିଓ ଭାବେ ଭାରତୀୟ ଖେଳାଳିଙ୍କ ଦେଖାଚାହାଁ କରି ଆସୁଥିଲେ। ଶାସ୍ତ୍ରୀଙ୍କ ପୁସ୍ତକ ଉନ୍ମୋଚନ ଉତ୍ସବ ସଂକ୍ରମଣର ଉତ୍ପତ୍ତି ସ୍ଥଳ ବୋଲି ବିଶ୍ୱାସ କରାଯାଇଛି। କାରଣ ଏଥିରେ ବିନା ମାସ୍କରେ ପ୍ରାୟ ୧୫୦ ଅତିଥି ଉପସ୍ଥିତ ଥିଲେ। ସେମାନେ ପରସ୍ପର ସହ ନିର୍ବିଘ୍ନରେ ମିଳାମିଶା କରିଥିଲେ।

# ଏସିଆନ ଟାଇଟଲ ବଜାୟ ରଖିଲେ ଆଡ୍‌ଭାନୀ

ଦୋହା, ୧୬।୯ (ପି.ଟି.)

ଭାରତର ଅଗ୍ରଣୀ କ୍ୟୁଇଷ୍ଟ ପଙ୍କଜ ଆଡ୍‌ଭାନୀ ଏସିଆନ୍ ସ୍ନୁକର ଚାମ୍ପିୟନଶିପ୍ ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇଛନ୍ତି। ଗୁରୁବାର ଫାଇନାଲରେ ସେ ଇରାନର ଆମିର ସାର୍ଖୋସଙ୍କୁ ହରାଇ ଦେଇଛନ୍ତି। କୋଭିଡ୍ ଯୋଗୁ ପାଖାପାଖି ୨ ବର୍ଷ ବ୍ୟବଧାନରେ ଆଡ୍‌ଭାନୀଙ୍କର ଏହା ଥିଲା ପ୍ରଥମ ଟୁର୍ନାମେଣ୍ଟ। ଏହା ପୂର୍ବରୁ ସେ ୨୦୧୯ରେ ଏସିଆନ୍ ସ୍ନୁକର ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲେ। କରୋନା ମହାମାରୀ ଯୋଗୁ ୨୦୨୦ରେ ଏହି ଟୁର୍ନାମେଣ୍ଟର ଆୟୋଜନ କରାଯାଇ ନ ଥିଲା। ଗୁରୁବାରର ଏହି ବିଜୟ ଦ୍ୱାରା ଉଭୟ




ସ୍ନୁକର ଓ ବିଲିୟାର୍ଡ୍ସରେ ଆଡ୍‌ଭାନୀଙ୍କ ମୋଟ ଏସିଆନ ଟାଇଟଲ ସଂଖ୍ୟା ୧୧ରେ ପହଞ୍ଚିଛି। ୨୦୦୬ ଓ ୨୦୧୦ ଏସିଆନ ଗେମ୍ସରେ ମଧ୍ୟ ସେ ଦୁଇଟି ସ୍ୱର୍ଣ୍ଣ ଜିତିଥିଲେ। ଭାରତୀୟ ଖେଳାଳି ଆଗକୁ ଆଇବିଏସ୍‌ଏଫ୍ ୬-ରେଡ୍ ସ୍ନୁକର ବିଶ୍ୱକପ୍‌ରେ ଭାଗ ନେବେ। ଏହା ଶୁକ୍ରବାରଠାରୁ ଆରମ୍ଭ ହେବ।

## ପଦକ ବିଜେତାଙ୍କ ପାଇଁ ମନୋଲୋଭା ପୁରସ୍କାର

ଲାଉସେନ,୧୬।୯: ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଏଆଇବିଏ) ଗୁରୁବାର ଏକ ବଡ଼ ଘୋଷଣା କରିଛି। ଆସନ୍ତା ମାସରେ ସର୍ବିଆରେ ଆୟୋଜନ ହେବାକୁ ଯାଉଥିବା ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତାମାନଙ୍କୁ ମନୋଲୋଭା ପୁରସ୍କାର ଦେବାକୁ ଘୋଷଣା କରିଛି। ପୁରସ୍କାର ପାଣ୍ଠି ବାବଦରେ ୨.୬ ମିଲିୟନ ଆମେରିକୀୟ ଡଲାର ଦେବାକୁ ଘୋଷଣା କରାଯାଇଛି। ଏହି କ୍ରମରେ ସ୍ୱର୍ଣ୍ଣ ପଦକ ବିଜେତାମାନଙ୍କୁ ୧ ଲକ୍ଷ ଆମେରିକୀୟ ଡଲାର ଚେକ୍ ପ୍ରଦାନ କରାଯିବା ନିଶ୍ଚିତ ହୋଇଛି। ବେଲଗ୍ରେଡରେ ଅକ୍ଟୋବର ୨୪ ତାରିଖରୁ ବିଶ୍ୱ ଚାମ୍ପିୟନଶିପ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଚଳିତ ଜାତୀୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିବାକୁ ଥିବା ବକ୍ସରମାନେ ଭାରତ ପାଇଁ ବିଶ୍ୱ ଚାମ୍ପିୟନଶିପ୍‌ର ପ୍ରତିନିଧିତ୍ୱ କରିବେ।

# ସାଲାଜାରଙ୍କ ବାସନ୍ଦ ଦଣ୍ଡ କାଏମ

ଲାଉସାନେ, ୧୬।୯(ଏପି)

ଟ୍ରାକ୍ କୋଚ୍ ଆଲବର୍ଟୋ ସାଲାଜାରଙ୍କୁ ଆଶ୍ୱସ୍ତି ମିଳିନାହିଁ। ଡୋପିଂ ନିୟମ ଉଲ୍ଲଂଘନ ପାଇଁ ୟୁଏସ୍ ଆଣ୍ଟି ଡୋପିଂ ଏଜେନ୍ସି (ଉସାଡା) ତାଙ୍କୁ ୪ ବର୍ଷ ବାସନ୍ଦ ଦଣ୍ଡ ଦେଇଥିଲା। ଏହାକୁ ସେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍)ରେ ଚ୍ୟାଲେଞ୍ଜ କରିଥିଲେ। କାସ୍ କିନ୍ତୁ ଏହାକୁ କାଏମ ରଖିଛନ୍ତି। ସାଲାଜାରଙ୍କ ବ୍ୟତୀତ ଏଣ୍ଡୋକ୍ରିନୋଲୋଜିଷ୍ଟ ଜେଫ୍ରି ବ୍ରାଉନ୍ ମଧ୍ୟ ୨୦୧୯ରେ ଦଣ୍ଡିତ ହୋଇଥିଲେ। ସାଲାଜାର ହେଉଛନ୍ତି ଜଣେ ପୂର୍ବତନ ମାରାଥନ ଚାମ୍ପିୟନ। ନାଇକ୍ ଓରେଗନ୍ ପ୍ରୋଜେକ୍ଟର ଜଣେ କୋଚ୍


ଆଲବର୍ଟୋ ସାଲାଜାର

ଭାବେ ସେ ବହୁ ପ୍ରତିଷ୍ଠିତ ଡିଷ୍ଟାନ୍ସ ରନରଙ୍କୁ ଟ୍ରେନିଂ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ମୋ ଫାରା, ଗାଲେନ୍ ରପ୍ ଏବଂ କିଛି ସମୟ ପାଇଁ କାରା ଗୋଚର୍। ହେଲେ ତାଙ୍କର କୌଣସି ପୂର୍ବତନ ଧାବକ ଡୋପିଂ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ନାହିଁ। ସାଲାଜାର ତାଙ୍କ ଅଧୀନରେ ଟ୍ରେନିଂ ନେଉଥିବା ଆଥ୍ଲେଟମାନଙ୍କୁ କାଲ୍‌ସିୟମ ସପ୍ଲିମେଣ୍ଟ, ଆଣ୍ଟି ଇନ୍‌ଫ୍ଲାମାଟୋରି, ସ୍ଲିପ୍ ମେଡିକେଶନ ଏବଂ ମେଟାବୋଲିଜମ୍‌ରେ ବୃଦ୍ଧି ଏବଂ ଓଜନ ନିୟନ୍ତ୍ରଣ ପାଇଁ ଥାଇରଡ୍ ମେଡିସିନ ବ୍ୟବହାର ଲାଗି ପରାମର୍ଶ ଦେଉଥିଲେ ବୋଲି ଗୋଚର ଓ ଅନ୍ୟ କେତେଜଣ ଆଥ୍ଲେଟ ଅଭିଯୋଗ ଆଣିଥିଲେ।

## ସାପ କାମୁଡ଼ାରେ ଶିଶୁ ମୃତ

କୋଷାଗୁମୁଡ଼ା,(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ମିର୍ଗାନ୍ ପଡ଼ାରେ ଗୁରୁବାର ସାପ କାମୁଡ଼ାରେ ଜଣେ ଶିଶୁଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗାଁର ଡଲି ପକ୍‌କା (୩)। ଡଲି ମଧ୍ୟାହ୍ନରେ ଟିଭି ଦେଖିବା ପାଇଁ ରିମୋଟ ଖୋଜିବା ସମୟରେ ଏକ ସାପ ତାଙ୍କ ହାତକୁ କାମୁଡ଼ି ଦେଇଥିଲା। ତାଙ୍କୁ ତୁରନ୍ତ ପରିବାର ଲୋକେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ନବରଙ୍ଗପୁର ଡାକ୍ତରଖାନାକୁ ନେବା ବାଟରେ ହିଁ ଡଲିଙ୍କର ମୃତ୍ୟୁ ହୋଇଯାଇଥିଲା।

## ସଂକ୍ଷେପରେ

### ପଞ୍ଚମ ସ୍ଥାନରେ ଉମରକୋଟ୍ ଛାତ୍ରୀ ପଲ୍ଲବୀ

**ପ୍ରକାଶ ପାଇଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ବାଣିଜ୍ୟ ପରୀକ୍ଷାଫଳ**



ଉମରକୋଟ, ୧୬।୯(ସ୍ୱ.ପ୍ର.)- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ବାଣିଜ୍ୟ ବିଭାଗ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ଯୁକ୍ତ ୩ ବାଣିଜ୍ୟ ବିଭାଗ ଛାତ୍ରୀ ପଲ୍ଲବୀ ପଟ୍ଟନାୟକ ୫ମ ସ୍ଥାନରେ ରହିଛନ୍ତି। ସେ ୧୪୦୦ରୁ ମୋଟ ୧୨୧୨ ନମ୍ବର (୮୬.୫୭%) ରଖିଛନ୍ତି। ପଲ୍ଲବୀଙ୍କ ବାପା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ନାଲ୍‌କୋ କର୍ମଚାରୀ, ମା ପ୍ରତିଭା ଗୃହିଣୀ। ପଲ୍ଲବୀ ଏହି ସଫଳତାର ଶ୍ରେୟ ପରିବାର, ଗୁରୁଜନ, ମହାବିଦ୍ୟାଳୟ ଅଧ୍ୟକ୍ଷା ଓ ବାଣିଜ୍ୟ ବିଭାଗର ଅଧ୍ୟାପକ ରାମଶଙ୍କର ପଟ୍ଟନାୟକଙ୍କୁ ଦେଇଛନ୍ତି। ଭବିଷ୍ୟତରେ ଆଇଆଇଏମ୍‌ରେ ଏମ୍‌ବିଏ କରିବାକୁ ଇଚ୍ଛା ବୋଲି ପଲ୍ଲବୀ କହିଛନ୍ତି।

### ଡିକେଡିଏ ସ୍ୱତନ୍ତ୍ର ଅଧିକାରୀଙ୍କ ପରଲୋକ



ବିଷମକଟକ,୧୬।୯(ଡି.ଏନ୍.ଏ.)- କରୋନାରେ ସଂକ୍ରମିତ ହୋଇ ଚିକିତ୍ସାଧୀନ ଥିବା ବିଷମକଟକ ବ୍ଲକ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା(ଡିକେଡିଏ)ର ସ୍ୱତନ୍ତ୍ର ଅଧିକାରୀ ମଦନ ମୋହନ ଦଳବେହେରାଙ୍କ ବୁଧବାର ପରଲୋକ ହୋଇଯାଇଛି। ସେପ୍ଟେମ୍ବର ୧୨ରେ ସେ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବୁଧବାର ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା(ଡିକେଡିଏ) ଚାଟିକଣା କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏଥିରେ ଜିଲା ପ୍ରଶାସନ ପକ୍ଷରୁ ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥୀ, ଅତିରିକ୍ତ ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଅବସରପ୍ରାପ୍ତ ଅତିରିକ୍ତ ମଙ୍ଗଳ ଅଧିକାରୀ ଅଶୋକ ଅଧିକାରୀ, ମଣ୍ଡଳ ନିରୀକ୍ଷକ ବିନବିହାରୀ ପଣ୍ଡା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭପ୍ରଦା ସାସମଲ, ସରପଞ୍ଚ କୁରଲୀ ଡ୍ରିନ୍‌ଜ ଜାକେସିକାଙ୍କ ସମେତ ଡିକେଡିଏ ପ୍ରକଳ୍ପ ପରିଚାଳକ ସୁଦର୍ଶନ ପାଢ଼ୀ, ଚାଟିକଣା ଓ ପାର୍ସାଲ ଡିକେଡିଏର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ସ୍ୱଚ୍ଛତା ପକ୍ଷ ପାଳିତ

ଦୁର୍ଗୀ,୧୬।୯(ଡି.ଏନ୍.ଏ.)- ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଭାଲେରି କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟରେ ସେପ୍ଟେମ୍ବର ୧ରୁ ୧୫ ଦିନ ଧରି ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ପ୍ରଥମ ଦିନରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ସ୍ୱଚ୍ଛତା ନେଇ ଶପଥ ପାଠ କରିଥିଲେ। ପର୍ଯ୍ୟାୟକ୍ରମେ ବିଦ୍ୟାଳୟ ପରିସର, ଗାଁ ପରିସରରେ ସବୁଜ ବନାନୀ ସୃଷ୍ଟି କରାଯିବା ସହ କରୋନା ମୁକାବିଲା ପାଇଁ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରାଯାଇଥିଲା। ସେହିପରି କବିତାପାଠ, ରଚନା ଲିଖନ, ଚିତ୍ରକଳା ଓ ବ୍ୟକ୍ତିଗତ ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଭାଲେରି କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ଭାଲେରି କ୍ଲଷ୍ଟର ସଂଯୋଜିକା ଚନ୍ଦ୍ରମା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଜେଡିରେ ଯୋଗଦେଲେ ଚନ୍ଦ୍ରଶେଖର ମାଝି

କୋଟପାଡ଼,୧୬।୯(ଡି.ଏନ.ଏ.)-ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଚନ୍ଦ୍ରଶେଖର ମାଝି ଦଳ ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ବୁଧବାର ରାଜ୍ୟ ସଭା ସଦସ୍ୟ ସୁବାସ ସିଂଙ୍କ ଭୁବନେଶ୍ୱର ୟୁନିଟ୍-୬ ସ୍ଥିତ ସରକାରୀ କ୍ୱାର୍ଟର୍ସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଚନ୍ଦ୍ରଶେଖର ଓ ତାଙ୍କ ସମର୍ଥକମାନେ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ବିଜେଡି ସଂଗଠନ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ, ପ୍ରତାପ ଦେବ, ରବି ନନ୍ଦ, ରମେଶ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିକ୍ରିୟାରେ ଚନ୍ଦ୍ରଶେଖର କହିଛନ୍ତି, କଂଗ୍ରେସ ତାଙ୍କୁ ଅଣଦେଖା କରିନି କି ସେ ଦଳୀୟ କନ୍ଦଳର ଶିକାର ହୋଇନାହାନ୍ତି। କୋଟପାଡ଼ ଅଞ୍ଚଳର ବିକାଶ ପାଇଁ ସେ ବିଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟ ତାଙ୍କୁ ଅନୁପ୍ରାଣିତ କରିଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ଚନ୍ଦ୍ରଶେଖର ୨୦୧୪ରେ କୋଟପାଡ଼ ବିଧାନସଭା ଆସନରୁ କଂଗ୍ରେସ ଟିକେଟରେ ବିଜୟୀ ହୋଇଥିଲେ। ତେବେ ୨୦୧୯ରେ ସେ ବିଜେଡି ପ୍ରାର୍ଥୀ ତଥା ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କଠାରୁ ୨ ହଜାର ଭୋଟରେ ପରାଜିତ ହୋଇଥିଲେ।

# କମୁଛି ଜମିର ଉର୍ବରତା

**ରସାୟନିକ ସାର ପ୍ରୟୋଗ ଭବିଷ୍ୟତରେ ଆଣିବ ବିପଦ**

ନବରଙ୍ଗପୁର,୧୬।୯(ବି.ପ୍ର.)

ନବରଙ୍ଗପୁର ଏକ କୃଷି ବହୁଳ ଜିଲା। ଏହାର ଅଧିକାଂଶ ଅଧିବାସୀ ଚାଷ କାମ କରନ୍ତି। କିନ୍ତୁ ଚାଷ କାମରେ ଜୈବିକ ସାର କମ୍ ବ୍ୟବହାର ହେଉଛି। ଏବେ ରସାୟନିକ ସାର ପ୍ରୟୋଗ ବଢ଼ିବାରେ ଲାଗିଛି। ଏହା ଦ୍ୱାରା ମୃତ୍ତିକାର ଉର୍ବରତା ଉପରେ ପ୍ରଭାବ ପଡୁଛି। ଖାଦ୍ୟ ଶଷ୍ୟ, ପନି ପରିବା ଅମଳ ବଢ଼ୁଥିଲେ ମଧ୍ୟ ରସାୟନିକ ସାରର ପ୍ରଭାବ ଶରୀର ଉପରେ ପଡୁଛି।

ନବରଙ୍ଗପୁର ଜିଲାରେ ୧ଲକ୍ଷ ୯୯ ହଜାର ୧୨୮ ହେକ୍ଟର ଜମିରେ ଧାନ, ଆଖୁ, ମକା, ବାଜରା, ଡାଲିଜାତୀୟ, ମରିଚ, ଅଦା, ହଳଦୀ, ମାଣ୍ଡିଆ ସମେତ ପନିପରିବା ଚାଷ କରାଯାଉଛି। ସେଥିମଧ୍ୟରୁ ୧ ଲକ୍ଷ ୫ ହଜାର ୫୧୭ ହେକ୍ଟର ଧାନ, ୬୦ ହଜାର ୯୫୪ ହେକ୍ଟର ଜମିରେ ମକା ଓ ୫ ହଜାର ହେକ୍ଟର ଜମିରେ ଆଖୁ ଚାଷ ହୋଉଥିବା ସରକାରୀ ରେକର୍ଡରୁ ଜଣାଯାଏ। ୨୦ ହଜାରରୁ ଅଧିକ ଜଙ୍ଗଲ ଓ ସରକାରୀ ଜମିକୁ ଦଖଲରେ ନେଇ ସେଥିରେ ଚାଷ କରାଯାଉଥିବା ଜଣାପଡ଼ିଛି।

୨୦୧୪-୧୫ ବର୍ଷରେ ହେକ୍ଟର ପିଛା ୧୫୪ କିଲୋ.୪୨ ଗ୍ରାମ ସାର ପ୍ରୟୋଗ କରାଯାଉଥିଲା। ଏବେ ୧୯୨କିଲୋ ୫୮ ଗ୍ରାମ ସାର ବ୍ୟବହାର ହେଉଛି। ୨୦୨୦ରେ ୫୬ ହଜାର ୫୯୨ ହଜାର ମେଟ୍ରିକ୍ ଟନ ସାର ବ୍ୟବହାର ହୋଇଥିବାବେଳେ ଚଳିତ ବର୍ଷ ୭୫ ହଜାର ୨ଶହ ମେଟ୍ରିକ ଟନ ସାର ବ୍ୟବହାର ହେବା ଟାର୍ଗେଟ ରହିଛି। ତଥ୍ୟ ଅନୁଯାୟୀ ଜିଲାରେ ରସାୟନୀକ ସାର ପ୍ରୟୋଗ ବଢ଼ୁଛି ବୋଲି ସ୍ପଷ୍ଟ ଜଣାପଡ଼ିଛି।

ଏବେ ଧୀରେ ଧୀରେ ଗୋବର ଜିଆ ଖତ ତଥା ଜୈବୀକ ସାର ପ୍ରୟୋଗ କମୁଛି। ସରକାରଙ୍କ ପକ୍ଷରୁ ପାରମ୍ପରିକ କୃଷି ବିକାଶ ଯୋଜନା ମାଧ୍ୟମରେ ଜୈବିକ ସାର ପ୍ରୟୋଗ ଉପରେ ସଚେତନ କରାଯାଉଥିଲେ ମଧ୍ୟ ଚାଷୀ ସହଜ ଓ ସୁବିଧା ବାଟ ଅବଲମ୍ବନ କରୁଛନ୍ତି। ଏହାଦ୍ୱାରା ମୃତ୍ତିକା ଉପରେ କୁପ୍ରଭାବ ପଡୁଛି। ଅଧିକ ଅମଳ ଓ ଆର୍ଥିକ ସ୍ଥିତି ସୁଦୃଢ କରିବା ପାଇଁ ଯେଉଁ ରାସ୍ତା ଦେଖାଇ ଦିଆଯାଇଛି ତାହା ପରିବର୍ତ୍ତନ ହେବା କଷ୍ଟକର।

କୃଷି ବିଭାଗ ପକ୍ଷରୁ ଅଧିକ ଅମଳ ପାଇଁ ଚାଷୀଙ୍କୁ ବିଭିନ୍ନ ପର୍ଯ୍ୟାୟରେ ତାଲିମ ଓ କ୍ଷେତ୍ର ପରିଦର୍ଶନ କରାଉଛନ୍ତି। ସେହିଭଳି ବିଭିନ୍ନ ଯୋଜନା ମାଧ୍ୟମରେ ଧାଡିରୁଆ, ଶ୍ରୀ ପଦ୍ଧତିରେ ଚାଷ କରିବା ପାଇଁ ଚାଷୀଙ୍କୁ ଆର୍ଥିକ ସହାୟତା ମଧ୍ୟ ଯେଗାଇ ଦିଆଯାଉଛି। ଚାଷୀଙ୍କ ସାର ବିହନ ଓ ଶ୍ରମିକଙ୍କ ଖର୍ଚ୍ଚ ମଧ୍ୟ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଛି। ତେବେ ଜୈବିକ ସାର ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦିଆଯାଉ ନାହିଁ। ଏନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ଟଙ୍କଧର ସାହୁଙ୍କୁ ପଚାରିବାରୁ, ଚାଷ କାମରେ ଜୈବିକ ଓ ରସାୟନିକ ସାର ସମାନ ଅନୁପାତରେ ପକାଇଲେ ରସାୟନିକ ସାର ବ୍ୟବହାର କମିବ। ରସାୟନୀକ ସାର ପ୍ରୟୋଗ ପଦ୍ଧତିରେ ଚାଷ କଲେ ମାଟିର ଅମ୍ଳତା ବଢ଼ିବ ଓ ମୃତ୍ତିକାର ଉର୍ବରତା କମିବ ବୋଲି ସେ କହିଛନ୍ତି।

# ଭତ୍ତା ଅପେକ୍ଷାରେ ବୃଦ୍ଧା କମଳା

ଧୋଡ୍ରା, ୧୬।୯(ଡି.ଏନ୍.ଏ.)



ବୃଦ୍ଧା କମଳା ବିନ୍ଧାଣି ଓ ତାଙ୍କ ନାତୁଣୀ।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚାଟିଗୁଡ଼ା ପଞ୍ଚାୟତ ୬ ନମ୍ବର ୱାର୍ଡରେ ରୁହନ୍ତି ବୃଦ୍ଧା କମଳା ବିନ୍ଧାଣି(୬୫)। ଆଖିକୁ ଭଲ କରି ଦିଶୁନାହିଁ। ଏଣେ ସ୍ୱାମୀ ବାଲଚନ୍ଦ ମଧ୍ୟ ୫ ମାସ ତଳୁ ଆରପାରିକୁ ଚାଲିଯାଇଛନ୍ତି। ବୃଦ୍ଧାଙ୍କୁ ବାର୍ଦ୍ଧକ୍ୟ, ବିଧବା ଏବଂ ଦିବ୍ୟାଙ୍ଗ ଭତ୍ତା ମିଳିବା କଥା। କିନ୍ତୁ ଏଯାଏ ତାଙ୍କୁ କୌଣସି ଭତ୍ତା ମିଳିନି। ତାଙ୍କ ଉପରେ ୪ ପ୍ରାଣୀ କୁଟୁମ୍ବର ବୋଝ। ଘର ଚଳାଇବା ଚିନ୍ତାରେ ଆଖିରୁ ଲୁହ ଗଡ଼ାଉଛନ୍ତି କମଳା।

ବାଲଚନ୍ଦ ଓ କମଳାଙ୍କ ଝିଅ ଡାଲିମ୍ବଙ୍କ ବିବାହ କରାଇଦେବା ପରେ ଦୁଃଖ କଷ୍ଟରେ ନିଜ ସଂସାର ଚଳାଉଥିଲେ। କିନ୍ତୁ ପାଞ୍ଚବର୍ଷ ପୂର୍ବେ ଜ୍ୱାଇଁ ଝିଅ ସହ ନାତିନାତୁଣୀଙ୍କୁ ଆଣି ଚାଟିଗୁଡ଼ାରେ ଛାଡ଼ି ଦେଇଗଲେ। ଜମିବାଡ଼ି ନ ଥିବାରୁ ପେଟ ପୋଷିବା ପାଇଁ ଝିଅ ଏବଂ ନାତିଙ୍କ ସହ ମିଶି ବାଲଚନ୍ଦ ଗାଈ ଚରାଉଥିଲେ। ସେଥିରେ ଘର ଚଳେ। ବାରମ୍ବାର ଭତ୍ତାପାଇଁ ଆବେଦନ କରିଥିଲେ କମଳା ଓ ବାଲଚନ୍ଦ। ବାଲଚନ୍ଦଙ୍କ ମୃତ୍ୟୁ ପରେ ଗାଈ ଜଗିବା କାମ ମଧ୍ୟ ବନ୍ଦ। କମଳାଙ୍କର ଚାଲିବାକୁ ବଳ ପାଉନି କି ଆଖିକୁ ଦିଶୁନି। ଗ୍ରାମବାସୀ ଯାହା ହାତଟେକି ଦେଉଛନ୍ତି ସେଥିରୁ ଓଳିଏ ଖାଇଲେ ଓଳିଏ ଉପାସ। ଏଯାଏ କମଳାଙ୍କୁ କିନ୍ତୁ କୌଣସି ଭତ୍ତା ମିଳିଲା ନାହିଁ। ଏ ନେଇ ବିଡିଓ ସତ୍ୟନାରାୟଣ ମେହେରଙ୍କୁ ପଚାରିବାରୁ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛି। ଏ ସମ୍ପର୍କରେ ଜାଣି ନ ଥିଲି। ଏବେ ଅବଗତ ହେବାପରେ ସେମାନଙ୍କୁ ଶୀଘ୍ର କିପରି ଭତ୍ତା ମିଳିବ ସେ ଦିଗରେ ପଦକ୍ଷେପ ନେବି ବୋଲି ସେ କହିଛନ୍ତି।

# ପ୍ରତ୍ୟେକ ଗ୍ରାମରେ ପହଞ୍ଚିବ ଆମ୍ବୁଲାନ୍ସ ସେବା

**ରାୟଗଡା ବ୍ଲକର ସପ୍ତଦଶ ସମିତି ବୈଠକ**

ରାୟଗଡ଼ା ଅଫିସ,୧୬।୯





ସମିତି ବୈଠକରେ ଜିଲା ପରିଷଦ ସଭାପତି, ରାୟଗଡ଼ା ବିଧାୟକ ଓ ଅନ୍ୟମାନେ ।

ରାୟଗଡ଼ା ବ୍ଲକର ସପ୍ତଦଶ ପଞ୍ଚାୟତ ସମିତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷ ପେଡଣ୍ଡୀ ରାମୁଲୁଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଜିଲା ପରିଷଦ ସଭାପତି ଗଙ୍ଗାଧର ପୁଆଲା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ସମିତିର ଉପାଧ୍ୟକ୍ଷ ମିନତୀ ବାଟେଲି, ଜିଲା ପରିଷଦ 'କ' ଜୋନ୍ ସଭ୍ୟା ଅମ୍ବିକା ବିଡ଼ିକା, 'ଗ' ଜୋନ୍ ସଭ୍ୟ ପି. ଗୌରୀଶଙ୍କର, ଏବିଡିଓ କାଳୁ ଚରଣ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଦୈତାରୀ ଟୁଡୁ ୨୮ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା, ସଭ୍ୟ ଏବଂ ବିଭିନ୍ନ ସରକାରୀ ବିଭାଗର କର୍ମକର୍ତ୍ତା ଯୋଗ ଦେଇଥିଲେ। ବୈଠକରେ ବିଡିଓ ଲକ୍ଷ୍ମୀ ନାରାୟଣ ସାବତ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସହ କରୋନା କଟକଣା ମଧ୍ୟରେ ବ୍ଲକର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ସହଯୋଗ କାମନା କରିଥିଲେ। ଜିଲା ପରିଷଦ ସଭାପତି ନିଜ ବକ୍ତବ୍ୟରେ ସମସ୍ତ ଗ୍ରାମରୁ ପାନୀୟ ଜଳାଭାବ ଦୂର କରିବା ସହ ପ୍ରତି ଗ୍ରାମରେ ଯେପରି ଆମ୍ବୁଲାନ୍ସ ସେବା ପହଞ୍ଚି ପାରିବ ସେଥି ନିମନ୍ତେ ଜିଲା ସ୍ତରରେ ଯୋଜନା ପ୍ରସ୍ତୁତ ଚାଲିଛି ବୋଲି କହିଥିଲେ। ସମସ୍ତ ବିଭାଗର ସମନ୍ୱୟରେ ପ୍ରତି ଗ୍ରାମ ଗ୍ରାମରେ ଲୋକଙ୍କୁ କର୍ମ ଯୋଗାଣ ଦ୍ୱାରା ଦାଦନ ଶ୍ରମିକଙ୍କ ସଂଖ୍ୟା ରୋକା ଯାଇପାରିବ ବୋଲି କହିଥିଲେ। ବିଧାୟକ ମକରନ୍ଦ ମୁଦୁଲି ଉପସ୍ଥିତ ରହି ପ୍ରତି ଗ୍ରାମରେ ବିଜୁଳି, ପାନୀୟ ଜଳ, ଜୀବିକା, ସ୍ୱାସ୍ଥ୍ୟ ସେବା ଯୋଗାଇବା ନିମନ୍ତେ ପଦକ୍ଷେପ ନିଆଯାଉ ବୋଲି କହିଥିଲେ। ସେହିପରି ହାଇସ୍କୁଲ ଗୁଡ଼ିକରେ ଆବଶ୍ୟକ ଶିକ୍ଷକ ପଦବୀ ପୂରଣ, ସାର କଳାବଜାର ନିୟନ୍ତ୍ରଣ, କୃଷି ନିମନ୍ତେ ଆବଶ୍ୟକ ସରକାରୀ ଯୋଜନାର ସଫଳ ରୂପାୟନ, କରୋନାର ମିଳିତ ମୁକାବିଲା ନିମନ୍ତେ ପରୀକ୍ଷା, ଟିକାକରଣ ଓ ନିର୍ଦ୍ଦେଶାବଳୀର ଅନୁପାଳନ, ଆଦି ବିଷୟରେ ଆଲୋଚନା ହୋଇଥିଲା। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗୋପାଳ ପଣ୍ଡା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ।

# ୩୧ ଇଞ୍ଜିନିୟରଙ୍କୁ ରୋଟାରି ଇଣ୍ଟରନ୍ୟାଶନାଲ ଆୱାର୍ଡ

ଉମରକୋଟ, ୧୬।୯(ଡି.ଏନ୍.ଏ.)

ଉମରକୋଟ ରୋଟାରି କ୍ଲବ ଆନୁକୂଲ୍ୟରେ ଜାତୀୟ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଛି। ଉମରକୋଟ ବିଡିଓ ରୋଟାରିଆନ ଦେବୀପ୍ରସାଦ ଟାଲି ମୁଖ୍ୟ ଅତିଥି, ଝଡ଼େଶ୍ୱର ମହାନ୍ତି ମୁଖ୍ୟବକ୍ତା, ରୋଟାରିଆନ ମନମୋହନ ସେନାପତି, ଏବିଡିଓ ବିଜୟ କୁମାର ସେଠୀ, ରୋଟାରିଆନ ମନୋଜ ଶର୍ମା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।



ରୋଟାରିଆନ ଶ୍ରୀନିବାସ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ଦିବାକର ବେହେରାଙ୍କୁ ସ୍ୱତନ୍ତ୍ରଭାବେ ସମ୍ମାନିତ କରାଯାଇଛି। ସହକାରୀ ଯନ୍ତ୍ରୀ ଅଶ୍ୱିନ କୁମାର ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ଜ୍ଞାନବର୍ଦ୍ଧନ ବେହେରା, ହିମାଂଶୁ ଭୂଷଣ ମହାନ୍ତି, ରାଜଶ୍ରୀ ପାତ୍ର, ମୌସୁମୀ ମିଶ୍ର ଓ ଇ.ଚନ୍ଦନା ମଲ୍ଲିକଙ୍କ ସମେତ ୩୧ ଜଣ ଇଞ୍ଜିନିୟରଙ୍କୁ ରୋଟାରି ଇଣ୍ଟରନ୍ୟାଶନାଲ ଆୱାର୍ଡରେ ସମ୍ମାନିତ କରାଯାଇଛି।

# ପୋଷ୍ୟ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା

**କୋରାପୁଟ ଏମ୍‌ପିଙ୍କ ଗୁଣପୁର ଗସ୍ତ**



କୋରାପୁଟ ଏମ୍‌ପି ଲାଞ୍ଜିଆ ସୌରା ମହିଳାମାନଙ୍କ ସହ ଆଲୋଚନା କରୁଛନ୍ତି ।

ଗୁଣପୁର,୧୬।୯(ଡି.ଏନ.ଏ)

କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଗୁରୁବାର ଗୁଣପୁର ଗସ୍ତରେ ଯାଇ ଦୁର୍ଗମ ଲାଞ୍ଜିଆ ସୌରା ଅଞ୍ଚଳରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବ୍ଲକ ଅନ୍ତର୍ଗତ ପୁଟାସିଂ ଅଞ୍ଚଳ ଗସ୍ତରେ ଯାଇ ସେ ଲାଞ୍ଜିଆ ସୌରା ଉନ୍ନୟନ ସଂସ୍ଥା(ଏଲ୍ଏସ୍‌ଡିଏ) କାର୍ଯ୍ୟାଳୟ ପରିସରରେ ୨୮ଟି ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ମୁଖ୍ୟତଃ ଲାଞ୍ଜିଆ ସୌରା ଆଦିମ ଜନଜାତିଙ୍କ ଜୀବନ ଜୀବିକା କାର୍ଯ୍ୟକ୍ରମ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ବ୍ୟବସ୍ଥା ଦିଗରେ ନିଆଯାଇଥିବା ପଦକ୍ଷେପ ବିଷୟରେ ପଚାରି ବୁଝିଥିଲେ। କୋରାପୁଟ ଲୋକସଭା କ୍ଷେତ୍ରର ୫ ପଞ୍ଚାୟତକୁ ଏମ୍‌ପି ପୋଷ୍ୟ ପଞ୍ଚାୟତ ରୂପେ ଗ୍ରହଣ କରିଥିବାବେଳେ ଏଥିରେ ଗୁଣପୁର ବ୍ଲକର ପୁଟାସିଂ ପଞ୍ଚାୟତ ଅନ୍ତର୍ଭୁକ୍ତ। ତେଣୁ ଏହି ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତଭାବେ ଗଢ଼ି ତୋଳିବାକୁ ଏମ୍‌ପି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଠାରେ ମୋବାଇଲ ନେଟୱର୍କ ସମସ୍ୟା, ଡାକ୍ତର ଅଭାବ, ଗମନାଗମନ ସମସ୍ୟା ଦୀର୍ଘ ବର୍ଷ ଧରି ଲାଗି ରହିଥିବାରୁ ଏସବୁ ସମସ୍ୟା ତୁରନ୍ତ ସମାଧାନ କରିବାକୁ ଗ୍ରାମବାସୀ ଏମ୍‌ପିଙ୍କ ନିକଟରେ ଦାବି ଉପସ୍ଥାପନା କରିଥିଲେ। ସମୀକ୍ଷା ବୈଠକରେ ଜିଲା ଓ ଉପଖଣ୍ଡ ସ୍ତରୀୟ ଅଧିକାରୀଙ୍କ ସମେତ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ତଥା ଏମ୍‌ପିଙ୍କ ପୁଟାସିଂ ପଞ୍ଚାୟତ ପ୍ରତିନିଧି ବିଜୟ ଗମାଙ୍ଗ, ପୁଟାସିଂ ସରପଞ୍ଚ ମେରି ଦଳବେହେରା, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଦିବସ ରାଇକା ଉପସ୍ଥିତ ଥିଲେ। ଏମ୍‌ପିଙ୍କ ଗୁଣପୁର ପୌର ପରିଷଦର ପ୍ରତିନିଧି ଏସ୍. ବାବା ପ୍ରସାଦ, କଂଗ୍ରେସ ନଗର ସଭାପତି ଶ୍ରୀକାନ୍ତ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାଲି ଗମାଙ୍ଗ ପ୍ରମୁଖ ଉପସ୍ଥିତ ରହି ଏମ୍‌ପିଙ୍କୁ ସ୍ୱାଗତ କରିଥିଲେ।

# କ୍ରୀଡ଼ା, କଳା ପ୍ରଶିକ୍ଷକମାନଙ୍କୁ ପୂର୍ଣ୍ଣ ଶିକ୍ଷକ ମାନ୍ୟତା ଦାବି

କୋରାପୁଟ,୧୬।୯(ସ୍ୱ.ପ୍ର.)



ଜିଲାପାଳଙ୍କୁ ଦାବି ଜଣାଇବାକୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ସାମୟିକ କ୍ରୀଡ଼ା ଓ କଳା ପ୍ରଶିକ୍ଷକମାନଙ୍କୁ ପୂର୍ଣ୍ଣ ଶିକ୍ଷକ ମାନ୍ୟତା ପ୍ରଦାନ କରାଯିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର କୋରାପୁଟ ଜିଲା ଶାଖା ପକ୍ଷରୁ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ଉପରୋକ୍ତ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

୨୦୧୩ରୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମଗ୍ର ଶିକ୍ଷା ଯୋଜନା ଅଧୀନରେ ସେମାନଙ୍କୁ ନିଯୁକ୍ତି ମିଳିଛି। ସେମାନେ ଅନ୍ୟ ଶିକ୍ଷକଙ୍କ ଭଳି ସରକାରଙ୍କ ସମସ୍ତ କାର୍ଯ୍ୟରେ ସହଯୋଗ କରିଆସୁଛନ୍ତି। ତଥାପି ଏଯାଏ ସେମାନଙ୍କୁ ପୂର୍ଣ୍ଣ ଶିକ୍ଷକର ମାନ୍ୟତା ମିଳିନାହିଁ। ସେଥିଯୋଗୁ ଜିଲାର ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ୭୦ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉପଯୁକ୍ତ ଦରମା ମିଳୁନାହିଁ। ତେଣୁ ସେମାନଙ୍କୁ ତୁରନ୍ତ ସ୍ଥାୟୀ ଶିକ୍ଷକ ମାନ୍ୟତା ପ୍ରଦାନ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି। ଏହି ଦାବିପତ୍ର ପ୍ରଦାନବେଳେ ଦୀପକ କୁମାର ଦାସ, ଶଙ୍କର କୁମାର ନାୟକ, ରଞ୍ଜିତ କୁମାର ପଟ୍ଟନାୟକ, ଗୋଲକ ହୋତା, ଜ୍ୟୋତିର୍ମୟୀ ମହାପାତ୍ର, ସୁବାସିନୀ ନାୟକଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ କଳା ଓ କ୍ରୀଡ଼ା ଶିକ୍ଷକ ଉପସ୍ଥିତ ଥିଲେ।

# ବିଦ୍ୟାଳୟରୁ ତାଲା ଭାଙ୍ଗି ଚୋରି

ଜୟପୁର, ୧୬।୯ (ନି.ପ୍ର.)

ଜୟପୁର ବ୍ଲକ ଅନ୍ତର୍ଗତ କଲାଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ରାତିରେ ଚୋରି ହୋଇଛି । ଦୁର୍ବୃତ୍ତମାନେ ବିଦ୍ୟାଳୟ ତାଲା ଭାଙ୍ଗି ଚୋରି କରିଛନ୍ତି। ଏନେଇ ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ ହୋଇଛି । ଗୁରୁବାର ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟ ଖୋଲିବା ବେଳେ ଅଷ୍ଟମଶ୍ରେଣୀରୁ ବିଦ୍ୟାଳୟର କିଛି ଜରୁରୀ ଆସବାବପତ୍ର ଚୋରି ହୋଇଥିବା ଦେଖିବାକୁ ମିଳିଥିଲା। ପରେ ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଳା ଜେନା ଥାନାରେ ଅଭିଯୋଗ କରିଛନ୍ତି ।

# ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

**ସିଡିପିଓଙ୍କୁ ଦାବିପତ୍ର**



ଦାବିପତ୍ର ଦେବାକୁ ଆସିଥିବା ଇରୁକୁଟି ଗ୍ରାମବାସୀ ।

କୋଲନରା,୧୬।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା କୋଲନରା ବ୍ଲକ ଭୋଇମେଡ଼ା ପଞ୍ଚାୟତର ଇରୁକୁଟି ଗ୍ରାମରେ ନୂତନ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତିରେ ଅନିୟମିତତା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗୁରୁବାର ଗ୍ରାମବାସୀ କୋଲନରା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟକୁ ଯାଇ ଏକ ଦାବିପତ୍ର ସିଡିପିଓଙ୍କୁ ପ୍ରଦାନ କରିଥିଲେ। ନିଜ ଗ୍ରାମର ଶିକ୍ଷିତ ତଥା ସମସ୍ତ ଯୋଗ୍ୟତା ଥିବା ଯୁବତୀଙ୍କୁ ଅଙ୍ଗନୱାଡ଼ି କର୍ମୀଭାବେ ନିଯୁକ୍ତି ନ ଦେଇ ଯୋଗ୍ୟତା ନ ଥିବା ଅନ୍ୟ ଗ୍ରାମର ଯୁବତୀଙ୍କୁ ନିଯୁକ୍ତି ଦିଆଯାଇଥିବା ସେମାନେ ଅଭିଯୋଗ କରିବା ସହ ଏହାର ପ୍ରତିବାଦ କରିଛନ୍ତି। ଏଥିସହ ଯୋଗ୍ୟ ଆବେଦନକାରୀଙ୍କୁ ନିଯୁକ୍ତି ଦେବା ନିମନ୍ତେ ଦାବି ହୋଇଛି। ଏ ବିଷୟରେ କୋଲନରା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିଜୟଲକ୍ଷ୍ମୀ ନିଶଙ୍କୁ ପଚାରିବାରୁ, ସରକାରୀ ନିୟମ ଅନୁଯାୟୀ ନିଯୁକ୍ତି ପ୍ରକ୍ରିୟା ହୋଇଥିବା କହିଛନ୍ତି।

# ରାୟଗଡ଼ା ସହରରେ ମହିଳା ଥାନା ଦାବି

ରାୟଗଡ଼ା ଅଫିସ,୧୬।୯



ଏସ୍‌ପିଙ୍କ ସହ ସାକ୍ଷାତ କରି ନଗରରେ ଏକ ମହିଳା ଥାନାର ଆବଶ୍ୟକତା ନେଇ

ରାୟଗଡ଼ା ନଗରରେ ଏକ ମହିଳା ଥାନା ପ୍ରତିଷ୍ଠା ଦାବିରେ ନଗର ଭାଜପା ପକ୍ଷରୁ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାୟଗଡ଼ା ନଗର ଭାଜପା ସଭାପତି ଶ୍ୟାମ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ ବୁରୁଡି ଲକ୍ଷ୍ମୀଙ୍କ ନେତୃତ୍ୱରେ ମହିଳା ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ଜଣାଇଥିଲେ। ଜନସଂଖ୍ୟା ବୃଦ୍ଧି ସହ ମହିଳାଙ୍କ ପ୍ରତି ଅତ୍ୟାଚାର ଓ ହିଂସା ବଢ଼ୁଛି। ତେବେ ମହିଳାମାନେ ଥାନାକୁ ଆସି ନିଜ ଅସୁବିଧା ଜଣାଇ ପାରୁନାହାନ୍ତି। ମହିଳା ଥାନା ହେଲେ ସେମାନେ ନିଜର ସମସ୍ୟା ନେଇ ଆଲୋଚନା କରିବା ସହ ଅତ୍ୟାଚାର ବିରୋଧରେ ଥାନାର ଦ୍ୱାରସ୍ଥ ହୋଇପାରିବେ ବୋଲି ଦଳ ପକ୍ଷରୁ କୁହାଯାଇଛି। ଦାବିପତ୍ର ପ୍ରଦାନବେଳେ ନଗର ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦିକା ଶର୍ମିଷ୍ଠା ପାଇକରାୟ, ଉପସଭାନେତ୍ରୀ ସୀମା ଉପାଧ୍ୟାୟ, ନଗର ଉପସଭାନେତ୍ରୀ ମଞ୍ଜୁଳା ମିନିଆକା, ଝରଣା ରାଣୀଙ୍କ ସମେତ ନଗର ମହିଳା ମୋର୍ଚ୍ଚାର ପଦାଧିକାରୀ, କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଜଟିଆଗୁଡ଼ା କେନାଲରେ ସେତୁ ନିର୍ମାଣ ନେଇ ଅନୁଧ୍ୟାନ

ଦଶମନ୍ତପୁର, ୧୬।୯(ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଦୁଆରଶୁଣି ପଞ୍ଚାୟତସ୍ଥିତ ମୁରାନଡ୍ୟାମର ଜଟିଆଗୁଡ଼ା କେନାଲରେ ବିଜୁ ସେତୁ ଯୋଜନାରେ ସେତୁ ନିର୍ମାଣ ଲାଗି ଅନୁମୋଦନ ପରେ ଗୁରୁବାର କେନାଲଠାରେ ପ୍ରଶାସନିକ ଅଧିକାରୀ ପହଞ୍ଚି ଜାଗା ଚିହ୍ନଟ କରିବା ସହ ସେତୁର ଡିଜାଇନ ନିରୀକ୍ଷଣ କରିଛନ୍ତି। କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଡ଼.ପ୍ରଭାକର ବେହେରା, ମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀଧର ନାୟକ, ଏସଡ଼ିଓ ପ୍ରମୁଖ ଏହି ଅନୁଧ୍ୟାନ କରିଥିଲେ। ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ବ୍ଲକ ଉପାଧ୍ୟକ୍ଷ ନାରାୟଣ ବିଶୋୟୀ ଅଞ୍ଚଳବାସୀ, ପ୍ରଶାସନିକ ଅଧିକାରୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଦୁଆରଶୁଣି ପଞ୍ଚାୟତ ର ଜଟିଆଗୁଡ଼ାଠାରେ ବିଜୁ ସେତୁ ନିର୍ମାଣ ହେଲେ ରାୟଗଡା, ନବରଙ୍ଗପୁର, ଜୟପୁର ସହ ଅନ୍ୟ ରାଜ୍ୟକୁ ଯାତାୟାତ ସୁଗମ ହେବ। ସୂଚନାଯୋଗ୍ୟ, ମୁରାନ ଡ୍ୟାମ ନିର୍ମାଣର ଦୀର୍ଘ ବର୍ଷ ବିତିଯାଇଥିଲେ ସୁଦ୍ଧା ଜଟିଆଗୁଡ଼ା କେନାଲରେ ଲୋକେ ଜୀବନକୁ ବାଜି ଲଗାଇ ଦେଶୀ ଡ଼ଙ୍ଗାରେ ଯାତାୟାତ କରୁଛନ୍ତି । ଫଳରେ ବିଭିନ୍ନ ସମୟରେ ଅଘଟଣମାନ ଘଟି ଧନ ଜୀବନ ହାନି ହେଉଛି।



ଆସିଥିବା ଟିମ୍ ସ୍ଥାନ ଅନୁଧ୍ୟାନ କରୁଛନ୍ତି ।

# କଫିଚାଷ ପାଇଁ କୋରାପୁଟ ଜିଲାର ଜଳବାୟୁ ଅନୁକୂଳ: କେନ୍ଦ୍ର କଫି ବୋର୍ଡ ଅଧ୍ୟକ୍ଷ

କୋରାପୁଟ,୧୬।୯(ସ୍ୱ.ପ୍ର.)



କେନ୍ଦ୍ର କଫିବୋର୍ଡ ଅଧ୍ୟକ୍ଷ କଫି ବଗିଚା ଅନୁଧ୍ୟାନ କରୁଛନ୍ତି ।

କୋରାପୁଟ କଫିର ଚାହିଦା ଦିନକୁ ଦିନ ବୃଦ୍ଧିପାଉଛି। ଅଞ୍ଚଳବାସୀଙ୍କ ଆର୍ଥିକ ଉନ୍ନତି ନେଇ ବହୁ ଚାଷୀ କଫିଚାଷ କରିବାକୁ ଆଗଭର ହେଉଛନ୍ତି। କୋରାପୁଟ ଅଞ୍ଚଳରେ କଫିକୁ ଏକ ଶିଳ୍ପ ଭାବେ ଗ୍ରହଣ କରି ବିଭିନ୍ନ ସ୍ଥାନରେ କଫିଚାଷ କରିବାକୁ ଗୁରୁବାର କୋରାପୁଟ ଗସ୍ତରେ ଆସିଥିବା ଭାରତର କଫି ବୋର୍ଡ ଅଧ୍ୟକ୍ଷ ପରାମର୍ଶ ଦେଇଛନ୍ତି। କେନ୍ଦ୍ର କଫିବୋର୍ଡ ଅଧ୍ୟକ୍ଷ ଏମଏସ ବୋଜେ ପ୍ରଥମ ଥର କୋରାପୁଟ ଜିଲା ଗସ୍ତ କରି ସ୍ଥାନୀୟ କଫି ବୋର୍ଡ ସମେତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି କଫି ଚାଷ ସହ ଜଡିତ ଚାଷୀଙ୍କ ମତାମତ ସଂଗ୍ରହ କରିଥିଲେ। କଫି ବୋର୍ଡ ଇଣ୍ଡିଆର ଉପାଧ୍ୟକ୍ଷ ଡ. ଜିଏସ୍ ମହାବଲା, କଫି ବୋର୍ଡ ଇଣ୍ଡିଆର ରିସର୍ଚ୍ଚ ବିଭାଗ ନିର୍ଦ୍ଦେଶକ ଡ. ଏନ ସୂର୍ଯ୍ୟ ପ୍ରକାଶ ରାଓ , ଆନ୍ଧ୍ରପ୍ରଦେଶର ପାଡେରୁ କଫି ବୋର୍ଡର ଡିଡିଇ ଜୟନ୍ତ ଘୋଷ, ଆନ୍ଧ୍ର ମିନୁମୁଲୁରୁ କଫି ବୋର୍ଡର ଏସଏଲଓ ଓ ଆନ୍ଧ୍ର ନରସିପାଟନମ ଆଞ୍ଚଳିକ କଫି ରିସର୍ଚ୍ଚ ଷ୍ଟେସନର ଡି.ସୁନିଲ ବାବୁ ଗସ୍ତରେ ଆସିଥିଲେ। ସେମାନେ କୋରାପୁଟ କଫିବୋର୍ଡରେ ପହଞ୍ଚି କଫି ଚାଷ ଓ କଫି ଚାଷ ପାଇଁ କିପରି ଚାଷୀମାନଙ୍କୁ ବୈଷୟିକ ସୁବିଧା ପ୍ରଦାନ କରାଯାଉଛି ସେନେଇ ସ୍ଥାନୀୟ ଲିଏସନ ଅଧିକାରୀ ଉପେନ୍ଦ୍ର କୁମାର ଶାହା, କୋରାପୁଟ ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଆରୁଣ ଦାସଙ୍କ ସହ ଆଲୋଚନା କରିଥିଲେ । କୋରାପୁଟ ଜିଲାରେ କଫି ପାଇଁ ଉତ୍କୃଷ୍ଟ ପରିବେଶ ରହିଛି । ଏଠାରେ କଫିକୁ ଏକ ଶିଳ୍ପଭାବେ ମାନ୍ୟତା ଦେଇହେବ। ଏ କ୍ଷେତ୍ରରେ ଭାରତୀୟ କଫି ବୋର୍ଡ ସୁବପ୍ରକାର ସହଯୋଗ କରିବ ବୋଲି ସେ ପ୍ରକାଶ କରିଥିଲେ। କଫି ଚାଷର ବିକାଶ ହୋଇପାରିଲେ ଭାରତରେ ବୈଦେଶିକ ମୁଦ୍ରା କାରବାର ବୃଦ୍ଧିପାଇବ। କଫି ଚାଷର ବିକାଶ ଉପରେ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇଦେବା ଆବଶ୍ୟକ ବୋଲି ସେ କହିଥିଲେ । ପରେ ସେ କୋରାପୁଟ ଜିଲାପାଳ ଅବଦାଲ ଏମ ଅଖତାରଙ୍କ ସହ କଫି ଚାଷ ଓ ଏହାର ଭବିଷ୍ୟତ ନେଇ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ । ସେଠାରୁ ସେମିଳିଗୁଡା ନୂଆପୁଟରେ ପ୍ରଦୀପ ମହାନ୍ତିଙ୍କ କଫି ଫାର୍ମ ପରିଦର୍ଶନ କରି କଫି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ । ଏହି ଅବସରରେ କୋରାପୁଟ କଫି ଗ୍ରୋୟର ଆସୋସିଏସନ ପକ୍ଷରୁ କଫି ଚାଷର ଉନ୍ନତି ଓ ବିକ୍ରି ନେଇ ଅଧ୍ୟକ୍ଷଙ୍କୁ ୧୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା।

**ଓଡ଼ିଶା ଗସ୍ତରେ ଆସିବେ ଇଣ୍ଡିଆନ ବ୍ୟାଙ୍କ ସିଇଓ**

ଇଣ୍ଡିଆନ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶାନ୍ତିଲାଲ ଜୈନ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ଚଳିତ ମାସ ୧୯ରୁ ୨୧ତାରିଖ ପର୍ଯ୍ୟନ୍ତ ବ୍ୟାଙ୍କର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ପାର୍ଲାମେଣ୍ଟାରି କମିଟି ବୈଠକରେ ମଧ୍ୟ ସେ ଯୋଗଦେବେ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ଭାରତର ଅଭିବୃଦ୍ଧି ୭.୨% ରହିବ: ଜାତିସଂଘ

**ନୂଆଦିଲ୍ଲୀ,୧୬।୯:** ୨୦୨୧ରେ ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) ୭.୨% ହାରରେ ଅଭିବୃଦ୍ଧି କରିବା ମାତ୍ର ଆସନ୍ତା ବର୍ଷ ଅର୍ଥନୈତିକ ଅଭିବୃଦ୍ଧି ପ୍ରଭାବିତ ରହିବ ବୋଲି ଜାତିସଂଘ ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ ପାଇଛି। କୋଭିଡ୍-୧୯ ଉଭୟ ଖାଦ୍ୟ ମୁଦ୍ରାସ୍ଫୀତି ଏବଂ ଘରୋଇ ଚାହିଦା ଉପରେ ଗଭୀର ଭାବେ ପ୍ରଭାବ ପକାଇଛି। ୨୦୨୧ରେ ବିଶ୍ୱ ଅର୍ଥ ବ୍ୟବସ୍ଥା ଦୃଢ଼ ଭାବେ ଟ୍ରାକ୍କୁ ଫେରିବ ବୋଲି ଜାତିସଂଘ ଆଶାବାଦୀ ରହିଛି। ଚଳିତ ବର୍ଷ ବିଶ୍ୱ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ୫.୩% ରହିବ ବୋଲି ୟୁନାଇଟେଡ୍ ନେସନ୍ସ କନ୍ଫରେନ୍ସ ଅନ୍ ଟ୍ରେଡ ଆଣ୍ଡ ଡେଭଲପମେଣ୍ଟ(ୟୁଏନ୍ସିଟିଏଡି) ପ୍ରକାଶ କରିଛି। ୨୦୨୦ରେ ଭାରତର ଜିଡିପି -୭% ରହିଛି। ୨୦୨୨ରେ ଭାରତର ଅଭିବୃଦ୍ଧି ୬.୭% ରହିବ ବୋଲି ଏହା ଆକଳନ କରିଛି। ଏହା ୨୦୨୧ତୁଳନାରେ କମିବ। ଅଭିବୃଦ୍ଧି କମିଲେ ମଧ୍ୟ ଭାରତ ଆସନ୍ତା ବର୍ଷ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ହେବ ବୋଲି ଏହି ରିପୋର୍ଟରେ କୁହାଯାଇଛି।

### ୧୫ କୃଷକଙ୍କୁ ସମ୍ବର୍ଦ୍ଧିତ କଲା ସୋନାଲିକା

**ନୂଆଦିଲ୍ଲୀ,୧୬।୯:** ଟ୍ରାକ୍ଟର କମ୍ପାନୀ ସୋନାଲିକା ପକ୍ଷରୁ ନିକଟରେ 'ସୋନାଲିକା କୃଷି ସମ୍ମାନ ଆୱାର୍ଡ ୨୦୨୧'ର ଆୟୋଜନ କରାଯାଇଥିଲା। କୃଷକଙ୍କୁ ପ୍ରୋତ୍ସାହିତ କରିବା ଦିଗରେ କମ୍ପାନୀ ଏଭଳି ଏକ ପଦକ୍ଷେପ ଗ୍ରହଣ କରିଛି। ଦେଶର କୃଷି କ୍ଷେତ୍ରରେ ବିଶେଷ ଯୋଗଦାନ ରଖିଥିବା ୧୫ ଜଣ କୃଷକଙ୍କୁ ସୋନାଲିକା ପକ୍ଷରୁ ସମ୍ମାନିତ କରାଯାଇଛି। ଏଥିରେ କମ୍ପାନୀର ନୂତନ ପୁସ୍ତକ 'ମିଟ୍ଟି କେ ସପ୍ନେ,ମଜବୁତ୍ ଇରାଦେ: କାହାନି କିସାନୋ କି' ଉନ୍ମୋଚନ କରାଯାଇଥିଲା। ଏଥିରେ ୧୫ଜଣ କୃଷକଙ୍କ ପ୍ରେରଣାଦାୟକ କାହାଣୀ ଉଲ୍ଲେଖ ରହିଛି। ସୋନାଲିକା ସିଏସ୍ଆର୍ର ନିର୍ଦ୍ଦେଶକ, ସୁର୍ଭି ମିତ୍ତଲ କହିଛନ୍ତି , ଦେଶର କୃଷିକ୍ଷେତ୍ରର ବିକାଶରେ କୃଷକମାନଙ୍କର ଅତୁଳନୀୟ ଯୋଗଦାନକୁ ସ୍ୱୀକୃତି ଜଣାଉଛୁ। 'ସୋନାଲିକା କୃଷି ସମ୍ମାନ ପୁରସ୍କାର' ହେଉଛି ଦେଶର 'ଅନ୍ନଦାତା'ଙ୍କ ପ୍ରତି କୃତଜ୍ଞତା ଜଣାଇବା ପାଇଁ ଆମର ଏକ ଛୋଟିଆ ପ୍ରୟାସ।

# ଜିଏସ୍ଟି ବୈଠକ ଉପରେ ନଜର

**ନୂଆଦିଲ୍ଲୀ,୧୬।୯**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍ଟି) ପରିଷଦର ବୈଠକ ଶୁକ୍ରବାର ଲକ୍ଷ୍ନୌଠାରେ ଅନୁଷ୍ଠିତ ହେବ। ପ୍ରାୟ ୪୮ରୁ ଊର୍ଦ୍ଧ୍ୱ ସାମଗ୍ରୀ ଉପରେ ଲାଗୁ ହେଉଥିବା ଟିକସ ହାର ଉପରେ ଏଠାରେ ବିଚାରବିମର୍ଶ ହେବ। ସେହିଭଳି ୧୧ କୋଭିଡ୍-୧୯ ମେଡିସିନ ଉପରେ ରିହାତି ଅବଧିକୁ ଡିସେମ୍ବର ୩୧ ଯାଏ ବଢ଼ାଇବାକୁ ପରିଷଦରେ ଆଲୋଚନା ହେବ ବୋଲି କୁହାଯାଉଛି। ବୈଠକରେ ରାଷ୍ଟ୍ରମନ୍ତ୍ରୀ ଏମ୍ପିପି ଚୌଧୁରୀ ଏବଂ ରାଜ୍ୟଗୁଡ଼ିକର ପ୍ରତିନିଧି ମଧ୍ୟ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି।

**୭ ମେଡିସିନ ଟିକସ ହାର ଉପରେ ବିଚାର**

ଆମ୍ଫୋଟେରିସିନ ବି,ଟୋସିଲିଜୋମାବ, ରେମ୍ଡେସିଭିର, ହେପାରିନ ଆଣ୍ଟିକୋଗୋଲାଣ୍ଟ ଭଳି ମେଡିସିନ ଉପରେ ରିହାତି ଟିକସ ହାର ଲାଗୁ କରିବା ଉପରେ ମଧ୍ୟ ବିଚାର କରାଯିବ। ବର୍ତ୍ତମାନ ଏହାର ସମୟସୀମା ସେପ୍ଟେମ୍ବର ୩୦ ରହିଥିବା ବେଳେ ଏହାକୁ ଡିସେମ୍ବର ୩୧ ଯାଏ ବଢ଼ାଇବାକୁ ନିଷ୍ପତ୍ତି ଆସିବ ବୋଲି କୁହାଯାଉଛି। ଆମ୍ଫୋଟେରିସିନ ବି ଏବଂ ଟୋସିଲିଜୋମାବ ଉପରେ ଟିକସ ଲାଗୁ ନ ଥିବା ବେଳେ ରେମ୍ଡେସିଭିର, ହେପାରିନ ଉପରେ ଟିକସ ହାର ୫%କୁ ଖସିଛି। ସେହିଭଳି ଚଳିତ ବର୍ଷ ଡିସେମ୍ବର ଶେଷ ଯାଏ ଆଉ ୭ ମେଡିସିନ ଉପରେ ଟିକସ ହାର ୧୨ରୁ ୫%କୁ ଖସିପାରେ। ଏହା ମଧ୍ୟରେ ଆଇଟୋଲିଜୋମାବ, ପୋସାକୋନେଜୋଲ, ଇନ୍ଫ୍ଲିକ୍ସିମାବ, ବାମଲାନିଭିମାବ ଓ ଏଷ୍ଟେଭିମାବ, କ୍ୟାସିରିଭିମାବ ଓ ଇମଡେଭିମାବ, ୨-ଡିଓକ୍ସି-ଡି-ଗ୍ଲୁକୋଜ୍ ଏବଂ ଫାଭିପିରାଭିର ରହିଛି।

**ଜିଏସ୍ଟି ଦେବେ ସ୍ୱିଗି, ଜୋମାଟୋ**

ସ୍ୱିଗି, ଜୋମାଟୋ ଭଳି ଡେଲିଭରି ଆପ୍ଗୁଡ଼ିକକୁ ରେଷ୍ଟୁରାଣ୍ଟ ବିଚାରକରି ସେମାନଙ୍କ ଦ୍ୱାରା ଯୋଗାଣ ହେଉଥିବା ଖାଦ୍ୟ ସାମଗ୍ରୀ ଉପରେ ୫% ଟିକସ ଲଗାଇବାକୁ ବିଚାର କରାଯାଉଛି। ପରିଷଦ ଏହା ଉପରେ ମଧ୍ୟ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବ। ସ୍ୱିଗି ଏବଂ ଜୋମାଟୋ ଭଳି କମ୍ପାନୀ ରେଷ୍ଟୁରାଣ୍ଟଗୁଡ଼ିକର ସେବା ତାଙ୍କ ପ୍ଲାଟ୍ଫର୍ମରେ ଯୋଗାଉଛନ୍ତି। ଟିକସ ଠକେଇକୁ ରୋକିବା ଲାଗି ଏହି ପ୍ଲାଟ୍ଫର୍ମଗୁଡ଼ିକୁ ମଧ୍ୟ ଉତ୍ତରଦାୟୀ କରାଯିବ। କମ୍ପାନୀଗୁଡ଼ିକ ଜିଏସ୍ଟି ପ୍ରଦାନ କରିବା ନେଇ ପରିଷଦ ବିଚାର କରିବ। ଜିଏସ୍ଟି ପରିଷଦର ମଞ୍ଜୁରୀ ମିଳିବା ପରେ ଖାଦ୍ୟ ସାମଗ୍ରୀ ଡେଲିଭରି କରୁଥିବା କମ୍ପାନୀଗୁଡ଼ିକ ରେଷ୍ଟୁରାଣ୍ଟ ଗ୍ରାହକରେ ଲୋକଙ୍କଠାରୁ ଜିଏସ୍ଟି ଆଦାୟକରି ସରକାରଙ୍କୁ ପଇଠ କରିବେ। ଏହାଦ୍ୱାରା ଲୋକଙ୍କ ଉପରେ କୌଣସି ଅତିରିକ୍ତ ବୋଝ ପଡ଼ିବ ନାହିଁ ବୋଲି କୁହାଯାଉଛି। ଫୁଡ୍ ଡେଲିଭରି ଆପ୍ଗୁଡ଼ିକ ଠିକ୍ ଭାବେ ହିସାବ ଦେଖାଉ ନ ଥିବାରୁ ରାଜକୋଷକୁ ଗତ ୨ ବର୍ଷରେ ୨ ହଜାର କୋଟି ଟଙ୍କା କ୍ଷତି ହୋଇଛି।

### ଟିକସ ହାର ପରିବର୍ତ୍ତନ, କୋଭିଡ୍ ମେଡିସିନ ରିହାତି ସୀମା ବଢ଼ିପାରେ




### ତେଲ ପାଇଁ କେନ୍ଦ୍ର-ରାଜ୍ୟ ସହମତି ଲୋଡ଼ା

ପେଟ୍ରୋଲ ଏବଂ ଡିଜେଲ ଉପରେ ଜିଏସ୍ଟି ଲାଗୁ କରିବା ପାଇଁ କେରଳ ହାଇକୋର୍ଟ ଶୁଣାଣି କରିଥିଲେ। ଏହି ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହେବା ବିଶେଷ ସମ୍ଭାବନା ରହିଛି। କେନ୍ଦ୍ର, ରାଜ୍ୟ ଉଭୟ ପ୍ରସ୍ତାବ ଉପରେ ସହମତି ଦେଖାଇବା ପରେ ହିଁ ଲୋକଙ୍କୁ ଆଶ୍ୱସ୍ତି ମିଳିବ ବୋଲି କୁହାଯାଉଛି। କେନ୍ଦ୍ର ଏବଂ ରାଜ୍ୟ ତେଲ ଉପରୁ ପାଉଥିବା ରାଜସ୍ୱରେ ହ୍ରାସ ଆଶଙ୍କାକୁ ବିଚାରକୁ ନେଇ ଏହା ଉପରେ ବର୍ତ୍ତମାନ ସୁଦ୍ଧା ସହମତି ପ୍ରକାଶ ପାଇପାରିନାହିଁ। ତେଲ ଉପରେ ଜିଏସ୍ଟି ନେଇ ଚଳିତ ବର୍ଷ ଜୁନ୍ରେ କେରଳ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଏର ହୋଇଥିଲା। ଏହାର ବିଚାରକରି ପେଟ୍ରୋଲ ଏବଂ ଡିଜେଲକୁ ଜିଏସ୍ଟି ପରିସରଭୁକ୍ତ କରାଇବା ଲାଗି କୋର୍ଟ ଜିଏସ୍ଟି ପରିଷଦକୁ ନିର୍ଦ୍ଦେଶ ଦେଇଥିଲେ।

**ଆନ୍ତଃ ରାଜ୍ୟ କମିଟି ରିପୋର୍ଟର ତର୍ଜମା**

ପାନମସଲା, କମ୍ପୋଜିସନ ସ୍କିମ୍, ଷ୍ଟୋନ କ୍ରଶର, ଇଟାଭାଟି ଭଳି କ୍ଷେତ୍ରରେ କ୍ଷମତା ଭିତ୍ତିରେ ଟିକସ ଲାଗୁକରିବା ପ୍ରସଙ୍ଗ ଉପରେ ମଧ୍ୟ ପରିଷଦ ବିଚାର କରିବ। ଏହି ପ୍ରସଙ୍ଗ ଉପରେ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ନିକଟରେ ରିପୋର୍ଟ ପ୍ରଦାନ କରିଥିଲା। ଇଟାଭାଟି କ୍ଷେତ୍ର ଲାଗି ସ୍ୱତନ୍ତ୍ର କମ୍ପୋଜିଶନ ସ୍କିମ୍ ୨୦୨୦ ଏପ୍ରିଲ ପହିଲାରୁ ଲାଗୁ କରିବାକୁ କମିଟି ପ୍ରସ୍ତାବ ଦେଇଛି। ବିନା କୌଣସି ଇନ୍ପୁଟ ଟାକ୍ସ କ୍ରେଡିଟ୍ରେ ୫% ଜିଏସ୍ଟି ପ୍ରଦାନ କରିବାକୁ ପ୍ରସ୍ତାବରେ କୁହାଯାଇଛି। ସେହିଭଳି ସେବା କ୍ଷେତ୍ର ଲାଗି ମଧ୍ୟ ସମାନ ଟିକସ ହାର ଲାଗୁ କରାଯିବ। ଏପ୍ରିଲ ପହିଲାଠାରୁ ଇଟା ଯୋଗାଣ କ୍ଷେତ୍ରରେ ୫ରୁ ୧୨% ଜିଏସ୍ଟି ଲାଗୁ ହୋଇପାରେ। ୩୨ ସାମଗ୍ରୀ ଏବଂ ୨୯ ସେବା ଉପରେ ଲାଗୁ ହେଉଥିବା ଟିକସ ହାର ନେଇ ପରିଷଦ ବିଚାର କରିବ।

### ୫୯,୨୦୦ ପଏଣ୍ଟ ସ୍ତରରେ ସେନ୍ସେକ୍ସ

**ମୁମ୍ବାଇ,୧୬।୯**

ଭାରତୀୟ ପୁଞ୍ଜିବଜାରର କାରବାର ଲଗାତର ଊର୍ଦ୍ଧ୍ୱଗାମୀ ହୋଇଚାଲିଛି। ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ)ର ସେନ୍ସେକ୍ସ ଇତିହାସ ରଚିଛି। ପ୍ରଥମଥର ଲାଗି ସେନ୍ସେକ୍ସ ୫୯,୨୦୦ ଏବଂ ନିଫ୍ଟି ୧୭,୬୦୦ ପଏଣ୍ଟ ସ୍ତର ଛୁଇଁଛି। କାରବାର ଶେଷ ବେଳକୁ ସେନ୍ସେକ୍ସ ୪୧୮ ପଏଣ୍ଟ ଊର୍ଦ୍ଧ୍ୱରେ ରହି ୫୯,୧୪୧ ପଏଣ୍ଟ ଏବଂ ନିଫ୍ଟି ୧୧୦ ପଏଣ୍ଟ ଊର୍ଦ୍ଧ୍ୱରେ ରହି ୧୭,୬୩୦ ପଏଣ୍ଟରେ ବନ୍ଦ ହୋଇଛି। ପୁଞ୍ଜିବଜାର କାରବାର ବଢ଼ିବାର କେତେକ ବିଶେଷ କାରଣ ରହିଛି। ଏହା ମଧ୍ୟରେ ଶିଳ୍ପ ଜଗତକୁ ସହାୟତା କରିବା ଲାଗି ସରକାର ପ୍ରୟାସ ଜାରି ରଖିଛନ୍ତି। ଆଇପିଓ ବଜାର ମଧ୍ୟ ଭଲ ପ୍ରଦର୍ଶନ କରୁଛି। ବିଦେଶୀ ନିବେଶକଙ୍କ ନିବେଶ ବେଶ୍ ଉନ୍ନତ ରହିଛି। ଦ୍ୱିତୀୟ ତ୍ରୈମାସରେ ପ୍ରଦର୍ଶନ ଉନ୍ନତ ରହିବା ନେଇ ଆଶା କରାଯାଉଛି। ଜୁଲାଇରେ ଶିଳ୍ପ କ୍ଷେତ୍ରର ଉତ୍ପାଦନ ବୃଦ୍ଧି ଘଟିଛି। ଅଗଷ୍ଟରେ ଖୁଚୁରା ମୁଦ୍ରାସ୍ଫୀତି ଦର ମଧ୍ୟ ହ୍ରାସ ହୋଇଛି। ଏହାବାଦ ଟିକାକରଣ ଧାରା ତ୍ୱରାନ୍ୱିତ ହେଉଥିବାରୁ ନିବେଶକଙ୍କ ଭରସା ବଢ଼ିଥିବା ଜଣାପଡ଼ିଛି।

## ନୂଆ ଟିଭିଏସ୍ ରେଡର ମଡେଲ

**ଭୁବନେଶ୍ୱର,୧୬।୯:** ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ୧୨୫ ସିସି ବର୍ଗରେ ନୂଆ ଟିଭିଏସ୍ ରେଡର ବଜାରକୁ ଆସିଛି। ଅଭିଳାଷୀ ଯୁବବର୍ଗଙ୍କୁ ନଜରରେ ରଖି କମ୍ପାନୀ ଏହି ମଡେଲଟିକୁ ପ୍ରସ୍ତୁତ କରିଛି। ଏହି ଯୁବ ସୁଲଭ ଏବଂ ସ୍ପୋର୍ଟି ମଡେଲରେ ଏଲ୍ସିଡି ଡିଜିଟାଲ ସ୍ପିଡୋମିଟର, ବିକଳ୍ପ ୫ ଇଞ୍ଚ ଟିଏଫ୍ଟି କ୍ଲଷ୍ଟର ସହିତ ଭଏସ୍ ଆସିଷ୍ଟ, ବିବିଧ ଗାଡ଼ି ଚାଳନା ମୋଡ୍, ସିଟ୍ ତଳେ ଷ୍ଟୋରେଜ ବ୍ୟବସ୍ଥା ଭଳି ଅନ୍ୟ ଫିଚର ଲାଭ କରିପାରିବେ। ଗ୍ରାହକଙ୍କ ବହୁବିଧ ଆବଶ୍ୟକତାକୁ ନଜରରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କମ୍ପାନୀର ସିଇଓ କେ.ଏନ୍. ରାଧାକ୍ରିଷ୍ଣ କହିଛନ୍ତି। ଏଥିରେ ୧୨୪.୮ ସିସିର ଅଏଲ କୁଲଡ ୩ଭି ଇଞ୍ଜିନ, ସ୍ମାର୍ଟ ଏକ୍ସୋନେଟେଡ ବ୍ଲୁଟୁଥ ସଂଯୋଗ, ନାଭିଗେଶନ ଭଳି ଅନ୍ୟ ପ୍ରମୁଖ ଫିଚର ଗ୍ରାହକ ଲାଭ କରିପାରିବେ। ମଡେଲଟିର ଏକ୍ସ ଶୋ'ରୁମ୍ ବଜାର ଦର ୭୭,୫୦୦ ଟଙ୍କାରୁ ଆରମ୍ଭ ହେଉଛି। ଏହା ଷ୍ଟ୍ରାଇକିଂ ରେଡ୍, ବ୍ଲେଜିଂ ବ୍ଲୁ ୱିକେଡ, ବ୍ଲାକ୍ ଓ ଫିଏରି ୟେଲୋ ରଙ୍ଗରେ ଉପଲବ୍ଧ।




## ଟିପିସିଓଡିଏଲ୍ ପକ୍ଷରୁ ବିଦ୍ୟୁତ୍ ବଣ୍ଟନ ସମୀକ୍ଷା

**ଭୁବନେଶ୍ୱର,୧୬।୯:** ଟିପିସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ପୁରୁଣା ବିଦ୍ୟୁତ୍ ବଣ୍ଟନ ନେଟ୍ୱର୍କର ସୁଦୃଢ଼ୀକରଣ ଦିଗରେ ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ ହାତକୁ ନିଆଯାଉଛି। ଜଗତ୍ସିଂହପୁର ଜିଲାରେ ସୁରକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ଓ ଏହାର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ବର୍ଗରେ ପଦକ୍ଷେପ ଗ୍ରହଣ କରାଯାଇଛି। ସାଧାରଣ ଜନତା ଓ ପଶୁମାନଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ଲାଗି ନେଟ୍ୱର୍କରେ ବଡ଼ ଧରଣର ଉନ୍ନତୀକରଣ କରାଯାଇଛି। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଅବସରରେ ସଂସ୍ଥା ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରମୁଖ ପଦକ୍ଷେପଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

## ରିଲାଏନ୍ସ ଜୁଏଲ୍ସର ବେଲା କଲେକ୍ସନ

**ଭୁବନେଶ୍ୱର,୧୬।୯**

ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ନୂଆ ବେଲା କଲେକ୍ସନର ଶୁଭାରମ୍ଭ ହୋଇଛି। ଏହା ଆଧୁନିକ ନାରୀମାନଙ୍କର ତତ୍ତ୍ୱର ଗୁଣଗାନ କରୁଛି। ମହିଳାଙ୍କ ପ୍ରତ୍ୟେକ ଦିନକୁ ସ୍ୱତନ୍ତ୍ର କରି ଗଢ଼ି ତୋଳିବାକୁ ଏହି ସମ୍ଭାରକୁ ଡିଜାଇନ କରାଯାଇଛି। ଅତ୍ୟନ୍ତ ନିଖୁଣ ଡିଜାଇନ ସହିତ ସବିଶେଷ ଓ ସଠିକତାର ଏକ ଉପଯୁକ୍ତ ସମ୍ମିଶ୍ରଣ ଏହି ଚମତ୍କାର ସଂଗ୍ରହ ଆପଣଙ୍କର ହଠାତ୍ ରାତ୍ରିଭୋଜନ ଯୋଜନାଠାରୁ ନେଇ ବାନ୍ଧବୀଙ୍କ ସହିତ କିଣାକିଣି କରିବାକୁ ଯିବା, ପରିବାର ସହିତ ସଂକ୍ଷିପ୍ତକାଳୀନ ଛୁଟି ମନାଇବାଠାରୁ ରବିବାରର କାର୍ଯ୍ୟକ୍ରମ, ଘରେ ଛୋଟ ଧରଣର ଉତ୍ସବ ମନାଇବା ଏବଂ ସପ୍ତାହାନ୍ତ ବନ୍ଧୁମିଳନ ଏବଂ ପ୍ରିୟଜନଙ୍କ ସହିତ ରାତ୍ରିଭୋଜନରେ ଯିବା ପର୍ଯ୍ୟନ୍ତ ପ୍ରତ୍ୟେକଟି ଦିନର ମୁହୂର୍ତ୍ତଗୁଡ଼ିକ ପାଇଁ ଅତ୍ୟନ୍ତ ଉପଯୋଗୀ । ନୂଆ ଡିଜାଇନଗୁଡ଼ିକ ମଧ୍ୟରେ ୟେଲୋ ଗୋଲ୍ଡ ଏବଂ ରୋଜ ଗୋଲ୍ଡରେ ନିର୍ମିତ ଏକକ ଓ ସ୍ତରସ୍ତର ଥିବା ଲାରିଆଟ ଏବଂ ଥାକ ଥାକ କରାଯାଇଥିବା ରିଙ୍ଗ୍ ସେଟ ରହିଛି। ଏହି ସମ୍ଭାରର ମୂଲ୍ୟ ବର୍ତ୍ତମାନ ୬୭୫୦ ଟଙ୍କାରୁ ଆରମ୍ଭ ହେଉଛି। ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ବେଲା ଗହଣା ସମ୍ଭାର ପ୍ରଚଳନକୁ ନେଇ ଅତ୍ୟନ୍ତ ଆନନ୍ଦିତ।



## ଫୁରସତ୍

## ମା' ଝିଅଙ୍କୁ ୧୪ ବର୍ଷ ପରେ ଏକାଠି କଲା ଫେସ୍ବୁକ୍



**ଫ୍ଲୋରିଡା:** ଫ୍ଲୋରିଡାରୁ ୨୦୦୭ରେ ନିଖୋଜ ହୋଇଯାଇଥିଲେ ଜ୍ୟାକଲିନ ହର୍ନାଡେଜ ନାମକ ଜଣେ ନାବାଳିକା। ଦୀର୍ଘ ୧୪ ବର୍ଷ ପରେ ଫେସବୁକ ମାଧ୍ୟମରେ ସମ୍ପୃକ୍ତା ଯୁବତୀ ତାଙ୍କ ମା'ଙ୍କ ପାଖକୁ ଫେରି ପାରିଛନ୍ତି। ଦୁହେଁ ସୋମବାର ଟେକ୍ସାସଠାରେ ଏକତ୍ରିତ ହୋଇଥିଲେ। ୧୯ ବର୍ଷୀୟା ଜ୍ୟାକଲିନ ଚଳିତ ମାସରେ ଫେସବୁକ୍ ଜରିଆରେ ତାଙ୍କ ମା' ଏଞ୍ଜେଲିକା ଭେନସେସ୍ ସାଲଗାଡୋଙ୍କୁ ଯୋଗାଯୋଗ କରିବାରେ ସକ୍ଷମ ହୋଇଥିଲେ। ପରେ ସେ ମେକ୍ସିକୋରେ ରହୁଥିବା ମା'ଙ୍କୁ କହିଥିଲେ। ତେବେ ୧୪ ବର୍ଷ ପୂର୍ବରୁ ଜ୍ୟାକଲିନ୍ଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ପର୍ଯ୍ୟନ୍ତ ଜ୍ୟାକଲିନଙ୍କ ଅପହରଣ ମାମଲାକୁ କ୍ଲେରମେଣ୍ଟ ପୋଲିସ ବିଭାଗ କୋଲ୍ଡ କେସ ବୋଲି ଧରି ନେଇଥିଲା। ଗତ ୨ ତାରିଖରେ ଭେନସେସ୍ ସିପିଡିକୁ ଜଣାଇଥିଲେ ଯେ, ଫେସବୁକ୍ରେ ଜଣେ ଯୁବତୀ ତାଙ୍କ ଅପହୃତା ଝିଅ ବୋଲି ଦାବି କରୁଛନ୍ତି। ଗତ ୧୦ ତାରିଖରେ ସେ ମା'ଙ୍କୁ ଟେକ୍ସାସଠାରେ ଦେଖା କରିବାକୁ ଡାକିଥିଲେ। ଫ୍ଲୋରିଡା ଓ ଟେକ୍ସାସର ପୋଲିସ ହର୍ନାଡେଜଙ୍କ ପରିଚୟ ଯାଞ୍ଚ କରିବା ପରେ ସେ ତାଙ୍କ ଝିଅ ବୋଲି ପ୍ରମାଣିତ ହୋଇଥିଲା।

## ସାଇକେଲରେ ଦାଢ଼ି କାଟୁଛନ୍ତି ବାରିକ

**ପାଟନା:** କୁହାଯାଏ ଦେଶୀ ଷ୍ଟାଇଲରେ ରହିବା ଭାରତୀୟଙ୍କ ବେଶ୍ ପସନ୍ଦ। ବେଳେବେଳେ ସୋସିଆଲ ମିଡିଆରେ ଏପରି କିଛି ସ୍ୱଦେଶୀ ଷ୍ଟାଇଲର ଭିଡିଓ ଭାଇରାଲ ହୋଇଥାଏ, ଯାହା ବେଶ୍ ମଜାଦାର ଲାଗିଥାଏ। ଏବେ ସେମିତି ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ଜଣେ ବାରିକ ସାଇକେଲରେ ବସି ଜଣଙ୍କ ଦାଢ଼ି କାଟୁଛନ୍ତି।

ଭିଡିଓଟିରେ ଦୁଇଜଣ ସାଇକେଲରେ ବସିଥିବା ନଜର ଆସିଛନ୍ତି। ଜଣେ ବ୍ୟକ୍ତି ସାଇକେଲରେ ବସି ଆଉ ଜଣଙ୍କ ଦାଢ଼ି ଆରାମରେ କାଟୁଛନ୍ତି। ଭିଡିଓଟିକୁ ଲୋକେ ବହୁତ ପସନ୍ଦ କରିଛନ୍ତି। କିଛି ଲୋକ ବେଶ୍ ଭଲ କମେଣ୍ଟ ମଧ୍ୟ କରିଛନ୍ତି। ଜଣେ ୟୁଜର କହିଛନ୍ତି, ମୁଁ ଥରେ ନୁହେଁ, ଏହାକୁ ୫ ଥର ଦେଖିସାରିଲିଣି। ଭିଡିଓଟି ବିହାରର ବୋଲି ସୋସିଆଲ ମିଡିଆରୁ ଜଣାପଡ଼ିଛି।





## ରାଗିଗଲେ ମଲ୍ଲିକା

**ମୁମ୍ବାଇ:** ବଲିଉଡ୍ ନାୟିକା ମଲ୍ଲିକା ଶେରାୱତ ଏବେ ଖୁବ୍ ଚର୍ଚ୍ଚାରେ। ନିଜର ବୋଲ୍ଡ ନେସ୍ ପାଇଁ ଚର୍ଚ୍ଚାରେ ଥିବା ଏହି ଅଭିନେତ୍ରୀ ବେଶ୍ କିଛି ସମୟ ହେବ ବଡ ପରଦାରୁ ଦୂରେଇ ରହିଛନ୍ତି। ଏବେ କିନ୍ତୁ ସେ ତାଙ୍କର ୱେବ ଶୋ 'ନକାବ'କୁ ନେଇ ଖୁବ୍ ଚର୍ଚ୍ଚାରେ। ମଲ୍ଲିକା ଏଥିରେ ଜୋହର ମେହେରା ଚରିତ୍ରରେ ଅଭିନୟ କରିଛନ୍ତି ଯାହା ଶୋ'ର ଏକ ଗୁରୁତ୍ୱପୂର୍ଣ୍ଣ କ୍ୟାରେକ୍ଟର। ଏବେ ଶୁଣିବାକୁ ମିଳିଛି କି ମଲ୍ଲିକା ଏକ ହରର ଫିଲ୍ମ 'ରୋଜି ଦ ସାଫର୍ନ ଚାପ୍ଟର'ରେ ନଜର ଆସିବେ। ଏଥିରେ ସେ ଅରବାଜ ଖାଁଙ୍କ ସହ ମିଶି ଅଭିନୟ କରିବେ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଉଛି। ତେବେ ଏମିତି ଖବରକୁ ନେଇ ଏବେ ମଲ୍ଲିକା ସାମାନ୍ୟ ରାଗି ଯାଇଛନ୍ତି। କାରଣ ସେ କହିଛନ୍ତି 'ରୋଜି ଦ ସାର୍ଫନ ଚାପ୍ଟର'ରେ ସେ କାମ କରୁ ନାହାଁନ୍ତି।

ହେଲେ କିଛିଦିନ ପୂର୍ବରୁ ଅରବାଜ କହିଥିଲେ କି 'ରୋଜି ଦ ସାଫର୍ନ ଚାପ୍ଟର'ର କଳାକାର ତାଲିକାରେ ସେ ସାମିଲ ହୋଇଛନ୍ତି। ସେ ଏକ ପୋଷ୍ଟ କରି ଲେଖିଥିଲେ, "#RosieTheSaffronChapter ରେ ସେ ଏକ ପୋଲିସବାଲା ଭୂମିକାରେ ନଜର ଆସିବେ। ଯାହାକୁ ନେଇ ସେ ବହୁତ ଖୁସି ଅଛନ୍ତି। @palaktiwarii @mallikasherawat।

'ଫାଇନାଲ ଶୁଟ୍ର ସ୍କାଡ୍ୟୁଲ ଶୀଘ୍ର ଆରମ୍ଭ କରାଯିବ। ଟିଜର ଆଉଟ୍।' ଅରବାଜ୍ଙ୍କ ଏଭଳି ପୋଷ୍ଟରୁ ଜଣାପଡ଼ିଥିଲା ଯେ, ମଲ୍ଲିକା ବି ଏଥିରେ ଅଭିନୟ କରୁଛନ୍ତି। ହେଲେ ଏବେ ମଲ୍ଲିକା କହିଛନ୍ତି ସେ ଏହି ଫିଲ୍ମରେ ଅଭିନୟ କରୁ ନାହାନ୍ତି।

ସେ ଏବେ ରଜତ କପୁରଙ୍କ ସହ ଅଭିନୟ କରିବାକୁ ଯାଉଛନ୍ତି, ଅରବାଜଙ୍କ ସହ ନୁହେଁ ବୋଲି ମଲ୍ଲିକା କହିଛନ୍ତି। ପ୍ରକାଶ ଯେ, 'ରୋଜି ଦ ସାଫର୍ନ ଚାପ୍ଟର' ଏକ ସତ ଘଟଣା ଉପରେ ଆଧାରିତ। ଏହା ରୋଜି ନାମକ ଏକ ବିପିଓ କର୍ମଚାରୀଙ୍କ କାହାଣୀ ଯିଏ ହଠାତ୍ ନିଖୋଜ ହୋଇଯାଉଛନ୍ତି। ଟେଲିଭିଜନ ଅଭିନେତ୍ରୀ ଶ୍ୱେତା ତିୱାରୀଙ୍କ ଝିଅ ପଲକ ତିୱାରୀ ଏଥିରେ ଡେବ୍ୟୁ କରିବାକୁ ଯାଉଛନ୍ତି। ସେ ରୋଜି ଭୂମିକାରେ ନଜର ଆସିବେ।


**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ଗୋପାଳ ଚରଣ ଦାସ**
ଆବିର୍ଭାବ : ୦୬.୦୨.୧୯୨୬
ତିରୋଧାନ : ୩୦.୦୮.୨୦୨୦
ଗ୍ରାମ : ଶଙ୍ଖୁଆ, ପୋ : ସାଇଲୋ-ଗୋବିନ୍ଦପୁର, ଜିଲ୍ଲା : କଟକ ।
ଆପଣ ଛାଡ଼ି ଚାଲିଯିବାର ବର୍ଷଟିଏ ବିତିଗଲା । ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ସଦା ସର୍ବଦା ମନେ ରହିବ । ପ୍ରଥମ ଶ୍ରାଦ୍ଧ ଦିବସରେ ବିନମ୍ର ଶ୍ରଦ୍ଧା ସୁମନ ଅର୍ପଣ କରୁଛୁ ।
**ଶୋକସନ୍ତପ୍ତ :**
ପତ୍ନୀ - ଆଶାଲତା, କନିଷ୍ଠ ଭ୍ରାତା - ଭକ୍ତଚରଣ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ନାତୁଣୀବୋହୂ, ଅଣନାତୁଣୀ-ମେଘା ଅଣନାତି-ଋଷି, ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ ।
ଧ-୨୧୬୫୭



**ଜନ୍ମଦିନର ଶୁଭେଚ୍ଛା**



**ଶ୍ରୀମାନ୍ ଧ୍ରୁବକୁମାର (ପୁପୁ) ସୁଟୁନୀ**
ସମେଇ ଗଡ଼ିଆ, ଭୁବନେଶ୍ୱର-୧୦
ଆଜି ତୁମର ୪ର୍ଥ ଜନ୍ମଦିନ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତୁମକୁ ଦୀର୍ଘାୟୁ, ନୀରୋଗ, ଯଶସ୍ୱୀ ତଥା ବିଦ୍ୱାନ କରନ୍ତୁ। ତୁମର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ଜେଜେବାପା: ଅଭିମନ୍ୟୁ, ଜେଜେମାଆ: ଡଲି, ବାପା: ନିହାର, ମାଆ: ଶୁଭଶ୍ରୀ, ପିଉସା: ମଣ୍ଟୁ, ପିଉସୀ: ଡାକ୍ତର ଭାନୁପ୍ରିୟା।
D-21638



**CLASSIFIED DISPLAY**


MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

**ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ**
ଭାରତର ଏକମାତ୍ର ବିଶ୍ୱସନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
PERSONAL LOAN
HOUSING LOAN
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9457958917
9458678925

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍ଲାଇନ୍ ସୁବିଧା ।
Mob. 9999268493
Whatsapp: 8902923601

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9471160476 / 9432985505
Whatsapp : 9953557897

**ବାବା ମୁବାରକ୍ ଖାନ୍**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ

A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ହର୍ଶଲ ପଟେଲ

# ଆଇପିଏଲ୍ ଉତ୍କଣ୍ଠା

**ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୧୪ତମ ସଂସ୍କରଣର ବାକିଥିବା ମ୍ୟାଚ୍‌ଗୁଡିକ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆୟୋଜନ ହେବା ପାଇଁ ପ୍ରସ୍ତୁତି ପର୍ବ ଶେଷ ହୋଇଛି। ଲିଗ୍‌ର ଦ୍ୱିତୀୟ ଭାଗ ଏବେ ସେପ୍ଟେମ୍ବର ୧୯ରୁ ଆରମ୍ଭ ହୋଇ ଅକ୍ଟୋବର ୧୫ ତାରିଖରେ ଶେଷ ହେବ...**

ଆଇପିଏଲ୍ ୧୪ର ଦ୍ୱିତୀୟ ଭାଗ ଆୟୋଜନ ପାଇଁ କ୍ଷେତ୍ର ପ୍ରସ୍ତୁତ। ବାକିଥିବା ସମସ୍ତ ମ୍ୟାଚ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯିବ। ଏଥିପାଇଁ ବିଭିନ୍ନ ଦଳର ଖେଳାଳିମାନେ ସେମାନଙ୍କର କୋଚ ଏବଂ ସପୋର୍ଟ ଷ୍ଟାଫ୍‌ମାନଙ୍କ ସହିତ ୟୁଏଇରେ ପହଞ୍ଚି ଅଭ୍ୟାସ ଆରମ୍ଭ କରିଛନ୍ତି। କେତେକ ବିଦେଶୀ ଖେଳାଳି ଟୁର୍ନାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟରୁ ବିଭିନ୍ନ କାରଣରୁ ଓହରି ଯାଇଛନ୍ତି। ଫଳରେ ବିଶ୍ୱର ଏହି ବ୍ୟୟବହୁଳ ଲିଗ୍ କିଛି ମାତ୍ରାରେ ତା'ର ଗ୍ଲାମର ହରାଇବା ସମ୍ଭାବନା ରହିଛି। ଆଇପିଏଲ ବନ୍ଦ ହୋଇଗଲେ ବ୍ୟାପକ ଆର୍ଥିକ କ୍ଷତି ସହିବାକୁ ଥିବାରୁ କୋଭିଡ୍‌ର ପ୍ରକୋପ ଯୋଗୁ ଭାରତ ଅପେକ୍ଷା ୟୁଏଇ ଶ୍ରେଷ୍ଠ ସ୍ଥାନ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅନୁଭବ କରିଛି। ସୂଚନା ଯୋଗ୍ୟ ଯେ ଆଇପିଏଲ-୧୩ର ସମସ୍ତ ମ୍ୟାଚ ଗଲ୍‌ଫ ଦେଶ ୟୁଏଇରେ ଅତି ସଫଳତାର ସହିତ ଆୟୋଜିତ ହେବା ସହ ସର୍ବାଧିକ ଦର୍ଶକ ଟିଭି ମାଧ୍ୟମରେ ଏହାର ଭରପୂର ଆନନ୍ଦ ଉଠାଇଥିଲେ। ଏଥର ମଧ୍ୟ ଦର୍ଶକମାନେ ଉତ୍କଣ୍ଠାର ସହ ଆଇପିଏଲର ଅବଶିଷ୍ଟଭାଗକୁ ଅପେକ୍ଷା କରିଛନ୍ତି।

କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଭାରତରେ ହେବାକୁ ଥିବା ଆଇସିସି ଟି୨୦ ବିଶ୍ୱକପକୁ ମଧ୍ୟ ୟୁଏଇ ଏବଂ ଓମାନରେ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ଇଂଲଣ୍ଡ ଏବଂ ଭାରତ ମଧ୍ୟରେ ହେବାକୁ ଥିବା ୫ମ ଟେଷ୍ଟ ମ୍ୟାଚ ବାତିଲ ହେବାରୁ ଖେଳାଳିମାନେ ନିର୍ଦ୍ଧାରିତ ସମୟଠାରୁ ଆଗୁଆ ୟୁଏଇରେ ପହଞ୍ଚି ପାରିଛନ୍ତି।

ଅନେକ ଆଶା ଏବଂ ଆଶଙ୍କା ମଧ୍ୟରେ ଆଇପିଏଲ-୧୪ ଏପ୍ରିଲ ୯ ତାରିଖରୁ ମେ ୩୦ ତାରିଖ ପର୍ଯ୍ୟନ୍ତ ଭାରତରେ ଅନୁଷ୍ଠିତ ହେବାକୁ ରହିଥିଲା। ୮ଟି ଟିମ୍ ଗ୍ରୁପ୍ ପର୍ଯ୍ୟାୟରେ ମୋଟ ୧୪ଟି ମ୍ୟାଚ ଖେଳିବାକୁ ଥିଲା। ଫାଇନାଲକୁ ମିଶାଇ ମୋଟ ୬୦ଟି ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଭାରତରେ ମୋଟ ୨୯ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଅବଶିଷ୍ଟ ୩୧ଟି ମ୍ୟାଚ୍ ୟୁଏଇର ୩ଟି ଭେନ୍ୟୁ ଦୁବାଇ, ଆବୁଧାବି ଏବଂ ଶାରଜାଠାରେ ଖେଳାଯିବ।

ପ୍ରଥମ ପର୍ଯ୍ୟାୟରେ ଖେଳାଯାଇଥିବା ୨୯ଟି ମ୍ୟାଚ ମଧ୍ୟରୁ ଯୁବଖେଳାଳିଙ୍କୁ ନେଇ ଗଠିତ ଦିଲ୍ଲୀ କ୍ୟାପିଟାଲ୍ସ ୮ ମ୍ୟାଚରୁ ୬ଟି ବିଜୟ ସହ ୧୨ପଏଣ୍ଟ ହାସଲ କରି ଟେବୁଲ ଶୀର୍ଷରେ ରହିଛି। ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ୧୦ ପଏଣ୍ଟ ସହ ୨ୟ ଏବଂ ୩ୟ ସ୍ଥାନରେ ରହିଛନ୍ତି। ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ୪ର୍ଥ ସ୍ଥାନରେ ଥିବା ବେଳେ ସନରାଇଜର୍ସ ହାଇଦ୍ରାବାଦ ପଏଣ୍ଟ ଟେବୁଲ ଶେଷ ସ୍ଥାନରେ ରହିଛି। ବାୟୋ-ବବଲର ଚାପ ସହିତ ଘରୋଇ ଦର୍ଶକଙ୍କ ସମର୍ଥନ ପାଇ ନ ଥିବାରୁ ଦଳ ଗୁଡ଼ିକର ପ୍ରଦର୍ଶନରେ ସ୍ଥିରତା ରହି ନ ଥିଲା।

ଏପ୍ରିଲ ୯ରେ ପ୍ରଥମ ମ୍ୟାଚ ୫ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରୟାଲ ଚ୍ୟାଲେଞ୍ଜର ବାଙ୍ଗାଲୋର ମଧ୍ୟରେ ଖେଳାଯାଇଥିଲା। ଏଥିରେ ବାଙ୍ଗାଲୋର ୨ ଉଇକେଟ୍‌ରେ ବିଜୟୀ ହୋଇଥିଲା। ମାର୍ଚ୍ଚ ୨୯ରେ ଶେଷ ମ୍ୟାଚ ପଞ୍ଜାବ କିଙ୍ଗସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଇଥିଲା। ଦିଲ୍ଲୀ ୭ ଉଇକେଟରେ ପଞ୍ଜାବକୁ ହରାଇଥିଲା।

ଅଧା ଖେଳାଯାଇଥିବା ଏହି ଗ୍ଲାମର୍ସ ଲିଗ୍‌ରେ ଆରସିବିର ହର୍ଶଲ ପଟେଲ ମୋଟ ୭ଟି ମ୍ୟାଚରୁ ୧୭ଟି ଉଇକେଟ୍ ନେଇ ପର୍ପଲ୍ କ୍ୟାପ୍‌ର ଅଧିକାରୀ ହୋଇଛନ୍ତି। ଆଭେସ ଖାଁ (ଦିଲ୍ଲୀ) ଏବଂ କ୍ରିସ୍ ମୋରିସ୍ (ରାଜସ୍ଥାନ) ୧୪ଟି ଲେଖାଏ ଉଇକେଟ୍ ନେଇ ତାଙ୍କ ପଛରେ ଅଛନ୍ତି। ସେହିପରି ଶିଖର ଧାୱନ ସର୍ବାଧିକ ୩୮୦ରନ୍ କରି ଅରେଞ୍ଜ କ୍ୟାପର ଅଧିକାରୀ ହୋଇଛନ୍ତି। ଗ୍ରୁପ୍ ପର୍ଯ୍ୟାୟର ୩୦ତମ ମ୍ୟାଚ୍ ସେପ୍ଟେମ୍ବର ୧୯ରେ ଦୁବାଇଠାରେ ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଖେଳାଯିବାର ଅଛି। ସେହିପରି ଗ୍ରୁପ୍ ପର୍ଯ୍ୟାୟର ଅନ୍ତିମ ତଥା ୫୬ତମ ମ୍ୟାଚ୍ ଅକ୍ଟୋବର ୮ରେ ଦୁବାଇଠାରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଖେଳାଯିବ। ୨୧ଦିନ ମଧ୍ୟରେ ଅବଶିଷ୍ଟ ୩୧ଟି ମ୍ୟାଚ୍ ୟୁଏଇର ୩ଟି ମୁଖ୍ୟ ଷ୍ଟାଡିୟମରେ ଖେଳାଯିବ।

ଆଇପିଏଲ ମ୍ୟାଚ ଦେଖିବାକୁ ସୀମିତ ସଂଖ୍ୟକ ଦର୍ଶକଙ୍କୁ ଅନୁମତି ମିଳିବ। କେତେଜଣ ନାମୀଦାମୀ ଖେଳାଳିମାନେ ଅବଶିଷ୍ଟ ମ୍ୟାଚଗୁଡିକରେ ଭାଗ ନେଇପାରିବେ ନାହିଁ। ଫଳସ୍ୱରୂପ ରିଜର୍ଭ ବେଞ୍ଚରେ ଥିବା ଖେଳାଳିମାନେ ସୁଯୋଗ ପାଇବେ। ଇଂଲଣ୍ଡ ସହ ପାକିସ୍ତାନର ଟେଷ୍ଟ ସିରିଜ ଆରମ୍ଭ ହେଉଥିବାରୁ ଅଧିକାଂଶ ଇଂଲଣ୍ଡ ଖେଳାଳି ଆଇପିଏଲର ଅବଶିଷ୍ଟ ମ୍ୟାଚ ଖେଳିପାରିବେ ନାହିଁ। ଫଳରେ ଆରସିବି ଅଧିକ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। କେନ୍ ରିଚାର୍ଡସନ୍, ଡାନିଏଲ୍ ସାମ୍ସ, ଆଡାମ ଜାମ୍ପା, ଫିନ୍ ଆଲେନଙ୍କ ପରି ଖେଳାଳିମାନେ ଆରସିବି ପାଇଁ ଖେଳିପାରିବେ ନାହିଁ। ରାଜସ୍ଥାନ ରୟାଲ୍ସର ବିସ୍ଫୋରକ ଉଇକେଟ କିପର ବ୍ୟାଟ୍ସମ୍ୟାନ୍ ଜୋସ ବଟଲର, ପ୍ୟାଟ କ୍ୟୁମିନ୍ସ, ରିଲେ ମେରିଡିଥ୍ (ପଞ୍ଜାବ), ଜୋଫ୍ରା ଆର୍ଚର (ରାଜସ୍ଥାନ ରୟାଲ୍ସ), ଜେ, ରିଚାର୍ଡସନ (ପଞ୍ଜାବ) ଶେଷ ମୁହୂର୍ତ୍ତରେ ବ୍ୟକ୍ତିଗତ କାରଣ ଏବଂ ଆଇସିସି ବିଶ୍ୱକପ୍ ଟି୨୦ ଏବଂ ଟେଷ୍ଟ ସିରିଜ ଯୋଗୁ ଓହରିଯିବା ଯୋଗୁ ଦଳଗୁଡିକ କ୍ଷତିଗ୍ରସ୍ତ ହୋଇଛନ୍ତି।

-ନିର୍ମଳ କୁମାର ମିଶ୍ର

# ନୂଆ ଚାମ୍ପିୟନ

**ମାତ୍ର ୧୮ ବର୍ଷରେ ୟୁଏସ୍ ଓପନ ଟାଇଟଲ ହାସଲ କରି ବ୍ରିଟେନର ଏମା ରାଡୁକାନୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦୀର୍ଘ ୪୪ ବର୍ଷ ପରେ ସେ ପ୍ରଥମ ବ୍ରିଟେନ ମହିଳା ଖେଳାଳିଭାବେ ଗ୍ରାଣ୍ଡସ୍ଲାମ ଓ ପ୍ରଥମ କ୍ୱାଲିଫାୟର ଭାବେ ୟୁଏସ୍ ଓପନ ଟାଇଟଲ ଜିତିବାର ଗୌରବ ଅର୍ଜନ କରିଛନ୍ତି। ଏହି ଉଦୀୟମାନ ମହିଳା ଖେଳାଳି ଖୁବ୍‌ଶୀଘ୍ର ଟେନିସ ଜଗତରେ ଏକ ସ୍ୱତନ୍ତ୍ର ବ୍ରାଣ୍ଡ୍ ଭାବେ ଉଭା ହେବେ ବୋଲି ଆଶା କରାଯାଉଛି...**

ବର୍ଷର ଚତୁର୍ଥ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ୍‌ରେ ଜଣେ ନୂଆ ଚାମ୍ପିୟନଙ୍କୁ ଦେଖିବାକୁ ମିଳିଛି। ସେ ହେଉଛନ୍ତି ଗ୍ରେଟ୍ ବ୍ରିଟେନର ୧୮ ବର୍ଷୀୟା ମହିଳା ଟେନିସ୍ ଖେଳାଳି ଏମା ରାଡୁକାନୁ। ମହିଳା ସିଙ୍ଗଲ୍ସ ଇଭେଣ୍ଟର ଫାଇନାଲ ମୁକାବିଲାରେ ସେ କାନାଡାର ଲେଲା ଫର୍ଣ୍ଣାଣ୍ଡିଜଙ୍କୁ ୬-୪, ୬-୩ ସିଧା ସଳଖ ସେଟ୍‌ରେ ପରାସ୍ତ କରି ଟାଇଟଲ ହାସଲ କରିଥିଲେ। ଏହି କ୍ରମରେ ସେ ଚତୁର୍ଥ ସର୍ବକନିଷ୍ଠ ଖେଳାଳି ଭାବେ ୧୮ ବର୍ଷ ୩୦୨ ଦିନରେ ୟୁଏସ୍ ଓପନ ଟାଇଟଲ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଟିନ୍ ଏଜର୍ସଙ୍କ ଏହି ଫାଇନାଲ ମୁକାବିଲାରେ ରାଡୁକାନୁ ପ୍ରଭାବ ବିସ୍ତାର କରି ଖେଳିବା ସହ ୧୯ ବର୍ଷୀୟା ଫର୍ଣ୍ଣାଣ୍ଡିଜଙ୍କୁ ପରାସ୍ତ କରିଥିଲେ। ଏହି ବିଜୟ ସହ ରାଡୁକାନୁ ଆର୍ଥିକ ଭାବେ ବହୁତ ଲାଭବାନ ହୋଇଛନ୍ତି।

ବିଭିନ୍ନ ଦୃଷ୍ଟିକୋଣରୁ ରାଡୁକାନୁଙ୍କ ଏହି ବିଜୟ ବେଶ୍ ମହତ୍ତ୍ୱ ରଖୁଛି। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୧୫୦ତମ ସ୍ଥାନରେ ରହି ସେ କ୍ୱାଲିଫାୟର ଟୁର୍ନାମେଣ୍ଟ ଖେଳି ୟୁଏସ୍ ଓପନ ମେନ ଡ୍ର'ରେ ସାମିଲ ହୋଇଥିଲେ। ମାତ୍ର ୨ ସପ୍ତାହ ତଳେ ତାଙ୍କୁ କେହି ଜାଣି ନ ଥିଲେ। ଏବେ ସେ ସାରା ବିଶ୍ୱରେ ଖ୍ୟାତି ଅର୍ଜନ କରିଛନ୍ତି। ସେ ପ୍ରଥମ କ୍ୱାଲିଫାୟର ଭାବେ ୟୁଏସ୍ ଓପନ ଟାଇଟଲ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ପୁଣି ଦୀର୍ଘ ୪୪ ବର୍ଷ ପରେ ସେ ପ୍ରଥମ ବ୍ରିଟେନ ମହିଳା ଖେଳାଳି ଭାବେ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ଜିତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୧୯୭୭ରେ ଶେଷଥର ପାଇଁ ଭର୍ଜିନିଆ ୱେଡ ୱିମ୍ବେଲଡନ ଜିତି ବ୍ରିଟେନ ପାଇଁ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିଲେ। ସେ ଗତ ୧୦ଟି ମ୍ୟାଚ୍‌ରେ ଗୋଟିଏ ହେଲେବି ସେଟ୍‌ରେ ପରାସ୍ତ ହୋଇ ନାହାନ୍ତି ଓ କ୍ରମାଗତ ୨୦ଟି ସେଟ୍‌ରେ ବିଜୟୀ ହୋଇଛନ୍ତି। ଆଧୁନିକ ଟେନିସ୍‌ରେ ଏହା ମଧ୍ୟ ଏକ ବିରଳ ସଫଳତା ବିବେଚିତ ହୋଇଛି। ନ୍ୟୁୟର୍କର ଆର୍ଥର ଆଶେ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ରାଡୁକାନୁ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ତାଙ୍କ ଗେମ୍‌ରେ ପାୱାର ଓ ଶୁଦ୍ଧତାର ମିଶ୍ରଣ ଦେଖିବାକୁ ମିଳିଥିଲା। ଯାହା ଫଳରେ ସେ ଫର୍ଣ୍ଣାଣ୍ଡିଜଙ୍କୁ ପଛରେ ପକାଇବାକୁ ସଫଳ ହୋଇଥିଲେ। ଫାଇନାଲରେ ପହଞ୍ଚିବା ପୂର୍ବରୁ ସେ କ୍ୱାର୍ଟର ଫାଇନାଲରେ ୧୧ତମ ସିଡ୍ ବେଲିଣ୍ଡା ବେନକିକ୍‌ଙ୍କ ସମେତ ଏକାଧିକ ତାରକା ଖେଳାଳିଙ୍କୁ ହରାଇଥିଲେ।

ଏହି ସଫଳତାରେ ଖୁସି ହୋଇ ବ୍ରିଟେନ ମହାରାଣୀ ଏଲିଜାବେଥ-୨ ରାଡୁକାନୁଙ୍କୁ ସ୍ୱତନ୍ତ୍ର ଭାବେ ଅଭିନନ୍ଦନ ଜଣାଇଥିଲେ। କମ୍ ବୟସରେ ସେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ବୋଲି ମହାରାଣୀ ତାଙ୍କ ବାର୍ତ୍ତାରେ ଉଲ୍ଲେଖ କରିଥିଲେ। ଗତ ୱିମ୍ବେଲଡନ ଟେନିସ ଟୁର୍ନାମେଣ୍ଟରେ ମଧ୍ୟ ସେ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାନାଡାର ଟରଣ୍ଟୋରେ ଜନ୍ମିତ ରାଡୁକାନୁଙ୍କୁ ୨ ବର୍ଷ ହୋଇଥିବା ବେଳେ ସେ ପରିବାର ସହିତ ଇଂଲଣ୍ଡ ଚାଲିଆସିଥିଲେ। ସେ ମଧ୍ୟ ୧୫ ବର୍ଷ ବୟସରେ ଚଣ୍ଡିଗଡ଼ରେ ଅନୁଷ୍ଠିତ ଲନ ଟେନିସ ଆସୋସିଏଶନ ଷ୍ଟାଡିୟମରେ ଖେଳାଯାଇଥିବା ଅନ୍ତର୍ଜାତୀୟ ଟେନିସ ଫେଡେରେଶନ (ଆଇଟିଏଫ୍) ଗ୍ରେଡ-୩ ଟେନିସ ଟୁର୍ନାମେଣ୍ଟରେ ଟାଇଟଲ ହାସଲ କରିଥିଲେ। ସେ ୟୁକ୍ରେନର ଡାଏନା ଖୋଡାନଙ୍କୁ ୬-୪, ୬-୪ ସେଟ୍‌ରେ ହରାଇ ଏହି ସଫଳତା ପାଇଥିଲେ।

ୟୁଏସ୍ ଓପନ ଜିତିବାର କିଛି ଘଣ୍ଟା ମଧ୍ୟରେ ସେ ବିଶ୍ୱର ଅନ୍ୟତମ ଧନୀ ଖେଳାଳି ବନିଯାଇଥିଲେ। ବିଜୟ ସହ ସେ ୨.୫ ମିଲିୟନ ଡଲାର ଆର୍ଥିକ ପୁରସ୍କାର ହାସଲ କରିଥିଲେ। ପୂର୍ବରୁ ସେ ଉପାର୍ଜନ କରିଥିବା ଅର୍ଥର ଏହା ୮ ଗୁଣରୁ ଯଥେଷ୍ଟ ଅଧିକ। ଏବେ ବିଶ୍ୱର ଶ୍ରେଷ୍ଠ ବ୍ରାଣ୍ଡଗୁଡିକ ରାଡୁକାନୁଙ୍କ ଦ୍ୱାରସ୍ଥ ହେବେ ଓ ସେ ଖୁବ୍‌ଶୀଘ୍ର ବିଶ୍ୱର ସବୁଠାରୁ ଧନୀ ମହିଳା ଟେନିସ ଖେଳାଳି ବନିବେ ବୋଲି ଏଜେଣ୍ଟମାନେ ପୂର୍ବାନୁମାନ କରିଛନ୍ତି। ୟୁଏସ୍ ଓପନ ବିଜୟ ମୋ ପାଇଁ ଅବିଶ୍ୱସନୀୟ। ଏଥିସହ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ସ୍ୱପ୍ନ ମୋର ସାକାର ହୋଇଛି। ମାତ୍ର ୧୮ ବର୍ଷରେ ପଦାର୍ପଣ କରିଥିବାରୁ ରାଡୁକାନୁ ଆଗକୁ ଆହୁରି ଦୃଷ୍ଟାନ୍ତମୂଳକ ସଫଳତା ହାସଲ କରିବେ ଓ ଭବିଷ୍ୟତରେ ଜଣେ କିମ୍ବଦନ୍ତୀ ମହିଳା ଟେନିସ ଖେଳାଳିର ଆଖ୍ୟା ପାଇବେ ବୋଲି କୁହାଯାଇପାରେ।

### ସଂକ୍ଷେପରେ...

ପୂରା ନାମ: ଏମା ରାଡୁକାନୁ
ଦେଶ: ଗ୍ରେଟ ବ୍ରିଟେନ
ଜନ୍ମ: ୧୩ ନଭେମ୍ବର ୨୦୦୨, ଟରଣ୍ଟୋ, କାନାଡା
ବୟସ: ୧୮
ଉଚ୍ଚତା: ୫ ଫୁଟ ୯ ଇଞ୍ଚ୍
ପେସାଦାର ଟେନିସ ଆରମ୍ଭ: ୨୦୧୮
ପ୍ଲେଇଂ ଷ୍ଟାଇଲ୍: ଡାହାଣହାତୀ (ଦୁଇ ହାତରେ ବ୍ୟାକହ୍ୟାଣ୍ଡ ଶଟ୍)
କୋଚ: ଆଣ୍ଡ୍ର୍ୟୁ ରିଚାର୍ଡସନ

**ସିଙ୍ଗଲ୍ସ**
କ୍ୟାରିୟର ରେକର୍ଡ: ୭୪-୨୨ (୭୭.୧ ପ୍ରତିଶତ)
କ୍ୟାରିୟର ଟାଇଟଲ୍ସ: ୧
ଉଚ୍ଚତମ ର୍‍ୟାଙ୍କିଙ୍ଗ୍ :୨୩ ନମ୍ବର
ଏବେକାର ର୍‍ୟାଙ୍କିଙ୍ଗ: ୨୩ ନମ୍ବର

**ଗ୍ରାଣ୍ଡସ୍ଲାମ**
ୱିମ୍ବେଲଡନ: ଚତୁର୍ଥ ରାଉଣ୍ଡ (୨୦୨୧)
ୟୁଏସ୍ ଓପନ: ଚାମ୍ପିୟନ (୨୦୨୧)



ଏମା ରାଡୁକାନୁ

### ୫ ସର୍ବ କନିଷ୍ଠ ୟୁଏସ୍ ଓପନ ବିଜୟିନୀ

| | | | |
|---|---|---|---|
| ୧. ଟ୍ରେସି ଅଷ୍ଟିନ | (ଆମେରିକା): | ୧୯୭୯ | ୧୬ ବର୍ଷ ୨୭୦ ଦିନ |
| ୨. ମାର୍ଟିନ ହିଙ୍ଗିସ୍ | (ସୁଇଜରଲାଣ୍ଡ): | ୧୯୯୭ | ୧୬ ବର୍ଷ ୩୪୧ ଦିନ |
| ୩. ସେରେନା ୱିଲିୟମ୍ସ | (ଆମେରିକା): | ୧୯୯୯ | ୧୭ ବର୍ଷ ୩୫୦ ଦିନ |
| ୪.ଏମା ରାଡୁକାନୁ | (ଗ୍ରେଟ ବ୍ରିଟେନ): | ୨୦୨୧ | ୧୮ ବର୍ଷ ୩୦୨ ଦିନ |
| ୫. ଶ୍ୱେତଲାନା କୁଜେଁସୋଭା | (ରୁଷିଆ): | ୨୦୦୪ | ୧୯ ବର୍ଷ ୭୬ ଦିନ |

# ପୁଅ ସହ କ୍ୱାରାଣ୍ଟାଇନ୍‌କୁ ଉପଭୋଗ କରୁଛନ୍ତି ଷ୍ଟାଙ୍କୋଭିଚ୍


ପୁଅ ଅଗସ୍ତ୍ୟ ଓ ସ୍ତ୍ରୀ ନତାସା ଷ୍ଟାଙ୍କୋଭିଚ୍‌ଙ୍କ ସହ ହାର୍ଦ୍ଦିକ ପାଣ୍ଡ୍ୟା।

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୧ର ଦ୍ୱିତୀୟ ଭାଗ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଚଳିତ ମାସ ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସ ଦଳ ସହ ଟ୍ରେନିଂ ଆରମ୍ଭ କରିଛନ୍ତି। ତେବେ ତାଙ୍କ ପାଇଁ ଖୁସିର କଥା ହେଉଛି କିଛି ଦିନର ବ୍ରେକ୍ ପରେ ପୁଅ ଅଗସ୍ତ୍ୟଙ୍କ ସହ ସ୍ତ୍ରୀ ନତାସା ଷ୍ଟାଙ୍କୋଭିଚ୍ ଆସି ଆବୁଧାବିରେ ପହଞ୍ଚିଛନ୍ତି। ୟୁଏଇର ନିୟମ ଅନୁସାରେ ଉଭୟ ଏବେ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି ଏବଂ ଏହି ସମୟକୁ ବେଶ୍ ଉପଭୋଗ କରୁଛନ୍ତି। କିଛିଦିନ ତଳେ ନତାସା ତାଙ୍କ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲରେ ଅଗସ୍ତ୍ୟଙ୍କର ଏକ ଭିଡିଓ ଶେୟାର କରିଥିଲେ। ଏଥିରେ ଅଗସ୍ତ୍ୟ ରୁମ୍ ମଧ୍ୟରେ ଏକ ଧଳା ବଲ୍‌ରେ ଖେଳୁଥିବାର ଦୃଶ୍ୟ ଥିଲା। ମାତ୍ର ଅଗସ୍ତ୍ୟ ବେଲୁନକୁ ବଲ୍ ଭଳି ବ୍ୟବହାର କରୁଥିବା ପରିଲକ୍ଷିତ ହୋଇଥିଲା। ଆଉ ଏକ ଫଟୋରେ ଅଗସ୍ତ୍ୟ ତାଙ୍କ ପିଠିରେ ବସିଥିବାର ଦୃଶ୍ୟକୁ ମଧ୍ୟ ସେ ଶେୟାର କରିଥିଲେ।

ଆଇପିଏଲ ଶେଷ ହେବା ପରେ ଆସନ୍ତା ମାସରେ ୟୁଏଇରେ ଆଇସିସି ଟି୨୦ ବିଶ୍ୱକପ ଅନୁଷ୍ଠିତ ହେବ। ତା' ପୂର୍ବରୁ ହାର୍ଦ୍ଦିକ ସମ୍ପୂର୍ଣ୍ଣ ଫିଟ୍ ରହିବା ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ। ମୁମ୍ବାଇ ଇଣ୍ଡିଆନ୍ସ ଶିବିରରେ ସେ ଟ୍ରେନିଂ ଆରମ୍ଭ କରିଥିବାରୁ ବିଶ୍ୱକପ ପାଇଁ ଉପଲବ୍ଧ ହୋଇପାରିବେ ବୋଲି ଆଶା ରହିଛି। ଗତ ଶ୍ରୀଲଙ୍କା ବିପକ୍ଷ ସୀମିତ ଓଭର କ୍ରିକେଟ ସିରିଜରେ ହାର୍ଦ୍ଦିକ ଆହତ ହୋଇଥିଲେ। ଭାରତରେ ଅନୁଷ୍ଠିତ ଆଇପିଏଲର ପ୍ରଥମ ଭାଗରେ ହାର୍ଦ୍ଦିକ ଭଲ ଫର୍ମରେ ନ ଥିଲେ। ସେ ୭ ମ୍ୟାଚରେ ୫୨ ରନ କରିଥିଲେ। ୟୁଏଇରେ ହାର୍ଦ୍ଦିକ ଭଲ ବ୍ୟାଟିଂ ସହ ବୋଲିଂ କରିବା ଭଳି ଫିଟ୍ ହୁଅନ୍ତୁ ବୋଲି ସମ୍ପ୍ରତି ପଏଣ୍ଟ ଟେବୁଲର ୩ୟ ସ୍ଥାନରେ ଥିବା ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଚାହୁଁଛି। ଇତିମଧ୍ୟରେ ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ ୧୪ତମ ସଂସ୍କରଣର ଥିମ୍ ସଙ୍ଗ୍ ଉନ୍ମୋଚନ କରିଛି। ସେପ୍ଟେମ୍ବର ୧୯ରେ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷ ମ୍ୟାଚ ଖେଳି ମୁମ୍ବାଇ ଇଣ୍ଡିଆନ୍ସ ଏହାର ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନ ଆରମ୍ଭ କରିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ଶୁକ୍ରବାର, ସେପ୍ଟେମ୍ବର ୧୭/୨୦୨୧ Rayagada, Friday, September 17/ 2021

# ବିରାଟଙ୍କ ବଡ଼ ନିଷ୍ପତ୍ତି

## ଟି୨୦ ଅଧିନାୟକ ପଦ ଛାଡ଼ିବେ

## ଦାୟିତ୍ୱ ନେବେ ରୋହିତ



ଦୁବାଇ, ୧୬।୯(ପି.ଟି.)

ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଗୁରୁବାର ଏକ ବଡ଼ ଘୋଷଣା କରି ତାଙ୍କ ପ୍ରଶଂସକଙ୍କୁ ଚମକାଇ ଦେଇଛନ୍ତି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ହେବାକୁ ଥିବା ବିଶ୍ୱକପ୍ ପରେ ସେ ଟି୨୦ ଅଧିନାୟକ ପଦ ଛାଡ଼ିବେ ବୋଲି ଘୋଷଣା କରିଛନ୍ତି। ତେବେ ସେ ଏକଦିବସୀୟ ଓ ଟେଷ୍ଟ କ୍ରିକେଟରେ ଦଳର ନେତୃତ୍ୱ ନେବେ। ସେ ଏପରି ଘୋଷଣା କରି ରୋହିତ ଶର୍ମା ଭାରତୀୟ ଟି୨୦ ଦଳର ଅଧିନାୟକ ହେବା ପଥ ପରିଷ୍କାର କରିଛନ୍ତି।

"ଆସନ୍ତା ଅକ୍ଟୋବରରେ ୟୁଏଇରେ ହେବାକୁ ଥିବା ବିଶ୍ୱକପ୍ ପରେ ଟି୨୦ ଅଧିନାୟକ ପଦ ଛାଡ଼ିବାକୁ ନିଷ୍ପତ୍ତି ନେଇଛି" ବୋଲି ୩୨ ବର୍ଷୀୟ କୋହଲି ତାଙ୍କ ଟୁଇଟର ପେଜ୍‌ରେ ଉଲ୍ଲେଖ କରିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଦ୍ୱିତୀୟ ପର୍ଯ୍ୟାୟ ଖେଳିବା ପାଇଁ କୋହଲି ସମ୍ପ୍ରତି ଦୁବାଇରେ ଅଛନ୍ତି। "ଗତ ୮-୯ ବର୍ଷ ଧରି କ୍ରମାଗତ ଖେଳିବା ସହ ୫ରୁ ୬ ବର୍ଷ ହେଲା ସମସ୍ତ ତିନୋଟି ଫର୍ମାଟରେ ଦଳର ନେତୃତ୍ୱ ନେଇ ଆସିଛି। କାର୍ଯ୍ୟଭାର ଅତ୍ୟଧିକ ହେଉଥିବାରୁ ମୁଁ ଏପରି ନିଷ୍ପତ୍ତି ନେଇଛି। ଟେଷ୍ଟ ଓ ଏକଦିବସୀୟ କ୍ରିକେଟରେ ନେତୃତ୍ୱ ନେବାକୁ ନିଜକୁ ଭଲଭାବେ ପ୍ରସ୍ତୁତ କରି ରଖିବା ପାଇଁ କିଛି ବ୍ୟବଧାନ ରହିବା ଆବଶ୍ୟକ ଥିବା ମୁଁ ଅନୁଭବ କରିଛି" ବୋଲି କୋହଲି ବର୍ଣ୍ଣନା କରିଛନ୍ତି। ରୋହିତ ଶର୍ମା ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ଥର ଚାମ୍ପିୟନ କରାଇଛନ୍ତି। ତେଣୁ ସୀମିତ ଓଭର କ୍ରିକେଟରେ କୋହଲିଙ୍କ ନେତୃତ୍ୱ ନେବାର ଭବିଷ୍ୟତକୁ ନେଇ ଗତ କିଛିଦିନ ଧରି ବେଶ୍ ଚର୍ଚ୍ଚା ହୋଇ ଆସୁଥିଲା। ୩୪ ବର୍ଷୀୟ ରୋହିତ ସୀମିତ ଓଭର କ୍ରିକେଟରେ କୋହଲିଙ୍କ ଡେପୁଟି ଦାୟିତ୍ୱ ତୁଲାଇ ଆସୁଛନ୍ତି। ତେଣୁ ଆସନ୍ତା ନଭେମ୍ବରରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ଘରୋଇ ସିରିଜ ଖେଳିବା ବେଳକୁ ରୋହିତ ନେତୃତ୍ୱଭାର ଗ୍ରହଣ କରିପାରନ୍ତି। ଏହି ସିରିଜରେ ନ୍ୟୁଜିଲାଣ୍ଡ ସହିତ ଭାରତ ୩ଟି ଟି୨୦ ଓ ୨ଟି ଟେଷ୍ଟ ମ୍ୟାଚ ଖେଳିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ସମ୍ପାଦକ ଜୟ ଶାହା କହିଛନ୍ତି ଯେ, ଏ ସମ୍ପର୍କରେ କୋହଲିଙ୍କ ସହିତ ବ୍ୟାପକ ଆଲୋଚନା ହୋଇଛି। ଆମେ ଟିମ୍ ଇଣ୍ଡିଆ ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତ କରୁଛୁ। କାର୍ଯ୍ୟଭାର ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ଦୃଷ୍ଟିରେ ରଖି କୋହଲି ଆସନ୍ତା ଟି୨୦ ବିଶ୍ୱକପ୍ ପରେ ଅଧିନାୟକ ପଦରୁ ଓହରି ଯିବାକୁ ନିଷ୍ପତ୍ତି ନେଇଛନ୍ତି। ଆମେ ବିରାଟଙ୍କ ସହ ଦଳର ନେତୃତ୍ୱ ପ୍ରସଙ୍ଗରେ ଗତ ୬ ମାସ ଧରି ଆଲୋଚନା କରି ଆସୁଛୁ। ଶେଷରେ କୋହଲି ଏପରି ନିଷ୍ପତ୍ତି ନେଇଛନ୍ତି। ତେବେ ଭାରତୀୟ କ୍ରିକେଟରେ ବିରାଟ ଭବିଷ୍ୟତରେ ଜଣେ ଖେଳାଳି ଓ ସିନିୟର ସଦସ୍ୟ ଭାବରେ ଖେଳିବା ଜାରି ରଖିବେ। ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ମଧ୍ୟ ସମାନ ମତ ରଖିଛନ୍ତି। "ବିରାଟ ହେଉଛନ୍ତି ଭାରତୀୟ କ୍ରିକେଟର ପ୍ରକୃତ ସମ୍ପଦ ଏବଂ ଆତ୍ମବିଶ୍ୱାସର ସହ ଦଳର ନେତୃତ୍ୱ ନେଇଛନ୍ତି। ସମସ୍ତ ଫର୍ମାଟରେ ସେ ହେଉଛନ୍ତି ଜଣେ ଅନ୍ୟତମ ସଫଳ ଅଧିନାୟକ। ଭବିଷ୍ୟତ ରୋଡ୍‌ମ୍ୟାପ୍‌କୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି। ଟି୨୦ ଅଧିନାୟକ ଭାବେ ବିରାଟଙ୍କ ଚମତ୍କାର ପ୍ରଦର୍ଶନକୁ ଆମେ ଧନ୍ୟବାଦ ଜଣାଉଛୁ। ଆଗାମୀ ବିଶ୍ୱକପ ପାଇଁ ତାଙ୍କୁ ଶୁଭକାମନା ଏବଂ ସେ ଅଧିକରୁ ଅଧିକ ରନ କରିବେ ବୋଲି ଆମେ ଆଶା ରଖିଛୁ।"

ମହେନ୍ଦ୍ର ସିଂ ଧୋନୀଙ୍କ ପରେ କୋହଲି ୨୦୧୭ରେ ସୀମିତ ଓଭର କ୍ରିକେଟରେ ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ନେଇଥିଲେ। "ଟି୨୦ ଅଧିନାୟକ ଭାବେ ମୋ ଦ୍ୱାରା ଯାହା ସମ୍ଭବ ମୁଁ ଦଳ ପାଇଁ କରିଛି। ଆଗାମୀ ଦିନରେ ଜଣେ ବ୍ୟାଟ୍ସମ୍ୟାନ ଭାବେ ମଧ୍ୟ ମୁଁ ତାହା କରିବା ଜାରି ରଖିବି" ବୋଲି କୋହଲି କହିଛନ୍ତି। କୋଚ୍ ରବି ଶାସ୍ତ୍ରୀ, ତାଙ୍କ ଉତ୍ତରାଧିକାରୀ ରୋହିତ ଶର୍ମା, ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହାଙ୍କ ସହିତ ଆଲୋଚନା ପରେ ସେ ଏପରି ନିଷ୍ପତ୍ତି ନେଇଥିବା କୋହଲି ପ୍ରକାଶ କରିଛନ୍ତି। ଅକ୍ଟୋବର ୧୭ରୁ ଟି୨୦ ବିଶ୍ୱକପ୍ ୟୁଏଇରେ ଆରମ୍ଭ ହେବାକୁ ଯାଉଛି। ଟ୍ରଫି ଜିତିବା ପାଇଁ କୋହଲି ଏଥିରେ ଅତ୍ୟଧିକ ଚାପରେ ରହିବେ। କୋହଲି କ୍ୟାରିୟରରେ ୯୦ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳି ୩୧୫୯ ରନ କରିଛନ୍ତି। ଏହା ମଧ୍ୟରେ ୨୮ଟି ଅର୍ଦ୍ଧଶତକ ସାମିଲ। ସେ ୪୫ଟି ମ୍ୟାଚରେ ଭାରତର ନେତୃତ୍ୱ ନେଇ ୨୭ଟିରେ ଦଳକୁ ଜିତାଇଛନ୍ତି ଓ ୧୪ଟିରେ ପରାଜିତ ହୋଇଛନ୍ତି। ଅଧିନାୟକ ଭାବେ ତାଙ୍କ ବିଜୟ ପ୍ରତିଶତ ହେଉଛି ୬୫.୧୧।

### ଟି୨୦ରେ ଅଧିନାୟକ ରେକର୍ଡ

ଟି୨୦ ଅଧିନାୟକ ଭାବେ ଆଗାମୀ ବିଶ୍ୱକପ୍ ହେବ ବିରାଟ କୋହଲିଙ୍କ ଶେଷ ପ୍ରତିଯୋଗିତା। ଏହି ଫର୍ମାଟରେ ନେତୃତ୍ୱ ନେବାରେ ତାଙ୍କର ଭଲ ରେକର୍ଡ ରହିଛି। ୨୦୦୭ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ଟି୨୦ ବିଶ୍ୱକପ ଜିତିଥିଲେ ହେଁ ଅଧିନାୟକ ଭାବେ କୋହଲିଙ୍କ ସମୟରେ ଭାରତର ବିଜୟ ପ୍ରତିଶତ ଅଧିକ। କୋହଲିଙ୍କ ନେତୃତ୍ୱରେ ଭାରତ ୪୫ଟି ମ୍ୟାଚ ଖେଳିଥିବାବେଳେ ୨୭ଟିରେ ବିଜୟ ହାସଲ କରିଛି। ୨ଟି ଗେମ୍ ଟାଇ ରହିଥିବାବେଳେ ସମାନ ସଂଖ୍ୟକ ମ୍ୟାଚ ବାତିଲ ହୋଇଛି। ତାଙ୍କ ବିଜୟ ପ୍ରତିଶତ ହେଉଛି ୬୫.୧୧। କୋହଲିଙ୍କ ନେତୃତ୍ୱରେ ଭାରତ ଏ ପର୍ଯ୍ୟନ୍ତ କୌଣସି ଆଇସିସି ଟ୍ରଫି ଜିତିପାରି ନ ଥିଲେ ହେଁ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତର ସିରିଜ ବିଜୟ ତାଙ୍କ ଦକ୍ଷତାର ପ୍ରମାଣ ଦିଏ।

* ୨୦୧୭ରେ ଭାରତର ପ୍ରଥମ ଟି୨୦ ଦ୍ୱିପାକ୍ଷିକ ସିରିଜ ବିଜୟ କୋହଲିଙ୍କ ଅଧୀନରେ ହିଁ ହୋଇଥିଲା। ଶ୍ରୀଲଙ୍କାରେ ଏକମାତ୍ର ଗେମ୍‌ରେ ଭାରତ ବିଜୟୀ ହୋଇଥିଲା।
* ୨୦୧୮ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ୨-୧ରେ ସିରିଜ ବିଜୟୀ ହୋଇଥିଲା। ସେହିବର୍ଷ ଶକ୍ତିଶାଳୀ ଇଂଲଣ୍ଡକୁ ସେମାନଙ୍କ ନିଜ ମାଟିରେ ଭାରତ ୨-୧ରେ ପରାସ୍ତ କରିଥିଲା।
* ୨୦୧୯-୨୦ ସିଜନରେ ବିଦେଶ ମାଟିରେ ଭାରତର ବଡ଼ ବିଜୟ ଆସିଥିଲା। ସେତେବେଳେ କୋହଲି ବାହିନୀ ନ୍ୟୁଜିଲାଣ୍ଡକୁ ୫-୦ରେ ପରାସ୍ତ କରିଥିଲା।
* ୨୦୨୦ରେ ଦିନିକିଆ ସିରିଜ ହାରିବା ପରେ ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରି ଟି୨୦ ସିରିଜକୁ ୨-୧ରେ ଜିତିଥିଲା।
* ନିକଟ ଅତୀତରେ ତାରକା ଖେଳାଳିରେ ଖଚିତ ଇଂଲଣ୍ଡକୁ ଭାରତ ୩-୨ରେ ହରାଇଥିଲା ଏବଂ କୋହଲି ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।
* କୋହଲି ଏବେ ଟି୨୦ରେ ୩୧୫୯ ରନ କରି ଅଗ୍ରଣୀ ସ୍କୋରର ଅଛନ୍ତି। ତାଙ୍କ ଆଭରେଜ ହେଉଛି ୫୨.୬୫ ଓ ସର୍ବାଧିକ ସ୍କୋର ୯୪*।

# ଏସ୍ଆର୍ ଅନ୍‌ଲାଇନ ଚେସ୍: ଜ୍ୟୋତ୍ସ୍ନଭ ଚାମ୍ପିୟନ



ଭୁବନେଶ୍ୱର, ୧୬।୯ (କ୍ରୀଡ଼ା ପ୍ରତିନିଧି): ଏସ୍ଆର ଚେସ୍ ସେଣ୍ଟର ଆନୁକୂଲ୍ୟରେ ଆୟୋଜିତ ୩୨ତମ ଅନ୍‌ଲାଇନ୍ ଚେସ୍‌ରେ ଜ୍ୟୋତ୍ସ୍ନଭ ତାଲୁକଦାର ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ପୂରା ୭ ପଏଣ୍ଟ ପାଇଛନ୍ତି। ଜୟଦିତ୍ୟ ଗନ୍ତାୟତ (୬ ପଏଣ୍ଟ) ରନର୍ସଅପ୍ ହୋଇଥିବାବେଳେ ପ୍ରତୀକ ଚୌରାସିଆ (୫) ତୃତୀୟ ଓ ସିଦ୍ଧାର୍ଥ ମିଶ୍ର (୪.୫) ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶିବାଂଶ ମିଶ୍ର, ଆଦିତ୍ୟ ନାରାୟଣ ମହାନ୍ତି, ଆଶୁତୋଷ ରାଉତରାୟ, ଆଦିତ୍ୟ ବିକ୍ରମ ମିଶ୍ର, ଦେବର୍ପିତ ମିଶ୍ର, ବିନାୟକ କୁମାର ସାମଲ, ଶୁଭସ୍ମିତା ପ୍ରିୟଦର୍ଶିନୀ, ସାଇ ଶ୍ରୀହନ, ମ୍ରିଗଙ୍କ ଶେଖର ଦାସ, ଅଦିତି ମହାରଣା ଓ ଜିତେଶ ସାମଲ ଭଲ ପ୍ରଦର୍ଶନ ପାଇଁ ପୁରସ୍କୃତ ହୋଇଥିଲେ। ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଓ କୋଚ୍ ସତ୍ୟଜିତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳନା ହୋଇଥିଲା।

# ୧୧୦ ମି. ହର୍ଡଲ୍ସ ଫାଇନାଲରେ ଜୀଭା

### ଜାତୀୟ ଓପନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି)

ଜାତୀୟ ଓପନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ୬୦ତମ ସଂସ୍କରଣ ତେଲଙ୍ଗାନାର ୱାରାଙ୍ଗଲଠାରେ ବୁଧବାରଠାରୁ ଆରମ୍ଭ ହୋଇଛି। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ଓଡ଼ିଶାର ୫ ସିନିୟର ଆଥ୍‌ଲେଟ ଅଂଶଗ୍ରହଣ କରିଛନ୍ତି। ସେମାନେ ହେଲେ କିଶୋର କୁମାର ଜେନା (ଜାଭେଲିନ), ଅଶୋକ ଦଣ୍ଡସେନା (୧୦,୦୦୦ ମିଟର ରନ୍), ଗ୍ରାସେସନ ଜୀଭା (୧୧୦ ମିଟର ହର୍ଡଲ୍ସ), ସ୍ୱାଧୀନ କୁମାର ମାଝି (ହାଇଜମ୍ପ) ଓ ଦେବାଶିଷ ପଟ୍ଟନାୟକ (୮୦୦ ମିଟର ରନ୍)। ଗୁରୁବାର ଦ୍ୱିତୀୟ ଦିବସରେ ପ୍ରଭାବୀ ପ୍ରଦର୍ଶନ କରି ଜୀଭା ୧୧୦ ମିଟର ହର୍ଡଲ୍ସର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଫାଇନାଲ ଶୁକ୍ରବାର ଅପରାହ୍ନ ୪ଟାରେ ଅନୁଷ୍ଠିତ ହେବ।

ଦେବାଶିଷଙ୍କ ଇଭେଣ୍ଟ ଶୁକ୍ରବାର ଅପରାହ୍ନ ୩ଟାରେ ଏବଂ ସ୍ୱାଧୀନ ମାଝିଙ୍କ ହାଇଜମ୍ପ ପ୍ରତିଯୋଗିତା ଅପରାହ୍ନ ୩ଟା ୩୦ରେ ଅନୁଷ୍ଠିତ ହେବ। ପ୍ରଥମ ଦିବସରେ ଅନୁଷ୍ଠିତ ଜାଭେଲିନ ଥ୍ରୋରେ କିଶୋର କୁମାର ଜେନା ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ସେ ୭୩.୯୦ ମିଟର ଦୂରକୁ ଜାଭେଲିନ ଫିଙ୍ଗିଥିଲେ। ଏହି ଇଭେଣ୍ଟରେ ହରିୟାଣାର ସାହିଲ (୭୭.୭୯ ମିଟର) ସ୍ୱର୍ଣ୍ଣ, ସର୍ଭିସେସର ମନୁ ଡି.ପି. (୭୪.୯୨) ରୌପ୍ୟ ଏବଂ ରେଲୱେର ରୋହିତ ଯାଦବ (୭୪.୨୮) ବ୍ରୋଞ୍ଜ ପଦକ ପାଇଥିଲେ।

# ଓଡ଼ିଶା ଜୁନିୟର ଦଳକୁ ବ୍ରୋଞ୍ଜ ପଦକ




ଝାରସୁଗୁଡ଼ାରେ ଓଡ଼ିଶା ଦଳକୁ ସ୍ୱାଗତ କରାଯାଉଛି।

### ଜାତୀୟ ଆଇସଷ୍ଟୋକ୍ ଚାମ୍ପିୟନଶିପ୍

ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି)

ଜମ୍ମୁ-କଶ୍ମୀରର ଶେର ଇ କଶ୍ମୀର ଇନ୍‌ଡୋର ଷ୍ଟାଡିୟମରେ ଜାତୀୟ ଆଇସଷ୍ଟୋକ୍ ସ୍ପୋର୍ଟ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସିନିୟର ଦଳରେ ୪ ଓ ଜୁନିୟର ଦଳରେ ୪ ଜଣ ଖେଳାଳି ଭାଗ ନେଇଥିଲେ। ଓଡ଼ିଶା ଜୁନିୟର ଦଳ ଭଲ ପ୍ରଦର୍ଶନ କରି ଟିମ୍ ଟାର୍ଗେଟ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛି। କୃତିତ୍ୱ ଅର୍ଜନ କରିଥିବା ଖେଳାଳିମାନେ ହେଲେ ଅନୁଜ ଚୌଧୁରୀ, ଅଂଶୁମାନ ବେହେରା, ହିମାଂଶୁ ପଟ୍ଟନାୟକ ଓ ସେହଜାଦ ଖାଁ। ଓଡ଼ିଶା ଦଳ ଗୁରୁବାର ପ୍ରତ୍ୟାବର୍ତ୍ତନ କରିଛି। ଝାରସୁଗୁଡ଼ା ରେଲୱେ ଷ୍ଟେଶନରେ ଆଇସଷ୍ଟୋକ୍ ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶାର କାର୍ଯ୍ୟକାରୀ ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ରିୟାଜତ ଖାଁ ଓ ସଦସ୍ୟମାନେ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଓଡ଼ିଶା ଦଳର କୋଚ୍ ଥିଲେ ଆଶୁତୋଷ ନାୟକ ଓ ମ୍ୟାନେଜର ପ୍ରଶାନ୍ତ କୁମାର ତ୍ରିପାଠୀ।

# ଅନୁପମାଙ୍କୁ ରୌପ୍ୟ ପଦକ

### ଏସୀୟ ଜୁ-ଜିତ୍ସୁ ପ୍ରତିଯୋଗିତା

ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ପାୱାର ସ୍ପୋର୍ଟ୍ସ ଓ କମ୍ବାଟ ସ୍ପୋର୍ଟ୍ସର ତାରକା ଖେଳାଳି ଅନୁପମା ସ୍ୱାଇଁ ଏବେ ପାଇଛନ୍ତି ଆଉ ଏକ ସଫଳତା। ଆବୁଧାବିରେ ଚାଲିଥିବା ୫ମ ଏସୀୟ ଜୁ-ଜିତ୍ସୁ ପ୍ରତିଯୋଗିତାର ମହିଳା ୫୨ କେଜି ବିଭାଗରେ ସେ ରୌପ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ଉତ୍କଳ କରାଟେ ସ୍କୁଲରେ ଟ୍ରେନିଂ ନେଇ ଆବୁଧାବି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଫାଇନାଲ ଫାଇଟ୍‌ରେ ସେ ଏକଦା ଅଗ୍ରଣୀ ଥିବା ସତ୍ତ୍ୱେ ପେନାଲ୍ଟି ଦ୍ୱାରା ଥାଇଲାଣ୍ଡ ପ୍ରତିଯୋଗୀଙ୍କଠାରୁ ହାରିଯାଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ।

ପ୍ରକାଶଯୋଗ୍ୟ ଯେ, ଅନୁପମା ୨୦୧୯ ଥାଇଲାଣ୍ଡ ଓପନ ୱାର୍ଲ୍ଡ ର୍ୟାଙ୍କିଙ୍ଗ୍ ଜୁ-ଜିତ୍ସୁରେ ସ୍ୱର୍ଣ୍ଣ ପଦକ ଏବଂ କୋରିଆରେ ଆୟୋଜିତ ୱାର୍ଲ୍ଡ ମାର୍ଶିଆଲ ଆର୍ଟ୍ସ ମାଷ୍ଟରଶିପ୍ ପ୍ରତିଯୋଗିତାର ଜୁ-ଜିତ୍ସୁରେ ବ୍ରୋଞ୍ଜ ପଦକ ପାଇଥିଲେ। ଏହି ପ୍ରତିଯୋଗିତାରେ ସେ ଗତ ୪ ବର୍ଷ ଧରି ଜାତୀୟ ଚାମ୍ପିୟନ ଅଛନ୍ତି। ୨୦୨୨ ସେପ୍ଟେମ୍ବରରେ ହେବାକୁଥିବା ଏସିଆନ ଗେମ୍ସର ଜୁ-ଜିତ୍ସୁ ପାଇଁ ଯୋଗ୍ୟତା ନିମନ୍ତେ ତାଙ୍କୁ ଏହି ପଦକ ସହାୟତା କରିବା ସମ୍ଭାବନା ଅଛି। ଅନୁପମାଙ୍କୁ ଓଡ଼ିଶା ଜୁ-ଜିତ୍ସୁ ସଂଘ ଓ ଉତ୍କଳ କରାଟେ ସ୍କୁଲର କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି। ସେ ୧୮ ତାରିଖରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ।



ଆବୁଧାବିରେ ଲଢ଼େଇ ଅବସରରେ ଓଡ଼ିଶାର ଅନୁପମା ସ୍ୱାଇଁ (ଉପର)।

# ଭାରତୀୟ ବାଳିକାଙ୍କ ଗୋଲ୍ଡେନ ସୁଇପ୍

### ବିଶ୍ୱ ଟେବୁଲ ଟେନିସ୍

ନୂଆଦିଲ୍ଲୀ,୧୬।୯

ଟ୍ୟୁନିସିଆର ଟ୍ୟୁନିସଠାରେ ଚାଲିଥିବା ବିଶ୍ୱ ଟେବୁଲ ଟେନିସ (ଡବ୍ଲ୍ୟୁଟିଟି)ରେ ଭାରତୀୟ ବାଳିକାମାନେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଭାରତର ସ୍ୱସ୍ତିକା ଘୋଷ ନିଜ ଦେଶର ଯଶସ୍ୱିନୀ ଘୋଣଫାଡେଙ୍କୁ ୩-୨ରେ ୧୯ ବର୍ଷରୁ କମ୍ ବାଳିକା ଫାଇନାଲରେ ପରାସ୍ତ କରିଛନ୍ତି। ଯଶସ୍ୱିନୀଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ତେବେ ଏହାର କିଛି ସମୟ ପୂର୍ବରୁ ଯଶସ୍ୱିନୀ ୧୭ ବର୍ଷରୁ କମ୍ ବାଳିକା ଫାଇନାଲରେ ଇଜିପ୍ଟର ଫରିଦା ବାଡୱିଙ୍କୁ ୧୧-୬, ୧୪-୧୨, ୧୧-୭ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ସେହିପରି ୧୯ ବର୍ଷରୁ କମ୍ ଫାଇନାଲରେ ସ୍ୱସ୍ତିକା ୬-୧୧, ୧୧-୬, ୬-୧୧, ୧୧-୬, ୧୧-୮ରେ ଯଶସ୍ୱିନୀଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଭାରତୀୟ ଟିଟି ଖେଳାଳିମାନେ ସବୁ ବର୍ଗର ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ କିଛି ରୌପ୍ୟ ଓ ବ୍ରୋଞ୍ଜ ପଦକ ମଧ୍ୟ ଜିତିଛନ୍ତି। ୧୫ ବର୍ଷରୁ କମ୍ ଇଭେଣ୍ଟରେ ସୁହାନା ସାଇନି ପ୍ରିଥା ବର୍ତ୍ତିକାରଙ୍କୁ ହରାଇ ବ୍ୟକ୍ତିଗତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହାପୂର୍ବରୁ ସେ ସ୍ଲୋଭେନିଆରେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ସେହିପରି ୧୩ ବର୍ଷରୁ କମ୍ ଇଭେଣ୍ଟରେ ଏମ. ହଂସିନୀ ୧୧-୫, ୧୧-୮, ୧୧-୮ରେ ପ୍ରିଶା ଗୋଏଲଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୧୧ ବର୍ଷରୁ କମ ବାଳିକା ବର୍ଗରେ ଧାନୀ ଜୈନ ୧୧-୪, ୧୧-୬, ୯-୧୧, ୧୦-୧୨, ୧୧-୭ରେ ଅନନ୍ୟା ମୁରଲୀଧରନଙ୍କୁ ହରାଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଅନ୍ୟ ବର୍ଗର ପ୍ରତିଯୋଗିତାରେ ମଧ୍ୟ ଭାରତୀୟ ଖେଳାଳିମାନେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛନ୍ତି। ମୋଟ ଉପରେ ଡବ୍ଲ୍ୟୁଟିଟିରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ଐତିହାସିକ ସାବ୍ୟସ୍ତ ହୋଇଛି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ